ବର୍ଷ-୪୮ : ସଂଖ୍ୟା-୯ ସେପ୍‌ଟେମ୍ବର, ୨୦୧୭ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୧୭


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୧୫ ଅଗଷ୍ଟ, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଅପ୍ରୀତିକର ଚିନ୍ତା | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୫୮) ଭୀଷଣ ପଥର ଯାତ୍ରୀ | ... | ମନୋଜ ଦାସ | ... | ୭ |
| ତୁମେ ଅଛ (କବିତା) | ... | ହୃଷୀକେଶ ପଣ୍ଡା | ... | ୧୦ |
| ଅତିମାନସର ଭାବନା ଓ ଜ୍ଞାନ | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୧ |
| ବିଜ୍ଞାନ ଓ ଅଧ୍ୟାତ୍ମଜ୍ଞାନ (୨) | ... | ନଳିନୀକାନ୍ତ ଗୁପ୍ତ | ... | ୧୮ |
| ଧ୍ୟାନ (୯) | ... | ମାଧବ ପଣ୍ଡିତ | ... | ୨୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୫୬) | ... | ... | ... | ୨୫ |
| ଆକୁଳି କକାର ବିଚିତ୍ର ଆଚରଣ | ... | ... | ... | ୨୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୧) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୩୧ |
| ପ୍ରାର୍ଥନା (କବିତା) | ... | ଜ୍ୟୋସ୍ନାରାଣୀ ଦାଶ | ... | ୩୪ |
| ଆଦର୍ଶ ମାତାପିତା (୧୦) | ... | ଶ୍ରୀମା | ... | ୩୫ |
| ଶ୍ରୀକୃଷ୍ଣ କାହାଣୀ (୧) | ... | ମନୋଜ ଦାସ | ... | ୩୮ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୧) | ... | ସାହାନା ଦେବୀ | ... | ୪୧ |
| ଗୁପ୍ତ ତଥ୍ୟର ଆବିଷ୍କାର (୩) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୨ |
| ଗଙ୍ଗାଧର (୪) | ... | ... | ... | ୪୫ |
| ମୁକ୍ତି | ... | ରମାକାନ୍ତ ସାହୁ | ... | ୪୭ |
| ଆମ ସ୍ୱାସ୍ଥ୍ୟ (୨୪) | ... | ଭୋଳେଶ୍ୱର ଭୂୟାଁ | ... | ୫୧ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୪ |
| 'ନୀଳ ତିମି'ର ନିମନ୍ତ୍ରଣ ! | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଏଣିକି କୌଣସି କର୍ମ ପାଇଁ ବାହାରୁ ଅଥବା କୌଣସି ନିର୍ଦ୍ଦିଷ୍ଟ ଜଗତରୁ ଆବେଗ ଆସି ପାରିବ ନାହିଁ । ହେ ପ୍ରଭୁ, ତୁମେହିଁ ସବୁକିଛି ଗତିଶୀଳ କରାଇ ଥାଅ ସତ୍ତାର ଗହନରୁ, ତୁମରି ସଂକଳ୍ପହିଁ ନିର୍ଦ୍ଦେଶ ଦିଏ, ତୁମରି ଶକ୍ତିହିଁ କାର୍ଯ୍ୟକରେ; ଆହୁରି ବି ଏଣିକି ଆଉ କ୍ଷୁଦ୍ର ବ୍ୟକ୍ତିଗତ ଚେତନାର ସୀମିତ କ୍ଷେତ୍ରରୁ ନୁହେଁ, ଚେତନାର ମହାଜାଗତିକ କ୍ଷେତ୍ରରୁ ଯାହା ସତ୍ତାର ପ୍ରତି ଅବସ୍ଥାରେ ସମଗ୍ର ସହ ସମ୍ମିଳିତ । ଏବଂ ସମଗ୍ର ମହାଜାଗତିକ ଗତିପ୍ରକୃତିନିହିତ ଜଟିଳତା ଓ ଏପରିକି ବିଶୃଙ୍ଖଳା ସଙ୍ଗେ ସଙ୍ଗେ ତୁମ ସାର୍ବଭୌମ ଧ୍ରୁବତାର ନିରବ ଓ ପୂର୍ଣ୍ଣାଙ୍ଗ ଶାନ୍ତି ସମ୍ପର୍କରେ ଏ ସତ୍ତାର ସଚେତନ ବୋଧାନୁଭବ ରହିଛି ।

ସେପ୍ଟେମ୍ବର ୧୭, ୧୯୧୪ — ଶ୍ରୀମା



# ୧୫ ଅଗଷ୍ଟ, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ

In the Yoga as in life it is the man who persists unwearied to the last in the face of every defeat and disillusionment and of all confronting, hostile and contradicting events and powers who conquers in the end and finds his faith justified because to the soul and Shakti in man nothing is impossible.

(*The Synthesis of Yoga*, p. 773) – Sri Aurobindo

ଜୀବନରେ ଯେମିତି, ଯୋଗରେ ମଧ୍ୟ ସେମିତି, ଯେଉଁ ବ୍ୟକ୍ତି ପ୍ରତ୍ୟେକ ପରାଜୟ, ମୋହମୁକ୍ତି ଏବଂ ଯାବତୀୟ ବିରୋଧ, ବିରୂପ ଓ ସ୍ୱ-ବିରୋଧୀ ଘଟଣାବଳି ଓ ଶକ୍ତିସବୁ ସହ ମୁକାବିଲା କରି ଶେଷ ପର୍ଯ୍ୟନ୍ତ ଅକ୍ଳାନ୍ତ ପ୍ରୟାସ ଜାରି ରଖେ ସେହିଁ ପରିଶେଷରେ ବିଜୟ ଲାଭ କରେ ଏବଂ ନିଜର ବିଶ୍ୱାସ ଯଥାର୍ଥ ବୋଲି ବୁଝିପାରେ, କାରଣ ମଣିଷର ଅନ୍ତର୍ନିହିତ ଆତ୍ମା ଓ ଶକ୍ତି ସକାଶେ କିଛିହିଁ ଅସମ୍ଭବ ନୁହେଁ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

**(The Descent into Night)**

(୬୫)

## ଶ୍ରୀଅରବିନ୍ଦ

Her craft ingenious in monstrosity,
Impatient of all natural shape and poise,
A gape of nude exaggerated lines,
Gave caricature a stark reality,
And art-parades of weird distorted forms,
And gargoyle masques obscene and terrible
Trampled to tormented postures the torn sense.

ଦାନବୀୟ ବିକଟ ରୂପ ଗଠନରେ ବିଚକ୍ଷଣ ତାଙ୍କର ଶିଳ୍ପକଳା ସକଳ ସ୍ୱାଭାବିକ ଆକାର ଓ ସ୍ଥିତିରେ ଅସହିଷ୍ଣୁ ହୋଇଉଠୁଥିଲା । ଅନାବୃତ ଅତିରଞ୍ଜିତ ରେଖାକୀର୍ଣ୍ଣ ଏକ ବ୍ୟାଦିତ ମୁଖମଣ୍ଡଳ ବ୍ୟଙ୍ଗବିକୃତିକୁ ଏକ ରୂଢ଼ ବାସ୍ତବତାର ରୂପ ପ୍ରଦାନ କରୁଥିଲା, ଏବଂ କିମ୍ଭୂତ-କିମାକାର କୁଟିଳ ରୂପାବଳୀର ଆଡ଼ମ୍ବରପୂର୍ଣ୍ଣ କଳା-ଶୋଭାଯାତ୍ରା ତଥା ଅଶ୍ଳୀଳ ଓ ଭୀଷଣ କୁତ୍ସିତାକୃତି ମୁଖାସବୁ ଦୀର୍ଣ୍ଣଇନ୍ଦ୍ରିୟକୁ ଦଳିମକ୍ଷି ପକାଇ ତୀବ୍ର ଯନ୍ତ୍ରଣାପୀଡ଼ିତ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିଲେ ।

An inexorable evil's worshipper,
She made vileness great and sublimated filth;
A dragon power of reptile energies
And strange epiphanies of grovelling Force
And serpent grandeurs couching in the mire
Drew adoration to a gleam of slime.

ଏକ ନିର୍ମମ ଅମଙ୍ଗଳର ପୂଜାରିଣୀ, ଜଘନ୍ୟତାକୁ ସେ ମହିମାନ୍ୱିତ କରୁଥିଲେ ଓ କଳୁଷକୁ ତୋଳି ଧରୁଥିଲେ ଊର୍ଦ୍ଧ୍ୱଦେଶକୁ; ସରୀସୃପ ଶକ୍ତିରାଜିର ଏକ ବ୍ୟାଳଘୋର ମୂର୍ତ୍ତିଧାରୀ(ଡ୍ରାଗନ୍) ବଳ ଏବଂ ଦୟନୀୟ ଭାବରେ ଭୂଲୁଣ୍ଠିତ ପରାକ୍ରମର ଅଦ୍ଭୁତ ଆଲୋକୋଦ୍ଭାସ ତଥା ପଙ୍କରେ ଶାୟିତ ସର୍ପର ଯେତେ ମହିମା କର୍ଦମର ଏକ ଦୀପ୍ତି ଉଦ୍ଦେଶ୍ୟରେ ନେଇ ଆସୁଥିଲେ ଆରାଧନାର ସମ୍ଭାର ।

All Nature pulled out of her frame and base
Was twisted into an unnatural pose:
Repulsion stimulated inert desire;
Agony was made a red-spiced food for bliss,
Hatred was trusted with the work of lust
And torture took the form of an embrace;
A ritual anguish consecrated death;
Worship was offered to the Undivine.

ଆପଣାର ଆବେଷ୍ଟନ ଓ ଆଧାରରୁ ମୂଳୋତ୍ପାଟିତ ନିଖିଳ ପ୍ରକୃତି ଏକ ଅସ୍ୱାଭାବିକ କୁଟିଳ ବିକୃତ ଭଙ୍ଗିମାରେ ରୂପାନ୍ତରିତ ହେଉଥିଲା : ବିକର୍ଷଣ ଉଦ୍ଦୀପିତ କରୁଥିଲା ସୁପ୍ତ ବାସନାକୁ; ମହାନନ୍ଦ ପାଇଁ ସନ୍ତାପ ପରିଣତ ହୋଇଥିଲା ଉତ୍ତେଜକ ରକ୍ତାଭ ମସଲାଯୁକ୍ତ ଖାଦ୍ୟରେ, ଲାଳସାର ସେବାରେ ନିୟୋଜିତ ହୋଇଥିଲା ଘୃଣା ଏବଂ ଉତ୍ପୀଡ଼ନ ଗ୍ରହଣ କରିଥିଲା ଆଶ୍ଳେଷର ରୂପ; ଏକ ମର୍ମନ୍ତୁଦ ବେଦନା ଆନୁଷ୍ଠାନିକ ଭାବରେ ମୃତ୍ୟୁକୁ ପବିତ୍ର ବୋଲି ଘୋଷଣା କରୁଥିଲା; ଅଦିବ୍ୟ ଉଦ୍ଦେଶ୍ୟରେ ଅର୍ପିତ ହେଉଥିଲା ପୂଜାର୍ଚ୍ଚନା ।

A new aesthesis of Inferno's art
That trained the mind to love what the soul hates,
Imposed allegiance on the quivering nerves
And forced the unwilling body to vibrate.

ନରକର ଚାରୁଶିଳ୍ପର ଏକ ନୂତନ ନନ୍ଦନତତ୍ତ୍ୱ ମନକୁ ପ୍ରଶିକ୍ଷଣ ଦେଉଥିଲା ସେଇସବୁ କଥାକୁ ଭଲପାଇବା ପାଇଁ ଅନ୍ତରାତ୍ମା ଯାହାକୁ ଘୃଣାକରେ, କମ୍ପିତ ସ୍ନାୟୁମଣ୍ଡଳରେ ତାହା ଆରୋପ କରୁଥିଲା ଆନୁଗତ୍ୟ ଏବଂ ଅନିଚ୍ଛୁକ ଶରୀରକୁ ବାଧ୍ୟ କରୁଥିଲା ସ୍ପନ୍ଦନ ଜଣାଇବା ସକାଶେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

# ଅପ୍ରୀତିକର ଚିନ୍ତା

## ଶ୍ରୀମା

*ପ୍ରଶ୍ନ : ମା ! ବେଳେବେଳେ ଏଣୁତେଣୁ ଅପ୍ରୀତିକର ଚିନ୍ତାସବୁ ଆମ ମନ ଭିତରକୁ ପଶି ଆସନ୍ତି ଆଉ ଆମକୁ ଗୋଳମାଳରେ ପକାଇ ଦିଅନ୍ତି । କିପରି ଆମେ ସେମାନଙ୍କ ଦାଉରୁ ରକ୍ଷାପାଇବୁ ?*

**ଶ୍ରୀମା :** ସେଥିଲାଗି ବହୁ ଉପାୟ ଅଛି । ସାଧାରଣତଃ – କିନ୍ତୁ ଏହା ନିର୍ଭର କରେ ଲୋକଙ୍କ ଉପରେ – କହିବାକୁ ଗଲେ ସବୁଠାରୁ ସହଜ ଉପାୟଟି ହେଲା, ସେତେବେଳେ ତୁମେ ଅନ୍ୟ ବିଷୟରେ ଚିନ୍ତା କରିବ । ତା'ହେଲା, ତୁମେ ଅନ୍ୟ ଗୋଟିଏ ବିଷୟରେ ଏକାଗ୍ର ହେବ, ଯେଉଁ ବିଷୟଟି ସହିତ ତୁମର ସେହି ଅପ୍ରୀତିକର ଚିନ୍ତାର କିଛି ସମ୍ପର୍କ ନଥିବ, କିଛି ସମ୍ବନ୍ଧ ମଧ୍ୟ ନଥିବ, ଯଥା : ସେତେବେଳେ ତୁମେ ବହିଟିଏ ପଢ଼ିପାର କିଂବା କିଛି ଗୋଟାଏ କାମ ମଧ୍ୟ କରିପାର – ସାଧାରଣତଃ ସୃଜନାତ୍ମକ କାମ, କିଛି ଗୋଟାଏ ସୃଜନଶୀଳ କାର୍ଯ୍ୟ ।... ଯେଉଁମାନେ ସେମାନଙ୍କ ଚିନ୍ତାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଆରମ୍ଭ କରିଛନ୍ତି, ସେମାନେ ସେପରି ଚିନ୍ତାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାରେ ସକ୍ଷମ ହେବେ । ଗୋଟିଏ ବସ୍ତୁକୁ ହାତରେ ଧରି ଠେଲି ଫୋପାଡ଼ି ଦେଲାଭଳି ସେମାନେ ସେହି ମନ୍ଦ ଚିନ୍ତାକୁ ମନ ଭିତରୁ ଫୋପାଡ଼ି ଦେବେ । ଅବଶ୍ୟ ଏହା ଅପେକ୍ଷାକୃତ କଷ୍ଟକର କଥା ଏବଂ ନିଜ ଉପରେ ଖୁବ୍ କର୍ତ୍ତୃତ୍ୱ ନଥିଲେ ଏହା ସମ୍ଭବ ନୁହେଁ । କିନ୍ତୁ ଯଦି ଜଣେ ଏହା କରିପାରେ, ତେବେ ଏହାହିଁ ଅଧିକ କ୍ରିୟାଶୀଳ ହୋଇଥାଏ । ଏହାର ଅର୍ଥ ହେଲା, ତୁମେ ଯଦି ସେହି ମନ୍ଦ ଚିନ୍ତାଗୁଡ଼ିକୁ ବା ତୁମ ମନର ସେଇସବୁ ମନ୍ଦବୃତ୍ତିଗୁଡ଼ିକୁ ତୁମ ଭିତରୁ ତଡ଼ିବାରେ ଲାଗିଥିବ, ଏବଂ ସେଥିରେ ସଫଳ ମଧ୍ୟ ହେଉଥିବ – ଯେତେଥର ସେଗୁଡ଼ିକ ତୁମ ମନ ଭିତରେ ଉଦୟ ହେଉଥିବେ, ସେତେଥର ତୁମେ ସେଗୁଡ଼ିକୁ ମନରୁ ବିତାଡ଼ିତ କରୁଥିବ, ଶେଷରେ ସେମାନେ ଆଉ ତୁମ ଭିତରକୁ ପ୍ରବେଶ କରିବେ ନାହିଁ । କିନ୍ତୁ ମୁଁ ମୂଳରୁ ଯେଉଁ ଉପାୟଟିର କଥା କହିଲି – ସେଥିରେ ମନ୍ଦ ଚିନ୍ତାଗୁଡ଼ିକ ବାରଂବାର ଫେରି ଆସୁଥା'ନ୍ତି । ଏଇ ଭାବେ ଏହା ହେଲା ଦୁଇଟି ଉପାୟ ।

ତୃତୀୟ ପନ୍ଥାଟି ହେଲା – (ଅପ୍ରୀତିକର ଚିନ୍ତାଗୁଡ଼ିକ ହାତରୁ ମୁକ୍ତି ପାଇବାର) ଊର୍ଦ୍ଧ୍ୱରୁ ନିଜ ଭିତରକୁ ଉଚ୍ଚତର ଆଲୋକ ଓହ୍ଲାଇ ଆଣିବାର କ୍ଷମତା । ଗଭୀର ଅର୍ଥରେ ଏହାହିଁ ସବୁପ୍ରକାର ମନ୍ଦ ଚିନ୍ତାବୃତ୍ତିର ''ନିବାରକ'' ହୋଇଥାଏ । ଅର୍ଥାତ୍ ଯଦି ତୁମ ଭିତରକୁ ଏକ ପ୍ରକାର ଅନ୍ଧକାର-ଚିନ୍ତା ପ୍ରବେଶ କରିଥାଏ (ବିଶେଷ କରି ଏପରି ଚିନ୍ତାସବୁ ଯଦି ଆସେ ଅବଚେତନରୁ ବା ନିଶ୍ଚେତନା ଭିତରୁ ଏବଂ ମଣିଷର ପ୍ରବୃତ୍ତିଗୁଡ଼ିକ ସେଗୁଡ଼ିକୁ ପୋଷି ରଖନ୍ତି), ଯଦି ତୁମେ ଊର୍ଦ୍ଧ୍ୱରୁ ସତ୍ୟ-ଜ୍ଞାନର ଆଲୋକ ତୁମ ଭିତରକୁ ଓହ୍ଲାଇ ଆଣିପାରିବ, ସେହି ଆଲୋକ ହେଉଛି ଏକ ଉଚ୍ଚତର ଶକ୍ତି, ଏବଂ ସେହି ଆଲୋକକୁ ତୁମେ ତୁମର ମନ୍ଦ ଚିନ୍ତା ଉପରେ ପ୍ରକ୍ଷେପ କରିବ, ତା'ହେଲେ ତୁମେ ସେହି ମନ୍ଦ ଚିନ୍ତାକୁ ନିଶ୍ଚିହ୍ନ କରିଦେଇପାରିବ କିଂବା ତାକୁ ଏକ ଆଲୋକିତ ଚିନ୍ତାରେ ପରିଣତ କରି ପାରିବ କିଂବା ରୂପାନ୍ତରିତ କରିପାରିବ – ଅନ୍ତତଃ ସେହି ଊର୍ଦ୍ଧ୍ୱାଗତ ଆଲୋକରେ ତୁମେ ତାକୁ ମାର୍ଜିତ କରିଦେଇ ପାରିବ । ଏହି ଉପାୟଟି ହେଲା ସର୍ବୋତ୍କୃଷ୍ଟ ଉପାୟ । ତଥାପି, ଏ ଉପାୟଟି ମଧ୍ୟ ଅଧିକତର କଷ୍ଟସାଧ୍ୟ । କିନ୍ତୁ ଏହା କରାଯାଇପାରେ । ଏବଂ ଯଦି ଜଣେ ଏହା କରେ ତେବେ ସେ ଏହି ଦୁରବସ୍ଥାରୁ ଆରୋଗ୍ୟ ହୋଇଯାଇ ପାରିବ । ଏହି ଉପାୟ ଅବଲମ୍ବନ କଲେ କେବଳ ଯେ ସେଇସବୁ ମନ୍ଦ ଇଚ୍ଛାଗୁଡ଼ିକ ଆଉ ଥରେ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ଏତିକି ନୁହଁ ଏହାର ମୂଳ କାରଣଟିକୁ ମଧ୍ୟ ବିଦୂରିତ କରାଯାଇ ପାରିବ ।

ପ୍ରଥମ ଉପାୟଟି ହେଲା ମନ୍ଦ ଇଚ୍ଛାଟିଏ ଉଦୟ ହେଲା ମାତ୍ରେ ମନକୁ ଅନ୍ୟ ଚିନ୍ତା ଭିତରେ ପ୍ରବେଶ କରାଇଦେବା । (କିନ୍ତୁ ତୁମେ ଜାଣ ଏ ଉପାୟରେ କ୍ଷଣସ୍ଥାୟୀ ଫଳ ମିଳେ । ସେମାନେ ପୁଣି ବେଳ ପାଇଲେ ଲେଉଟି ଆସନ୍ତି ।); ଦ୍ୱିତୀୟ ଉପାୟଟି ହେଲା – ମନ୍ଦ ଇଚ୍ଛାଗୁଡ଼ିକ ସହିତ ସଂଗ୍ରାମ କରିବା ଏବଂ ତୃତୀୟଟି ହେଲା ମନ୍ଦ ଇଚ୍ଛାଗୁଡ଼ିକୁ ରୂପାନ୍ତରିତ କରିବା । ଯେତେବେଳେ ଜଣେ ତୃତୀୟ ସୋପାନରେ ପହଞ୍ଚିଯାଇଛି ସେତେବେଳେ ସେ ନିଜେ କେବଳ ଆରୋଗ୍ୟ ହେବ ନାହିଁ କିନ୍ତୁ ସେ ଏକ ସ୍ଥାୟୀ ଅଗ୍ରଗତି କରିବାକୁ ମଧ୍ୟ ସମର୍ଥ ହୋଇଯିବ ।

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୫୮)

## ଭୀଷଣ ପଥର ଯାତ୍ରୀ

ମନୋଜ ଦାସ

''ଭାରତବର୍ଷ ପ୍ରତି ତାଙ୍କର ଶ୍ରଦ୍ଧା ଭଗବାନଙ୍କ ପ୍ରତି ଜଣେ ସମ୍ପୂର୍ଣ୍ଣ ଆତ୍ମସମର୍ପିତ ଭକ୍ତର ଶ୍ରଦ୍ଧା ଭଳି । ମାଆର ବକ୍ଷ ଉପରକୁ ଛୁରୀ ଉଦ୍ୟତ କରିଥିବା ଜଣେ ପାଷଣ୍ଡ ପ୍ରତି ସନ୍ତାନଟିଏ ଯେପରି ପ୍ରଚଣ୍ଡ ପ୍ରତିରୋଧ ପାଇଁ ଆଗଭର ହେବ, ବିଦେଶୀ ଶାସନ ବିରୁଦ୍ଧରେ ତାଙ୍କର ମନୋଭାବ ତାହାହିଁ ଥିଲା । ତାଙ୍କ ମହାଜାତୀୟ ସମ୍ମାନବୋଧ ଆଗରେ କୌଣସି ଦୁର୍ବଳତାର ସ୍ଥାନ ନଥିଲା । ତାଙ୍କ ସାହସ ଅପରିସୀମ । ସେ ଦେଶବାସୀମାନଙ୍କର ଦୋଷ ଦୁର୍ବଳତାର ତୀବ୍ର ସମାଲୋଚନା କରିବାକୁ ସଙ୍କୋଚ କରୁ ନଥିଲେ । କିନ୍ତୁ ବିଦେଶୀ ସରକାରର ଯେକୌଣସି ଭାରତ-ବିରୋଧୀ ପଦକ୍ଷେପର ସେ ଆଗ୍ନେୟ-କଠୋର ପ୍ରତିବାଦ କରୁଥିଲେ । କିନ୍ତୁ କଦାଚ ଅଶାଳୀନ ବା ଅଶୋଭନୀୟ ଭାଷା ପ୍ରୟୋଗ କରୁ ନଥିଲେ କି ଆଇନ କାନୁନର ପରିସର ଲଂଘନ କରୁ ନଥିଲେ ।''

— ଐତିହାସିକ ତାରାଚାନ୍ଦ[୧]

ଗତ ଦୁଇ ପରିଚ୍ଛେଦରେ ସୁରତ କଂଗ୍ରେସରେ ଉପୁଜିଥିବା ବିପୁଳ ବିଭ୍ରାଟର ପ୍ରତିକ୍ରିୟାର ବିବରଣୀ ଦିଆଯାଇଛି । ପ୍ରଖ୍ୟାତ ନେତା ଲାଲା ଲାଜପତ ରାଏ ଉଭୟ ମାଡ଼ାପନ୍ଥୀ ଓ ଜାତୀୟବାଦୀମାନଙ୍କ ପାଖରେ ପ୍ରିୟ ଥିଲେ । ତାଙ୍କ ରଚନାର କିୟଦଂଶ ଉପରେ ଦୃଷ୍ଟିପାତ କରାଯାଉ ।

''କଂଗ୍ରେସର କୋଳରେ ତାହାରି ସନ୍ତାନ ରୂପେ ଲାଳିତ ପାଳିତ ହୋଇଥିଲେ ଜାତୀୟବାଦୀ ଗୋଷ୍ଠୀ । କିନ୍ତୁ ସେ ଗୋଷ୍ଠୀ ତାରୁଣ୍ୟରେ ଉପନୀତ ହୋଇ ଯେମିତି ଆଚରଣ କଲା, ତହିଁରେ କଂଗ୍ରେସ ହତଭମ୍ବ ହୋଇଗଲା । ପ୍ରଥମ ଧକ୍କା ପରେ ଅବଶ୍ୟ କେତେକେ ଜାତୀୟବାଦୀମାନଙ୍କ ଅଭ୍ୟୁତ୍ଥାନରେ ଆନନ୍ଦିତହିଁ ହେଲେ । ସେ ପୁରୁଖା ନେତାମାନେ ଯାହା କରିପାରି ନଥା'ନ୍ତେ, ଜାତୀୟବାଦୀମାନେ ତାହା କରିବା ଭଳି ସାହସୀ ଥିଲେ । ଅବଶ୍ୟ ଉପରେ ଉପରେ ସେମାନେ ଜାତୀୟବାଦୀମାନଙ୍କୁ ତୀବ୍ର ସମାଲୋଚନା କରି ନିଜ ନିରାପତ୍ତା ବଜାୟ ରଖିଲେ । ଜାତୀୟବାଦୀମାନଙ୍କ ଭୟରେ ସରକାର ମାଡ଼ାପନ୍ଥୀମାନଙ୍କ ଆବେଦନ ନିବେଦନ ପ୍ରତି ଅଧିକ ଧ୍ୟାନ ଦେଲେ । ପୁରୁଖା ନେତାମାନେ ନିଜ ନିଜ ଅକ୍ଷମତା ସମ୍ପର୍କରେ ସଚେତନ ଥିଲେ । ତେଣୁ ସେମାନେ ନିଃସ୍ୱାର୍ଥପର ଓ ନିଷ୍ପାପର ଜାତୀୟବାଦୀମାନଙ୍କର ନେତା ଅରବିନ୍ଦ ଘୋଷ ଏବଂ ତିଲକଙ୍କ ପ୍ରତି ଅବ୍ୟକ୍ତ ସ୍ୱତଃସ୍ଫୂର୍ତ୍ତ ପ୍ରଶଂସା ଓ ସମ୍ମାନ ପୋଷଣ କରୁଥିଲେ ।''[୨]

(ସଂକ୍ଷିପ୍ତ ଅନୁବାଦ)

ଅଧିକାଂଶ ମାଡ଼ାପନ୍ଥୀ ନେତା କିଂକର୍ତ୍ତବ୍ୟ-ବିମୂଢ଼ ବନି ବସିଥିଲେ । ତେଣେ ଯୁବ ସଂପ୍ରଦାୟ ଭିତରେ ଦେଖାଦେଉଥାଏ ଅଭୂତପୂର୍ବ ଉଦ୍ଦୀପନା । ଶ୍ରୀଅରବିନ୍ଦଙ୍କୁ ଶୁଣିବା ନିମନ୍ତେ ଅଳ୍ପ କେତେ ଘଣ୍ଟାର ପ୍ରଚାର ପରେହିଁ ସେମାନଙ୍କ ଉଦ୍ୟମରେ ଜନ ଜୁଆର ମାଡ଼ି ଆସୁଥିଲା । ସର୍ବଦା ଶାନ୍ତ ଓ ସଂଯତ ଶୈଳୀରେ ଶ୍ରୀଅରବିନ୍ଦ ସେମାନଙ୍କର ସେ ସମବେତ ଉତ୍ସାହକୁ ସଚ୍ଚା ଓ ସ୍ଥାୟୀ ଦେଶପ୍ରେମକୁ ଉନ୍ନୀତ କରିବାର ପ୍ରୟାସ କରୁଥିଲେ ।

ମୁମ୍ବାଇ (ତତ୍କାଳୀନ ବମ୍ବେ)ରେ ଅବସ୍ଥାନ କାଳରେ ଶ୍ରୀଅରବିନ୍ଦ ୧୯୦୮ ଜାନୁଆରୀ ୧୫ ଏବଂ ୧୯ ତାରିଖରେ ଦୁଇଟି ବିରାଟ ଜନସଭାରେ ଉଦ୍‌ବୋଧନ ଦେଇଥିଲେ । କିନ୍ତୁ ତାଙ୍କର ତହିଁ ଚାରି ଦିନର ଅବସ୍ଥାନ ଭିତରେ ଦଳ ଦଳ ଉତ୍ସୁକ ଗୋଷ୍ଠୀ ଏବଂ ବ୍ୟକ୍ତି ବିଶେଷ ତାଙ୍କୁ ବିଶ୍ରାମର ସାମାନ୍ୟ ସୁଯୋଗ ମାତ୍ର ଦେଉଥା'ନ୍ତି ।

୨୪ ଓ ୨୫ ତାରିଖରେ ସେ ନାସିକରେ ଦୁଇଟି ବକ୍ତୃତା ଦେବା ଅନ୍ତେ ୨୬ ତାରିଖରେ ଧୁଲିଆଠାରେ ବକ୍ତୃତା ଦେଲେ । ବିଦେଶୀ ଦ୍ରବ୍ୟ ବର୍ଜନ କାହାରି ପ୍ରତି ଘୃଣାର ଲକ୍ଷଣ ନୁହେଁ, ସ୍ୱଦେଶର ଆତ୍ମରକ୍ଷା ଦିଗରେହିଁ ଏକ ପଦକ୍ଷେପ — ଅନ୍ୟାନ୍ୟ କଥା ଭିତରେ ଏହା ଉପରେ ସେ ଗୁରୁତ୍ୱ

ଦେଇଥିଲେ । ୨୭ ତାରିଖରେ ଆକୋଲାରେ ଏକ ସଭାରେ ଯୋଗଦେବା ଅନ୍ତେ ସେ ଅମରାବତୀରେ ଉପନୀତ ହେଲେ ଏବଂ ଅନ୍ୟତମ ପ୍ରଖ୍ୟାତ ଜାତୀୟବାଦୀ ନେତା ଖାପାର୍ଡ଼େଙ୍କ ଆତିଥ୍ୟ ଗ୍ରହଣ କଲେ । ୨୮ ଓ ୨୯ ତାରିଖରେ ସେଠାରେ ଦୁଇଟି ବିରାଟ ଜନସଭାରେ ସେ ଦେଲେ ଉଦ୍‌ବୋଧନ ।

ଜାନୁଆରୀ ୩୦ ତାରିଖରୁ ଫେବ୍ରୁଆରୀ ୧ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ନାଗପୁରରେ ଅବସ୍ଥାନ କରି ତିନୋଟି ସଭାରେ ଭାଷଣ ଦେବା ଅନ୍ତେ ୨ ଓ ୩ ତାରିଖ ଫେବ୍ରୁଆରୀରେ ଯଥାକ୍ରମେ କାମ୍ପ୍‌ଟି ଓ ବିଳାସପୁରରେ ଦୁଇଟି ସଭାରେ ଯୋଗ ଦେଇ ୪ ତାରିଖରେ କଲିକତା ପ୍ରତ୍ୟାବର୍ତ୍ତନ କଲେ । ସେହିଦିନହିଁ ତାଙ୍କୁ ଜାତୀୟ ଶିକ୍ଷା ପରିଷଦର ଏକ ସଭାରେ ଅଂଶ ଗ୍ରହଣ କରିବାକୁ ପଡ଼ିଲା । 'ବନ୍ଦେ ମାତରମ୍' ସଂବାଦପତ୍ର ଓ ଅନ୍ୟାନ୍ୟ ଅନେକ ସାଂଗଠନିକ ସମସ୍ୟା ତାଙ୍କ ହସ୍ତକ୍ଷେପ ଅପେକ୍ଷାରେ ରହିଥାଏ । ଶ୍ରୀଅରବିନ୍ଦ ଭାରତବାସୀଙ୍କ ଚେତନାରେ ଦେଶପ୍ରେମ ଓ ସଚ୍ଚା ଜାତୀୟତାବୋଧ ଜାଗ୍ରତ୍ କରିବା ସଙ୍ଗେ ସଙ୍ଗେ ଶିକ୍ଷା ବ୍ୟବସ୍ଥାରେ ବିପୁଳ ସଂସ୍କାର ଆଣିବାରେ ବ୍ରତୀ ଥିବାବେଳେ ବାରୀନ୍ଦ୍ର କୁମାର ଦଳେ ଦୁଃସାହସୀ ଯୁବକଙ୍କୁ ଏକତ୍ର କରି ମାରଣାସ୍ତ୍ର ସାହାଯ୍ୟରେ ବିଦେଶୀ ଶାସକମାନଙ୍କ ମନରେ ସନ୍ତ୍ରାସ ସୃଜିବାର ଯୋଜନା କରୁଥିଲେ । ଆଜି 'ସନ୍ତ୍ରାସବାଦୀ' ବୋଇଲେ ଧର୍ମାନ୍ଧ, ଭୀରୁ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପ୍ରତିପୋଷିତ ବିବେକହୀନ ପାଷଣ୍ଡମାନଙ୍କୁ ବୁଝାଉଛି । ଇଂରେଜ-ପଦାନତ ଭାରତର ସେ ସର୍ବସ୍ୱାର୍ଥତ୍ୟାଗୀ ଯୁବକବୃନ୍ଦ ବିଦେଶୀ ଶାସନକୁ ସନ୍ତ୍ରସ୍ତ କରିବା ଦିଗରେ ପଦକ୍ଷେପ ନେଉଥିଲେ । ସେମାନଙ୍କୁ ପ୍ରଚଳିତ ଅର୍ଥରେ ସନ୍ତ୍ରାସବାଦୀ ଆଖ୍ୟା ଦେବାର ପ୍ରଶ୍ନ ଉଠି ନପାରେ । ସେମାନେ ଥିଲେ ବିପ୍ଳବପନ୍ଥୀ । ତତ୍କାଳୀନ ଇତିହାସର ପଟଭୂମିରେ ସେମାନଙ୍କ ଜୀବନ କାହାଣୀ ଅନୁଧାନ କଲେ ଏହି ସତ୍ୟ ଜାଜ୍ୱଲ୍ୟମାନ ହୋଇଉଠେ : ସେମାନେ ଭାରତର ଐତିହ୍ୟ ସମ୍ପର୍କରେ ବେଶ୍ ଅବହିତ ଥିଲେ । ଜ୍ଞାନ, ଦର୍ଶନ, ସାହିତ୍ୟ ଇତ୍ୟାଦିରେ ଭାରତୀୟମାନଙ୍କ ତୁଳନାରେ କମ୍ ବିକଶିତ ଏକ ଜାତିର ମୁଷ୍ଟିମେୟ ବ୍ୟକ୍ତି ପ୍ରାୟ ଦୁଇ ଶହ ବର୍ଷ ଧରି ଏ ବିଶାଳ ଭୂଖଣ୍ଡକୁ ଶାସନ ଓ ଶୋଷଣ କରି ଚାଲିଥିବେ, ଏହା ସେମାନଙ୍କୁ ଅସହ୍ୟ ମନେ ହେଉଥିଲା । ସେମାନେ ନିଜ ନିଜ ଜୀବନ ବିସର୍ଜନ ଦେଇ ମାତୃଭୂମିକୁ ଦାସତ୍ୱମୁକ୍ତ କରିବା ନିମନ୍ତେ ବଦ୍ଧପରିକର ଥିଲେ ।

ସେ ବିପ୍ଳବୀପନ୍ଥୀମାନଙ୍କ ସଂଖ୍ୟା ବଙ୍ଗଦେଶ ବାହାରେ ଉତ୍ତର ଭାରତର ବିଭିନ୍ନ ସ୍ଥାନ ଏବଂ ମହାରାଷ୍ଟ୍ରରେ ମଧ୍ୟ ବ୍ୟାପ୍ତ ଥିଲା ।

ବଙ୍ଗଦେଶରେ ଅନୁଶୀଳନ ସମିତି ନାମକ ବିପ୍ଳବୀ ପ୍ରତିଷ୍ଠାନଭୁକ୍ତ ବିଭୂତି ଚକ୍ରବର୍ତ୍ତୀ ନାମକ ଯୁବକ ସମ୍ଭବତଃ ପ୍ରଥମେ ବୋମାଟିଏ ପ୍ରସ୍ତୁତ କରିଥିଲେ । ବ୍ରହ୍ମବାନ୍ଧବ ମୁଖୋପାଧ୍ୟାୟ 'କାଳୀମାତାଙ୍କ ବୋମା' ବୋଲି ତା'ର ନାମକରଣ କରିଥିଲେ । ଏହି ଗୋଟିକ ଦ୍ୱାରା ବା ପରେ ପରେ ନିର୍ମିତ ଅନ୍ୟ ଏକ ବୋମା ଯୋଗେ ବାରୀନ୍ଦ୍ର ଓ ତାଙ୍କ ସାଥୀ ହେମଚନ୍ଦ୍ର (ସେ ପରେ ପରେ ୟୁରୋପ ଯାଇ ଉତ୍ତମ ରୂପେ ବୋମା ନିର୍ମାଣ ବିଦ୍ୟା ଶିକ୍ଷା କରି ଆସିଥିଲେ) ନବଗଠିତ ପୂର୍ବବଙ୍ଗ ଓ ଆସାମର ଅବିବେକୀ ରାଜ୍ୟପାଳ ବାମ୍‌ଫିଲ୍‌ଡ୍ ଫୁଲାର୍‌ଙ୍କ ନିଧନ ପ୍ରୟାସ କଲେ, କିନ୍ତୁ ବ୍ୟର୍ଥ ହେଲେ ।[୩] ଏହି ଅଧମ ଫୁଲାର୍‌ହିଁ ମୁସଲମାନ ସଂପ୍ରଦାୟ ଭିତରେ ହିନ୍ଦୁ-ବିରୋଧୀ ମନୋଭାବର ବିକାଶ ନିମନ୍ତେ ପ୍ରକାଶ୍ୟ ଉଦ୍ୟମ କରୁଥିଲେ ।

୧୯୦୭ ମସିହା ଶେଷ ଆଡ଼କୁ କେମିତି ବାରୀନ୍ଦ୍ର, ନଳିନୀକାନ୍ତ, ଉଲ୍ଲାସକର ଦତ୍ତ, ବିଭୂତି ସରକାର ଏବଂ ପ୍ରଫୁଲ୍ଲ ଚକ୍ରବର୍ତ୍ତୀ ଦେଓଗଡ଼ ସୀମାନ୍ତର ନିର୍ଜନ ପାହାଡ଼ ଉପରେ ନବ ନିର୍ମିତ ଗୋଟାଏ ବୋମାର କାର୍ଯ୍ୟକାରିତା ପରୀକ୍ଷା ନିମନ୍ତେ ଯାଇଥିଲେ ଏବଂ ସାମାନ୍ୟ ଅସାବଧାନତା ଯୋଗୁଁ ବୋମାଟିର ଅକାଳ ବିସ୍ଫୋରଣରେ ପ୍ରଫୁଲ୍ଲଙ୍କ ପ୍ରାଣ ଗଲା, ସେ କଥା ପୂର୍ବରୁ ବର୍ଣ୍ଣିତ ହୋଇଛି । ସେତିକିବେଳେ ଚାରୁଚନ୍ଦ୍ର ଦତ୍ତ ନାମକ ଜଣେ ଆଇ.ସି.ଏସ୍. ମାଜିଷ୍ଟ୍ରେଟ ଗୋପନରେ ବିପ୍ଳବୀ ଦଳର ଅନ୍ତର୍ଭୁକ୍ତ ହୋଇଥା'ନ୍ତି । ତାଙ୍କ ସହଯୋଗରେ ବିପ୍ଳବୀ ପ୍ରଫୁଲ୍ଲ ଚାକି ପଶ୍ଚିମ ବଙ୍ଗରେ ରାଜ୍ୟପାଳ ସାର୍ ଆଣ୍ଡ୍ର ଫ୍ରେଜାରଙ୍କ ନିଧନ ଚେଷ୍ଟା କଲେ, କିନ୍ତୁ ଏକ ଅପ୍ରତ୍ୟାଶିତ କାରଣ ଯୋଗୁଁ ବ୍ୟର୍ଥ ହେଲେ । ଫ୍ରେଜାର-ନିଧନ ଯୋଜନା ହାତକୁ ନେଲେ ବାରୀନ୍ଦ୍ର । ସେ ଓ ପ୍ରଫୁଲ୍ଲ ଚାକି ସେ ପ୍ରଚେଷ୍ଟାରେ ଆହୁରି ଥରେ, ଦୁଇଥର ଅସଫଳ ହେବା ଉତ୍ତାରୁ, ଫ୍ରେଜାରଙ୍କୁ ବହନ କରୁଥିବା ଗୋଟାଏ ସ୍ୱତନ୍ତ୍ର ରେଳଗାଡ଼ି ଉଡ଼ାଇଦେବା ଦିଗରେ ପଦକ୍ଷେପ ନେଲେ । କଲିକତାର ଅଦୂରବର୍ତ୍ତୀ ନାରାୟଣଗଞ୍ଜ ନାମକ ସ୍ଥାନରେ ସେମାନେ ରେଳପଥ ଉପରେ ବିସ୍ଫୋରକ ଖଞ୍ଜିଲେ – ଗାଡ଼ି ଆସିବାର ଅବ୍ୟବହିତ ପୂର୍ବରୁ । ବିସ୍ଫୋରଣ ହେଲା, କିନ୍ତୁ ଆରୋହୀମାନଙ୍କର କୌଣସି କ୍ଷତି ହେଲା ନାହିଁ । ବିଡ଼ମ୍ବନା

ହେଲା, ପୁଲିସ ଓ ଗୋଏନ୍ଦାମାନେ କୁଆଡ଼େ ବ୍ୟାପକ ତଦନ୍ତ ଜରିଆରେ ଆଠ ଜଣ କୁଲି ଓ ଜଣେ କୁଲି ସର୍ଦାରଙ୍କୁ ଦୋଷୀ ସାବ୍ୟସ୍ତ କଲେ । ମକଦ୍ଦମା ଗଲା ହାଇକୋର୍ଟ ଯାଏ । ସଭିଏଁ ଦୋଷୀ ସାବ୍ୟସ୍ତ ହୋଇ ଜଣଙ୍କର ଦ୍ୱୀପାନ୍ତର ଦଣ୍ଡ ଓ ଅନ୍ୟମାନଙ୍କର ପାଞ୍ଚରୁ ଦଶ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଆଦେଶ ହେଲା । ତଦନ୍ତକାରୀ ଗୋଷ୍ଠୀର ମୁଖ୍ୟ ପ୍ଲାଓଡ଼େନ୍ ସାହେବ ତାଙ୍କ ସ୍ୱଜାତୀୟମାନଙ୍କ ଦ୍ୱାରା ଅଭିନନ୍ଦିତ ହେଲେ । କିନ୍ତୁ ମାତ୍ର କେଇ ମାସ ପରେ ଆଲିପୁର ଷଡ଼ଯନ୍ତ୍ର ମାମଲାରେ ଗିରଫ ହୋଇ ବାରୀନ୍ଦ୍ର ଯେଉଁ ସ୍ୱୀକାରୋକ୍ତି ଦେଲେ, ସେଥିରୁ ତଦନ୍ତ ଓ ବିଚାର ନାମରେ କେତେଗୁଡ଼ିଏ ସମ୍ପୂର୍ଣ୍ଣ ନିରୀହ ଏବଂ ଗରିବ ଶ୍ରମିକଙ୍କର କିପରି ସର୍ବନାଶ କରାଯାଇଥିଲା, ତାହା ସ୍ପଷ୍ଟ ହେଲା ।[୪]

୧୯୦୮ ମସିହାରେହିଁ ବୋମା ପ୍ରସ୍ତୁତ ବିଦ୍ୟା ଆୟତ୍ତ କରି ହେମଚନ୍ଦ୍ର ଫାନ୍ସରୁ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳେ ଇଂରେଜ ଶାସକ ଗୋଷ୍ଠୀରେ ଥିଲେ ଡଗ୍‌ଲାସ କିଂସ୍‌ଫୋର୍ଡ଼ ନାମକ ମାଜିଷ୍ଟ୍ରେଟ । ଭଦ୍ରଲୋକଙ୍କର ଗୋଟାଏ ବିଶେଷ ବିଳାସ ଥିଲା : ଦେଶପ୍ରେମୀ 'ଅପରାଧୀ'ମାନଙ୍କୁ ବେତମାଡ଼ ଖୁଆଇବା । ସେମାନଙ୍କ ଅନ୍ତର୍ଭୁକ୍ତ ଥିଲେ ଅନେକ ସମ୍ଭ୍ରାନ୍ତ ଓ ଭବ୍ୟ ବ୍ୟକ୍ତି । କୃଷ୍ଣକୁମାର ମିତ୍ରଙ୍କ 'ସଂଜୀବନୀ' ସମ୍ବାଦପତ୍ରରେ ସେମାନଙ୍କର ଦୀର୍ଘ ତାଲିକା ପ୍ରକାଶ ପାଇ ଶିକ୍ଷିତ ସମାଜରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।[୫] ସୁଶୀଲ ସେନ ନାମକ ତରୁଣ ବିଚାରାଳୟ ପରିସରରେ 'ବନ୍ଦେ ମାତରମ୍' ଧ୍ୱନି ତୋଳିବା ଯୋଗୁଁ ଉକ୍ତ ମାଜିଷ୍ଟ୍ରେଟ ତାକୁ ୧୫ ଥର ତୀବ୍ର ବେତମାଡ଼ ଭୋଗିବାର ଦଣ୍ଡ ଦେଇଥିଲେ ଏବଂ ସେତେବେଳେ ବ୍ରହ୍ମବାନ୍ଧବଙ୍କ 'ସନ୍ଧ୍ୟା'ରେ 'ଲାଲବଜାରର କଂସେଇ ମାଜିଷ୍ଟ୍ରେଟ' ଶିରୋନାମାରେ ଲେଖାଟିଏ ପ୍ରକାଶ ପାଇ ପାଠକମାନଙ୍କୁ ଆମୋଦିତ କରିଥିଲା । ତା'ର କିୟଦଂଶ :

''ପ୍ରସ୍ତାବ ଥିଲା ଯେ 'କଂସେଇ କାଳୀ'ଙ୍କର ଏକ ମୂର୍ତ୍ତି ସ୍ଥାପନ ହେବ । ସହରର କଂସେଇମାନେ ନିଜ ନିଜ ଛେଳି ଆଣି ସେହିଠାରେ ବଳି ପକାଇ ନେଇଯିବେ । କିନ୍ତୁ ଇତିମଧ୍ୟରେ ବଙ୍ଗ ସରକାର ଲାଲବଜାରଠାରେ ଜଣେ 'କଂସେଇ କାଜି' ବସାଇ ଦେଇଛନ୍ତି । ନାମ କିଂସ୍‌ଫୋର୍ଡ଼ । ସମ୍ଭବତଃ ତାଙ୍କ ପିତା ବା ପିତୃବ୍ୟ ଜଣେ ଖାଣ୍ଟି କଂସେଇ ଥିଲେ... ସୁଶୀଲର ଓକିଲ କହିଲେ, ପିଲାଟିକୁ ବିଚାରାଳୟରେହିଁ ମାଡ଼ଦେଇଦିଆଯାଉ । କିନ୍ତୁ କଂସେଇ କାଜିଙ୍କ ଜିଦି – ସେ କାରାଗାରକୁ ଯାଇ ସେହିଠାରେ ମାଡ଼ ଖାଇବା ଚାହି ।''[୬]

ଜାତୀୟବାଦୀ ସମ୍ବାଦପତ୍ରମାନଙ୍କ ବିରୁଦ୍ଧରେ ସେ ଖଡ୍ଗହସ୍ତ ଥିଲେ । 'ଯୁଗାନ୍ତର' ବିରୋଧରେ ବିଚାରର ରାୟରେ ସେ ତହିଁରେ ପ୍ରକାଶିତ ଲେଖାସବୁ ଉପରେ ଦେଇଥିଲେ ଏହି ମନ୍ତବ୍ୟ :

''ସେସବୁର ଚରିତ୍ର ତୀବ୍ର ରାଜଦ୍ରୋହମୂଳକ । ବ୍ରିଟିଶ ଭାରତର ବିଧିସମ୍ମତ ସରକାର ବିରୋଧରେ ଘୃଣା ଓ ଶତ୍ରୁତା ଭାବ ଉପୁଜାଇବାହିଁ ସେସବୁର ଉଦ୍ଦେଶ୍ୟ । ଏ ସଂବାଦପତ୍ରଟିର ପ୍ରକାଶନର ଏକମାତ୍ର ଆଭିମୁଖ୍ୟ ଯେ ଅଜ୍ଞ ଓ ବିପଥଗାମୀ ପାଠକମାନଙ୍କୁ ସରକାର ଓ ତାଙ୍କ କର୍ମଚାରୀମାନଙ୍କ ବିରୁଦ୍ଧରେ ହିଂସାଚରଣ ଓ ବିଦ୍ରୋହ କରିବାକୁ ପ୍ରବର୍ତ୍ତାଇବା, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏଭଳି ଏକ ସଂବାଦପତ୍ରକୁ ଆଇନ ବରଦାସ୍ତ କରିବା ଦୁର୍ଭାଗ୍ୟଜନକ ।''[୭]

(କ୍ରମଶଃ)

❑❑❑

---


### ତଥ୍ୟ ନିର୍ଦ୍ଦେଶିକା

୧. ତାରାଚାନ୍ଦ : *History of the Freedom Movement in India; Vol. 3; Publications Division, Govt. of India.*

୨. ଲାଲା ଲାଜପତ ରାଏ : *Young India – An Introduction and History of the Indian Freedom Movement from within; ibid.*

୩. ଅନ୍ୟାନ୍ୟ ଉତ୍ସ ଭିତରେ, ଅଶୋକ କୁମାର ମୁଖୋପାଧ୍ୟାୟଙ୍କ ''କାଲିମାୟେର୍ ବୋମା'' (ବଂଗଳା), ଦୀପ ପ୍ରକାଶନ, କଲିକତା ।

୪. *Terrorism in Bengal : A Collection of Documents, Vol. 1; Compiled and Edited by Amiya Kumar Samanta, Director, Intelligence Bureau; Government of West Bengal.*

୫. ପୁଲକେଶ ଦେ ସରକାର : ''କିଂସ୍‌ଫୋର୍ଡ଼ ହତ୍ୟା ପ୍ରଚେଷ୍ଟାର ପଟଭୂମିକା'' (ବଂଗଳା), ଲେଖକ ସମବାୟ ସମିତି, କଲିକତା ।
୬. *Terrorism in Bengal, Vol. IV*
୭. ହରିଦାସ ମୁଖୋପାଧ୍ୟାୟ ଏବଂ ଉମା ମୁଖୋପାଧ୍ୟାୟ : ''ସ୍ୱଦେଶୀ ଆନ୍ଦୋଳନ ଓ ବାଂଲାର ନବଯୁଗ'' (ବଂଗଳା); ସରସ୍ୱତୀ ଲାଇବ୍ରେରି, କଲିକତା । ❑

# ତୁମେ ଅଛ

## ହୃଷୀକେଶ ପଣ୍ଡା



କେହି କେହି କୁହନ୍ତି
ଗ୍ରୀଷ୍ମର ପ୍ରଚଣ୍ଡ ଉତ୍ତାପରେ
ଫୁଲର ପାଖୁଡ଼ା ସବୁ
ଜଳିଯିବା ପରେ
ତୁମେ ଆସ ।

ଦୁଃଖର ପାହାଡ଼ ଚଢ଼ି
କ୍ଳାନ୍ତ ଆଖିପତା
ବୁଜି ଯାଉଥିବା ବେଳେ
ତୁମେ ଆସ ।

ପଥର କାଟି କାଟି
ଲହୁ-ଲୁହାଣ ହେବା ପରେ
ମୂର୍ତ୍ତି ପୂଜା ହେଲେ ଯାଇ
ତୁମେ ଆସ ।

ରଙ୍ଗରେ ରଙ୍ଗ ମିଶାଇ
ଚିତ୍ରଟିଏ ଅଙ୍କା ହେବା ପରେ
ଚିତ୍ରଟିରେ ଶୋଭା ପାଇବାକୁ
ତୁମେ ଆସ ।

ତୁମେ କିନ୍ତୁ କୁହ :
ମୁଁ ଆସେ ନାହିଁ
କି ଯାଏ ନାହିଁ
ସବୁଥିରେ ଥାଏ
ସବୁଠାରେ ଥାଏ

ଗୋପନରେ ଚାହିଁଥାଏ
ପୂର୍ଣ୍ଣମୀ ତିଥିକୁ ।

କୃଷ୍ଣପକ୍ଷ ସରିଗଲେ
ପ୍ରକାଶିତ ହେଉଥାଏ
ପରିପୂର୍ଣ୍ଣ ଜହ୍ନଟିଏ ହୋଇ
ଆଲୋକିତ କରିବାକୁ
ଜୀବନର ଯମୁନା ତଟକୁ ।

❑❑❑

ଭଗବାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଅ, କାରଣ ସେ ଯେକୌଣସି ମୁହୂର୍ତ୍ତରେ ଆସି ତୁମ ପାଖରେ ପହଞ୍ଚିଯାଇ ପାରନ୍ତି ।

**— ଶ୍ରୀମା**

ଯୋଗସମନ୍ୱୟ (୭୬)

# ଅତିମାନସର ଭାବନା ଓ ଜ୍ଞାନ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଦ୍ୱାବିଂଶ ଅଧ୍ୟାୟ ''ଅତିମାନସର ଭାବନା ଓ ଜ୍ଞାନ'' (**The Synthesis of Yoga, Part - IV, The Yoga of Self-Perfection, Chapter - XXII "The Supramental Thought and Knowledge"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ମନୋଭୂମିରୁ ଅତିମାନସ ଭୂମିକୁ ଉତ୍ତରଣ ଓ ଅତିମାନସ ଶକ୍ତିପାତ ମାଧ୍ୟମରେ ମନର ରୂପାନ୍ତର ସମ୍ଭବ ହୋଇପାରେ । ମାତ୍ର କେବଳ ମନ ନୁହେଁ ଚେତନାର ସମ୍ପୂର୍ଣ୍ଣ ପରିବର୍ତ୍ତନ ମଧ୍ୟ ଆବଶ୍ୟକ ଓ ଏହା ସମ୍ଭବ । ଯୋଗସମନ୍ୱୟ ଭାଷାରେ "...but a change and conversion of the whole consciousness." (*The Synthesis of Yoga,* p. 825) କେବଳ ଅତିମାନସ ଭାବନାର ବିକାଶ ଯଥେଷ୍ଟ ନୁହେଁ, ଏହା ସହ ଆବଶ୍ୟକ ଅତିମାନସ ସଂକଳ୍ପ, ଅନୁଭୂତି (Sense), ସମସ୍ତ କର୍ମର ଅତିମାନସିକ ପରିବର୍ତ୍ତନ । ଯେଉଁସବୁ କ୍ରିୟା ମନ କରୁଛି ଏବେ ତା' ସ୍ଥାନ ପୂରଣ କରିବ ଅତିମାନସ । ପ୍ରଥମେ ଉଚ୍ଚସ୍ତରୀୟ କ୍ରିୟାବଳୀ ପ୍ରକାଶ ପାଇବ ଅବତରିତ କ୍ରିୟାଭାବେ । କିନ୍ତୁ ମୂଳରୁ ସେମାନେ ସାଧାରଣ ସାମ୍ପ୍ରତିକ ମାନସିକ କ୍ରିୟା ସହିତ ଅପମିଶ୍ରିତ ହୋଇଯାଇ ପାରନ୍ତି । କିଛି ଉଚ୍ଚସ୍ତରୀୟ ଆଲୋକ, ଆନନ୍ଦ, ଶକ୍ତି ବ୍ୟତୀତ ସେମାନଙ୍କର ସ୍ୱାତନ୍ତ୍ର୍ୟ ପ୍ରଥମେ ବାରିହୁଏ ନାହିଁ । ପ୍ରଥମେ ପ୍ରଥମେ ମନ ଅତିମାନସର ବାହ୍ୟ କ୍ରିୟାମାନଙ୍କର ଅନୁକରଣ କରିଚାଲେ । କାରଣ ଶକ୍ତିପାତ ବାରଂବାର ଓ ଦ୍ରୁତଭାବେ ଘଟିବାରୁ ମନର ପ୍ରଚଳିତ କ୍ରିୟାରେ କିଛି ସ୍ୱତନ୍ତ୍ରତା ବୋଧହୁଏ । ସେତେବେଳେ ଯେଉଁ ଜ୍ୟୋତିର୍ମୟ, ଦୃଢ଼ ଏବଂ ଅସ୍ତିବାଚକ କ୍ରିୟା ଏଥିରେ ଅନୁଭୂତ ହୁଏ, ଏହା ଏକ ପ୍ରକାର ଅତିମାନସର ଅନୁକରଣ ହୋଇପାରେ । ଏହା ଯେ ନିଶ୍ଚିତରୂପେ ଅତିମାନସର ପ୍ରତ୍ୟକ୍ଷ ଜ୍ୟୋତିଃ ଓ ସତ୍ୟ ଏହା ବୁଝିବା ସହଜ ନୁହେଁ । ଏପରିକି ଏହା ମିଥ୍ୟା ବି ହୋଇପାରେ ।

ଏହାପରେ ଆବଶ୍ୟକ ସଂବୋଧ୍ ଅନୁଭୂତି, ଯାହା ଜ୍ୟୋତିର୍ମୟ ମନର ସଙ୍ଗଠନରୁ ସମ୍ଭବ । ଏଇ ସ୍ତରରେ ସଂବୋଧ୍ ଅନୁଭୂତି ସହ ଅନୁଭୂତ ହୁଏ ସଂବୋଧ୍ ଚିନ୍ତା, ସଂକଳ୍ପ ଓ ସଂବୋଧ୍‌ର ଅନୁକରଣ ସାମର୍ଥ୍ୟ । ଏଥିଯୋଗୁଁ ଏଥିରୁ ସବୁପ୍ରକାର ମିଶ୍ରଣ ବା ଅପମିଶ୍ରଣର କ୍ରମାଗତ ବହିଷ୍କରଣ ସମ୍ଭବ ହେବ । ଏହା ଏକ ପ୍ରକାର ଶୁଦ୍ଧୀକରଣ । ଏହାର ପରବର୍ତ୍ତୀ ଗତି ସିଦ୍ଧି ଦିଗରେ ।

ଆମେ ଯଦିଚ ପୂର୍ବରୁ ମନ ଓ ଅତିମାନସର କ୍ରିୟା ସମ୍ପର୍କରେ ଆଲୋଚନା କରିଛୁ, ତଥାପି ମନର ଅତିମାନସିକ ରୂପାନ୍ତର ସମ୍ପର୍କରେ ଏଠାରେ ଆଲୋଚନା କଲାବେଳେ, ତାହାକୁ ସ୍ମରଣ କରାଇ ଦେଇପାରୁ । ମନ ସହ ଅତିମାନସର ତଫାତ୍ କେଉଁଠି ? ମନ ନିଶ୍ଚିତ ଭାବେ ଅତିମାନସର ବିଭୂତି । ମାତ୍ର ତା'ର ଦୃଷ୍ଟି ଓ କ୍ରିୟା ଅତିମାନସ ପରି ଅଖଣ୍ଡ ନୁହେଁ ଖଣ୍ଡିତ, ଜ୍ଞାନାଲୋକିତ ମଧ୍ୟ ନୁହେଁ; ତା'ର ଜ୍ଞାନ ବି ଖଣ୍ଡିତ । ଏଣୁ ସେ ସବୁକିଛିକୁ ପୂରାପୂରି ଜାଣିପାରେ ନାହିଁ; ତଥାପି ଜାଣିବାର ଚେଷ୍ଟା କରେ । ଖଣ୍ଡକୁ ଯୋଡ଼ାଯୋଡ଼ି କରି ସେ ଜାଣିବାର ଚେଷ୍ଟା କରେ । ମାତ୍ର ଅତିମାନସର ଜ୍ଞାନ ଅଖଣ୍ଡ ଯାହା ଖଣ୍ଡ ଓ ଅଖଣ୍ଡ ଉଭୟ ଜ୍ଞାନରେ ସେ ସ୍ୱୟଂସମ୍ପୂର୍ଣ୍ଣ । ଖଣ୍ଡ ଅଖଣ୍ଡର ସ୍ୱଗତ ବିଭୂତି, ଅଖଣ୍ଡ ଖଣ୍ଡର ସ୍ୱରୂପ ସତ୍ୟ । (ପୂର୍ବ ପ୍ରବନ୍ଧରେ ଆମେ ବନର ବୃକ୍ଷାବଳୀ ମଧ୍ୟରେ ସମ୍ପର୍କ ଓ ଗୋଟିଏ ବୃକ୍ଷର ତା'ର ଶାଖା-ପ୍ରଶାଖା ସମ୍ପର୍କରେ ଆଲୋଚନା କରିଛୁ) । ମନ ସଂକୀର୍ଣ୍ଣ, ଅତିମାନସ ଅନନ୍ତ, ଅସୀମ ।

ମନର ଖଣ୍ଡିତ ଜ୍ଞାନରେ ଅବିଦ୍ୟାର ସଂକୀର୍ଣ୍ଣତା ଅଛି । ଜ୍ଞାନଦୀପ୍ତ ଅତିମାନସରେ ଅଜ୍ଞାନ ନାହିଁ । ମନ ବସ୍ତୁର ଭାବରୂପ କଳ୍ପନା କରିପାରେ । ବିଜ୍ଞାନ-ଚେତନାରେ ବା ଅତିମାନସର ବସ୍ତୁର ରୂପ ଭାବଜଗତରେ ଓ ବାସ୍ତବ ଜଗତରେ ପୂର୍ଣ୍ଣାଙ୍ଗରୂପେ ପ୍ରକାଶ ପାଏ ।

ମନ ଶକ୍ତିର ଅଖଣ୍ଡତା ଜାଣେ ନାହିଁ । ତା' ପାଖରେ ଶିବ ଓ ଶକ୍ତି ଦ୍ୱୈତ ଓ ଭିନ୍ନ । ମାତ୍ର ଅତିମାନସ ଦୃଷ୍ଟିରେ ବିଶ୍ୱର ଅଖଣ୍ଡତା, ବସୁନ୍ଧରା ଓ ଚିନ୍ମୟ ଆକାଶର ଐକ୍ୟ, ଶିବ ଓ ପୂର୍ଣ୍ଣ ଶକ୍ତିର ଐକ୍ୟ ଓ ଅଖଣ୍ଡତା ତଥା ଏକ ସହ ଦ୍ୱୈତ-ଅଦ୍ୱୈତର ଅଭିନ୍ନତା ସ୍ୱାଭାବିକ । ଏଇ ଏକତ୍ୱରୁ ଅନୁଭୂତ ହୁଏ ସୌଷମ୍ୟ । ଏହା ମନ ପାଇଁ ସମ୍ଭବ ନୁହେଁ । କିନ୍ତୁ ଏଇ ଏକତ୍ୱ ଦିଗରେ ସାଫଲ୍ୟର ସମ୍ଭାବନା ସମ୍ଭବ ମନର ପଛରେ ଥିବା ବୋଧିର ମାଧମରେ; ଯେଉଁ ସମୟରେ ମନ ଉପରେ ଗଭୀର ଶାନ୍ତି ଅନୁପ୍ରବିଷ୍ଟ କରେ ଏବଂ ଜାରିତ କରେ ତା'ର ବୁଦ୍ଧିକୁ ।

ଅତିମାନସ କ୍ରିୟା ମନର କ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅତିମାନସ ବୁଦ୍ଧି ଓ ବିଚାରଶକ୍ତିର କ୍ରିୟା ହୁଏ ଆମ ଅନ୍ତର ମଧ୍ୟରୁ ବାହାରକୁ । ମାତ୍ର ମନର କ୍ରିୟା ସର୍ବଦା ବାହ୍ୟ । ସେ ଅତିବେଶୀରେ ବାହାରୁ ଭିତରକୁ ଚେଷ୍ଟା କରି ଯାଇପାରେ । ପୂର୍ବେ ଉଲ୍ଲେଖ କରିଛୁ ପରିବର୍ତ୍ତନର ପ୍ରଥମ ପାବଚ୍ଛ ହେଲା ଊର୍ଦ୍ଧ୍ୱଭୂମିରୁ ଶକ୍ତିପାତ । ଯାହାକୁ ଆମେ ନିମ୍ନଭୂମିରେ ଉଚ୍ଚ-ଭୂମିର ଚେତନାର ଅନୁପ୍ରବେଶ କହିପାରୁ, ଏହା ଆକସ୍ମିକ ହୋଇପାରେ । ମନର କ୍ରିୟା ଉପରେ ଅତିମାନସ ଶକ୍ତିର ହସ୍ତକ୍ଷେପ ହୋଇପାରେ ଓ ତା'ର କ୍ରିୟାର ସ୍ଥାନ ପୂରଣ କରିପାରେ ଅତିମାନସ । ମାତ୍ର ଅତିମାନସ କ୍ରିୟାରେ ମନର ହସ୍ତକ୍ଷେପ ବି ସମ୍ଭବ ହୁଏ । ସେ ନିଜ କ୍ରିୟାକୁ ଅନୁକରଣ କରି ନିଜର କ୍ରିୟା ଯେ ଅତିମାନସ ବୁଦ୍ଧିର କ୍ରିୟାରେ ପରିଚାଳିତ ହେଉଛି ଏପରି ବିଚାର ସୃଷ୍ଟି କରିପାରେ । ଏଣୁ ପୂର୍ବେ କହିଛୁ, ମନ ଓ ପ୍ରକୃତିର ଶୁଦ୍ଧୀକରଣ ଅପରିହାର୍ଯ୍ୟ । ମନକୁ ବୋଧିର ପ୍ରତ୍ୟକ୍ଷ ଯନ୍ତ୍ର ହେବାକୁ ହେଲେ ତାକୁ ଜ୍ୟୋତିର୍ମୟ ହେବାକୁ ହେବ । ବୋଧିମନହିଁ କେବଳ ଅତିମାନସ ସହ ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠା କରିପାରିବ । ମନ ଏହା କରିବାକୁ ଅସମର୍ଥ । କାରଣ ଏହା ବହୁ ଦୋଷଯୁକ୍ତ । ଏହାର ବୁଦ୍ଧି, ବିଚାର ଯେପରିଭାବେ ଅଜ୍ଞାନ ମଧ୍ୟରେ ବର୍ତ୍ତମାନ ଅଛନ୍ତି, ସେପରି ଅବସ୍ଥାରେ ସେମାନେ ଅତିମାନସ ବୁଦ୍ଧିସ୍ତରକୁ ଯାଇପାରିବେ ନାହିଁ । ମନର ଶୁଦ୍ଧୀକରଣ ବ୍ୟତୀତ କିଛି ସମ୍ଭବ ନୁହେଁ ।

କେବଳ ଚିନ୍ତାଶୀଳ ମନର ଶୁଦ୍ଧୀକରଣ ଏଥିପାଇଁ ଯଥେଷ୍ଟ ନୁହେଁ । ସଂକଳ୍ପ, ଅନୁଭୂତି ଏପରି କି ପ୍ରାଣ ଓ ଦେହର ଶୁଦ୍ଧୀକରଣ ଆବଶ୍ୟକ । ଏହା ଫଳରେ ମନର ଉତ୍ତରାୟଣ ଗତି ହୁଏ, ସେ ନିଜକୁ ଅତିକ୍ରମ କରିଯାଏ । ଶ୍ରୀଅରବିନ୍ଦ କହନ୍ତି ମନ ସର୍ବଦା ସଂଗୁପ୍ତ ଅତିମାନସରୁ ଚେତନା ଗ୍ରହଣ କରେ । ଏଠାରେ କିନ୍ତୁ ଅତିମାନସର ପ୍ରତ୍ୟକ୍ଷତା ନଥାଏ । ସେ ପରଦା ଆଢୁଆଳରୁ କାର୍ଯ୍ୟ କରୁଥାଏ । ତା'ର ପ୍ରଭାବ ପକାଉଥାଏ । ଏହାର କାରଣ କ'ଣ ? ମନର ମୂଳ ଉତ୍ସ ରହିଛି ଅତିମାନସରେ । ତେଣୁ ତାକୁ ପାଇବାକୁ ମନର ଚେଷ୍ଟା ଜାରି ରହିଥାଏ । ମନ କ୍ରମଶଃ ଅଳ୍ପ ଅଳ୍ପ ଜ୍ଞାନ ଅର୍ଜନ କରି ତା'ର ମିଶ୍ରଣ ବି କରିଚାଲେ । ଅତିମାନସ ଏସବୁକୁ ସମ୍ପୂର୍ଣ୍ଣ ଭାବେ ଜାଣେ । ମନ ଭଳି ଖଣ୍ଡ ଖଣ୍ଡ କରି ଜାଣେ ନାହିଁ । ସେ ଜାଣେ ଏ ସବୁ ଏକ ସତ୍ୟରହିଁ ବିଭିନ୍ନ ପ୍ରକାଶ । ଅତିମାନସରେ ଏକ ସମୟରେ ବିଶ୍ଳେଷଣ (analysis) ଓ ସଂଶ୍ଳେଷଣ ବା ସମନ୍ୱୟ (Synthesis) ଉଭୟ ସମ୍ଭବ । ମନ ଗୋଟିଏ ଦିଗରେ ଗତି କରୁଥିବାରୁ ସେ ଏକଦିଗଦର୍ଶୀ । ମନୋଗତ ଜ୍ଞାନ ସମ୍ପୂର୍ଣ୍ଣ ଜ୍ଞାନ ନୁହେଁ, ଏହା ପୂର୍ବେ ସୂଚନା ଦେଇଛୁ ।

ଅତିମାନସର ସମ୍ପୂର୍ଣ୍ଣ ସ୍ୱଭାବକୁ ଯଥୋପଯୁକ୍ତ ଆଲୋଚନା କରିବାକୁ ହେଲେ ଆମ ମନର ସୀମାରେ ଏହା ସମ୍ଭବ ହେବ ନାହିଁ । ଏଥିପାଇଁ ଆମକୁ ବର୍ତ୍ତମାନର ସୀମା ଏକାବେଳେକେ ଅତିକ୍ରମ କରିବାକୁ ହେବ । ଏଣୁ ଯୋଗ ସାଧନାରେ ଅତିମାନସ ଶକ୍ତି ଦ୍ୱାରା ପ୍ରକୃତିର ରୂପାନ୍ତର ସମ୍ପର୍କରେ କେତୋଟି ପ୍ରଧାନ ଲକ୍ଷଣର ଆଲୋଚନା କରିପାରୁ; କହିପାରୁ ମନର କାର୍ଯ୍ୟ ସହ ତା'ର ସମ୍ବନ୍ଧ ସମ୍ପର୍କରେ ।

ପ୍ରଥମ କଥା ମନେ ରଖିବା ଉଚିତ ଯେ ମନର ସକଳ କ୍ରିୟା ପ୍ରଚ୍ଛନ୍ନ ହୋଇ ରହିଥିବା ଅତିମାନସରୁହିଁ ନିଷ୍ପନ୍ନ । ଉଚ୍ଚତର ଆତ୍ମସତ୍ତା ସମ୍ପର୍କରେ ଆମେ ଜାଣିଲେ ଏହା ବୁଝି ପାରିବା । ଅତିମାନସ ଆମ ପାଇଁ ଏବେ ଅପ୍ରତ୍ୟକ୍ଷ ଓ ପ୍ରାୟଶଃ ଅବୋଧ । ଆମେ କେବଳ କିଛି କଳ୍ପନା ଓ ଅନୁମାନ ସେସମ୍ପର୍କରେ କରୁଛୁ କିନ୍ତୁ ଆମ ସଂକଳ୍ପ, ଭାବନା, ଅନୁଭୂତି ଓ ଇନ୍ଦ୍ରିୟବୋଧ ପଶ୍ଚାତ୍‌ରେ ଯେଉଁ ଅନୁପଲବ୍ଧ ସତ୍ୟ ଅଛି, ତା'ର ଉପଲବ୍ଧି ହେଲେ ଆମ ମଧ୍ୟରେ ଏକତ୍ୱ ଓ ସୌଷମ୍ୟ ଆପେକ୍ଷିକ ଭାବେ ସମ୍ପୂର୍ଣ୍ଣ ହୋଇପାରନ୍ତା । ସେଗୁଡ଼ିକ ସେହି ଅନୁପଲବ୍ଧ ମହାସତ୍ୟର କ୍ଷୀଣ ଓ ଖଣ୍ଡ ପ୍ରକାଶ, ତା'ର ନିମ୍ନତର ଗତିପ୍ରକାଶ । ଏଣୁ ଏସବୁ ମିଥ୍ୟାଗ୍ରସ୍ତ, ଅସମ୍ପୂର୍ଣ୍ଣ ଓ ବିକୃତ ।

ଏଣୁ ମନରେ ସତ୍ୟର ଯେଉଁ ଅନୁବାଦ ବା ପ୍ରତିବିମ୍ବ ପ୍ରକାଶ ପାଇବ ତାହା ଯଥାର୍ଥବସ୍ତୁ ନୁହେଁ, ମନର ସର୍ବୋତ୍ତମ ଅବସ୍ଥାରେ ତାହା ବୁଦ୍ଧି ସୃଷ୍ଟ ଏକ ପ୍ରତିରୂପ । ସାକ୍ଷାତ୍ ସତ୍ୟ ନୁହେଁ । ମନର ସକଳ କ୍ରିୟା ଅଜ୍ଞାନରେ ନୁହେଁ, ଜ୍ଞାନ ଭିତ୍ତିରେ କରିପାରିବ ।

ଅତିମାନସ ଯାହା କରେ ତାହାକୁ ନିର୍ଭୁଲଭାବେ, ନିର୍ଦୋଷ ଭାବେ ସତ୍ୟ ଭିତ୍ତିରେ କରିପାରିବ । ସେ ସବୁ କିଛିକୁ ଠିକିନିଖି୍ କରି ଉପସ୍ଥାପନା କରିପାରିବ, ସେମାନଙ୍କ ସଂଯୋଜନା କରିପାରିବ ଓ ତାକୁ ସ୍ଥିର ସତ୍ୟାଲୋକ ମଧ୍ୟରେ ସମ୍ପନ୍ନ କରିପାରିବ । ଯାହାକୁ ମନ ସେପରି କରିପାରିବ ନାହିଁ ।

ଅତିମାନସ ମଧ୍ୟରେ ସକଳ ଉପସ୍ଥାପନାର ଅନନ୍ତ ସାମର୍ଥ୍ୟ ରହିଅଛି । ଏହା ଦିବ୍ୟ ସାମର୍ଥ୍ୟ ମାତ୍ର ମନ ତା'ର ଏକ ଗୌଣ ପ୍ରତିନିଧି । ଉପସ୍ଥାପନାର ଏକ ନିମ୍ନତର କ୍ରିୟା ଅତିମାନସର ମଧ୍ୟ ଅଛି । ତାହା ଅତିମାନସ ବୁଦ୍ଧି । ଏହା ମନୋମୟ ସ୍ତରର ନିକଟତମ । ଅତିମାନସର ଉଚ୍ଚଭୂମିରେ ଏଇ ବୁଦ୍ଧିର ବି ଏକ ଉଚ୍ଚତର କ୍ରିୟା ଅଛି ଯାହା ପ୍ରତ୍ୟେକ ବସ୍ତୁକୁ ଅନନ୍ତତ୍ୱ ମଧ୍ୟରେ ପ୍ରତ୍ୟକ୍ଷ କରିବାରେ ଲାଗିଛି ନିଜସ୍ୱ ଦିବ୍ୟଚେତନାରେ, ଆତ୍ମ ଅସ୍ତିତ୍ୱର ଏକତ୍ୱ ମଧ୍ୟରେ । ତେବେ ସବୁ ସ୍ତରରେ ଅତିମାନସ ମନଠାରୁ ଭିନ୍ନ ।

ମନ ଅବିଦ୍ୟାର ଏକ କ୍ରିୟା । ଏହା ଅଜ୍ଞାନ ହେଲେ ମଧ୍ୟ ଜ୍ଞାନପ୍ରାପ୍ତି ପାଇଁ ଚେଷ୍ଟିତ ଏବଂ ଗୌଣଜ୍ଞାନ ପ୍ରାପ୍ତିରେହିଁ ସେ ସନ୍ତୁଷ୍ଟ । ମନଠାରୁ ଅତିମାନସର ଅନ୍ୟ ଏକ ପାର୍ଥକ୍ୟ ହେଲା, ଆମେ ଅତିମାନସରେ ଏକ ବୃହତ୍ତର ସ୍ୱତଃସ୍ଫୂର୍ତ୍ତ ସୌଷମ୍ୟ ଲାଭ କରୁ, ଏହା ମଧ୍ୟରେ ଦ୍ୱୈତ ଭାବ ନଥାଏ । ଏହା ଅଖଣ୍ଡ, ଏକ ଓ ଅଦ୍ୱୈତ ।

ପୁନଶ୍ଚ ଆମେ ସ୍ମରଣ କରାଇ ଦେଉଛୁ ମନର ପ୍ରକୃତିର (ଏପରିକି ମନର ମଧ୍ୟ) ଭିତ୍ତି ସସୀମରେ । ଅତିମାନସର ପ୍ରକୃତିରେ ପ୍ରତି ଅଣୁର ଭିତ୍ତି ହେଲା ଅସୀମ ସଚେତନତା ଓ ଅସୀମ ଶକ୍ତି । ଏ ସମ୍ପର୍କରେ 'ଦିବ୍ୟଜୀବନ' ଗ୍ରନ୍ଥର ପୃଷ୍ଠା ୧୦୦୦ରେ ଦେଖିବା – ''Mental nature and mental thought are based on a consciousness of the finite; supramental nature is in its very grain a consciousness and power of the Infinite.''

ଏହି ଅହଂ ବିମୁକ୍ତ ସତ୍ୟ-ଚେତନାରେ ବାସ କରିବା ହେଲା ଆନ୍ତରଜୀବନରେ ବାସ କରିବା । ସେହି ସତ୍ୟଚେତନାରେ ରହି ସତ୍ୟର ଗତିଧାରାରେ ସବୁ ଚିନ୍ତା ଓ କାର୍ଯ୍ୟ କରିବାହିଁ ହେଉଛି ମୂଳକଥା ।

ଆଉ ଗୋଟିଏ କଥା ହେଲା, ଅତିମାନସ କୌଣସି କଥା ଚିନ୍ତା କରି ଜାଣେ ନାହିଁ, ସେ ବିଷୟ ସହ ଏକତ୍ୱ ବଳରେ ନିଃସନ୍ଦେହ ଓ ପୂର୍ଣ୍ଣଭାବେ ଜାଣେ । ''The supermind knows most completely and securely not by thought but by identity,...'' (*The Synthesis of Yoga,* p. 831) ତାକୁ ସେ ଜାଣେ ଆତ୍ମାକୁ ଆତ୍ମା ଦ୍ୱାରା – 'ଆତ୍ମନି ଆତ୍ମନା' ଏଠି ଜ୍ଞାନୀ, ଜ୍ଞାନ ଓ ଜ୍ଞାତ ବସ୍ତୁ ''ଜ୍ଞାତା ଜ୍ଞାନଂ ଜ୍ଞେୟମ୍'' ମଧ୍ୟରେ ବିଭେଦ ନଥାଏ ।

କିନ୍ତୁ ମନୋମୟ ଭୂମି ଦ୍ୱନ୍ଦ୍ୱମୟ । ଫଳରେ ଇଚ୍ଛା ଶକ୍ତି ଓ କାମନା-ବାସନାର ଗତିସ୍ପନ୍ଦନରେ ରହେ ଦ୍ୱନ୍ଦ୍ୱ । ଆମ ଇଚ୍ଛା ଓ ଅନୁଭୂତି କ୍ଷେତ୍ରରେ ବି ରହିଥାଏ ଦ୍ୱନ୍ଦ୍ୱ । କେବେ କେବେ ଗୋଟିଏ ଉପରେ ଅନ୍ୟଟି ସବାର ହୋଇ କାର୍ଯ୍ୟ କରିଚାଲନ୍ତି, ଯେପରି କଥାରେ, କାମରେ ଓ ସର୍ବତ୍ର । ଅତିମାନସରେ ଏହା ନଥାଏ । ମାତ୍ର ବୁଦ୍ଧି ତାହା କରିବାକୁ ଚେଷ୍ଟା କରି ବିଫଳ ହୁଏ ।

ଅଧିକାଂଶ ଅବଚେତନ ଭୂମି ଏପରିକି ପ୍ରାଣିଜଗତର ପ୍ରକୃତିରେ ସୌଷମ୍ୟ ଥାଏ । ପୁନଶ୍ଚ ମନର ଉଚ୍ଚ ଭୂମିରେ ଥାଏ ଚିଦ୍‌ଗତତାର ସୌଷମ୍ୟ । ମନୁଷ୍ୟ ମନର ଅବସ୍ଥିତି ଏଇ ଦୁଇଟିର ମଧ୍ୟ ସ୍ଥଳରେ । ଅତିମାନସ ଭୂମିରେ ତାହା ନ ଥାଏ । କେବଳ ଚିନ୍ତା ଜଗତରେ ନୁହେଁ କ୍ରିୟାଭୂମିରେ ମଧ୍ୟ ଅତିମାନସର ରହିଛି ଏକତା ଓ ସୌଷମ୍ୟ; ମନ ଏପରି ସୌଷମ୍ୟ ସହ୍ୟ କରିପାରେ ନାହିଁ । ଅତିମାନସର ଚାପର ପ୍ରତିକ୍ରିୟା ସେଠାରେ ପ୍ରଥମେ ସୃଷ୍ଟି ହେବା ଯୋଗୁଁ ଅତିମାନସ ଓ ମନର ଦୁଇଟି ପରସ୍ପର ବିରୋଧିଶକ୍ତିର ସଂଘାତ ଘଟିପାରେ । କେବେ କିପରି ମନ ଏଥିଯୋଗୁଁ ଉଗ୍ର ରୂପ ପ୍ରକାଶ କରିପାରେ । ଏଣୁ ଅତିମାନସକୁ ଗ୍ରହଣ କରିବା ପାଇଁ ମନର ବ୍ୟାକୁଳତାରୁ ମୁକ୍ତ ଓ ଶାନ୍ତ ରହିବା ଉଚିତ ।

ମନ ତା' ସୀମାରେ ଆବଦ୍ଧ । କିନ୍ତୁ ତା'ର ଏକ ଧାରା ବିଜ୍ଞାନମୟ ହେବାକୁ ଚେଷ୍ଟା କରିପାରେ । ତା' ମଧ୍ୟରେ ଅର୍ଦ୍ଧ-ଅତିମାନସ ଭାବନା ଓ ଜ୍ଞାନର ବିକାଶ ବି ଘଟିପାରେ । କିନ୍ତୁ ସଂକଳ୍ପ କ୍ଷେତ୍ରରେ ଏହା ରହିଥାଏ ଅରୂପାନ୍ତରିତ ହୋଇ । ପ୍ରକୃତିର ଅନ୍ୟ ଭାଗ ଯଥା ସ୍ନାୟୁଗତ ଭାଗ ଅଚେତନ ଥାଏ । ଯେଉଁଠି ବୋଧିର ପ୍ରେରଣା ତୀବ୍ର ସେପରି କ୍ଷେତ୍ରରେ ବିକାଶ ଘଟିପାରେ । ଏଣୁ ଭାବନାଗତ ମନ, ସଂବେଗ ପ୍ରେରିତ ମନରେ କିଛି ବିକାଶ ଓ ଉତ୍ତୋଳନ ହୋଇପାରେ ନାହିଁ । ଏପରି ଅବସ୍ଥାରେ ମନ ଆଶ୍ରିତ ଓ ବୁଦ୍ଧି ପରିଚାଳିତ ପ୍ରକ୍ରିୟାରେ ଅତିମାନସିକ ସମଞ୍ଜସତା ସମ୍ଭବ ନୁହେଁ ।

ମନର ଭୂମି ଯେତେବେଳେ ଉତ୍ତୋଳିତ ହୋଇ

ଅତିମାନସ ଭୂମିରେ ଉପନୀତ ହୁଏ, ସେତେବେଳେ ତା’ ମଧ୍ୟରେ ଏକ ବୃହତ୍ତର ପୂର୍ଣ୍ଣତା, ସମଞ୍ଜସତା ଓ ଏକତ୍ୱ ବି ପ୍ରତିଷ୍ଠିତ ହୁଏ । ଏହା ପୂର୍ବାପେକ୍ଷା ବୃହତ୍ତର, ଉଚ୍ଚତର ପର୍ଯ୍ୟାୟରେ ଉପନୀତ ହେବା ଫଳରେ ସୌଷମ୍ୟ ଗାଢ଼ତର ହୋଇ ଏକତ୍ୱ ଦିଗରେ ଅଗ୍ରସର ହୁଏ । ଜ୍ଞାନ ସେହି ଉଚ୍ଚଭୂମିରେ ଭଗବାନଙ୍କର ସାରଭୂତ ସମଗ୍ର ଆତ୍ମସଂବିତ୍ ସମ୍ପନ୍ନତାରେ ପରିଣତ ହୋଇ ଐଶ୍ୱରୀୟ ଚେତନା, ତପଃଶକ୍ତି ଓ ଆନନ୍ଦରେ ରୂପାନ୍ତରିତ ହୋଇଯାଏ । ଏଠାରେ ସବୁ କିଛିହିଁ ଗୋଟିଏ ଅସ୍ତିତ୍ୱ, ସୌଷମ୍ୟଯୁକ୍ତ ଓ ଜ୍ୟୋତିର୍ମୟ ଗତିସ୍ପନ୍ଦନ ।

ଅତିମାନସ ଜ୍ଞାନ କଦାପି ଭାବନାପ୍ରସୂତ ନୁହେଁ । କୌଣସି ବସ୍ତୁ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତି ପାଇଁ ଭାବନାରେ ବାନ୍ଧି ନହେବା ପର୍ଯ୍ୟନ୍ତ ବୁଦ୍ଧି ସେଇ ବସ୍ତୁକୁ ଜାଣି ନଥାଏ । କାରଣ ସେତେବେଳ ଯାଏଁ ସେହି ଜ୍ଞାନ ସଂଜ୍ଞାରୂପର ପ୍ରକାଶକୁ ସ୍ପର୍ଶ କରି ପାରେ ନାହିଁ । ମନ ଦ୍ୱାରା ଲବ୍ଧଜ୍ଞାନ ମଧ୍ୟ ସଂସ୍କାର ମୁକ୍ତ ନୁହେଁ, ଏହା ଉପରେ ପ୍ରାଣ, ଇନ୍ଦ୍ରିୟ ଓ ବୁଦ୍ଧିର ନାନା ସଂସ୍କାର ପଡ଼ିଥାଏ । ଏକ ଶୃଙ୍ଖଳା ସୃଷ୍ଟି ନହେବା ଯାଏ ସବୁ ଅସ୍ପଷ୍ଟ ଥାଏ । ବୁଦ୍ଧି ଯେତେବେଳେ ସଂଜ୍ଞା ନିରୂପଣ ଅପେକ୍ଷା ବସ୍ତୁର ଅନ୍ତଃସାର ସତ୍ୟକୁ ସ୍ପଷ୍ଟଭାବେ ପ୍ରକାଶ କରିପାରେ ସେତେବେଳେ ସେ ସମ୍ପୂର୍ଣ୍ଣ ଜ୍ଞାନଲାଭ କଲା ବୋଲି କୁହାଯାଇପାରେ । ମାତ୍ର ଅତିମାନସ ଜ୍ଞାନ କ୍ଷେତ୍ରରେ ଏହା ପୂର୍ଣ୍ଣ ସତ୍ୟ ବୋଲି ପ୍ରତିପାଦିତ ହୁଏ ନାହିଁ ।

ଭାବନା ଦ୍ୱାରା ନୁହେଁ ତାଦାତ୍ମ୍ୟତା (Knowledge by identity) ଦ୍ୱାରା ଅତିମାନସ ଅଧିକ ସମ୍ପୂର୍ଣ୍ଣ ଓ ସୁନିଶ୍ଚିତ ଭାବେ ଜାଣେ ‘‘ଆତ୍ମନି ଆତ୍ମନି’’ । ଏହା ହେଉଛି ବସ୍ତୁ ସହ ଏକାତ୍ମକତା । ବସ୍ତୁଟି ବ୍ୟକ୍ତିଠାରୁ ପୃଥକ୍ ହୋଇ ଅଛି । ତାକୁ ସେ ତାଦାତ୍ମ୍ୟତା ଦ୍ୱାରା ବାହାରୁ ଜାଣେ ନାହିଁ, ତାକୁ ନିଜଠାରୁ ଅଭିନ୍ନ କରି ଜାଣେ । ଏହା ଜ୍ଞାନର ପୂର୍ଣ୍ଣୋପଲବ୍ଧି । ଭାବନା ଓ ବାଣୀ ଜ୍ଞାନର ଏକ ଏକ ପ୍ରତିନିଧି; କିନ୍ତୁ ଅତିମାନସ ଲାଗି ସେମାନେ ନିମ୍ନତର ରୂପ । ଚିଦ୍‌ଗତ ଚେତନା ବ୍ୟତିରେକେ ସେମାନେ ଜ୍ଞାନର ଏକ ଏକ କ୍ଷୁଦ୍ର ସଂସ୍କରଣ ।

ଅତିମାନସ ଅନନ୍ତ ଚେତନା – ଅନନ୍ତତାର ସର୍ବୋଚ୍ଚ ଭୂମିରେ ଭାବନାର କିଛି ବି ପ୍ରୟୋଜନ ନଥାଏ । କାରଣ ଏଠାରେ ସବୁ ପ୍ରତ୍ୟକ୍ଷ । ଜ୍ଞାନ ଏଠାରେ ସ୍ୱତଃ ବର୍ତ୍ତମାନ । ଯାହାକି ଅତିମାନସର ସର୍ବୋଚ୍ଚ ଭୂମିରେ ଯେପରି ଅନୁଭୂତ ହେବ ନିମ୍ନ ସୋପାନରେ ସେପରି ଅନୁଭୂତ ହେବ ନାହିଁ । ତଥାପି ମନୋମୟ ସତ୍ତାରେ ଅତିମାନସର ସଂକ୍ରମଣ ହେତୁ ତାହା ଅଧିକ ବ୍ୟାପକ ଓ ଜ୍ୟୋତିର୍ମୟ ହୋଇଯିବ । ତା’ର ଦୃଷ୍ଟି ଅଧିକ ପ୍ରସାରିତ ଓ ସ୍ପଷ୍ଟ ହୋଇଯିବ ।

ଜ୍ୟୋତିର୍ମୟ ଗ୍ରହଣଶୀଳତାକୁ ଓ ସ୍ପର୍ଶକୁ ଆମେ ଆଧ୍ୟାତ୍ମିକ ଦୃଷ୍ଟି କହିଥାଉ । ଅଧ୍ୟାତ୍ମ ଚେତନାରେ ପରୋକ୍ଷ ପ୍ରକ୍ରିୟାରେ ନିର୍ଭର କରି ବସ୍ତୁ ଦୃଷ୍ଟ ହୁଏ ନାହିଁ । ହୁଏ ଅପରୋକ୍ଷ, ଅନ୍ତର୍ଗତ, ଅନ୍ତଃ-ପ୍ରବେଶକାରୀ ଜ୍ୟୋତିର୍ମୟ ସ୍ପର୍ଶଦ୍ୱାରା । ଆମେ ଏଥି ଯୋଗୁଁ ପରୋକ୍ଷ ପ୍ରକ୍ରିୟାକୁ ଅତିକ୍ରମ କରି ପ୍ରତ୍ୟେକ ବସ୍ତୁର ଆତ୍ମାକୁ ପ୍ରତ୍ୟକ୍ଷ କରିପାରୁ । ଇନ୍ଦ୍ରିୟ ସାହାଯ୍ୟରେ ଆମେ ଉପରିଭାଗର ସ୍ଥୂଳ ବସ୍ତୁକୁ ଦେଖୁ ଓ ଏହି ପ୍ରତିରୂପ ଜାଣିବାରେ ଭାବନାର ସହାୟତା ନେଉ । ମାତ୍ର ଅଧ୍ୟାତ୍ମ ଦୃଷ୍ଟି ବଳରେ ଆମେ ବସ୍ତୁର ସ୍ୱରୂପ ଓ ତତ୍ ସମ୍ବନ୍ଧୀୟ ସକଳ ସତ୍ୟ ଜାଣିପାରୁ ଓ ପରମାତ୍ମା ଈଶ୍ୱର ବା ବ୍ରହ୍ମଙ୍କ ଦର୍ଶନ ପାଉ । ମାତ୍ର ଅତିମାନସ ଦୃଷ୍ଟି ତା’ଠାରୁ ଅଧିକ ପ୍ରତ୍ୟକ୍ଷ, ଗଭୀର ଓ ବ୍ୟାପକ । କାରଣ ଏହି ଦୃଷ୍ଟି ଦିଏ ତାଦାତ୍ମ୍ୟତା । ଆମେ କେବଳ ଈଶ୍ୱର ବା ବ୍ରହ୍ମଙ୍କୁ ଦେଖୁ ନଥାଉ, ତାଙ୍କ ମଧ୍ୟରେ ଅନୁପ୍ରବେଶ କରିପାରୁ । ଅର୍ଥାତ୍ ତାଙ୍କ ସହ ଏକ ରୂପ ହୋଇପାରୁ ।

ଦୃଷ୍ଟି ବହୁବିଧ ହୋଇପାରେ । ଯାହା ମନୋମୟ ସଂବୋଧିଲାଭ କରିପାରୁଥିବା ଦୃଷ୍ଟି ବା ଅଧ୍ୟାତ୍ମଭାବ ସଞ୍ଚାରିତ ଏକ ମାନସିକ ଦୃଷ୍ଟି, ଚୈତ୍ୟ ଦୃଷ୍ଟି, ହୃଦୟର ସଂବେଗପ୍ରେରିତ ଦୃଷ୍ଟି, ଇନ୍ଦ୍ରିୟ-ମନରେ ଅବସ୍ଥିତ ଏକ ଦୃଷ୍ଟି । ଅତିମାନସର ଯଥାର୍ଥ ଦୃଷ୍ଟିଲାଭ ପୂର୍ବରୁ ଏହି ଯେଉଁସବୁ ଦୃଷ୍ଟି ରହିଛି ସେସବୁ ଯୋଗାନ୍ତର୍ଗତ ଅନୁଭୂତିର ଏକ ଏକ ଅଂଶ । ଆମ ମନ ମଧ୍ୟରେ ଯେତେ ଦିନ ଯାଏ ସତ୍ୟ ଓ ମିଥ୍ୟା ଉଭୟ ଦିଗରେ ସମର୍ଥନ ଅଛି, ସେତେ ଦିନ ଯାଏ ମିଥ୍ୟାମୟ ଓ ସତ୍ୟମୟ ଉପସ୍ଥାପନା ସମ୍ଭବ ।

ସର୍ବୋତ୍ତମ ସତ୍ୟଭୂମି ଦିଗରେ ଗତି କରି ଆତ୍ମକର୍ତ୍ତୃତ୍ୱ ଓ ଆତ୍ମଜ୍ଞାନ ନପାଇବା ଯାଏ ମନୁଷ୍ୟ ମଧ୍ୟରେ ଥିବା ଐଶ୍ୱରୀୟ ଶକ୍ତି ତାକୁ କ୍ରମାଗତଭାବେ ସମଗ୍ରତା ଦିଗରେ କର୍ମ କରିବାକୁ ବାଧ୍ୟ କରେ । ଆରମ୍ଭରୁ ତା’ର ଅବଚେତନାରେ ପରେ ଚେତନ ସ୍ତରରେ ବିବର୍ତ୍ତନ ଚାଲିଥାଏ, ଏଇ ଲକ୍ଷ୍ୟ ପ୍ରାପ୍ତି ଦିଗରେ । ଶ୍ରୀଅରବିନ୍ଦଙ୍କ ଭାଷାରେ, “Man is obliged by a Power within him to be the labourer of a more or less conscious self-evolution that shall lead him to self-mastery and self-knowledge.”

(*The Synthesis of Yoga*, p. 829)

ଅତିମାନସ ଓ ତା'ର ଊର୍ଦ୍ଧ୍ୱ ଭୂମିରେ ପରମ ସତ୍ୟ ବା ବ୍ରହ୍ମୋପଲବ୍ଧି ପରିପୂର୍ଣ୍ଣରୂପେ ହୁଏ । ଏହା ସଙ୍ଗଠିତ ହେଲେ ଆଧ୍ୟାତ୍ମିକ ଦୃଷ୍ଟି ଏହାକୁ ନେଇ ଅନେକାଂଶରେ ମନୋମୟ ଦୃଷ୍ଟିରେ ପ୍ରକାଶ କରିପାରେ । ଏହି ଦୃଷ୍ଟି ବ୍ୟର୍ଥ ନୁହେଁ, ଏହା ଆମକୁ ତାଦାତ୍ମିକତା ଅର୍ଜନ କରିବାରେ ସହାୟକ ହୋଇଥାଏ ।

ତାଦାତ୍ମ୍ୟ ଲାଭ ଜନିତ ଜ୍ଞାନର ଅତିମାନସ ଭାବନା ଏକ ରୂପ । ସତ୍ୟର ସାରତତ୍ତ୍ୱ ଓ ସତ୍ୟ ଦ୍ୱାରା ସମଗ୍ର ଶରୀରକୁ ଅତିମାନସ ଦୃଷ୍ଟି ଅଖଣ୍ଡ ଭାବେ ଅବଲୋକନ କରେ ।

ପୂର୍ବେ କହିଛୁ ଗ୍ରାହକ, ଗ୍ରହଣ ଶକ୍ତି ଓ ଗ୍ରାହ୍ୟ ବସ୍ତୁର ଐକ୍ୟ ବ୍ୟତୀତ ଜ୍ଞାନ ଅପୂର୍ଣ୍ଣ । ଏହାର ଅର୍ଥ ଦୃଶ୍ୟ, ଦର୍ଶନ ଶକ୍ତି ଓ ଦ୍ରଷ୍ଟାର ଐକ୍ୟ । ବିଷୟୀଙ୍କୁ ବିଷୟର ଆତ୍ମସାତ୍ କରିବାକୁ ହେବ । ହୃଦୟର ଭଲପାଇବା ଦ୍ୱାରା ଅନ୍ୟକୁ ଜାଣିହୁଏ । ସମଧର୍ମକୁ ଭଲ ପାଇବାରେ ଆଗ୍ରହର ଚରମ ପରିଣତି ଆସିଥାଏ । ଭଲ ପାଇବା ଦ୍ୱାରା ଜାଣିବା ହେଲା ହୃଦୟ ଦେଇ ଜାଣିବା । ଏହା ହେଲା ଆମର ପ୍ରାକୃତ ଭୂମିରେ ତାଦାତ୍ମ୍ୟ ବିଜ୍ଞାନର ସ୍ୱଷ୍ଟ ପରିଣତିର ଆଭାସ । ଏଥିରେ ତନ୍ମୟତା ଥିଲେ ବି ଭାବନା ନଥାଏ । ଯଦି ତନ୍ମୟତା ଭାବନା ମଧ୍ୟରେ ପ୍ରକାଶ ପାଏ ତେବେ ତାହା ନିମ୍ନସ୍ତରର ବିଷୟ ।

ଅତିମାନସ ତାଦାତ୍ମ୍ୟ ବିଜ୍ଞାନର ଅନ୍ୟ ଏକ ବୃତ୍ତି ଦର୍ଶନ । ଏହି ଦର୍ଶନ ବାହ୍ୟ ବା ଅନ୍ତଶ୍ଚକ୍ଷୁରେ ଦର୍ଶନ ନୁହେଁ । ଆଖିରେ ଆଖିକୁ ଦେଖିବା – 'ଯେନ ଚକ୍ଷୁଂଷି ପଶ୍ୟତି' । ସୁଷୁପ୍ତିର ଗଭୀରରେ ଦୃଶ୍ୟ, ଯେଉଁଠି ଦ୍ରଷ୍ଟା ଓ ଦୃଶ୍ୟ ଏକ । ସ୍ୱପ୍ନରେ ଦ୍ରଷ୍ଟା ନିଜକୁ ଦୁଇ ଭାଗରେ ବିଭକ୍ତ କରି ଦ୍ରଷ୍ଟା ଓ ଦୃଶ୍ୟ ରୂପ ନେଇଥାଏ । ଦ୍ରଷ୍ଟା ନିଜକୁ ରୂପାନ୍ତରିତ କରେ ଦୃଶ୍ୟ ଭାବେ, ଅତିମାନସ ଦର୍ଶନରେ ଏପରି ଘଟେ । କାବ୍ୟ ସହ କବିର ତାଦାତ୍ମ୍ୟ ପରି । ଯାହା ଭିତରେ ଅଛି ତାକୁ ବାହାରେ ଆଣି ଦେଖିବା ।

ଅତିମାନସ ଭାବନା ଏକ ଅପରୋକ୍ଷ ସତ୍ୟ ଭାବନା । ଏହା ବୁଦ୍ଧିଲବ୍ଧ ଜ୍ଞାନ ନୁହେଁ । ଆତ୍ମାକୁ ଆମେ 'ସତ୍ୟମ୍' ଓ 'ଋତମ୍' ବୋଲି ଜାଣୁ । ଏହା ବାସ୍ତବ ଓ ଜ୍ୟୋତିର୍ମୟ । ବୁଦ୍ଧିଲବ୍ଧ ଭାବନା କ୍ରମଶଃ ଆଧ୍ୟାତ୍ମିକ ଅମୂର୍ତ୍ତତା (ଅପ୍ରକାଶିତ ତତ୍ତ୍ୱ) ଦିଗରେ ବୃଦ୍ଧିପ୍ରାପ୍ତ ହୁଏ । କିନ୍ତୁ ଅତିମାନସ ଭାବନା ସତ୍ତା, ଚୈତନ୍ୟ ଓ ଆନନ୍ଦର ଏକ ତୀବ୍ର ଗ୍ରହଣଶୀଳ ସ୍ପନ୍ଦନ । "It is an intensely sensible vibration of being, consciousness and Ananda."

(*The Synthesis of Yoga*, p. 835)

ଅତିମାନସ ଭାବନାର ଅଛି ତିନୋଟି ସୋପାନ । ଗୋଟିଏ ପ୍ରତ୍ୟକ୍ଷ ଭାବନାମୟ ଦୃଷ୍ଟି (direct thought vision), ଅନ୍ୟଟି ବ୍ୟାଖ୍ୟାକାରୀ ଦୃଷ୍ଟି (interpretive vision), ତୃତୀୟଟି ପ୍ରତିନିଧିମୂଳକ ଦୃଷ୍ଟି (representative vision) । ମନରେ ଏହା ସମ୍ବୋଧିଗତ ସ୍ତରର ତିନୋଟି ସାଧାରଣ ସାମର୍ଥ୍ୟର ରୂପ ଗ୍ରହଣ କରନ୍ତି । ଏହା ହେଲା – the subjective and discriminating intuition ଯାହାର ଅର୍ଥ ସଂକେତକାରୀ ଓ ଭେଦ ନିରୂପଣକାରୀ ସଂବୋଧି, ଦ୍ୱିତୀୟ ଓ ତୃତୀୟ the inspiration and thought that is the nature of revelation – ଆନ୍ତର ପ୍ରେରଣା ଓ ସତ୍ୟ ଉଦ୍‌ଘାଟନକ୍ଷମ ଭାବନା ।

ଏହାର ଅନୁରୂପ ଅତିମାନସ ସତ୍ତା ଓ ଚେତନା ଭୂମିରେ ତିନୋଟି ସୋପାନ ରହିଛି । ଆମେ ଏଥିଯୋଗୁଁ ଚେତନାର ଉଚ୍ଚତର ଭୂମିରେ ଆରୋହଣ କରି ଚାଲିବା ବେଳେ ଉଚ୍ଚତର ସୋପାନ ଏଇ ଐଶ୍ୱର୍ଯ୍ୟକୁ ନିମ୍ନତର ସୋପାନକୁ ଆବାହନ କରି ଆପଣା ଭୂମି ମଧ୍ୟକୁ ଆସିବାକୁ ସୁଯୋଗ ଦେଇଥାଉ । ଏଣୁ ତିନୋଟି ସୋପାନର ପୁନର୍ବିନ୍ୟାସ ହୁଏ । କିନ୍ତୁ ଭାବନା କ୍ଷେତ୍ରରେ ସଂପୃକ୍ତ ସୋପାନ ସ୍ଥିତ ଚେତନାର ପ୍ରାଧାନ୍ୟ ଅନୁଭୂତ ହୁଏ । ପ୍ରତ୍ୟେକଟିର ଶିଖରରେ ପହଞ୍ଚି ''ସାନୋଃ ସାନୁମ୍ ଆରୁହତ୍'', ଅତିମାନସର ସାମର୍ଥ୍ୟ ଅର୍ଥାତ୍ ପ୍ରଗାଢ଼ତା, ବିସ୍ତାର ଓ ପୂର୍ଣ୍ଣତାର ବୃଦ୍ଧି ପାଇବାରେ ଲାଗେ । ମୂଳ ପୁସ୍ତକ ଭାଷାରେ ''At each height, *sãnoh sãnum ãruhat*, the powers of the supermind increase in intensity, range and completeness.''

(*The Synthesis of Yoga*, p. 836)

ଅତିମାନସ ଦୃଷ୍ଟି ଅନାତ୍ମବସ୍ତୁ ନୁହେଁ, ଆତ୍ମବସ୍ତୁହିଁ ଆତ୍ମା ସହ ପ୍ରଭାସିତ । ଏହା କବି ସହ କାବ୍ୟ ପରି । ଦର୍ଶନ ସଙ୍ଗେ ଦ୍ରଷ୍ଟା ପରି । ଯାହା ଭିତରେ ଅଛି ତାକୁ ସେପରି ବାହାରେ ଦେଖିବା, ଯେପରି ସ୍ରଷ୍ଟାଠାରୁ ସୃଷ୍ଟିର ପ୍ରକାଶ ଅବରୋହଣ ଧାରାରେ । ଏହି ଦର୍ଶନ ସାଧକ ପାଇଁ ଅନେକ ଦିନ ପର୍ଯ୍ୟନ୍ତ ମହାଶୂନ୍ୟରେ ବିଦ୍ୟୁତ୍ ଝଲକ ପରି ହୋଇପାରେ । ବ୍ରହ୍ମକୁ ସାଧକ ଦେଖେ 'ବିଶତେ ତଦନନ୍ତରମ୍' ରୂପରେ – ବ୍ରହ୍ମ ମଧ୍ୟରେ ପ୍ରବେଶ କରି ସ୍ୱୟଂ ବ୍ରହ୍ମ ହୋଇଯାଏ ତାଦାତ୍ମ୍ୟବୋଧର ଅବରୋହ ଓ ଆରୋହ ଧାରାର ମଧ୍ୟରେ । ଏଠାରେ ଆବେଶ ବିନା ଦର୍ଶନ ହୁଏ ନାହିଁ । ତାଦାତ୍ମ୍ୟବୋଧ ଆସିଲେ ସର୍ବ ମାନସ

ବିମିଶ୍ରତା, କଲୁଷରୁ ମୁକ୍ତି ଘଟିଥାଏ । ଏହା ପରେ ମିଳେ ଋତମ୍ଭରା ପ୍ରଜ୍ଞାର ଦର୍ଶନ ।

ଅତିମାନସ ଚେତନାରେ ଅଛି ଅତିମାନସ ଶ୍ରୁତି ଓ ଅତିମାନସ ସ୍ପର୍ଶ । ଉପନିଷଦ୍ କହନ୍ତି ଇନ୍ଦ୍ରିୟ ସଂବିତ୍ ମଧ୍ୟରେ ଅଧ୍ୟାତ୍ମ ସାଧନାର ଶ୍ରବଣ, ଦର୍ଶନ ଓ ସ୍ପର୍ଶନ ହେଲା ମୁଖ୍ୟ ସାଧନ । ସକଳ ଇନ୍ଦ୍ରିୟର ରୂପାନ୍ତର ସମ୍ଭବ ।

ଅତିମାନସ ଦର୍ଶନକୁ ଅତିମାନସ ଭାବନା ଯଥାର୍ଥ ସମର୍ଥଭାବ ଓ କ୍ରିୟାରୂପ ଦେଇଥାଏ । ମନ ପରି ଆରୋହଣଧର୍ମୀ ସାଧନା ଏଠାରେ ହୁଏ ନାହିଁ, ହୁଏ ବିଚ୍ଛୁରଣ କ୍ରିୟା । ସିଦ୍ଧିଲାଭ କଲେ ଏହା ଘଟେ । ନିତ୍ୟ ବର୍ତ୍ତମାନ ଓ ସର୍ବାଧାର ଆନନ୍ତ୍ୟ ମଧ୍ୟରେ ଅନୁଭୂତ ହୁଏ ଧ୍ରୁବସ୍ମୃତି । ସୂର୍ଯ୍ୟ ରଶ୍ମି ପରି ଭାବନା ହୁଏ ସେହି ଦୃଷ୍ଟିର ବାହକ ।

ଏଇ ଭାବନାରୁ ସ୍ଫୁରିତ ହୁଏ ସତ୍ୟର ମନ୍ତ୍ର । ଏହା ଅବରୋହଣ କ୍ରମେ ଅପରା ଭୂମିରେ ଶକ୍ତି ସଞ୍ଚାରଣର ସେତୁରେ ପରିଣତ ହୁଏ । ବେଦ କହେ ଏହାକୁ ''ମଧ୍ୟମା ବାକ୍'', ଦର୍ଶନ ସଙ୍ଗେ ଜଡ଼ିତ ଭାବନା ''ପଶ୍ୟନ୍ତୀ ବାକ୍'' । ତା'ଠାରୁ ଊର୍ଦ୍ଧ୍ୱର ବାକ୍ ତାଦାତ୍ମ୍ୟ ବିଜ୍ଞାନର ଏହା 'ପରା ବାକ୍' । ଆମର ପ୍ରାକୃତ ଭୂମିରେ ବାକ୍ ହେଲା 'ବୈଖରୀ' । ଏହା ଆମ ପାଇଁ ଚିନ୍ତା ସଂକ୍ରମଣର ଉପାୟ । ଏହା ଚିନ୍ତାକୁ ବ୍ୟାକୃତ କରିବାରେ ସାହାଯ୍ୟ କରେ । କିନ୍ତୁ ଅତିମାନସ ଭୂମିରେ ବାକ୍ ଶକ୍ତି 'ଆଦେଶ' । ଅବ୍ୟାକୃତକୁ ବ୍ୟାକୃତ କରିବାର ଏହା ଦିବ୍ୟସାମର୍ଥ୍ୟ । ବାକ୍‌ରୂପାୟଣୀ ଶକ୍ତି ଆକାଶର ଚିତ୍‌ସ୍ପନ୍ଦ । କବିର କାବ୍ୟସୃଷ୍ଟି ପରି ସୃଷ୍ଟିର ପ୍ରବର୍ତ୍ତକ ଏହି ସ୍ପନ୍ଦନ ଗୋଟିଏ ଦିଗରୁ ଦିବ୍ୟଶ୍ରୁତିର ଓ ଅନ୍ୟ ଦିଗରୁ ଦିବ୍ୟଦର୍ଶନର ନିମିତ୍ତ ହୋଇ ରହିଥାଏ ।

ଆମେ ଜାଣୁ ଅତିମାନସ ଭାବନା ସହ ପ୍ରାକୃତ ଭାବନା ତୁଳନୀୟ ନୁହେଁ । ପ୍ରାକୃତ ଭାବନାରେ ଭାବ ଓ ବସ୍ତୁ ମଧ୍ୟରେ କିଛି ଭିନ୍ନତା ରହିଯାଏ । ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ଏଥିରେ ସ୍ପଷ୍ଟ, କିନ୍ତୁ ଅତୀନ୍ଦ୍ରିୟ ବସ୍ତୁ ଏଥିରେ ଅଜ୍ଞାତ ଅଥବା ଅସ୍ପଷ୍ଟ । ଭାବନାର ପ୍ରବୃତ୍ତି ଏଥିରେ ବାହ୍ୟମୁଖୀ । ଏହା ଅନ୍ତର୍ବୋଧର ଆଶ୍ରିତ ଭାବ, ଏଣୁ ଏପରି ଘଟେ । କିନ୍ତୁ ଏହା ନିକଟରେ ଅନାତ୍ମୀୟ ବସ୍ତୁ ବାହ୍ୟ ହେଲେ ବି ସ୍ପଷ୍ଟ । କିନ୍ତୁ ଅନ୍ତରାବୃତ୍ତିରେ ଆତ୍ମବୋଧ ଯେତେ ଯେତେ ସ୍ପଷ୍ଟ ହୁଏ, ବାହ୍ୟଜଗତ୍ ସେତେ ସେତେ ଅସ୍ପଷ୍ଟ ହୋଇଯାଏ । ଜଗତ୍ କ୍ରମଶଃ ସ୍ୱପ୍ନବତ୍ ହୋଇଯାଏ । ଏଇ ଅନୁଭୂତିରୁ ମାୟାବାଦର ସୃଷ୍ଟି । ଏହା ମନର ମାୟା । ଅତିମାନସର ଏପରି ଅସଙ୍ଗତି ନାହିଁ । ଏଠାରେ ଭାବ ବସ୍ତୁପରି ସ୍ପଷ୍ଟ; ବସ୍ତୁ ମଧ୍ୟ ଭାବର ଘନବିଗ୍ରହ । ଭାବ ଓ ବସ୍ତୁ ଅତିମାନସରେ ଯୁଗନଦ୍ଧ ।

ପ୍ରାକୃତ ମନ ମଧ୍ୟରେ ଭାବନାର ତିନିଗୋଟି ବୃତ୍ତି ଅଛି – ପ୍ରଥମଟି ଆଭାସନ ଏବଂ ବିବେଚନ । ଦ୍ୱିତୀୟ ହେଲା ଉଦ୍ଦୀପନ, ତୃତୀୟଟି ପ୍ରକାଶନ । ଆମେ ଆମର ଷଡ଼ିନ୍ଦ୍ରିୟ ଦ୍ୱାରା ପ୍ରଥମେ ଉପାଦାନ ଗ୍ରହଣ କରୁ । ମନର ପ୍ରାକ୍ତନ ସଂସ୍କାରରେ ଏହା ସ୍ପଷ୍ଟ ହୁଏ । ତା'ପରେ ଭାବନା ସହ ଭାଷାର ସଂଯୋଗରେ ସେ ହୁଏ ପୁଷ୍ଟ । ଶେଷରେ ତା'ର କଳ୍ପରୂପ ନିଏ ବସ୍ତୁରୂପ । ମାନସର ବୃତ୍ତି ଅତିମାନସରେ ମଧ୍ୟ ଅଛି । ଅତିମାନସରେ ତନ୍ମୟତା ଯୋଗୁଁ ସତ୍ୟର ଜ୍ୟୋତିର୍ମୟ ଦିବ୍ୟମୂର୍ତ୍ତି ପ୍ରକାଶ ପାଏ । ସାଧକର ଆରୋହଣର ଏହା କ୍ରମ ପ୍ରକାଶ । କିନ୍ତୁ ସିଦ୍ଧଙ୍କର ଅବରୋହଣ ତା'ର ବିପରୀତ । ଦିବ୍ୟଭାବନାର ଜ୍ୟୋତିର୍ମୟ ରୂପ ଜଗତକୁ ଆଚ୍ଛନ୍ନ ଓ ଆବିଷ୍ଟ କରିପାରେ । ସେ ବେଦର 'ଋତମ୍' ଓ 'ସତ୍ୟମ୍'କୁ ପ୍ରକଟ କରିପାରେ । ଅତିମାନସ ଚିନ୍ତା, ଅନୁଭୂତି ଓ ଜ୍ଞାନ କେବଳ ମାନସ-ଲୋକରେ ନୁହେଁ, ମାତ୍ର ଯେଉଁଠି ମାନସ-ଚେତନାର ଉନ୍ମୋଚନ ହୋଇଥାଏ ତହିଁରେ ପ୍ରକଟ ହୋଇପାରେ ଏବଂ ଏପରି ଚେତନାଥିବା ଗ୍ରହଗ୍ରହାନ୍ତରରେ ମଧ୍ୟ ଅନୁଭୂତ ହୁଏ । ମୂଳ ପୁସ୍ତକ ଭାଷାରେ – "The range of knowledge covered by the supramental thought, experience and vision will be commensurate with all that is open to the human consciousness, not only on the earthly but on all planes."

(*The Synthesis of Yoga*, p. 836)

ପୁନଶ୍ଚ ଆମେ ପାଉ ମାନସିକ ଚିନ୍ତାର କେନ୍ଦ୍ରହିଁ ''ଅହଂ'' । ଅନ୍ୟ ଦିଗରେ ଅତିମାନବ ଚିନ୍ତାକରେ ବିଶ୍ୱମନ (universal mind)ରେ, ସେ ମଧ୍ୟ ତା' ଉପରକୁ ଯାଇ ଚିନ୍ତା କରିପାରେ । ମାନବର ଚିନ୍ତା ଓ କର୍ମର କେନ୍ଦ୍ର ଅତୀତର ଦୃଷ୍ଟି, ଦୋଷର ଚାପ ଓ ଭବିଷ୍ୟତ୍ ଦିଗରେ ତା'ର ଅନ୍ଧ ଦୃଷ୍ଟିର ପ୍ରଭାବ । ସାଧାରଣ ମଣିଷ ବାସ୍ତବ ଦୁନିଆକୁ ଦେଖେ, ଉପସ୍ଥିତ ଘଟଣାବଳୀ ଚିହ୍ନିଥାଏ । ଆନ୍ତରଜୀବନର ଏକ ଦଶମାଂଶ ମନୁଷ୍ୟ ବର୍ଣ୍ଣନା କରିପାରେ ନାହିଁ । କାହିଁକି ନା ଉପସ୍ଥାପିତ ବିଷୟ ସମ୍ପର୍କରେ ମନୁଷ୍ୟର ଚିନ୍ତା, ଚେତନା ଓ ଦୃଷ୍ଟି ଅତ୍ୟନ୍ତ ସୀମିତ । ଅତିମାନବ ଅନ୍ୟ ଏକ ପୃଷ୍ଠଭୂମିରୁ ସବୁ କ୍ଷେତ୍ରରେ ଅଗ୍ରସର ହୁଏ ।

ଅତିମାନସର ଅହନ୍ତା ପୂର୍ଣ୍ଣ ହୁଅନ୍ତା । ଏହା ସମସ୍ତଙ୍କୁ ନେଇ । ଏହା ପରାହନ୍ତା । ଏହା ସର୍ବବ୍ୟାପକ । ଜ୍ଞାନ ହୁଏ ଜ୍ଞାନ ମଧ୍ୟରେ । ଏଠି ସର୍ବୋ ଭୂତ୍ୱା ସର୍ବମାବିଶତି – ସବୁ ହୋଇ ସବୁ ମଧ୍ୟରେ ଆବିଷ୍ଟ ହେବା । ଏଇ ଆବେଶର ଅଗୋଚର କିଛି ନାହିଁ । ସର୍ବ ଜାତି, ଦେଶ, କାଳ ଭେଦୀ ଅନନ୍ତ ଦୃଷ୍ଟି ଅତିମାନସର ।

ଆମେ ଗଛଟିଏ ଦେଖୁ । ଏହା ସାଧାରଣ ଦୃଷ୍ଟି, ଯାହା (actual) ବାସ୍ତବ । କିନ୍ତୁ ଗଛ ସହ ଯଦି କିଏ ପରିପୂର୍ଣ୍ଣ ଭାବେ ଚେତନାରେ ଏକ ହୋଇଯାଏ, ସେ ଗଛର ମୂଳ ବୀଜ, ବିକାଶ ଓ ପରିପୂର୍ଣ୍ଣତା, ଅର୍ଥାତ୍ ଭୂତ, ବର୍ତ୍ତମାନ ଓ ଭବିଷ୍ୟତ୍ ଅନୁଭବ କରେ । ଅତିମାନସର ଏହିପରି ପୂର୍ଣ୍ଣାଙ୍ଗ ଦୃଷ୍ଟି । ଏହା କଳ୍ପନା ନୁହେଁ ବା ଅନୁମାନ ନୁହେଁ । ଏହା ଜ୍ୟୋତିର୍ମୟ ଏକାତ୍ମ ପୂର୍ଣ୍ଣାଙ୍ଗ ସତ୍ୟ ଦୃଷ୍ଟି ।

ଅତିମାନସର ଦୃଷ୍ଟି ଅନୁରୂପ । ଏହା ସେହି ଜ୍ଞାନର ସୃଷ୍ଟି । ସର୍ବୋଚ୍ଚ ସତ୍ୟଭୂମିର ଜ୍ଞାନର ଏହା ଅବରୋହଣର ଫଳ । ଏହା ତା'ର ସ୍ୱରୂପରୁ ପ୍ରଥମେ ଝରେ ଭାବ ଭୂମିରେ । ଭାବାର୍ଥରୁ ଏହା ଝରେ ଭୂତାର୍ଥରେ । ଏହା କବିର କବିତା ସୃଷ୍ଟି ପରି । କାବ୍ୟ ରହିଥାଏ କବିର ସ୍ୱଭାବରେ, ସେଇ ସ୍ୱଭାବ ସ୍ଫୁରିତ ହୁଏ ଭାବରେ । ଭାବ ରୂପାନ୍ତରିତ ହୁଏ ବାଣୀରେ । କବିତାର ସବୁ ପର୍ବକୁ କବି ସ୍ପଷ୍ଟଭାବେ ଜାଣେ । ଶ୍ରୋତା କବିର ବାଣୀରୁ, କବିର ଭାବ ଏବଂ ତହିଁରୁ ତା' ସ୍ୱଭାବକୁ ଜାଣିବାକୁ ଚେଷ୍ଟା କରେ । ଯଦି ଶ୍ରୋତା କବିର ସମଧର୍ମୀ ନୁହେଁ, ତେବେ ସେ କବିତାର ଅର୍ଥ କ'ଣ ବୁଝିବ ? ଯେଉଁ ମନର ସେପରି ଶୁଦ୍ଧି ଓ ବିକାଶ ହୋଇନି, ସେ କିପରି ଅତିମାନସର ପ୍ରବୃତ୍ତିକୁ ବୁଝିବ ? ତା' ପାଇଁ ଅତିମାନସ ହେବ କେବଳ ଶବ୍ଦ ବିଶେଷ ।

ଅତିମାନସରେ ଜ୍ଞାନ ଓ ଶକ୍ତିକୁ ଆମେ ଯୁଗନଦ୍ଧ ରୂପେ ପାଉ । ଏଣୁ ଏଠି ଭାବ ଓ ବସ୍ତୁ, ଭୂତ, ବର୍ତ୍ତମାନ ଏବଂ ଭବ୍ୟ (ଯାହା ପରମସତ୍ୟ) ଏକୀଭୂତ । ଭାବର ବାସ୍ତବତା ଓ ବସ୍ତୁର ଭାବଗାଢ଼ତା ବିଧୃତ ଯେଉଁଠାରେ ହୁଏ ତାହାହିଁ ଶକ୍ତି । ବେଦ ଭାଷାରେ ଶକ୍ତି ସେଠାରେ ଋତାୟିନୀ । ସେଇ ଋତ ଛନ୍ଦରେ ଜ୍ଞାନ ଓ ଶକ୍ତି ଏକ । ଏହି ଭୂମିରେ ଜାଗ୍ରତ୍ ଓ ସୁଷୁପ୍ତିରେ ଗୋଟିଏ ସତ୍ୟ ଅନୁଭୂତ । ଅନ୍ତର ଓ ବାହାର ଏଠି ଅଭିନ୍ନ । ବିଶ୍ରାନ୍ତି ଓ କର୍ମରେ ନଥାଏ ଭିନ୍ନତା । କାରଣ ଏସବୁ ଘଟେ ପରମଙ୍କ ହୃଦୟର ଗଭୀର ଆନନ୍ଦ ମଧ୍ୟରେ ।

"...there repose and action are the same
In the deep breast of God's supreme delight."
(*Savitri,* p. 200) – Sri Aurobindo

❑❑❑

## ଆମର ପଥ

ଏହି ଯୋଗ ପଥରେ ଚାଲିବାକୁ ହେଲେ ତୁମର ରହିବା ଉଚିତ ନିର୍ଭୀକ ସାହସ, ତୁମେ ନୀଚ, ସଂକୀର୍ଣ୍ଣ, ଦୁର୍ବଳ, କୁତ୍ସିତ ଗତିବୃତ୍ତି ଯାହାକି ଭୟର ଅନ୍ୟ ନାମ, ସେସବୁ ସହ ଯେପରି ନିଜ ମଧ୍ୟକୁ ଫେରି ନଆସ ।

ଏହି ପଥରେ ଅଗ୍ରଗତି ଲାଗି ଯାହା ଏକାନ୍ତ ଅପରିହାର୍ଯ୍ୟ ତାହା ହେଲା ଏକ ଅଦମ୍ୟ ସାହସ, ଏକ ଅଖଣ୍ଡ ଆନ୍ତରିକତା, ଏପରି ଏକ ପରିପୂର୍ଣ୍ଣ ଆତ୍ମଦାନ ଯେଉଁଥିରେ ତୁମେ ହିସାବ କିଂବା ମୂଲଚାଲ କରୁ ନଥିବ, ପାଇବାର ଆଶା ରଖି ଦେଉ ନଥିବ, ସୁରକ୍ଷିତ ହେବାର ଉଦ୍ଦେଶ୍ୟ ରଖି ନିଜକୁ ଅର୍ପଣ କରୁ ନଥିବ, ବିଶ୍ୱାସ ତୁମର ପ୍ରମାଣ ଆବଶ୍ୟକ କରୁ ନଥିବ – ଏହାହିଁ ହେବ ସକଳ ବିପଦ ବିରୋଧରେ ତୁମର ରକ୍ଷା କବଚ ।

**– ଶ୍ରୀମା**

# ବିଜ୍ଞାନ ଓ ଅଧ୍ୟାତ୍ମଜ୍ଞାନ

## (୨)

## ନଳିନୀକାନ୍ତ ଗୁପ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ତେବେ ଜଡ଼ସ୍ତରରେ, ବିଶୁଦ୍ଧ ଜଡ଼ସ୍ତରରେ କୌଣସି ପ୍ରକାର ଇଚ୍ଛାଶକ୍ତିର ଚିହ୍ନ କିଛି ମିଳେ କି ? ଜଡ଼ର ଇଚ୍ଛାଶକ୍ତି ଯଦି ଥାଏ, ତେବେ ତାହା କି ପ୍ରକାରର ବସ୍ତୁ ? ଅବଶ୍ୟ ଜଡ଼ର ଆକର୍ଷଣ-ବିକର୍ଷଣକୁ ଅନେକେ ଏହି ଧରଣର ଶକ୍ତି ବୋଲି କହିଥା'ନ୍ତି । କିନ୍ତୁ ବୈଜ୍ଞାନିକମାନେ ତାହା ମାନିବେନି, କହିବେ ଏହା କେବଳ କବିତା, ଉପମା, 'ପାଥେଟିକ୍ ଫାଲାସି' (Pathetic Fallacy) । ଇଚ୍ଛାଶକ୍ତିର ଖେଳ ମଧ୍ୟରେ ଗୋଟାଏ ନିର୍ବାଚନ, ଅନ୍ତତଃ ନିର୍ବାଚନର ସମ୍ଭାବନା ରହିଥିବା ଆବଶ୍ୟକ; ଦ୍ୱୈତଭାବର ଅନିଶ୍ଚୟତାର ଅବକାଶ ରହିଥିବା ଆବଶ୍ୟକ – ନହେଲେ ଜିନିଷଟି ଏକାନ୍ତଭାବେ ଗୋଟାଏ ଯନ୍ତ୍ର ହୋଇପଡ଼େ; ସର୍ବତୋଭାବେ, ପୂରାପୂରି ନିୟମର ବାଧ୍ୟ ଓ ବଦ୍ଧ ହୋଇପଡ଼େ । କିନ୍ତୁ ବର୍ତ୍ତମାନ ଯୁଗର ବିଜ୍ଞାନ ଆମମାନଙ୍କୁ ଜଡ଼ର ଏପରି ଏକ ସ୍ତରକୁ ନେଇ ଯାଇଛି ଯେଉଁଠି ଜଡ଼ର ଆଚାର-ବ୍ୟବହାର ଅପ୍ରତ୍ୟାଶିତ ରକମର ହୋଇଯାଇଛି ଏବଂ ସେ ଯେ ଯନ୍ତ୍ରବତ୍ ନିୟମବଦ୍ଧ, ତା'ର ଗତି ମଧ୍ୟରେ ଦ୍ୱୈତଭାବର, ଅନିଶ୍ଚୟତାର କୌଣସି ଅବକାଶ ନାହିଁ ଏକଥା ଆଉ କହି ହେଉ ନାହିଁ । ଜଡ଼ର ଯେଉଁ କ୍ଷୁଦ୍ରତମ ଖଣ୍ଡ – ବୈଦ୍ୟୁତିକ କଣା – ବ୍ୟଷ୍ଟି ହିସାବରେ ତା'ର ଗତିବିଧି ନିର୍ଣ୍ଣୟ କରାହୁଏ ନାହିଁ – ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ କେଉଁ ପଥରେ ଚାଲିବେ ବା ନ ଚାଲିବେ ତାହା କୌଣସି ପ୍ରକାର ହିସାବନିକାଶ କରି ଆବିଷ୍କାର କରି ହେଉନି । ତେଣୁ କହିବାକୁ ଇଚ୍ଛା ହେଉଛି ସେମାନେ ଖିଆଲୀ, ଖୁସି-ମିଜାଜର; ସେମାନଙ୍କର ଗୋଷ୍ଠୀବଦ୍ଧ ବା ସଙ୍ଗଠିତ ଗତିବିଧିକୁହିଁ କେବଳ ନିୟମ ମଧ୍ୟରେ ବାନ୍ଧି ହୁଏ । କେବଳ ତାହା ନୁହେଁ, ଆହୁରି ଆଶ୍ଚର୍ଯ୍ୟର କଥା ବି ରହିଛି । ବୈଦ୍ୟୁତିକ କଣା କୁଆଡ଼େ ସମସ୍ତ ଯାନ୍ତ୍ରିକ ଧର୍ମ ଓ ନିୟମ ଅଗ୍ରାହ୍ୟ କରି ସମ୍ମୁଖରେ ବାଧା ଥିବା ସତ୍ତ୍ୱେ ସେଇ ବାଧାକୁ ଡେଇଁ ପାରି ହୋଇଯାଏ ଦୂରରେ ଥିବା ତା'ର ସହଧର୍ମୀ ସହିତ ମିଳିତ ହେବା ପାଇଁ ।*

ଏ ଧରଣର ଗତି ବା ବୃତ୍ତିକୁ ଆମେ ଇଚ୍ଛାଶକ୍ତିର ପର୍ଯ୍ୟାୟରେ ପକାଇବାକୁ ଚାହୁଁ ନାହିଁ, କାରଣ ଇଚ୍ଛାଶକ୍ତି କହିଲେ ଆମେ ମୁଖ୍ୟତଃ ବୁଝିଥାଉ ମାନସ ଇଚ୍ଛାଶକ୍ତି, ଟିକିଏ କଳ୍ପନା

---

* କାଳେ ଆପଣମାନେ ମନେ କରିବେ ଯେ, ମୁଁ ରୂଢ଼ ବା ନିଛକ ବିଜ୍ଞାନର କଥା ନକହି ଉପନ୍ୟାସ ବା ଗଳ୍ପ ରଚନା କରୁଛି, ତେଣୁ ସେଇ ବୈଜ୍ଞାନିକଙ୍କ ନିଜସ୍ୱ ଭାଷା ଏଠାରେ ଉଦ୍ଧାର କରୁଛି; ଯଦିବା ସିଏ କେବଳ ଜଣେ 'ପ୍ରାଣ-ବୈଜ୍ଞାନିକ' ମାତ୍ର, ପୂରାପୂରି ଆଦି, ଅକୃତ୍ରିମ ''ଜଡ଼-ବୈଜ୍ଞାନିକ'' ନୁହନ୍ତି । ସେ ଲେଖିଛନ୍ତି –

"One of the most amazing features of quantum mechanical theory is the discovery that electrons and other elementary particles will leak through a potential barrier which they could never cross if the classical physics were true. The electron is imprisoned, for example, in a metal filament and would gain Kinetic energy like a stone rolling downhill, if it could cross a gap to a positively charged plate. But to leave the metal it has to traverse a potential barrier at the surface of the filament and does not possess the requisite energy. According to the classical physics, it is like a stone in a small depression on a hill side, which cannot get out so to roll down the hill. There is no force acting on the electron or the stone which will take them over the barrier. But such an electron does go out, though the stone does not."

(The Marxist Philosophy and the Sciences by J. B. S. Haldane, PP. 145-146)

କରି ବୁଝିଲେ ପ୍ରାଣଜ ଇଚ୍ଛାଶକ୍ତି ବୁଝି ହେବ, କିନ୍ତୁ ଜଡ଼ଜ ଇଚ୍ଛାଶକ୍ତି ଆମର କଳ୍ପନା ଓ ଧାରଣାର ବାହାରେ ।

କିନ୍ତୁ ପ୍ରକୃତି ମଧ୍ୟରେ କ୍ରମପରିଣାମ ବା ବିବର୍ତ୍ତନ ଯଦି ସତ୍ୟ ହୁଏ, ତେବେ ଆମର ସାହସ କରି ସେ ପ୍ରକାରର ଜିନିଷକୁ ଅସ୍ୱୀକାର କରିବା ବି ସମୀଚୀନ ହେବ ନାହିଁ । ଆମେ ବିବର୍ତ୍ତନର ଯେତେ ନିମ୍ନତର ସ୍ତରକୁ ଓହ୍ଲାଇ ଆସୁ ଚେତନାର ପ୍ରକାଶ ସେତେ ହ୍ରାସ ପାଇଥାଏ । ମନୁଷ୍ୟର ଯେଉଁ ବୃତ୍ତି ସ୍ପଷ୍ଟ, ସ୍ଫୁଟ ଓ ନିଃସନ୍ଦେହ, ମନୁଷ୍ୟେତର ଉଚ୍ଚତର ପ୍ରାଣୀଙ୍କଠାରେ ସେସବୁ ବୃତ୍ତିରେ ଯେପରି ପରଦା ପଡ଼ିଯାଇଛି, ସେସବୁର ନିମୀଳନ ଆରମ୍ଭ ହୋଇଯାଇଛି । ନିମ୍ନତର ପ୍ରାଣୀଙ୍କଠାରେ ତାହା କ୍ଷୀଣ, ଉଦ୍ଭିଦ ମଧ୍ୟରେ ତାହା ସନ୍ଦେହର ବିଷୟ, ଜଡ଼ ପଦାର୍ଥରେ ତାହା ସମ୍ପୂର୍ଣ୍ଣ ଲୀନ ବା ଆଚ୍ଛନ୍ନ ହୋଇଯାଇଛି । ତେବେ କଥା ହେଲା ଏଇୟା ଯେ, ଲୀନ ବା ଆଚ୍ଛନ୍ନ ହୋଇଛି ବୋଲି ସେ ବସ୍ତୁ ଯେ ଲୟ ବା ଲୋପ ପାଇଛି, ଆଦୌ ନାହିଁ – ତାହା ନୁହେଁ । ନିମ୍ନତମ, ସ୍ଥୂଳତମ ଜଡ଼ ମଧ୍ୟରେ ବି ଚେତନା, ଇଚ୍ଛାଶକ୍ତି ରହିଛି । ତେବେ ତାହା ସୁପ୍ତ, ଅନ୍ତର୍ଲୀନ, ଅନ୍ତର୍ଗୂଢ଼ – ଏବଂ ସେହି ଅବସ୍ଥାରେ ବି ପଶ୍ଚାତରୁ ତା'ର ଏକ ନିଭୃତ ଚାପ ବାହ୍ୟ କ୍ରିୟାକଳାପ ଉପରେ କିଛି ପ୍ରଭାବ ବିସ୍ତାର କରିବା ସ୍ୱାଭାବିକ, ବାହାରର ରୂପକୁ କଥଞ୍ଚିତ୍ (କୌଣସିମତେ) ନିୟନ୍ତ୍ରିତ କରିବା ସ୍ୱାଭାବିକ । ବୃକ୍ଷର ବଲ୍କଳ, ଦେହର କେଶ ବା ନଖ ପୃଥକ୍ କରି ଦେଖିଲେ ତାହା ମୃତ ଜଡ଼ ପଦାର୍ଥ ମାତ୍ର, କିନ୍ତୁ ଜୀବନ୍ତ ବୃକ୍ଷର ଓ ଦେହର ଜୀବନୀ ଶକ୍ତି ଯେତେବେଳେ ପଛରେ, ତା'ର ଚାପରେ ଏଗୁଡ଼ିକ ସେତେବେଳେ ଜୀବନ୍ତ; ଏଗୁଡ଼ିକର ବ୍ୟବହାରରେ ସଜୀବତାର ଧର୍ମ ସ୍ପଷ୍ଟ ହୋଇଥାଏ । ବିଷୟଟି କେତେକ ପରିମାଣରେ ଏହି ପ୍ରକାରର ବୁଝିବାକୁ ହେବ :

ଆଲୋକ ହେଲା ଜଡ଼ର ସବୁଠାରୁ କମ୍ ମାତ୍ରାରେ ଜଡ଼ରୂପ । କିନ୍ତୁ ତା'ର ପଶ୍ଚାତରେ ବୈଜ୍ଞାନିକମାନେ ଯେପରି ବୈଦ୍ୟୁତିକ କ୍ଷେତ୍ରଗତ ଚାପର ଅସ୍ତିତ୍ୱ ଆବିଷ୍କାର କରିଛନ୍ତି ସେହିପରି ଆମେ ଯଦି ଆହୁରି ଆଗେଇ ଯାଇପାରୁ ତା'ହେଲେ ଲକ୍ଷ୍ୟ କରୁ – ଏଇ ଜଡ଼ ଚାପର ପଶ୍ଚାତରେ ରହିଛି ଏକ ଚେତନା ଅର୍ଥାତ୍ ଅବଚେତନାର ଚାପ । ତାହା ଅବଶ୍ୟ ବୈଜ୍ଞାନିକ ଦୃଷ୍ଟିର ବିଷୟ ନୁହେଁ କି ତାକୁ ବୈଜ୍ଞାନିକ ଦୃଷ୍ଟିର ବିଷୟ କରିବାର ଚେଷ୍ଟା ବି ଯୁକ୍ତିଯୁକ୍ତ ନୁହେଁ । କାରଣ ତାହା ହେଲା ଆହୁରି ସୂକ୍ଷ୍ମ, ଇନ୍ଦ୍ରିୟାତୀତ, ଚିନ୍ମୟ ଦୃଷ୍ଟିର କଥା । ଆଜିକାଲି ବଳ ବା ଇଂରାଜୀରେ Forceକୁ ଛାଡ଼ି କ୍ଷେତ୍ର ବା ଇଂରାଜୀରେ ଫିଲ୍ଡ୍(Field)ର କଥା ବେଶୀ କୁହାହୁଏ । ବୋଧହୁଏ ବିଜ୍ଞାନ 'ତେଜଃ'କୁ ଛାଡ଼ି 'ମରୁତ୍'କୁ ଆଶ୍ରୟ କରିବାକୁ ଚାଲିଛି – କିନ୍ତୁ ତାହାର ଆଗକୁ ରହିଛି ବ୍ୟୋମ – ଚିଦାକାଶ ।

ଜଡ଼ ପ୍ରକୃତି ଅର୍ଥାତ୍ ଏକାନ୍ତ ଜଡ଼ ମଧ୍ୟରେ – ତାହା 'ମହତୋ ମହୀୟାନ୍' ଜ୍ୟୋତିଷମଣ୍ଡଳୀ ହେଉ ବା 'ଅଣୋରଣୀୟାନ୍' ପରମାଣୁ ହେଉ – ସର୍ବତ୍ର ଯେ ଏକ ଅପୂର୍ବ ଶୃଙ୍ଖଳା, ନିୟମାନୁବର୍ତ୍ତିତା, ଛନ୍ଦାୟିତ ଗତି, ତାଳ, ମାନ ରହିଛି ତାହା ଖୁବ୍ ସ୍ପଷ୍ଟ । ପ୍ରାୟ ସମସ୍ତେ ଜାଣନ୍ତି, ଆମେ ବି କହିଛୁ ଯେ ବସ୍ତୁର ପରସ୍ପର ସମ୍ବନ୍ଧରେ, ସେଗୁଡ଼ିକର କ୍ରିୟା-ପ୍ରତିକ୍ରିୟାରେ, ସେଗୁଡ଼ିକର ଆଣବିକ ଗଠନରେ, ଓଜନରେ, ପରିମାଣରେ ଅର୍ଥାତ୍ ସଂଖ୍ୟାରେ ଯେଉଁ ନିୟମିତ ଧାରା, ଛକ ବା 'ପ୍ୟାଟର୍ନ'(Pattern) ପାଇଁ ତାହା ଖୁବ୍ ଆଶ୍ଚର୍ଯ୍ୟକର । ବସ୍ତୁର ଚଳନ ମଧ୍ୟରେ ଜଡ଼ବିଜ୍ଞାନ ଆବିଷ୍କାର କରିଛି ସମତାଳର ଓ ପୌନଃପୁନିକତାର ନିୟମ (Law of harmonics and periodicity), ବସ୍ତୁର ଗଠନରେ ଆବିଷ୍କାର କରିଛି ଜ୍ୟାମିତିକ ଆକୃତି ।

କୁହାଯାଏ ଜଡ଼ ବସ୍ତୁର ଧର୍ମ ହେଲା ଏଇ, ଜଡ଼ ଯେ ଜଡ଼ ତା'ର ପ୍ରମାଣ ବି ଏହିଠାରେ – କ୍ରିୟାର ଧାରାରେ ଏକ ପୁନରାବର୍ତ୍ତନ, ପୌନଃପୁନିକତା; ଗଠନରେ ଏକ ସମମାନ, ସମଭଙ୍ଗ ହେଲା ଯନ୍ତ୍ରର ଯାନ୍ତ୍ରିକତାର ଲକ୍ଷଣ । ଦୋଳକ (ଝୁଲା ବା ଘଡ଼ି ଦଣ୍ଡ) ଏକା ଭଳି, ଏକହିଁ ଭାବରେ ଝୁଲି ଚାଲିଥାଏ, ଏଥିରେ ଆଶ୍ଚର୍ଯ୍ୟକର କିଛି ଅଛି କି ? ଅବଶ୍ୟ କେବଳ ବାହ୍ୟ ଦୃଷ୍ଟିରୁ, ଦେଖିଲେ ପ୍ରକୃତିର ଚଳନ ଓ ବଳନର ତାଳସାମ୍ୟ ଓ ମାନସାମ୍ୟ ପ୍ରଭୃତି ସମ୍ବନ୍ଧରେ ସେମାନଙ୍କର ସୂକ୍ଷ୍ମତା, ଯଥାଯୋଗ୍ୟତାକୁ କେବଳ ପ୍ରଶଂସା କରିହିଁ ନିର୍ବାକ୍, ନୀରବ ରହିବାକୁ ପଡ଼େ । ବିଶ୍ୱ ପ୍ରକୃତିର ଅପୂର୍ବ ଯାନ୍ତ୍ରିକତା ବିଶ୍ଳେଷଣ କରି ସମସ୍ତ ଅଙ୍ଗପ୍ରତ୍ୟଙ୍ଗ, କଳକବ୍ଜା ଖୋଲି ଖୋଲି ଆମେ ହୁଏତ ତା'ର ଗୋଟାଏ ଚିଠା ବା ତାଲିକା ପ୍ରସ୍ତୁତ କରିପାରିଛୁ – କିନ୍ତୁ ଏପରି ଯାନ୍ତ୍ରିକତାର ଉତ୍ପତ୍ତି କାହିଁକି ହେଲା, କିପରି ହେଲା ତାହା ବୁଝି ନାହୁଁ କି ଜାଣି ନାହୁଁ । 'କ୍ରମପରିଣାମବାଦ' ରୂପକ ସମସ୍ୟାଟି ଉପରେ କିଛି ଆଲୋକପାତ କରାହୋଇଛି ସତ, କିନ୍ତୁ ତାହା ବାହ୍ୟତଃ ଏବଂ ତା'ର ସାମାନ୍ୟ ଅଂଶମାତ୍ର ନେଇ କରା ହୋଇଛି । ପ୍ରକୃତରେ ଦେଖିଲେ ବେଶୀଭାଗହିଁ ଏବେ ବି ରହିଛି ଅନ୍ଧକାରରେ, କେତେକ ଭାଗ ତ ଆହୁରି ଘୂର୍ଣ୍ଣନଯୁକ୍ତ ହୋଇଉଠିଛି ।

ବିଜ୍ଞାନର ପ୍ରଧାନ ଅଙ୍ଗ ହେଲା ପରିମାଣ-ନିର୍ଣ୍ଣୟ – ମାପଚୁପ କରିବା । ସେ ବିଷୟରେ ଆମେ କିଛି କହିପାରିବା କି ? – ପ୍ରଶ୍ନଉଠେ, ବର୍ଣ୍ଣଛତ୍ର ବା ଇନ୍ଦ୍ରଧନୁରେ ସାତରଙ୍ଗ କାହିଁକି ? ସୁରଗ୍ରାମ ବାଦ୍ୟଯନ୍ତ୍ରରେ ସାତଟି ପରଦା କାହିଁକି ? ପରମାଣୁ-ଅନ୍ତର୍ଗତ 'ଇଲେକ୍‌ଟ୍ରନ୍' (Electron)ର ବି (କ୍ରିୟାଶକ୍ତି ହିସାବରେ) ସାତଟି କ୍ରମ କାହିଁକି ? ପୁଣି ସେହି 'ଇଲେକ୍‌ଟ୍ରନ୍' ଚୁମ୍ବକୀୟ ବା ଚୌମ୍ବକ କ୍ଷେତ୍ର ଦ୍ୱାରା ଠିକ୍ ସାତଟି ପଦ୍ଧତିରେ ପ୍ରଭାବାନ୍ୱିତ କରେ କାହିଁକି ? ପୁଣି ଅନ୍ୟ ଦିଗରେ ସୃଷ୍ଟିର ମୂଳତତ୍ତ୍ୱ ଦୃଷ୍ଟିରୁ ଆଧାତ୍ମିକ ଦ୍ରଷ୍ଟାମାନେ ଯେଉଁସବୁ କ୍ରମ ବା 'ଲୋକ' କଥା କହିଛନ୍ତି ସେଗୁଡ଼ିକର ସଂଖ୍ୟା ବି ସାତ – ସପ୍ତଚକ୍ରଂ ସପ୍ତ ବହନ୍ତ୍ୟଶ୍ୱାଃ (ଋଗ୍‌ବେଦ), ସପ୍ତ ଇମେ ଲୋକାଃ (ମୁଣ୍ଡକ ଉପନିଷଦ୍) ।

ଫଳତଃ ଏକ ଆଧାତ୍ମିକ ଦୃଷ୍ଟି ଦ୍ୱାରାହିଁ ଏ ଜାତୀୟ ସମସ୍ୟାର ସଦର୍ଥ ବା ପ୍ରକୃତ ଅର୍ଥ ଆମେ ପାଇପାରୁ – ଅନ୍ୟଥା ନୁହେଁ । ଅବଶ୍ୟ ତା' ବୋଲି ଏଠାରେ ଆମର ବକ୍ତବ୍ୟ ଏପରି ନୁହେଁ – ମଧ୍ୟଯୁଗରେ ଯେପରି ସିଦ୍ଧାନ୍ତ କରା ହୋଇଥିଲା ଯେ, ବିଶ୍ୱର ଜଣେ ନିପୁଣ, ଚତୁର ସ୍ରଷ୍ଟା ଅଛନ୍ତି, ବିଧାତା ଅଛନ୍ତି – ଯିଏକି ତାଙ୍କ ସୃଷ୍ଟିର ଊର୍ଦ୍ଧ୍ୱରେ ବସି ଏହି ପ୍ରକାରେ ଗୁଣି ଗୁଣି, ମାପିଚୁପି, ସଜାଇ ଜଗତଟାକୁ ଗଢ଼ି ତୋଳିଛନ୍ତି (କେହି କେହି କହନ୍ତି ଏଇ କାର୍ଯ୍ୟ କରିବାକୁ ତାଙ୍କୁ ଛଅଦିନ ଲାଗିଥିଲା ଆଉ ସପ୍ତମ ଦିନ ସେ ବସି ବସି ନିଜର ଗଢ଼ା ଜିନିଷ ନିଜେ ଦେଖି ଆନନ୍ଦ ଉପଭୋଗ କରିଥିଲେ – ଏଠାରେ ବି ସେଇ ସାତର ପ୍ରଭାବ !) ।

କିନ୍ତୁ କଥାଟା ଏଭଳି ନହେଲେ ବି, ଏପରି ହେବା ଅସମ୍ଭବ ନୁହେଁ । ଆମେ ପୂର୍ବରୁ ଯେଉଁ କଥା କହିଛୁ, ଏକ ଚେତନାର ଚାପ ପଶ୍ଚାତରେ ରହିଛି ବୋଲିହିଁ ତାହାରି ଛାପ ବାହାରର ଏଇ ଗୁଣାଗୁଣିର ଛାଞ୍ଚରେ ପରିସ୍ଫୁଟ ହୋଇଛି ।

ଗୋଟିଏ ଘଡ଼ି ଭିତରେ ଯେଉଁ କାରିଗରୀ, କଳାକୌଶଳ (ଯାହାର ସ୍ୱରୂପ ଗାଣିତିକ), ସେଥିରୁ ଘଡ଼ିକାର ବା ସେଇ ଘଡ଼ି-ନିର୍ମାତାଙ୍କର ଅସ୍ତିତ୍ୱ ସିଦ୍ଧାନ୍ତ କରିବା ଯେତେ ସୌବିଧ୍ୟଜନକ ବା ସୁବିଧାର କଥା, ତା' ଅପେକ୍ଷା ଆହୁରି ରହସ୍ୟର କଥା ହେଲା ତାଙ୍କର ସେହି କଳାକୌଶଳ ମଧ୍ୟରେ ମନର ବା ଚେତନାର ସ୍ୱରୂପ ବା ଛାପ ଯେ ବନ୍ଧା ପଡ଼ିଛି ସେହି କଥା । ଚୈତନ୍ୟର ସଂସ୍ପର୍ଶରେ ଜଡ଼ ବି ଚେତନବତ୍ ବା ସଚେତନ ହୋଇଉଠେ । ଘଡ଼ି ଅପେକ୍ଷା ଆହୁରି ଜୀବନ୍ତ ଏକ ରଚନା ବା ସୃଷ୍ଟିର ଉଦାହରଣ ଆମେ ନେଇ ପାରିବା – ଖଣ୍ଡିଏ ଚିତ୍ରପଟ ବା ଗୋଟିଏ କବିତା । କବିତା ମଧ୍ୟରେ ଗଣିତ ରହିଛି ବହୁତ ବେଶୀ, ଆଉ ଚିତ୍ର ମଧ୍ୟରେ ଜ୍ୟାମିତି ରହିଛି ବହୁ ପରିମାଣରେ; କିନ୍ତୁ ସେ ଜ୍ୟାମିତି, ସେ ଗଣିତ ଏକ ଜୀବନ୍ତ ଅନୁଭବ ବା ଚେତନାର ଅବ୍ୟର୍ଥ ପ୍ରକାଶ ବା ସୁଶ୍ରୀ ଅବୟବ । ଶିଳ୍ପୀଙ୍କର ଚେତନାର ଚାପ – ରଙ୍ଗ, ରେଖା ଓ ଧ୍ୱନିର ବିକ୍ଷିପ୍ତ ପରମାଣୁରାଜିକୁ ସଂଶ୍ଳିଷ୍ଟ, ସଙ୍ଗଠିତ, ସୁଷମ ଓ ମୂର୍ତ୍ତିମାନ କରି ଧରିଥାଏ । ଚେତନାର ଧର୍ମ ହେଲା ନିୟମ, ଶୃଙ୍ଖଳା, ସୁସଂସ୍ଥାନ, ସଙ୍ଗଠନ ଆଉ ଅଚେତନାର ଧର୍ମ ହେଲା ବିଶୃଙ୍ଖଳା, ବିଚ୍ଛିନ୍ନତା ଓ ବିପର୍ଯ୍ୟସ୍ତତା ।

କହିଲି ଚେତନାର ସଂସ୍ପର୍ଶରେ ଜଡ଼ ବି ଚେତନବତ୍ ହୋଇଉଠେ । କିନ୍ତୁ କାହିଁକି, କେଉଁ ପ୍ରକାରରେ ? ସେ ଦୁଇଟି ଯଦି ସମ୍ପୂର୍ଣ୍ଣ ପୃଥକ୍ ବସ୍ତୁ ଏବଂ ବିଭିନ୍ନ ପର୍ଯ୍ୟାୟର ହୋଇଥା'ନ୍ତି ତା'ହେଲେ ସେ ଦୁଇଟିର ସଂଯୋଗ, ପରସ୍ପରର ପରସ୍ପର ଉପରେ ପ୍ରଭାବ କିପରି ସମ୍ଭବ ? ଯେପରି ଏକ ସମୟରେ ଦାର୍ଶନିକ ମହଲରେ ସମସ୍ୟା ଉଠିଥିଲା କର୍ତ୍ତୃକାରକକୁ (ଅର୍ଥାତ୍ ମୁଁ-ତ୍ୱକୁ, କର୍ତ୍ତାଭାବକୁ) ଲାଠ୍ୟାଘାତ କିପରି କରିହେବ ? (ଅର୍ଥାତ୍ ଆଘାତ ଦେଇ, ବାଡ଼ି ବା ଲାଠିରେ ବାଡ଼େଇ ବାଡ଼େଇ କିପରି ଦୂର କରିବାକୁ ହେବ ?) ତେଣୁ କେହି କେହି ଉଭୟ ମଧ୍ୟରେ ଗୋଟାଏ ପୂର୍ବନିର୍ଦ୍ଦିଷ୍ଟ ସାମଞ୍ଜସ୍ୟର ବ୍ୟବସ୍ଥା (Pre-established harmony) ଦେଇଛନ୍ତି । ପୁଣି କେହି ମୀମାଂସାଟିକୁ ପୂରାପୂରି ସିଧା, ସରଳ କରି ଦେଇଛନ୍ତି ଏଇୟା କହି ଯେ, ଚିନ୍ତା ବା ଚେତନା ବୋଲି ସ୍ୱତନ୍ତ୍ର କିଛି ନାହିଁ, ଅଛି କେବଳ ଜଡ଼ – ଚିନ୍ତା, ଚେତନା ହେଲା ଜଡ଼ର ଏକ ପ୍ରକାର ରସସ୍ରାବ !

କିନ୍ତୁ ଆମେ କହୁ, ଯଦି ଜଡ଼ ଚୈତନ୍ୟ ଦ୍ୱାରା ପ୍ରଭାବାନ୍ୱିତ ହୁଏ ତା'ର ହେତୁ ଏଇୟା ଯେ, ଜଡ଼ ମଧ୍ୟରେ ନିହିତ ଚେତନା ବିଲୀନ ହୋଇ ରହିଛି । ଜଡ଼ ହେଲା ଚୈତନ୍ୟର ଆତ୍ମବିସ୍ମୃତ ଘନୀଭୂତ ଆକାର ।

ଏ ସମ୍ବନ୍ଧରେ ଏକ ବିଚିତ୍ର ବିଷୟ ଉଲ୍ଲେଖ କରାଯାଇପାରେ – ହୁଏତ ତାହା ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଛି; କିନ୍ତୁ ତା'ର ଯେ ବିଶେଷ କିଛି ଅର୍ଥ ରହିଛି, ଏପରି କଥା ସାହସ କରି ସାଧାରଣତଃ କେହି ଭାବିଛି କି ନା ସନ୍ଦେହ । ଅନେକ ସମୟରେ ଗୋଟାଏ ଯନ୍ତ୍ରର ବ୍ୟବହାର କେମିତି ଅଦ୍ଭୁତ ମନେ ହୁଏ । ଗୋଟିଏ ଘଡ଼ି, ଇଞ୍ଜିନ୍, ନୌକା ବା ଜାହାଜ

କେବେ କେବେ (ଯଦିବା ସବୁବେଳେ ହୁଏନି) ସଜୀବ ପ୍ରାଣୀଙ୍କ ପରି ଚାଲିଚଳନ ଦେଖାନ୍ତି – ଯେପରି ସେମାନଙ୍କର ରହିଛି ବ୍ୟକ୍ତିଗତ ଖିଆଲ, ମିଜାଜ, ଇଚ୍ଛା ଓ ନିୟତି । ଏକାନ୍ତ ଜଡ଼ କଳର ଧର୍ମ ଛଡ଼ା ବି ସେମାନଙ୍କ ମଧ୍ୟରେ ମଝିରେ ମଝିରେ ଆକସ୍ମିକଭାବେ ଜଡ଼ାତିରିକ୍ତ କିଛିର, ସଜୀବ କିଛିର ଆଭାସ ଫୁଟିଉଠେ । 'ଇଞ୍ଜିନ୍'ର ଚାଳକ, ନୌକାର ମାଝି, ଜାହାଜର କପ୍ତାନ ଏ ବିଷୟରେ ସାକ୍ଷ୍ୟ ଦେଇପାରନ୍ତି; ସେମାନେ ସେମାନଙ୍କର ଯନ୍ତ୍ରକୁ (ବାଦ୍ୟଯନ୍ତ୍ର ସମ୍ବନ୍ଧରେ ଏକଥା ଆହୁରି ସତ୍ୟ) ଜୀବନ୍ତ ଜିନିଷ ବୋଲି ବୋଧ କରନ୍ତି – ଆଉ ଏ ବୋଧ, ଏ ଅନୁଭୂତି କେବଳ ଯେ କାଳ୍ପନିକ ଆରୋପ ମାତ୍ର ତା' ନୁହେଁ ।

ଗୁହ୍ୟ ଜ୍ଞାନର ଏକ ବିଦ୍ୟା ରହିଛି ଯେଉଁଥିରୁ ଜଣାଯାଏ ଯେ, ଅନେକ କ୍ଷେତ୍ରରେ ଏଇ ଜାତୀୟ ଯନ୍ତ୍ର ଏକ ଏକ ଅଶରୀରୀ ସତ୍ତାଙ୍କ ଦ୍ୱାରା ଅଧିକୃତ ହୁଅନ୍ତି – ଅବଶ୍ୟ ଯନ୍ତ୍ରୀଙ୍କର, ଯନ୍ତ୍ରର ମାଲିକ ବା ଚାଳକର ଚେତନା ବି ସେହି ଅଶରୀରୀ ସତ୍ତାର ଗଠନରେ କିଛି ଉପକରଣ ନିଶ୍ଚୟହିଁ ଯୋଗାଇଥାଏ; ତଥାପି ତାକୁ ଏକ ସ୍ୱତନ୍ତ୍ର ଓ ସଜୀବ ସତ୍ତା ବୋଲିହିଁ ମାନିବାକୁ ପଡ଼େ । ତା' ବୋଲି ଏ ଧରଣର ସତ୍ତା ଯେ ବିଶେଷ ଉଚ୍ଚ ସ୍ତରର ସଚେତନ ଜୀବ ଆଦୌ ତା' ନୁହେଁ । ଯନ୍ତ୍ରର ଅନୁରୂପରେ, ଯନ୍ତ୍ରର ଅନୁପାତରେ ସେ ହେଲା ଏକ ଜଡ଼ାନୁଗତ, ଜଡ଼ାଶ୍ରୟୀ ଅବଚେତନ ଶକ୍ତି ।

ଏ ପ୍ରକାର ଆରୋପ ବା ଅଧିକାରର ବିଷୟଟି ହୁଏତ ଏକ ସାଧାରଣ ସତ୍ୟ ନୁହେଁ – କିନ୍ତୁ ଏ ଦୃଷ୍ଟାନ୍ତରୁ ଏକ ସାଧାରଣ ସିଦ୍ଧାନ୍ତ କରିହୁଏ ଯେ, ଯନ୍ତ୍ରକାର ଯେଉଁଠାରେ ଅଛନ୍ତି, ସେଠାରେ ଯନ୍ତ୍ର ମଧ୍ୟରେ ଉଦ୍ଦେଶ୍ୟାନୁଗତ୍ୟ (Purposiveness) ହେଲା ଯନ୍ତ୍ରକାରଙ୍କର ଚେତନାର ପ୍ରତିରୂପ । ସେହିପରି କୌଣସି ଯନ୍ତ୍ରକାରଙ୍କୁ ନଦେଖି ବି ଯନ୍ତ୍ର ଯେଉଁଠି ଅଛି, ସେଠାରେ ବି ଯନ୍ତ୍ରଗତ ଉଦ୍ଦେଶ୍ୟାନୁଗତ୍ୟ ଏକ ଚୈତନ୍ୟର ପରିଚୟ – ସେ ଚେତନା ବହିଃସ୍ଥ କୌଣସି ଯନ୍ତ୍ରକାରଙ୍କଠାରୁ ନଆସିଲେ ବି, ତା' ହୋଇପାରେ ଯନ୍ତ୍ରର ଅନ୍ତର୍ଗତ ଏକ ପ୍ରଚ୍ଛନ୍ନ ଆତ୍ମହରା ବା ଆତ୍ମବିସ୍ମୃତ ଚେତନା । ସମସ୍ତ ଜଡ଼ ସୃଷ୍ଟିକୁ ଯଦି ଏହି ପ୍ରକାରର ଏକ ଯନ୍ତ୍ର ହିସାବରେ ଗ୍ରହଣ କରୁ ତେବେ ସେଠାରେ ବାହ୍ୟଯନ୍ତ୍ରୀ ନଥିଲେ ବି, ଏକ ଅନ୍ତଃଯନ୍ତ୍ରୀ, ଏକ ପ୍ରସୁପ୍ତ ଅଥଚ ସକ୍ରିୟ ଇଚ୍ଛାଶକ୍ତିର ସନ୍ଧାନ ପାଉ ।

ଆଧ୍ୟାତ୍ମିକ ଦୃଷ୍ଟି ଓ ଅନୁଭୂତି କହେ ଯେ ସମସ୍ତ ସୃଷ୍ଟିହିଁ ହେଲା ଚୈତନ୍ୟର ବିକାଶ – ଚିନ୍ତାର ନୁହେଁ, (ବ୍ୟଷ୍ଟିଗତ ବା ବ୍ୟକ୍ତିଗତ ଚିନ୍ତାର ତ ଆଦୌ ନୁହେଁ ) । ଆପାତପ୍ରତୀୟମାନ ଜଡ଼ର ଅନ୍ତରରେ ରହିଛି ଚୈତନ୍ୟର ଅସ୍ତିତ୍ୱ, ତେବେ ସେଠାରେ ଚୈତନ୍ୟ ହେଲା ଅବଚେତନ ଅର୍ଥାତ୍ ସୁପ୍ତ, ଆତ୍ମଗୁପ୍ତ, ଅନ୍ତର୍ଲୀନ । ଏହି ଅନ୍ତର୍ଲୀନ ଚୈତନ୍ୟର ପ୍ରଚ୍ଛନ୍ନ ଚାପରେହିଁ ଜଡ଼ରେ ଦେଖା ଦେଇଛି ଜଡ଼ ଜଗତର ଅପୂର୍ବ ଅତ୍ୟାଶ୍ଚର୍ଯ୍ୟ ଛନ୍ଦର, ତାଳର ଓ ମାନର ଶୃଙ୍ଖଳା ଓ ନିୟମ । ଜୀବ ମଧ୍ୟରେ, ଜୀବନର କ୍ରମବିକାଶର ଧାରାରେ ଏଇ ଚୈତନ୍ୟ ଯେତେ ସଜାଗ, ଯେତେ ପରିସ୍ଫୁଟ ହୋଇଉଠିଛି – ପ୍ରଥମେ ଉଦ୍ଭିଦରେ, ତା'ପରେ ଇତର ପ୍ରାଣୀଙ୍କ ମଧ୍ୟରେ, ଶେଷରେ ମନୁଷ୍ୟଙ୍କ ମଧ୍ୟରେ – ସେତେ ଆଧାରର ଯାନ୍ତ୍ରିକ ସଙ୍ଗଠନଟି ଜୈବିକ ଧର୍ମ ଅର୍ଜନ କରିଚାଲିଛି । ବିପରୀତ ଦିଗରେ, ମନୁଷ୍ୟ ମଧ୍ୟରେ ଯେଉଁ ଚିନ୍ମୟ ଇଚ୍ଛାଶକ୍ତି ପୂର୍ଣ୍ଣ ଜାଗ୍ରତ୍, ଇତରପ୍ରାଣୀଙ୍କ ମଧ୍ୟରେ ତାହା ଅର୍ଦ୍ଧ-ଜାଗ୍ରତ୍, ଉଦ୍ଭିଦ ମଧ୍ୟରେ ତାହା ସ୍ୱପ୍ନଗତ, ଜଡ଼ରେ ତାହା ସୁପ୍ତ – କିନ୍ତୁ ସୁପ୍ତ ବୋଲି ନାସ୍ତି ନୁହେଁ । ଊର୍ଦ୍ଧ୍ୱତନ ସ୍ତରରେ ଯାହା ହେଲା ସଜାଗ ଇଚ୍ଛାର ଖେଳ, ଉଦ୍ଦେଶ୍ୟମୁଖୀ ସଚେତନ ଚେଷ୍ଟା, ନିମ୍ନତମ ସ୍ତରରେ କ୍ରମେ ତାହା ଅନିଚ୍ଛାକୃତ, ଅବଶ, ଶେଷରେ ଯାନ୍ତ୍ରିକ ବ୍ୟବହାରରେ ପରିଣତ ହୋଇଛି । ତାହା ସତ୍ତ୍ୱେ ବି ସର୍ବତ୍ରହିଁ ରହିଛି ଏକ ଚୈତନ୍ୟର ଚାପ, ତେବେ ବିଭିନ୍ନ ପ୍ରକାରରେ, ବିବିଧ ମାତ୍ରାରେ ।

ଅଗ୍ନିର୍ଯଥୈକୋ ଭୁବନଂ ପ୍ରବିଷ୍ଟୋ
ରୂପଂ ରୂପଂ ପ୍ରତିରୂପୋ ବଭୂବ ।
ଏକସ୍ତଥା ସର୍ବଭୂତାନ୍ତରାତ୍ମା
ରୂପଂ ରୂପଂ ପ୍ରତିରୂପୋ ବହିଶ୍ଚ ।

(ଏକ ଅଗ୍ନି ଯଥା ଭୁବନେ ପ୍ରବିଷ୍ଟ
ରୂପ ରୂପ ପ୍ରତି ରୂପ ହୋଇଲେ
ଏକ ତଥା ସର୍ବଭୂତାନ୍ତରାତ୍ମା
ରୂପ ରୂପ ପ୍ରତିରୂପ ବାହାରେ ।)

[ମୂଳ ବଙ୍ଗଳା ରଚନାବଳୀ, ସପ୍ତମ ଖଣ୍ଡରୁ ଅନୂଦିତ]

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

# ଧ୍ୟାନ

## (୯)

## ମାଧବ ପଣ୍ଡିତ

### ଧ୍ୟାନ

ଧାରଣା କହିଲେ ଆମେ ଦେଖିଲୁ ମନକୁ ବାହ୍ୟ ବା ଆନ୍ତର ବସ୍ତୁ ଉପରେ ଏକାଗ୍ର ଭାବେ ଧରି ରଖିବା । ଯେତେବେଳେ ଏକାଗ୍ରତା ବୃଦ୍ଧି ପାଏ, କ୍ରମଶଃ ଏକାଗ୍ର ହେଉଥିବା ମନ ଓ ଲକ୍ଷ୍ୟବସ୍ତୁ ମଧ୍ୟରେ ପାର୍ଥକ୍ୟ ମଉଳି ଯିବାକୁ ଆରମ୍ଭ କରେ । ଲକ୍ଷ୍ୟ କରୁଥିବା ତଥା ଏକାଗ୍ର ହେଉଥିବା ମନ ଲକ୍ଷ୍ୟବସ୍ତୁରେ ଆପଣାକୁ ହରାଇ ବସେ । ତାହା ହୋଇପାରେ ଏକ ନାମ, ଏକ ଆକୃତି ବା ଏକ ଧାରଣା । ଏହା ଲକ୍ଷ୍ୟବସ୍ତୁର ଅନ୍ତଃସତ୍ତାରେ ନିମଜ୍ଜମାନ ହୋଇଯାଏ ଯାହାକି ଅନ୍ୟସବୁ ଚିନ୍ତାରୁ ଅବିମିଶ୍ର ଭାବେ ଚେତନା ମଧ୍ୟକୁ ଗୋଲାକାର (ରୋଲ୍) ପରି ଗୁଡ଼ାଯାଇଥିବା ବସ୍ତୁ ଖୋଲିଗଲା ପରି ଖୋଲିଯାଏ । ଏହାହିଁ ହେଉଛି ଧ୍ୟାନ ଯେଉଁଠି ମାନସିକ ଶୂନ୍ୟତା ଉପରେ ନିରବଚ୍ଛିନ୍ନ ଏକାତ୍ମତା ରହିଥାଏ, ପ୍ରତ୍ୟୟିକାତନତା ଧ୍ୟାନମ୍ [୧]... ଗୋଟିଏ ବିନ୍ଦୁରେ ଏକାଗ୍ର ହେବାପରି କିଛି ନଥାଏ । ସମଗ୍ର ମନ (ଓ ତା'ର ପଶ୍ଚାତରେ ସମସ୍ତ ଚେତନା) ଧ୍ୟାନର ଲକ୍ଷ୍ୟ ବସ୍ତୁ ସହ ଏକାତ୍ମ ହୋଇଯାଏ ଯାହା ମନକୁ ପୂର୍ଣ୍ଣ କରେ ଓ କହିବାକୁ ଗଲେ ବାସ୍ତବରେ ସେହି ବିଷୟ (ଧ୍ୟାନ କରୁଥିବା ମନ) ହୋଇଉଠେ । ଧ୍ୟାନ ସମୟରେ ମନ ଏକାଗ୍ରତାର ଚାପ ଏବଂ ପ୍ରୟାସରୁ ମୁକ୍ତ ଥାଏ । ଏହା ସ୍ୱତଃ କୋହଳ ହୋଇଯାଏ ଓ ଲକ୍ଷ୍ୟର ଅନ୍ତଃସତ୍ତା ମଧ୍ୟକୁ ମୁକ୍ତ ହୋଇଯାଏ । ଏଣୁ ଏହାହିଁ ହେଉଛି ଏକାଗ୍ରତା ଓ ଧ୍ୟାନ ମଧ୍ୟରେ ପ୍ରଭେଦ; ଏକାଗ୍ରତା ହେଲା ଏକ ଗଭୀର ମନୋଯୋଗିତାର ସ୍ତରକୁ ବ୍ୟକ୍ତିର ଚେତନାର ସକଳ ଅଂଶକୁ ଆହ୍ୱାନ ଓ ଉତ୍ତୋଳନ; ଧ୍ୟାନ ହେଉଛି ଏକତ୍ରିତ ଚେତନାର ଏକ ଗ୍ରହଣକ୍ଷମ ଅବସ୍ଥା ମଧ୍ୟକୁ ବିମୁକ୍ତି ତଥା ଅଭିନିବିଷ୍ଟ ବସ୍ତୁ ସହ ଏକାତ୍ମତା । ଏହିପରି ଏକ ପରିପୂର୍ଣ୍ଣ ଧ୍ୟାନାବସ୍ଥା, ସାମ୍ପ୍ରଧାନେ[୨] ବ୍ରହ୍ମ ଚେତନା ଉପଲବ୍ଧ ହୋଇପାରେ ।

### ସମାଧି

ଯେତେବେଳେ ଧ୍ୟାନ ଅଗ୍ରଗତି କରେ ଏବଂ ଗଭୀରତର ହୁଏ ମନ ଅନ୍ୟସବୁ ବସ୍ତୁରୁ ଗ୍ରହଣଶୀଳତାକୁ ବାଦ୍ ଦେଇ ଲକ୍ଷ୍ୟ ବସ୍ତୁରେ ନିବିଷ୍ଟ ହୋଇଯିବା ଆରମ୍ଭ କରେ । ଚିନ୍ତା ଅବ୍ୟାହତ ରହିପାରେ । ମାତ୍ର ଏହା କେବଳ ଅଭିନିବିଷ୍ଟ ବସ୍ତୁ ମଧ୍ୟରେ ସୀମାବଦ୍ଧ ଥାଏ, ବାସ୍ତବରେ ଏଥିରୁହିଁ ଜନ୍ମଲାଭ କରେ ତିନୋଟି ଭିନ୍ନ ବିଭାଗ, ତ୍ରିପୁଟୀ, ଯାହାକି ଧ୍ୟାନର ପ୍ରାରମ୍ଭରୁ ବିଦ୍ୟମାନ ଥାଆନ୍ତି, ବିଷୟ (ଯେ ଧ୍ୟାନ କରେ), ଲକ୍ଷ୍ୟ ଓ ଜ୍ଞାନ, ସେମାନେ ସେମାନଙ୍କର ବିଭେଦର ରେଖାକୁ ଲିଭେଇ ଦେବାକୁ ଆରମ୍ଭ କରନ୍ତି, ଉପଲବ୍ଧିଶୀଳ ଚେତନା, ଉପଲବ୍ଧ ବସ୍ତୁ ଓ ଏବଂଭୂତ ଲବ୍ଧଜ୍ଞାନ ସମସ୍ତେ ଗୋଟିଏ ରେଖାରେ ମିଶିଯିବା ଆରମ୍ଭ କରନ୍ତି । ନିମଜ୍ଜମାନତାର ଏହି ଅବସ୍ଥା ଯେଉଁଠାରେ ମାନସସତ୍ତା ତା'ର ଅଲଗା ନିଜତ୍ୱ ହରାଏ ଏବଂ ଲକ୍ଷ୍ୟବସ୍ତୁର ସ୍ୱଭାବକୁ ପରିପୂର୍ଣ୍ଣରୂପେ ପରିଧାନ କରେ ଯେପରି ଏହା ତା' ସହ ତାଦାତ୍ମ୍ୟ ଲାଭ କରେ; ଏହାକୁ ସମାଧି ବୋଲି ଅଭିହିତ କରାଯାଏ[୩] । ଧ୍ୟାନ ସମୟରେ ବ୍ୟକ୍ତି ସଚେତ ଥାଏ : ସେ ଧ୍ୟାନ କରୁଅଛି । ଯେତେବେଳେ ଏହି ଅନୁଭୂତି ଅପସାରିତ

---

(୧) ଯୋଗସୂତ୍ର (୩ୟ, ୨)

(୨) ବ୍ରହ୍ମସୂତ୍ର (୩ୟ ୩, ୨୪)

(୩) କୂର୍ମପୁରାଣର ୬୪ତମ ଅଧ୍ୟାୟରେ ଏକ ଭାବୋଦ୍ଦୀପକ ଅନୁଚ୍ଛେଦ ରହିଛି ଯାହାକି ଧ୍ୟାନ ଦିଗକୁ ଗତି କରୁଥିବା ସୋପାନମାନଙ୍କ ବିଷୟରେ ଓ ସମାଧିରେ ଏହାର ଶୀର୍ଷାୟନ ବିଷୟରେ ଏକ ଯଥାର୍ଥ ବର୍ଣ୍ଣନା ଦେଇଥାଏ ।

ଇନ୍ଦ୍ରିୟମାନଙ୍କୁ ତାଙ୍କର ଲକ୍ଷ୍ୟମାନଙ୍କ ପ୍ରତି ସ୍ୱଭାବସିଦ୍ଧ ଗତିବୃତ୍ତିରୁ ପରିହାର କରି ଆଣିବାକୁ ପ୍ରତ୍ୟାହାର କହନ୍ତି । ମନକୁ ହୃଦୟ-ପଦ୍ମ, ନାଭି ବା ମସ୍ତକ ସ୍ଥାନରେ ଧରିରଖିବା ହେଉଛି ଧାରଣା । ମନକୁ ଏକ ନିର୍ଦ୍ଦିଷ୍ଟ ବସ୍ତୁର ଚତୁର୍ଦ୍ଦିଗରେ କେନ୍ଦ୍ରିତ କରିବା,

ହୁଏ, ତାହା ହୁଏ ସମାଧି, ଧ୍ୟାନବିସ୍ମୃତିଃ ସମାଧିଃ[୪] । ବିଭିନ୍ନ ସ୍ତରର ସମାଧି ରହିଛି, ପ୍ରଥମ ଛଅଟି ଯାହାକୁ ମଧ୍ୟ ସମ୍ପତ୍ତି ବୋଲି କୁହାଯାଏ । (ସେଗୁଡ଼ିକ ହେଲା) ଧ୍ୟେୟବସ୍ତୁର ସ୍ୱଭାବ ଗ୍ରହଣ କରିବାର ସ୍ତରସମୂହ ।

ପ୍ରଥମଟି ହେଲା ସବିତର୍କ ସମାଧି ଯେଉଁ ଅବସ୍ଥାରେ ଶବ୍ଦ, ନାମ, ଅର୍ଥ, ଆକୃତି ଓ ଜ୍ଞାନ ଏମାନଙ୍କର ସମ୍ପର୍କ ବିଷୟକ ଜ୍ଞାନ ଗୋଟିଏ ଉପଲବ୍ଧି-ପ୍ରବଣ ମନର ଏକ ନିମଜ୍ଜମାନ ଅବସ୍ଥା ମଧ୍ୟରେ ଗୁଡ଼େଇ ହୋଇ ରହିଥା'ନ୍ତି । ବିଷୟବସ୍ତୁ ଓ ଲକ୍ଷ୍ୟବସ୍ତୁ ମଧ୍ୟରେ ଦ୍ୱୈତତ୍ୱ ବଜାୟ ଥାଏ, ଆପେକ୍ଷିକତା ମଧ୍ୟ ବିଦ୍ୟମାନ ଥାଏ ।

ଯେତେବେଳେ ମନ ଏହି ଶବ୍ଦ ଏବଂ ଅର୍ଥର ଉପଲବ୍ଧିରୁ ମଧ୍ୟ ମୁକ୍ତ ହୁଏ ଏବଂ ବସ୍ତୁର ସ୍ୱଭାବର ପ୍ରତ୍ୟକ୍ଷଜ୍ଞାନରେ ପୂର୍ଣ୍ଣ ହୁଏ, ଏହାକୁ ନିର୍ବିତର୍କ ସମାଧି କୁହାଯାଏ ।

ଉପରୋକ୍ତ ଦୁଇଟି ଅବସ୍ଥା ଅପେକ୍ଷାକୃତ ସ୍ଥୂଳତର ଓ ଘନତର ଧ୍ୟେୟବସ୍ତୁ ସମ୍ପର୍କରେ ନିର୍ଦ୍ଦେଶ ଦିଏ । କେତେବେଳେ ଧ୍ୟେୟବସ୍ତୁ ସୂକ୍ଷ୍ମ ଧରଣର – ସୂକ୍ଷ୍ମ ଉପାଦାନ ଗୁଣରାଜି ଅମୂର୍ତ୍ତ ଧାରଣା – ଇତ୍ୟାଦି – ଯେଉଁ ନିମଜ୍ଜମାନ ଅବସ୍ଥାରେ ଚିନ୍ତାର ଗତି କାଳ, ସ୍ଥାନ ଏବଂ କାରଣକାରିତା ମଧ୍ୟରେ କାର୍ଯ୍ୟକରେ ତାହାକୁ ସବିଚାର ସମାଧି (reflective) କୁହାଯାଏ ।

ଯେତେବେଳେ ଏହା ଏହି ବିଭାଗକାରୀ ଚିନ୍ତାରୁ ମଧ୍ୟ ମୁକ୍ତ ହୁଏ[୫] ଏହାକୁ ନିର୍ବିଚାର ବା Suprareflective ସମାଧି କହନ୍ତି । ଯେତେବେଳେ ଏହି ନିର୍ବିଚାର ସମାଧି ନିଜକୁ ଦୃଢ଼ରୂପେ ପ୍ରତିଷ୍ଠିତ କରେ ସେତେବେଳେ ଏକ ଉତ୍‌ଫୁଲ୍ଲିତ ଆନନ୍ଦ ତଥା ଉଦ୍ୟମ ବିହୀନ ଜ୍ଞାନର ଅନୁଭବ ଆସିଥାଏ ।

ଚେତନାର ଏହି ସ୍ତରରେ ବ୍ୟକ୍ତି ଜ୍ଞେୟବସ୍ତୁ ଅପେକ୍ଷା ଜ୍ଞାନର ଆନ୍ତର ସାଧନଗୁଡ଼ିକ ବିଷୟରେ ଅଧିକ ସଚେତ ଥାଏ, ଗ୍ରାହ୍ୟ ଅପେକ୍ଷା ଗ୍ରହଣରେ ବ୍ୟକ୍ତି ଅନ୍ତଃକରଣ ବିଷୟରେ ସଚେତ ହୁଏ, ଯାହା ହେଲା, ସତ୍ତ୍ୱଗୁଣ ଦ୍ୱାରା ଆଚ୍ଛନ୍ନ ବୋଧଶକ୍ତିର ଆନ୍ତର ଉପକରଣ । ଏହାକୁ ସାନନ୍ଦ ସମାଧି (delightful) କହନ୍ତି ।

ଏହାଠାରୁ ଆହୁରି ଉଚ୍ଚତର ଅବସ୍ଥା ଅଛି । ଯେତେବେଳେ ବ୍ୟକ୍ତି ଚିନ୍ତା ପ୍ରବାହର ଅନୁଭବକୁ ମଧ୍ୟ ଅତିକ୍ରମ କରିଯାଏ; ଗ୍ରହଣ ଏବଂ ଗ୍ରାହକର ସମଗ୍ର ଚେତନା ଉର୍ଦ୍ଧ୍ୱଗାମୀ ହୁଏ କେବଳହିଁ ଜ୍ଞାନୀ(ଗ୍ରାହକ)ର ଆତ୍ମସତ୍ତା, ବ୍ୟକ୍ତିର ପୁରୁଷ ବୁଦ୍ଧିରେ କିଂବା ତା'ର ବୋଧିସତ୍ତାର ଅନ୍ତରତମ ପ୍ରଦେଶରେ ପ୍ରତିଫଳିତ ହୁଏ ଏବଂ କେବଳ 'ମୁଁ', 'ଅସ୍ମି'ର ଅନୁଭବ ହୁଏ । ଚେତନା ତଥାପି ମଧ୍ୟ ବିଶୁଦ୍ଧତମ ଆତ୍ମଚେତନା ହୋଇ ନ ଥାଏ । କେବଳ ସତ୍ତାର ଗୋଟିଏ ପ୍ରତିଫଳନ ପଡ଼ିଥାଏ । ତଥାପି ମଧ୍ୟ ଅହଂକାରର ଉପାଦାନ ଯେତେ ସୂକ୍ଷ୍ମଭାବରେ ହେଲେହେଁ ବିଦ୍ୟମାନ ଥାଏ । ଏହାକୁ ସସ୍ମିତ ସମାଧି କହନ୍ତି, ଯାହା ହୁଏ ବ୍ୟକ୍ତିର ସଚେତନତା ସହ ।

ବ୍ୟକ୍ତିକୁ ସନ୍ତୁଷ୍ଟିର ଏହି ଅବସ୍ଥାରେ ଅପେକ୍ଷା କରି ନ ଯାଇ ଅଧିକ ଆଗକୁ ଯିବାକୁ ହୁଏ । ସାଧକକୁ ରସାସ୍ୱାଦର ପ୍ରଲୋଭନ, ଏଠାରେ ମିଳୁଥିବା ଆନନ୍ଦର ପରିତୋଷମୟ ଉପଭୋଗ ବିରୋଧରେ ସତର୍କ କରିଦିଆଯାଏ । ପୂର୍ଣ୍ଣ ଅନୁଭୂତିର ପଥରେ, ବାସ୍ତବପକ୍ଷେ, ଏହାକୁ ପ୍ରଧାନ ବାଧାମାନଙ୍କରୁ[୬] ଗୋଟିଏ ଭାବରେ ବିଚାର କରାଯାଏ ।

ଉପର ବର୍ଣ୍ଣିତ ସବୁ ସମାଧି ଅବସ୍ଥାର ସ୍ତରମାନଙ୍କରେ

---

ଅନ୍ୟ କୌଣସି ଗତିବୃତ୍ତିର ଅନୁପ୍ରବେଶ ବିନା ତାହାର ପ୍ରବାହକୁ ସେଠାରେ ଧରିରଖିବା ହେଉଛି ଧ୍ୟାନ । ତାହା ହୋଇଉଠେ ସମାଧି ଯେତେବେଳେ ମନ ଆଉ ଲକ୍ଷ୍ୟ ଉପରେ ନିର୍ଭର ନ କରି ଲକ୍ଷ୍ୟର ଅର୍ଥରେ ଏକାତ୍ମ ହୋଇଯାଏ । ବାରଟି ପ୍ରାଣାୟାମରେ ହୁଏ ଗୋଟିଏ ଧାରଣା, ବାରଟି ଧାରଣାରେ ହୁଏ ଗୋଟିଏ ଧ୍ୟାନ ଓ ବାରଟି ଧ୍ୟାନରେ ହୁଏ ଗୋଟିଏ ସମାଧି । (୩୮-୪୭)

(୪) ମଣ୍ଡଳ ବ୍ରାହ୍ମଣ ଉପନିଷଦ୍ । (୧-୧)

(୫) ''ଧ୍ୟାନ ଆରୋହଣ କରେ ସମାଧିର ଧାରେ,
ଚିନ୍ତନର ବୃହତ୍ ସୋପାନମାନେ ଆରୋହନ୍ତି ଅଜନ୍ମା ଶିଖର
ଯେଉଁଠି କାଳର ଅନନ୍ତ ଶ୍ରେଣୀ ଛୁଇଁଥାଏ ଅନନ୍ତଙ୍କ ଆକାଶସମୂହ,
ଏବଂ ପ୍ରକୃତି କହଇ କଥା ପରମ ଆତ୍ମାରେ ।''

(Savitri, Book II, Canto - 11) – Sri Aurobindo

(୬) ଅନ୍ୟଗୁଡ଼ିକ ହେଉଛି ଲୟ (ସୁଷୁପ୍ତି), ବିକ୍ଷେପ (ମନର ଚାଞ୍ଚଲ୍ୟ), କଷାୟ (ଲୁକ୍କାୟିତ ସଂସ୍କାର) ଇତ୍ୟାଦି ।

ଯାହାକୁ ସଂପ୍ରଜ୍ଞାତ ସମାଧି କୁହନ୍ତି : ସମାଧି ଯେଉଁଥିରେ ଗୋଟିଏ ଜ୍ଞାନ ଥାଏ – ଥାଏ କୌଣସି ନା କୌଣସି ପ୍ରକାରର ତତ୍ପରତା ବା ବିକଳ୍ପ ଯାହା ବୃତ୍ତି ଅଥବା କ୍ଷୁଦ୍ର ଇଚ୍ଛାଟିଏକୁ ଜାଗି ଉଠିବାକୁ ଦିଏ । ଯାହାକି ସଂସ୍କାର ବା ଭବିଷ୍ୟତ୍ କର୍ମଧାରା ପାଇଁ ପରବର୍ତ୍ତୀ ଅବସ୍ଥାରେ ବୀଜ ସୃଷ୍ଟି କରେ । ଏଣୁ ଏଥିପାଇଁ ଏହାକୁ ସବୀଜ ସମାଧି କହନ୍ତି, ବୀଜ ସହ ଆହୁରି ମଧ୍ୟ ଏହି ସବୁ ସମାଧି ଅବସ୍ଥାରେ ଗୋଟିଏ ଲକ୍ଷ୍ୟବସ୍ତୁ ଥାଏ । ଏହା ଏକ ଭୌତିକ ବସ୍ତୁ ନ ହୋଇପାରେ, ତଥାପି ଏହା ଏକ ଲକ୍ଷ୍ୟବସ୍ତୁ ଯାହା ଉପରେ ମାନସିକ ଚେତନା ନିଜର ଅବଲମ୍ବନଟି ରୂପେ ଆଶ୍ରୟ ନିଏ । ତେଣୁ ଏହାକୁ ମଧ୍ୟ ସାବଲମ୍ବ ସମାଧି କହନ୍ତି ।

ଯେତେବେଳେ ନିର୍ବିଚାର ସମାଧି ଲକ୍ଷ୍ୟ ବସ୍ତୁର ଚରିତ୍ର ସମ୍ବନ୍ଧରେ ଅତି ପ୍ରତିକ୍ଷେପକ ବ୍ୟୁତ୍ପତ୍ତିରେ ପ୍ରତିଷ୍ଠିତ ହୋଇଉଠେ ଓ ପରିପକ୍ୱ ହୁଏ, ଅତି-ଚେତନ ଜ୍ଞାନ ଉଦ୍ଭାସିତ ହୁଏ, ସେହି ଜ୍ଞାନ ଯାହା ମାନବୀୟ ମନର କାର୍ଯ୍ୟଧାରା ଉପରେ ପର୍ଯ୍ୟବସିତ ନୁହେଁ । ଏହିପରି ଉପଲବ୍ଧ ଚେତନାକୁ ଋତାମ୍ଭରପ୍ରଜ୍ଞା(୭) କୁହାଯାଏ, ଜ୍ଞାନ ଯାହା ସତ୍ୟକୁ ଧାରଣ କରେ । ଏହି ସତ୍ୟଜ୍ଞାନର ପ୍ରବାହ ନିମ୍ନମନର ବୃତ୍ତିସବୁକୁ ଧ୍ୱଂସ କରିଦିଏ ।

ଏପରିକି ଏହି ଜ୍ଞାନର ସ୍ରୋତକୁ ଯାହା ମୌଳିକତାରେ ଯେତେ ଉଚ୍ଚ ହେଉ ନା କାହିଁକି ଯୋଗଶାସ୍ତ୍ର ମତରେ ଅବରୋଧ ଓ ଶାନ୍ତ କରିବାକୁ ହୁଏ । ଯେତେବେଳେ ତାହା ମଧ୍ୟ ଫଳପ୍ରଦ ଭାବେ ସାଧିତ ହୁଏ, ସମାଧି ଶୀର୍ଷାୟିତ ହୁଏ; ଏହା ହୁଏ ନିର୍ବୀଜ ସମାଧି, ସେହି ତନ୍ମୟତା ଯାହାର କୌଣସି ବୀଜ ନଥାଏ; ନିରାଲମ୍ବ ସମାଧି ଯହିଁରେ ମନକୁ ତା'ଉପରେ ଧରି ରଖିବାକୁ ଅବଲମ୍ବନ ନ ଥାଏ; ମନ ଆତ୍ମାରେ ହୁଏ ଏକାତ୍ମ; ଅସଂପ୍ରଜ୍ଞାତ ସମାଧି (ନିର୍ବିକଳ୍ପ) ଯେତେବେଳେ ଚେତନାରେ ନଥାଏ କିଛି ବି ସ୍ପନ୍ଦନ ଏପରିକି ଜ୍ଞାନର ଦିଗରେ ମଧ୍ୟ । ଚେତନା ଥାଏ ଶାନ୍ତ, ଏକାନ୍ତ, କେବଳମ୍ । ଉପନିଷଦ୍ କହେ(୮) ଯେପରି ତରଙ୍ଗ-ବିହୀନ ସମୁଦ୍ର । ଆତ୍ମପୁରୁଷ ହୁଅନ୍ତି ଆପଣାର ମହିମାରେ ଉଦ୍ଭାସିତ ।

(କ୍ରମଶଃ)

ଇଂରାଜୀ *Dhyana* ପୁସ୍ତକରୁ

ଅନୁବାଦ : ରଜନୀକାନ୍ତ ମିଶ୍ର ❑

---

(୭) ଏହି ଅବସ୍ଥାରେ ଅନ୍ୟ ଏକ ବିଭାଗୀକରଣ ଅନୁସାରେ ଅଛି ବିବେକଖ୍ୟାତି, ବିଭେଦଦର୍ଶୀ ଜ୍ଞାନ, ଆତ୍ମା ଓ ଅନାତ୍ମା ମଧ୍ୟରେ; ପୁରୁଷ ଏବଂ ଚିତ୍ତ ମଧ୍ୟରେ । ଯେତେବେଳେ ଏହି ଜ୍ଞାନ ବନ୍ଧମୂଳ ଉପାଦାନ ଯଥା : ଅସ୍ମିତ, ଅହଂକାର ଏବଂ ବନ୍ଧନ ଆଦିଙ୍କୁ ନଷ୍ଟ କରିଦିଏ, ଯେତେବେଳେ ଆତ୍ମାର ଏକ ପୃଥକ୍ ଅବସ୍ଥିତି ସମ୍ପର୍କରେ ଧାରଣା ହୁଏ । ଏହି ଧାରଣା ମଧ୍ୟ ପ୍ରତ୍ୟକ୍ଷ ଜ୍ଞାନ ନୁହେଁ । ଏହା ଜ୍ଞାନର ଏକ ପ୍ରତିଫଳିତ ଅବସ୍ଥା, ବୃତ୍ତି ଯାହାକୁ ଅତି ଉଚ୍ଚ ପରା-ବୈରାଗ୍ୟ ଦ୍ୱାରା ଅତିକ୍ରମ କରିବାକୁ ହୁଏ । ଯେତେବେଳେ ତାହା ସିଦ୍ଧ ହୁଏ ସେତେବେଳେ ଧର୍ମମେଘ-ସମାଧି ଉପନୀତ ହୁଏ ଯାହା ହେଉଛି ଆସିବାକୁ ଥିବା ମୁକ୍ତି ଅସରାର ଅଗ୍ରଦୂତ ।

(୮) ନିସ୍ତରଙ୍ଗ ସମୁଦ୍ରବତ୍ (ମଣ୍ଡଳ ବୃହତ୍ ଆରଣ୍ୟକ ଉପନିଷଦ୍ : ୨ୟ, ୩)

---

ଆନ୍ତର ଏକାଗ୍ରତାର ସାଧନା ନିମ୍ନଲିଖିତ କଥାଗୁଡ଼ିକୁ ନେଇ ଗଠିତ :

୧. ଚେତନାକୁ ହୃଦୟରେ କେନ୍ଦ୍ରିତ କରିବା ଓ ସେଠାରେ ଦିବ୍ୟଜନନୀଙ୍କ ସମ୍ବନ୍ଧୀୟ ଧାରଣା, ତାଙ୍କ ସ୍ୱରୂପ କିଂବା ତାଙ୍କ ନାମ, ଯେଉଁ ଗୋଟିକ ତୁମ ପାଇଁ ସହଜତମ ବୋଧ ହୁଏ ତା' ଉପରେ ଏକାଗ୍ର ହେବା ।

୨. ହୃଦୟରେ ଏକାଗ୍ରତା ମାଧ୍ୟମରେ ମନକୁ କ୍ରମାଗତ ପ୍ରଗତିଶୀଳ ଭାବେ ନିଶ୍ଚଳ କରିବା ।

୩. ହୃଦୟ ମଧ୍ୟରେ ଦିବ୍ୟଜନନୀଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ମନ, ପ୍ରାଣ ତଥା କ୍ରିୟା ସକଳର ନିୟନ୍ତ୍ରଣ ନିମନ୍ତେ ଏକ ଅଭୀପ୍ସା ।

କିନ୍ତୁ ମନକୁ ନିଶ୍ଚଳ କରି ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ହେଲେ ପ୍ରଥମେ ପ୍ରକୃତିକୁ ଶୁଦ୍ଧ ଓ ପ୍ରସ୍ତୁତ କରିବା ଆବଶ୍ୟକ ।

**– ଶ୍ରୀଅରବିନ୍ଦ**

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୬)

**ସୁବ୍ବାରାଓ ଏବଂ ଦେବଦାସଙ୍କର ସାକ୍ଷାତ୍କାର :**

ଆନ୍ଧ୍ର ପ୍ରଦେଶର ବରେଣ୍ୟ ନେତା, ସୁନାମଖ୍ୟାତ ମନୀଷୀ, ଜି. ଭି. ସୁବ୍ବାରାଓ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ । ପରବର୍ତ୍ତୀ କାଳରେ କାକିନାଡ଼ାର ଈଶ୍ୱର ଲାଇବ୍ରେରିରେ ଆୟୋଜିତ ଏକ ସଭାରେ ସେ ତାଙ୍କର ସେହି ସାକ୍ଷାତ୍କାର ସମ୍ବନ୍ଧରେ ଭାଷଣ ଦେଇଥିଲେ । ୬ ମେ ୧୯୫୧ରେ ମାନ୍ଦ୍ରାସର 'ଦି ସନ୍‌ଡ଼େ ଟାଇମ୍‌ସ୍'ରେ ପ୍ରକାଶିତ ସେହି ଭାଷଣରୁ ଉଦ୍ଧୃତି :

''ଏହା ଥିଲା ଅକ୍‌ଟୋବର ୧୯୨୩; ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରଥମ କରି ତାଙ୍କ ପଣ୍ଡିଚେରୀ ଆଶ୍ରମରେ ସାକ୍ଷାତ୍ କରିଥିଲି । ସେ ତାଙ୍କର ବାସଭବନର ଉପର ମହଲାରେ ଏକ ଅଣଓସାରିଆ ବାରଣ୍ଡାରେ ଗଦିଥିବା ଛୋଟ ଚେୟାରରେ ବସିଥିଲେ । ... ସେଠାରେ ଅନ୍ଦାଜ ଆହୁରି ଦଶବାରଟି ଚେୟାର ରହିଥିଲା ଏବଂ ତାଙ୍କ ସାମନାରେ ଅଳ୍ପ ଉଚ୍ଚାର ଛୋଟ ଟେବୁଲଟିଏ ଥିଲା । ତା' ଉପରେ ବେଶ୍ କେତେଗୁଡ଼ିଏ ଖବରକାଗଜ ଓ କେତେକ ପୁସ୍ତକ ସହିତ ପୁଷ୍ପସଜ୍ଜିତ ଫୁଲଦାନି-ଟିଏ ବି ଶୋଭା ପାଉଥିଲା; ଏବଂ ସମୟର ଗତି ଜାଣିବା ସକାଶେ ପାର୍ଶ୍ୱରେ ଥିଲା ଏକ ଟେବୁଲ ଘଡ଼ି । କାହିଁକି ନା ସେଠାରେ ସବୁକିଛି କାର୍ଯ୍ୟକ୍ରମ ନିର୍ଭୁଲ ଭାବରେ ନିୟମନିଷ୍ଠ ଓ ଶୃଙ୍ଖଳାର ସହିତ ସମ୍ପାଦିତ ହେଉଥିଲା ।

''ଶ୍ରୀଅରବିନ୍ଦଙ୍କ ଅବୟବ ଥିଲା ଦୀପ୍ତିମାନ୍, ଅତ୍ୟନ୍ତ ଉଜ୍ଜ୍ୱଳ — ଶୁଣିଥିଲି ଏଥିପୂର୍ବରୁ ତାଙ୍କର ଶରୀର ପିଙ୍ଗଳ ବର୍ଣ୍ଣଠାରୁ ଅଧିକ ଶ୍ୟାମଳ ଥିଲା । ପୃଷ୍ଠଭାଗରେ ବିଲମ୍ବିତ କେଶଗୁଚ୍ଛ, ଆବକ୍ଷଲମ୍ବିତ ଶୀର୍ଣ୍ଣ ଶୃଙ୍ଖଳିତ ଶ୍ମଶ୍ରୁ, ତହିଁରେ ବିକ୍ଷିପ୍ତ ସ୍ୱଳ୍ପ ପକ୍ୱ କେଶ । ସୌଷ୍ଠବ କ୍ଷୀଣ ତନୁ, ଆକର୍ଷଣୀୟ ଆୟତ ନେତ୍ରଯୁଗଳ, ତହିଁରେ ତୀକ୍ଷ୍ଣ ଅନ୍ତର୍ଭେଦୀ ଦୃଷ୍ଟି । ପୋଷାକ ଥିଲା ସୁନ୍ଦର ଶୁଭ୍ର ଧୋତି, ନିଶ୍ଚିତରୂପେ ଖଦଡ଼ ନୁହେଁ, ଏବଂ ଦକ୍ଷିଣ ବାହୁ ଓ ସ୍କନ୍ଧ ଉନ୍ମୁକ୍ତ ଥାଇ ଶରୀରର ଉପରି ଭାଗରେ ରହିଥିଲା ପାରମ୍ପରିକ ରୀତିରେ ଉତ୍ତରୀୟ ସଦୃଶ ଅନ୍ୟ ଏକ ଧୋତି । ଗୋଡ଼ର ନିମ୍ନାଂଶ ସରୁ, କୋମଳ ଏବଂ ସାନ ସାନ ପାଦ ଦୁଇଟି ଚଟିଜୋତାରେ ଅର୍ଦ୍ଧ-ଲୁକ୍‌କାୟିତ ।

''ତାଙ୍କର କଣ୍ଠସ୍ୱର ଥିଲା ମୃଦୁ କିନ୍ତୁ ସୁଶ୍ରାବ୍ୟ, ପ୍ରାଣବନ୍ତ ଓ ମଧୁର । ମୁଖନିଃସୃତ କଥାର ପ୍ରବାହ ଥିଲା ଅବିରତ ଓ କ୍ଷିପ୍ର, ସ୍ଫଟିକ ସଦୃଶ ସୁସ୍ପଷ୍ଟ ଓ ନିରତିଶୟ ବିଶ୍ଲେଷଣାତ୍ମକ । ମାତ୍ର ପନ୍ଦର ମିନିଟ ଭିତରେ ସେ ମୋତେ ତାଙ୍କର ଯୋଗ-ଦର୍ଶନର ମୂଳତତ୍ତ୍ୱକୁ ସଂକ୍ଷେପରେ ବୁଝାଇ ଦେଲେ । ତାଙ୍କର ପ୍ରଶ୍ନ ପଚାରିବାରେ ସେ ଥିଲେ ଅତ୍ୟନ୍ତ ଅମାୟିକ ଓ ବିନମ୍ର; ଅକପଟ, ଅବାଧ ଓ ଅନୌପଚାରିକ ଥିଲା ତାଙ୍କର ପଚାରିବାର ଭଙ୍ଗୀ । ମୋର ବୋଧ ହେଲା ମୁହୂର୍ତ୍ତକ ନିରୀକ୍ଷଣରେ ସେ ଯେମିତି ବ୍ୟକ୍ତିକୁ ଅଧ୍ୟୟନ କରି ପାରୁଥିଲେ ଏବଂ ବ୍ୟକ୍ତିର ଫଟୋଗ୍ରାଫ ଦେଖି ତା'ର ଅନ୍ତଃକରଣର ସବୁକିଛି ଜାଣି ନେଉଥିଲେ ।

''ସମୟ-ଜ୍ଞାନକୁ ସେ ସର୍ବାଧିକ ଗୁରୁତ୍ୱ ଦେଉଥିବାର ଜଣା ପଡୁଥିଲା; ମୋ ସହିତ ନିର୍ଦ୍ଧାରିତ ୧୫ ମିନିଟ ପରେହିଁ ସେ ଘଡ଼ିକୁ ଅନାଇ ଛିଡ଼ା ହୋଇଗଲେ, ସତେ ଯେମିତି ମୋତେ ଇଙ୍ଗିତ ଦେଲେ ଯେ ଏବେ ମୋର ବିଦାୟ ନେବା ଉଚିତ । ଛୋଟ ଶିଶୁଟି ସହିତ ଜଣେ ବ୍ୟବହାରରେ ଯେମିତି ଅନୁକମ୍ପାଶୀଳ ହୋଇଥାଏ, ତାଙ୍କ ସହିତ ମୋର ପୂରା ସମୟଟିରେ ସେ ମୋ ପ୍ରତି ଠିକ୍ ସେମିତି ଥିଲେ । ତଥାପି, ମୁଁ ମୋର କ୍ଷୁଦ୍ର ବିଚାର-ବୁଦ୍ଧିରେ ତାଙ୍କ ଆଚରଣରୁ ହୃଦୟଙ୍ଗମ କରି ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ଆବଶ୍ୟକ ସ୍ଥଳେ ସେ ମଧ୍ୟ କଠୋର ଏବଂ ପ୍ରଭୁତ୍ୱବ୍ୟଞ୍ଜକ ହୋଇ ପାରୁଥିଲେ । ତାଙ୍କ ଯୋଗପଥରେ ଆକୃଷ୍ଟ ବ୍ୟକ୍ତିଗଣଙ୍କ ସହିତ ତାଙ୍କର ଗୁରୁ-ଶିଷ୍ୟର ଅତ୍ୟନ୍ତ ମଧୁର ସମ୍ପର୍କ ଥିଲା । ତଥାପି, ସେ କ୍ଷେତ୍ରରେ ମଧ୍ୟ, ଶିଷ୍ୟଟିକୁ ତାଙ୍କ ଅନ୍ତରରେ ନିତ୍ୟ ବିରାଜମାନ କରିବାକୁ ସେ ତା'ଠାରୁ ଐକାନ୍ତିକ, ସର୍ତ୍ତହୀନ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଆତ୍ମ-ସମର୍ପଣ ଦାବି କରୁଥିଲେ ।

''ଶ୍ରୀଅରବିନ୍ଦ ବହୁ ବର୍ଷ ଧରି ଏକ ଅଭିନବ ଯୋଗ-ସାଧନାରେ ସିଦ୍ଧିଲାଭ ନିମିତ୍ତ ନିମଗ୍ନ ରହିଛନ୍ତି, ଯଦ୍ଦ୍ୱାରା ତାଙ୍କର

ଦୃଢ଼ବିଶ୍ୱାସ, ପୃଥିବୀପୃଷ୍ଠରେ ବିଧିନିର୍ଦ୍ଦିଷ୍ଟ ଏକ ନୂତନ ଜୀବନଧାରାର ସୂତ୍ରପାତ ହେବ । ସେ ପ୍ରତିନିୟତ ଲକ୍ଷ୍ୟ କରି ଆସିଛନ୍ତି, ଯଦିଓ ଅସ୍ପଷ୍ଟ ଓ କମ୍ କ୍ରିୟାତ୍ମକ ଭାବରେ, ଯେ ପୃଥିବୀର ନୈତିକ, ଭୌତିକ, ସାମାଜିକ ଏବଂ ଏପରିକି ରାଜନୈତିକ ପ୍ରଭୃତି ଯାବତୀୟ ସମସ୍ୟାର ସ୍ଥାୟୀ ସମାଧାନ ନିମିତ୍ତ ଏକ ଊର୍ଦ୍ଧ୍ୱତର ଆଧ୍ୟାତ୍ମିକ ଶକ୍ତିର ପ୍ରୟୋଜନ ବା ହସ୍ତକ୍ଷେପ ଅପରିହାର୍ଯ୍ୟ ।...

''ଏହି ସତ୍ୟକୁ ଶ୍ରୀଅରବିନ୍ଦ ୧୯୦୭-୮ରୁ ତୀବ୍ର ଭାବରେ ଉପଲବ୍ଧି କରି ଆସିଥିଲେ ବି ଅପରିହାର୍ଯ୍ୟ ରୂପେ ତଥାପି ସେହି ଉପଲବ୍ଧି ଏବେ ବି ତାଙ୍କଠାରେ ଅସ୍ପଷ୍ଟ ଓ ଅସମ୍ପୂର୍ଣ୍ଣ । ସେହି ଊର୍ଦ୍ଧ୍ୱତର ଶକ୍ତିର ଗୁଣଧର୍ମ ବା କେଉଁ ପରିବେଶରେ ତଥା ତତ୍‌ସଂଶ୍ଲିଷ୍ଟ କେଉଁ ଅବସ୍ଥାଦିରେ ପୃଥିବୀପୃଷ୍ଠରେ ତାହା ସ୍ୱାଭାବିକ ଭାବରେ କ୍ରିୟାଶୀଳ ହୋଇପାରିବ – ଏ ସମ୍ବନ୍ଧେ ଗଭୀର ଅନୁଧ୍ୟାନପୂର୍ବକ ପୁଙ୍ଖାନୁପୁଙ୍ଖ ଭାବରେ ଜ୍ଞାନ ଆହରଣ କରିବାରେ ଏବଂ ପୃଥିବୀପୃଷ୍ଠରେ ତା'ର ଅବତରଣ ଘଟାଇବା ନିମିତ୍ତ ମୂଳସୂତ୍ର, ଅଭିଜ୍ଞତାଲବ୍ଧ ଜ୍ଞାନ ଓ ନିୟମ-ପଦ୍ଧତି ଆଦିକୁ ଯଥାର୍ଥ ରୂପେ ନିର୍ଦ୍ଧାରଣ କରିବାରେ ସେ ନିମଗ୍ନ ରହିଛନ୍ତି । ଏଥି ନିମିତ୍ତ ଯାବତୀୟ ବାହ୍ୟ କ୍ରିୟାକଳାପରୁ ନିଜକୁ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାହାର କରିନେବା ଅପରିହାର୍ଯ୍ୟ ବୋଲି ସେ ବିବେଚନା କରନ୍ତି, ଅନ୍ତତଃ ସାମୟିକ ଭାବେ, କିଛିକାଳ ସକାଶେ ।

''ଯୋଗ ସମ୍ବନ୍ଧରେ ଅଭୀପ୍ସୁ ବ୍ୟକ୍ତିଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଚିଠିପତ୍ର ଆଦାନ-ପ୍ରଦାନ, ବିଶେଷ କରି ସେହି ପ୍ରାରମ୍ଭିକ ଅବସ୍ଥାରେ ଶିଷ୍ୟମାନଙ୍କୁ ତାଙ୍କର ନିର୍ଦ୍ଦେଶାବଳି, ସୂଚାଇ ଦିଏ ଯେ ସେ ହେଉଛନ୍ତି ଜଣେ ସୁନିପୁଣ ପ୍ରବୀଣ ଚିକିତ୍ସକ, ଯିଏ ମୁହୂର୍ତ୍ତକରେ ବ୍ୟକ୍ତିର ତଥା ଘଟଣାରାଜିର ଗୁଣଧର୍ମ ଓ ଅବସ୍ଥାସବୁର ଆଧ୍ୟାତ୍ମିକ-ବ୍ୟାଧିର ଉପସର୍ଗସବୁ ନିର୍ଭୁଲ ଭାବରେ ଜାଣି, ରୋଗ ନିର୍ଣ୍ଣୟ କରି ନିଦାନ ବତାଇ ଦେଇପାରନ୍ତି । ଏପରିକି ବ୍ୟକ୍ତିର ଫଟୋଗ୍ରାଫ୍ ଦେଖି ମଧ୍ୟ ସେ ଏହା ଖୁବ୍ ଦକ୍ଷତାର ସହିତ ସମ୍ପାଦନ କରିପାରନ୍ତି । ଉଦାହରଣସ୍ୱରୂପ, ଜଣଙ୍କର ଫଟୋଗ୍ରାଫ୍ ଦେଖି ସେ ମନ୍ତବ୍ୟ ଦେଲେ, 'ଏହି ବ୍ୟକ୍ତି ଜଣଙ୍କ ଆଜନ୍ମ-ଯୋଗୀ' । ଭିନ୍ନ ଏକ କ୍ଷେତ୍ରରେ ସେ କହିଲେ, 'ଏହି ବ୍ୟକ୍ତିର ଚୈତ୍ୟିକ ସମ୍ବେଦନଶୀଳତା ପ୍ରତି ଏକ ତୀବ୍ର ଉତ୍ସାହ ରହିଛି । ତେଣୁ ଏ କ୍ଷେତ୍ରରେ, ଅଧୁନା, ହଠାତ୍ କରି ଚୈତ୍ୟିକ ପରୀକ୍ଷା ବା ଅନୁଶୀଳନ ନିମିତ୍ତ ସେ ନିଜକୁ ବ୍ୟାପୃତ ରଖିବା ଉଚିତ ନୁହେଁ ।' ପୁନଶ୍ଚ, ଚୈତ୍ୟିକ-ବିଶୃଙ୍ଖଳତାରେ ପୀଡ଼ିତ ହେଉଥିବା ଜଣେ ଶିଷ୍ୟଙ୍କ କ୍ଷେତ୍ରରେ, ସେ ତାଙ୍କ ଅନୁଜ ବାରୀନ୍ଦ୍ରଙ୍କୁ ଲେଖିଥିଲେ, 'ତୁମେ ଏ କ୍ଷେତ୍ରରେ ଏକେବାରେ ଅନଭିଜ୍ଞ । ସେହି ବ୍ୟକ୍ତିଟି ସମ୍ବନ୍ଧେ କିପରି ବ୍ୟବସ୍ଥା କରିବାକୁ ହେବ ତାହା ତୁମେ ଜାଣ ନାହିଁ । ତା' ସକାଶେ ସମ୍ପୂର୍ଣ୍ଣ ରୂପେ ଏକ ସୁସ୍ଥିର ଓ ଯତ୍ନକୃତ ସାବଧାନୀ ଚିକିତ୍ସା ବା ବ୍ୟବହାରର ଅତ୍ୟାବଶ୍ୟକତା ରହିଛି । ମୁଁ ବେଶ୍ ଦୂରରେ ରହିଛି, ତଥାପି ମଝିରେ ମଝିରେ, ଅଳ୍ପ ଦିନ ବ୍ୟବଧାନରେ, ମୋତେ ତା' ସମ୍ବନ୍ଧେ ସବୁ ନିର୍ଭୁଲ ଭାବରେ ଲେଖି ଜଣାଅ ।' ଥରେ ଖବର ଆସିବାରେ ବେଶ୍ ବିଳମ୍ବ ହେବାରୁ ସେ ତାଙ୍କ ଅନୁଜଙ୍କ ଉପରେ ହିମବାହ ସଦୃଶ ଚଢ଼ାଉ କରିବା ଭଙ୍ଗୀରେ ତାଙ୍କୁ ଲେଖିଲେ, 'ସମ୍ବାଦ ଜ୍ଞାପନରେ ମୋ ସହିତ ଏଇ ଧରଣର ଚାତୁରୀ କରି ଏଡ଼ାଇ ଯିବା ଚଳିବନି । ମୋର ଅତିମାନସିକ ଅବସ୍ଥିତିରେ ପ୍ରତ୍ୟେକଟି ବିଷୟକୁ ଖୁଣ୍ଟିଖାଣ୍ଟି ଶୃଙ୍ଖଳା ଓ ଯଥାର୍ଥତା ସହିତ କରାଯିବା ଅପରିହାର୍ଯ୍ୟ ।' ଦୂରରେ ଥିବା ଦୁର୍ବଳ ବା ଅସମର୍ଥ ଶିଷ୍ୟବର୍ଗଙ୍କୁ ଅତ୍ୟଧିକ ଯତ୍ନର ସହିତ ସେ ଯେମିତି ଦେଖାଶୁଣା କରୁଥିଲେ, ତା' ସମ୍ପୂର୍ଣ୍ଣତଃ ଅତୁଳନୀୟ ଓ ଅସାଧାରଣ । ଜଣଙ୍କ କ୍ଷେତ୍ରରେ ସେ ଏକ ସାଧାରଣ ଡାକ୍ତରୀ ଚିକିତ୍ସାର ପରାମର୍ଶ ଦେଲେ, ଅନ୍ୟ ଜଣଙ୍କୁ ସ୍ଥାନ ବଦଳାଇବାକୁ ନିର୍ଦ୍ଦେଶ ଦେଲେ ତ ତୃତୀୟଙ୍କୁ ଚୈତ୍ୟଗତ ଅନୁଶୀଳନ ତଥା ତତ୍ ସମ୍ପର୍କୀୟ କ୍ରିୟାକଳାପକୁ ସ୍ଥଗିତ ରଖିବାକୁ ତାଗିଦା କଲେ । ଏଇ ମୁହୂର୍ତ୍ତରେ ଚିଠିପତ୍ର ଲେଖିବାରେ ନିମଗ୍ନ ଅଛନ୍ତି ତ, ପରକ୍ଷଣରେ ଟେଲିଗ୍ରାମସବୁ ପ୍ରେରଣ କରୁଛନ୍ତି । ପୁନଶ୍ଚ ଏଇକ୍ଷଣି ତାଙ୍କ ଅନୁଜଙ୍କ ଉପରେ ସାମାନ୍ୟ ବିରକ୍ତ ହୋଇଉଠୁଛନ୍ତି ତ ପରକ୍ଷଣରେ କାହାକୁ ଚିକିତ୍ସାର ପରିବର୍ତ୍ତନ ସକାଶେ ପରାମର୍ଶ ଦେଉଛନ୍ତି – ତଥାପି ଦୂରରେ ଥିବା ଦୁର୍ବଳ ଶିଷ୍ୟମାନଙ୍କ ପ୍ରତି ଜଣେ ନିକଟତମ ସମ୍ପର୍କୀୟ ସଦୃଶ ସେ ସଦା ଉତ୍ସୁକ ଓ ଉଦ୍‌ବିଗ୍ନ । ଧରନ୍ତୁ ସେ ଜଣଙ୍କ ପାଖକୁ ଟେଲିଗ୍ରାମଟିଏ ପଠାଇଲେ, କିନ୍ତୁ ତାଙ୍କର ସନ୍ଦେହ ଉପୁଜିଲା – ହୁଏତ ତା' ପାଖରେ ଠିକ୍ ଠିକ୍ ପହଞ୍ଚି ନପାରେ, ତେଣୁ ଆଉ ଗୋଟିଏ ଠିକଣାରେ ପଠାଇବାକୁ ସିଦ୍ଧାନ୍ତ ନେଲେ ଯଦ୍ୱାରା ସେ ନିଶ୍ଚିତ ରୂପେ ଠିକ୍ ସମୟରେ ପାଇପାରିବ ଏବଂ ତା' ସମ୍ପାଦନ କରିବା ପରେହିଁ ସେ ନିଶ୍ଚିନ୍ତ ହେଲେ । ଶିଷ୍ୟମାନଙ୍କର କେତେକ ସୂକ୍ଷ୍ମ-ଦର୍ଶନ ସମ୍ବନ୍ଧେ ମନ୍ତବ୍ୟ ଦେବାକୁ ଯାଇ ସେ କହିଲେ ଯେ ଯୋଗ-ସାଧନା କ୍ଷେତ୍ରରେ ଏମିତି ସୂକ୍ଷ୍ମ-ଦର୍ଶନ ଅତି

ସାଧାରଣ । ମୀରା ଏମିତି ଶହ ଶହ ସୂକ୍ଷ୍ମ-ଦର୍ଶନ ଦେଖିଛନ୍ତି । ମୋର ମନେହୁଏ ଏହି ମୀରା ହେଉଛନ୍ତି ଜଣେ ଅସାଧାରଣ ନାରୀ । ୧୯୨୩ରେ ମଧ୍ୟ ସେ ଥିଲେ ଶ୍ରୀଅରବିନ୍ଦଙ୍କର ଅନୁଗାମୀଙ୍କ ମଧ୍ୟରେ ସର୍ବୋତ୍ତମ ଓ ଅତ୍ୟନ୍ତ ଉଚ୍ଚକୋଟୀର ସାଧିକା ଏବଂ ଅନେକ ସମସ୍ୟାରେ, ଏପରିକି ଯୋଗ-ସାଧନା କ୍ଷେତ୍ରରେ ମଧ୍ୟ ଶ୍ରୀଅରବିନ୍ଦ ତାଙ୍କର ପରାମର୍ଶ ଲୋଡୁଥିଲେ । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ସେ ବେଶ୍ ଅନେକ ଦିନରୁ ଆଶ୍ରମର ଦିବ୍ୟ-ଜନନୀ ହିସାବରେ ପ୍ରତିଷ୍ଠିତ ହୋଇଛନ୍ତି ।''

*

**୧୨ ଜୁନ୍ ୧୯୨୪ :**

ଶ୍ରୀଅରବନ୍ଦଙ୍କୁ ଜି. ଭି. ସୁବ୍ବାରାଓ ଏକ ପତ୍ର ଲେଖିଥିଲେ, ଯେଉଁଥିରେ କି ମହାତ୍ମାଗାନ୍ଧିଙ୍କର ପୁତ୍ର ଦେବଦାସ ଗାନ୍ଧିଙ୍କର ପଣ୍ଡିଚେରୀକୁ ଆସିବା କଥା ଉଲ୍ଲେଖ ଥିଲା ।

ଦେବଦାସ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ । (ପ୍ରକୃତ ତାରିଖର ବିବରଣ ନାହିଁ)

**୧୭ ଅଗଷ୍ଟ ୧୯୨୪ (ସାନ୍ଧ୍ୟ ବୈଠକ) :**

ହରିଭାଇ ଆମିନ୍ଙ୍କୁ ପୁରାଣୀ ପଚାରିଲେ : 'ଆପଣଙ୍କର ମହାତ୍ମାଗାନ୍ଧିଙ୍କ ସହ ପଣ୍ଡିଚେରୀ ଆଶ୍ରମର ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ହୋଇଥିବା କଥାବାର୍ତ୍ତା ସମ୍ବନ୍ଧେ କିଛି କହିବେ କି ?'

ହରିଭାଇ : ... ଗାନ୍ଧି ବମ୍ବେର ଜୁହୁରେ ଅବସ୍ଥାନ କରୁଥିବା ବେଳେ ମୁଁ ତାଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲି । ସେ ମୋତେ ପଚାରିଲେ ମୁଁ ପଣ୍ଡିଚେରୀ ଯାଇଛି କି ନାହିଁ । ମୁଁ କହିଲି, 'ହଁ, ମୁଁ ଯାଇଛି' ।

ଗାନ୍ଧି : ତୁମେ ଶ୍ରୀଅରବିନ୍ଦଙ୍କର ଯୋଗ-ମାର୍ଗ ଗ୍ରହଣ କରିଛ କି ?

ହରି : ହଁ ।

ଗାନ୍ଧି : ଶ୍ରୀଅରବିନ୍ଦଙ୍କ ସହିତ କେତେ ଜଣ ରହିଛନ୍ତି ?

ହରି : ପ୍ରାୟ ୨୦ ଜଣ ।

ଗାନ୍ଧି : ପଣ୍ଡିଚେରୀରୁ ଶ୍ରୀଅରବିନ୍ଦ କେବେ ଆସିବେ ବୋଲି ଭାବୁଛନ୍ତି ?

ହରି : ମୁଁ ଏ ବିଷୟରେ କିଛି ଜାଣେନି, କିନ୍ତୁ ତାଙ୍କର ସାଧନା ସମ୍ପୂର୍ଣ୍ଣ ହେବାକୁ ଆଉ ଦୁଇ, ତିନି ବର୍ଷ ଲାଗିଯାଇ ପାରେ ।

ଗାନ୍ଧି : କିନ୍ତୁ ପ୍ରଥମେ ତ କୁହା ଯାଉଥିଲା ସେ ୧୯୨୦ରେ ଚାଲିଆସିବେ, ତା'ପରେ ଶୁଣିଲୁ ୧୯୨୨ରେ, ଆଉ ତୁମେ ଏବେ କହୁଛ ଆହୁରି ଦୁଇ, ତିନି ବର୍ଷ ଲାଗିବ !*

ହରି : ମୁଁ ଏ ବିଷୟରେ କିଛି କହିପାରିବି ନାହିଁ । କିନ୍ତୁ ମୁଁ ଭାବୁଛି ଆହୁରି ଦୁଇ, ତିନି ବର୍ଷ ଲାଗିବ । ଆପଣ ଥରେ ପଣ୍ଡିଚେରୀକୁ ଯାଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରୁ ନାହାନ୍ତି କାହିଁକି ?

ଗାନ୍ଧି : ମୁଁ ଦେବଦାସକୁ ପଣ୍ଡିଚେରୀକୁ ପଠାଇଥିଲି । ସେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ଫେରିବା ପରେ ତା'ଠାରୁ ସାକ୍ଷାତ୍କାରର ବିବରଣୀସବୁ ଶୁଣି ମୋର ଆଉ ସେଠାକୁ ଯିବାକୁ ଆଦୌ ଇଚ୍ଛା ନାହିଁ । ଦେବଦାସ ତାଙ୍କୁ କେତୋଟି ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚାରିଥିଲା ।

ବୈଠକରେ ଉପସ୍ଥିତ କେତେକେ ଶ୍ରୀଅରବିନ୍ଦଙ୍କୁ ଦେବଦାସଙ୍କର ସେହି ପ୍ରଶ୍ନସବୁ ସମ୍ବନ୍ଧେ ପଚାରିଲେ ।

ଶ୍ରୀଅରବିନ୍ଦ : ମୋର ଏତିକି ମନେଅଛି – ସିଏ ମୋତେ 'ଅହିଂସା' ସମ୍ବନ୍ଧେ ମୋର ଦୃଷ୍ଟିକୋଣ ଜାଣିବାକୁ

---

* ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କରିବାର ପ୍ରାରମ୍ଭରୁ ଭାବିଥିଲେ ଯେ ତାଙ୍କ ଯୋଗ-ସାଧନାର ପରିସମାପ୍ତି ସକାଶେ ଖୁବ୍ ବେଶୀରେ ବର୍ଷେ କି ଦୁଇ ବର୍ଷ ଲାଗିବ । କିନ୍ତୁ ଦୁଇ ବର୍ଷ ସମାପ୍ତି ହେବା ପୂର୍ବରୁ ତାଙ୍କର ଆଧ୍ୟାତ୍ମିକ ଜୀବନ ଓ ଉପଲବ୍ଧି ଏପରି ଭାବରେ ଶକ୍ତିରେ ଓ ବ୍ୟାପ୍ତିରେ କ୍ରମାନ୍ୱୟରେ ବଢ଼ିଚାଲିଲା ଯେ ତାହା ତାଙ୍କୁ ସମ୍ପୂର୍ଣ୍ଣରୂପେ ଅଧିକାର କରି ବସିଲା ଏବଂ ତାଙ୍କର ସମସ୍ତ କର୍ମ, ତାଙ୍କର ଦିବ୍ୟ-ଉପଲବ୍ଧି ଓ ଦିବ୍ୟଜୀବନର ଅଙ୍ଗୀଭୂତ ହୋଇଉଠିଲା । ଦୁଇ ବର୍ଷ ଚାରି ବର୍ଷକୁ ଘୁଞ୍ଚିଗଲା, ତା'ପରେ ଦଶ ବର୍ଷକୁ, ପରେ କୋଡ଼ିଏକୁ । ଏହି ସମୟକାଳ ଭିତରେ ସେ ନିଜର କର୍ମଭୂମି ବେଙ୍ଗଲକୁ ଫେରିଯିବା ଧାରଣାକୁ ଏକେବାରେ ତ୍ୟାଗ କରି ନଥିଲେ । କିନ୍ତୁ ଇତିମଧ୍ୟରେ ତାଙ୍କର ଲକ୍ଷ୍ୟ ଦେଶସେବା ଓ ଦେଶମୁକ୍ତିର ଲକ୍ଷ୍ୟକୁ ଅତିକ୍ରମ କରି ଏପରି ଏକ ଲକ୍ଷ୍ୟ ଉପରେ ନିବିଷ୍ଟ ହେଲା ଯାହା ବିଶ୍ୱବ୍ୟାପୀ ଏବଂ ଯାହାର ସମ୍ପର୍କ ଥିଲା ସମଗ୍ର ମାନବଜାତିର ଭବିଷ୍ୟତ୍ ସହିତ । ପରିଶେଷରେ ପଣ୍ଡିଚେରୀ ହୋଇଉଠିଥିଲା ଚିର ଦିନ ସକାଶେ ପରାତ୍ପର ଶକ୍ତିଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ତାଙ୍କର 'ତପସ୍ୟାର ଗୁହା' ।

ଚାହିଁଥିଲେ । ମୁଁ ତାଙ୍କୁ ପ୍ରଶ୍ନ କଲି : 'ଧର, ଆଫଗାନ୍‌ମାନେ ଭାରତକୁ ଆକ୍ରମଣ କଲେ । ତୁମେ 'ଅହିଂସା' ପନ୍ଥା ଅବଲମ୍ବନ କରି କିପରି ପ୍ରତିଦ୍ୱନ୍ଦ୍ୱୀ ହିସାବରେ ସେମାନଙ୍କର ସମ୍ମୁଖୀନ ହେବ ?' ବାସ୍, ଏତିକି ମନେଅଛି । ସେ ମୋତେ ଅନ୍ୟ କିଛି ପଚାରିଥିବାର ସ୍ମରଣରେ ଆସୁ ନାହିଁ ।

୧୯୩୩ରେ ଗୋବିନ୍ଦଭାଇ ପଟେଲ ଶ୍ରୀଅରବିନ୍ଦଙ୍କୁ ଗାନ୍ଧିଙ୍କର ଲିଖିତ ଏକ ପୋଷ୍ଟକାର୍ଡ଼ ଦେଖାଇ କହିଲେ, 'ଯଦି ଆପଣ ଭାବନ୍ତି ଯେ ଗାନ୍ଧି ଆପଣଙ୍କଠାରୁ କିଛି ଗ୍ରହଣ କରିପାରିବେ, ତେବେ ଦୟାକରି ତାଙ୍କୁ ଆପଣଙ୍କ ସହ ସାକ୍ଷାତ୍ କରିବା ସକାଶେ ଅନୁମତି ଦିଅନ୍ତୁ ।'

୨୮ ଡିସେମ୍ବର ୧୯୩୩ରେ ଗୋବିନ୍ଦ ଭାଇଙ୍କୁ ଶ୍ରୀଅରବିନ୍ଦ ଏହି ମର୍ମରେ ଲେଖି ଜଣାଇଲେ ଯେ ଏହା ସମ୍ଭବ ନୁହେଁ ।

୨ ଜାନୁଆରୀ ୧୯୩୪ରେ ଶ୍ରୀଅରବିନ୍ଦଙ୍କୁ ଗାନ୍ଧି ନିଜେ ଲେଖିଲେ : ''ଆପଣ ବୋଧହୁଏ ଏ ବିଷୟରେ ଅବଗତ ଥିବେ ଯେ ମୁଁ ଭାରତକୁ ଫେରି ଆସିବା (୧୯୧୫) ପରଠାରୁ ଆପଣଙ୍କ ସହିତ ମୁହାଁମୁହିଁ ସାକ୍ଷାତ୍ କରିବା ସକାଶେ ଉତ୍କଣ୍ଠିତ ଥିଲି । ତା' ନକରି ପାରିବାରୁ ମୁଁ ମୋର ପୁତ୍ରକୁ ଆପଣଙ୍କ ପାଖକୁ ପଠାଇଥିଲି ୧୯୨୪ରେ । ଏବେ ଏହା ପ୍ରାୟ ନିଶ୍ଚିତ ଯେ ମୁଁ ପଣ୍ଡିଚେରୀ ଯାଉଛି, ଆପଣ ଆପଣଙ୍କ ସମୟର କେତୋଟି ମିନିଟ ମୋ ପାଇଁ ଦେବେ କି ?...''

ଶ୍ରୀଅରବିନ୍ଦ ୭ ଜାନୁଆରୀ ୧୯୩୪ରେ ଏହି ମର୍ମରେ ଲେଖି ଜଣାଇଲେ : ''ପ୍ରିୟ ମହାତ୍ମାଜି,... ମୋର ମନେହୁଏ ଆପଣ ନିଶ୍ଚୟ ବୁଝିବେ ଯେ ମୋର ନିଭୃତବାସ ବ୍ୟକ୍ତିଗତ ବା ମାନସକୃତ ସିଦ୍ଧାନ୍ତ ନୁହେଁ, କିନ୍ତୁ ମୋ କର୍ମ ଓ ସାଧନାର ଆନ୍ତର ଆବଶ୍ୟକତା ସକାଶେ ଏକ ଗଭୀରତର ଉତ୍ସରୁ ଉଦ୍ଭୂତ କିଛି ନୈର୍ବ୍ୟକ୍ତିକ ସିଦ୍ଧାନ୍ତ । ତେଣୁ ଆପଣଙ୍କୁ ସ୍ୱାଗତ କରିବା ମୋ ପକ୍ଷରେ ଅସମ୍ଭବ । ମୁଁ ଗତ କେତେ ବର୍ଷ ଧରି ଯେଉଁ ନିୟମକୁ କଠୋର ଭାବରେ ପାଳନ କରି ଆସୁଛି, ତା' ଏବେ ଲଂଘନ କରିପାରିବି ନାହିଁ ।''

ପୁଣି ୨୪ ଜାନୁଆରୀ ୧୯୩୪ରେ, ପଣ୍ଡିଚେରୀରେ ଅବସ୍ଥାନ କାଳରେ, ଗାନ୍ଧି ତାଙ୍କର ରହଣୀକାଳ ବଢ଼ାଇ ଦେଇ ଶ୍ରୀମା'ଙ୍କୁ ସାକ୍ଷାତ୍ କରିବାକୁ ତୀବ୍ର ଭାବରେ ଆଗ୍ରହ ପ୍ରକାଶ କରି ଗୋବିନ୍ଦଭାଇଙ୍କ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖି ମଧ୍ୟ ସଫଳ ହୋଇପାରି ନଥିଲେ ।

ଶ୍ରୀଅରବିନ୍ଦ ଗୋବିନ୍ଦଭାଇଙ୍କୁ ଲେଖିଲେ : ''ତୁମେ ଗାନ୍ଧିଙ୍କୁ କୁହ ଯେ ବର୍ତ୍ତମାନର ପରିସ୍ଥିତି ଯେମିତି, ଶ୍ରୀମା'ଙ୍କ ପକ୍ଷରେ ତାଙ୍କୁ ସ୍ୱାଗତ କରିବା ଏକେବାରେ ଅସମ୍ଭବ ।''

*

୧୯୩୯ର ଶେଷ ଆଡ଼କୁ ସୁରେନ୍ଦ୍ର ମୋହନ ଘୋଷ, ଯିଏକି ପୂର୍ବତନ ବିପ୍ଳବୀ ଏବଂ ବେଙ୍ଗଲ କଂଗ୍ରେସ କମିଟିର ପ୍ରେସିଡ଼େଣ୍ଟ, ପଣ୍ଡିଚେରୀରେ ଥିଲେ । କଥାଛଳରେ ସେ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଏକ ପ୍ରସ୍ତାବ ବାଢ଼ିଲେ ଯେ ଆପଣ ଏବଂ ଗାନ୍ଧି ଏକତ୍ର ମିଳି ଦେଶର ଉପସ୍ଥିତ ପରିସ୍ଥିତି ଉପରେ ଆଲୋଚନା କରିପାରନ୍ତି । ଶ୍ରୀଅରବିନ୍ଦ ଏହି ପ୍ରସ୍ତାବରେ ରାଜି ହୋଇ କହିଲେ, ''ଗାନ୍ଧି ବର୍ତ୍ତମାନ ଆସି ପାରନ୍ତି; ପୂର୍ବରୁ ଆମ ଭିତରେ ରାଜନୈତିକ ମତ ବିରୋଧ ରହିଥିଲା ସତ, କିନ୍ତୁ ଏବେ ନୁହେଁ । ସେ ମୋତେ ସାକ୍ଷାତ୍ କରିପାରନ୍ତି, ଏକଥା ତାଙ୍କୁ ଜଣାଇଦିଅ ।''...

ପରବର୍ତ୍ତୀ ପରିସ୍ଥିତି ଯାହା ବି ହେଉ, କିନ୍ତୁ ଦୁଇ ଜଣ ପରସ୍ପରକୁ କେବେ ବି ଭେଟିପାରି ନଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ପରମ ସତ୍ୟର ଅଭିମୁଖୀ ହେବା ଲାଗି ବହୁବିଧ ମାର୍ଗ ରହିଛି ଓ ତୁମେ କି ଧରଣର ପଥ ଗ୍ରହଣ କରିଛ ତା'ରି ଉପରେ ନିର୍ଭର କରେ ତୁମ ଚରମ ଅନୁଭୂତିର ପ୍ରକୃତି ଯାହା ବଳରେ ତୁମେ ସେହି ଅନିର୍ବଚନୀୟ ତତ୍ତ୍ୱ ମଧ୍ୟକୁ ପ୍ରବେଶ କରିଥାଅ ।

**– ଶ୍ରୀଅରବିନ୍ଦ**

**କାହାଣୀ :**

# ଆକୁଳି କକାର ବିଚିତ୍ର ଆଚରଣ

ଥିଲେ ଜଣେ ସୌଦାଗର । ତାଙ୍କର ଗୋଟିଏ ବୋଲି ସନ୍ତାନ । ସେ ପୁଅଟି ନାବାଳକ ଥିବା ଅବସ୍ଥାରେ ସୌଦାଗର ଗୋଟାଏ ରୋଗରେ ପଡ଼ିଲେ । ସେ ବୁଝିପାରିଲେ ଯେ ତାଙ୍କ ଶେଷ ସମୟ ଉପସ୍ଥିତ । ତାଙ୍କ ସ୍ତ୍ରୀ ଅତ୍ୟନ୍ତ ସରଳ ପ୍ରକୃତିର ଲୋକ । ତାଙ୍କର ଧାରଣା ହେଲା, ତାଙ୍କ ମୃତ୍ୟୁ ପରେ କେତେକ ଲୋଭୀ ଲୋକ ତାଙ୍କ ସ୍ତ୍ରୀଙ୍କ ସରଳତାର ସୁଯୋଗ ନେଇ ତାଙ୍କର ଧନସମ୍ପଦ ଆତ୍ମସାତ୍ କରିବେ ।

ସେ ଯୁଗରେ ଲୋକେ ନିଜ ଧନସମ୍ପଦକୁ ସୁନା ଆକାରରେ ରଖୁଥିଲେ । ପୁଅଟି ବଡ଼ ହେବାଯାଏ ନିଜ ସୁନାରୂପୀ ସମ୍ପଦ କିପରି ସୁରକ୍ଷିତ ରହିବ, ସୌଦାଗର ସେପାଇଁ ଗୋଟାଏ ଯୋଜନା କଲେ ।

ତାଙ୍କର ଜଣେ ଅତ୍ୟନ୍ତ ବିଶ୍ୱସ୍ତ କର୍ମଚାରୀ ଥାଏ । ନାମଟି ତା'ର ଆକୁଳି । ସେ ପିଲାବେଳେ ଥରେ ଏମିତି ଗୋଟାଏ ବିପଦରେ ପଡ଼ିଥିଲା, ଯେଉଁଥିରେ ତା' ଜୀବନ ଯାଇଥା'ନ୍ତା । ସୌଦାଗର ତାକୁ ସେ ବିପଦରୁ ରକ୍ଷା କରିଥିଲେ । ସେହିଦିନରୁ ଆକୁଳି ସୌଦାଗରଙ୍କ ଘରେହିଁ କାମ କରୁଥାଏ ।

ଦିନେ ରାତିରେ ସୌଦାଗର ତାଙ୍କ ସଞ୍ଚିତ ସୁନା ଗୋଟାଏ ଶକ୍ତ ବାକ୍ସରେ ଭର୍ତ୍ତି କଲେ । ଆକୁଳି ତାକୁ ମୁଣ୍ଡାଇଲା । ସୌଦାଗର ତାକୁ ତାଙ୍କ ପଛେ ପଛେ ଆସିବାକୁ ନିର୍ଦ୍ଦେଶ ଦେଲେ ।

ଦୁହେଁ ପହଞ୍ଚିଲେ ଗାଁ ସେପାରି ପର୍ବତର ପାଦଦେଶରେ ଥିବା ବଣ ଭିତରେ । ଗୋଟାଏ ବରଗଛ ମୂଳେ ଗାତ ଖୋଳି ବାକ୍ସଟିକୁ ଦୁହେଁ ସେହିଥିରେ ପୋତିଦେଲେ । ଜହ୍ନ ରାତି । ଆକୁଳିକୁ ଶପଥ କରାଇନେଲେ ସୌଦାଗର, ସେ ପୋତାଧନ କଥା ସେ ଯେମିତି କାହାକୁ କହିବ ନାହିଁ । ପୁଅକୁ ଯେତେବେଳେ ଅଠର ବର୍ଷ ବୟସ ହେବ, ସେତେବେଳେ ସେ ପୁଅକୁ ଏଠାକୁ ନେଇଆସି ବାକ୍ସଟି ବାହାର କରି ଦେଇଦେବ ।

ଏହାର କିଛିଦିନ ପରେ ସୌଦାଗର ପରଲୋକ ଗମନ କଲେ । ଦିନ ବିତିଯାଉଥାଏ । ସୌଦାଗରଙ୍କ ପୁଅ ଅଠର ବର୍ଷରେ ପଦାର୍ପଣ କଲା । ନାମଟି ତା'ର ସୁମନ୍ତ । ସେ ଭଦ୍ର ତଥା ବୁଦ୍ଧିମାନ୍ ତରୁଣ । ଆକୁଳିକୁ ସେ ଆକୁଳି କକା ବୋଲି ଡାକୁଥାଏ ।

ଦିନେ ଆକୁଳି ସେ ପୋତାଧନ କଥା ସୁମନ୍ତକୁ ଜଣାଇଲା । ସୁମନ୍ତ କହିଲା, ''ବାପା ମୋତେ ସେକଥା କହିଯାଇଥିଲେ । ତୁମେ କେବେ ମୋତେ ସେକଥା କହିବ, ମୁଁ ସେଥିପାଇଁ ଅପେକ୍ଷା କରିଥିଲି ।''

ଆକୁଳି କହିଲା, ''ଆଗାମୀ କାଲି ପୂର୍ଣ୍ଣିମା । ବଣ ଭିତରକୁ ଯାଇ ବାକ୍ସଟି ବାହାର କରି ଆଣିବା ସୁବିଧା ହେବ ।'' ସୁମନ୍ତ ରାଜି ହେଲା । ଦୁହେଁ ଯଥା ସମୟରେ ଘରୁ ବାହାରିଯାଇ ବଣରେ ପଶିଲେ । କିନ୍ତୁ ପାହାଡ଼ ପାଖକୁ ଯାଇ ଗୋଟାଏ ସ୍ଥାନରେ ହଠାତ୍ ଆକୁଳି ଚାଲିବା ବନ୍ଦ କରି ସୁମନ୍ତ ଆଡ଼େ କଟମଟ କରି ଅନାଇଲା ।

''କ'ଣ ହେଲା, ଆକୁଳି କକା ?'' ପଚାରିଲା ସୁମନ୍ତ ।

''ମୋତେ ଆକୁଳି ବାବୁ ବୋଲି କହିପାରୁନୁ ? ହେବ କ'ଣ ? ତୁ କାହିଁକି ମୋ ପଛେ ପଛେ ଚାଲିଛୁ ?'' ଧମକ ଦେଇ କହିଲା ଆକୁଳି ।

ସୁମନ୍ତ ଆଚମ୍ବିତ ହେଲା । ଖାଲି ବଲବଲ ଅନାଇ ରହିବା ଛଡ଼ା ତା'ର ଆଉ କିଛି କରିବାର ନଥିଲା । କିଛି ସମୟ ଅପେକ୍ଷା କରି ସେ ଘରଆଡ଼େ ଫେରିବାକୁ ଆରମ୍ଭ କଲା । ଚୁପ୍‌ଚାପ୍ ଆକୁଳି ତାକୁ ଅନୁସରଣ କଲା ।

ପରବର୍ତ୍ତୀ ପୂର୍ଣ୍ଣିମା ଦିନ ସୁମନ୍ତ ଆକୁଳିକୁ କହିଲା, ''କକା ! ଆଜି ବଣକୁ ଯାଇ ବାପାଙ୍କ ବାକ୍ସଟି ବାହାର କରି ନେଇଆସିଲେ କେମିତି ହୁଅନ୍ତା ?''

''ଆରେ, ମୁଁ ବି ସେଇ କଥା ଭାବୁଥିଲି । ଆଉ ବିଳମ୍ବ କରିବା ଠିକ୍ ହେବ ନାହିଁ । ମୁଁ ବି ବୁଢ଼ା ହେବାକୁ ବସିଲିଣି । କେତେବେଳେ ମୋର କ'ଣ ହୋଇଗଲେ ସେ ବାକ୍ସ ସବୁଦିନ ପାଇଁ ଲୁଚି ରହିବ ।'' କହିଲା ଆକୁଳି ।

ରାତି ହୁଅନ୍ତେ ଦୁହେଁ ବଣରେ ପଶିଲେ । ଆଶ୍ଚର୍ଯ୍ୟର କଥା, ହଠାତ୍ ଗତି ବନ୍ଦ କରି ଆକୁଳି କହିଲା, ''ମୋତେ ତୁ କ'ଣ ପାଇଛୁ କିରେ ? ମୁଁ ତୋ ବୋଲକରା ? କାହିଁକି ଚାଲିଛୁ ମୋ ପଛେ ପଛେ ? ଜାଣୁ ମୁଁ କିଏ ?''

ପୁନର୍ବାର ବିସ୍ମିତ ହୋଇ ଅନାଇ ରହିଲା ସୁମନ୍ତ । କିଛି ସମୟ ପରେ ସେ ଘରକୁ ଫେରିଲା । ପଛେ ପଛେ ଆସିଲା ଆକୁଳି ।

ପରଥର ପୂର୍ଣ୍ଣିମାରେ ବି ଏକା କଥା ହେଲା । ସୁମନ୍ତ ସେ ପୋତାଧନ ପାଇବାର ଆଶା ଛାଡ଼ିଦେଲା । କିନ୍ତୁ ତା' ମାଆ ତାକୁ କହିଲେ, ''ସହରରେ ଅଛନ୍ତି ଜଣେ ଜ୍ଞାନୀ ସନ୍ଥ । ସେ ତୋ ବାପାଙ୍କର ଘନିଷ୍ଠ ମିତ୍ର ଥିଲେ । ସେ ଅନେକ ଲୋକଙ୍କର ଅନେକ ସମସ୍ୟାର ସମାଧାନ କରି ଦେଇଛନ୍ତି । ଥରେ ତାଙ୍କୁ ଯାଇ ସାକ୍ଷାତ୍ କରି ସବୁକଥା କହ । ସେ କ'ଣ ପରାମର୍ଶ ଦେବେ ଦେଖାଯାଉ ।''

ସୁମନ୍ତ ଯାଇ ସେ ସନ୍ଥଙ୍କୁ ଦେଖା କଲା । ସନ୍ଥ ଯୁବକର ପରିଚୟ ପାଇ ବହୁତ ଆନନ୍ଦିତ ହେଲେ । ତା'ର ସମସ୍ୟା କଥା ମନଦେଇ ଶୁଣିଲେ ଓ ଟିକିଏ ଚିନ୍ତା କରି କହିଲେ, ''ଆଚ୍ଛା, ଆକୁଳି କ'ଣ ତିନିଥରଯାକ ଏକା ସ୍ଥାନରେ ଠିଆହୋଇ ସେମିତି ବିଚିତ୍ର ଆଚରଣ କରୁଥାଏ ?''

ସୁମନ୍ତ ଉତ୍ତର ଦେଲା, ''ହଁ, ଆଜ୍ଞା, ବର୍ତ୍ତମାନ ମନେ ପକାଇ ଦେଖୁଛି, ଠିକ୍ ଏକ ସ୍ଥାନରେ ନିଜ ଗତି ବନ୍ଦ କରି ସେ ହଠାତ୍ ଗୋଟାଏ ଭିନ୍ନ ମଣିଷ ଭଳି କଥାବାର୍ତ୍ତା କରୁଥାଏ ।''

ସନ୍ଥ ହସିଲେ । ତା'ପରେ କହିଲେ, ''ଆଉ ଥରେ ତା' ସହ ଯାଅ । ଯେମିତି ସେ ଗତି ବନ୍ଦ କରିବ, ତୁମେ ତାକୁ ଠେଲିଦେଇ ସେଇଠି ମାଟି ଖୋଳିବ । ପାଇଯିବ ତୁମ ପିତାଙ୍କ ପୋତାଧନ ।''

ସୁମନ୍ତ ତାହାହିଁ କଲା । ବାକ୍ସଟି ଉଦ୍ଧାର କରି ତାକୁ ନିଜେ ବହନ କରି ଆଣିବାକୁ ବସିବା ମାତ୍ରେ ଆକୁଳି ତାହା ନିଜ ମୁଣ୍ଡକୁ ନେଇ ନିରୀହ ଭାବରେ ସୁମନ୍ତକୁ ଅନୁସରଣ କରି ଘରକୁ ଫେରିଲା ଓ ଘର ଭିତରେ ସୁମନ୍ତର ମାଆ ଆଗରେ ତାହା ରଖି କହିଲା, ''ମୋ ମୁଣ୍ଡରୁ ଗୋଟାଏ ବିରାଟ ଦାୟିତ୍ୱ ଗଲା ।''

ସେ ନିଜର ପୂର୍ବ ଆଚରଣ କଥା ମୋଟେ ମନେ ପକାଇ ପାରିଲା ନାହିଁ ।

ସୁମନ୍ତ କିଛିଦିନ ପରେ ଯାଇ ସନ୍ଥଙ୍କୁ ଦେଖାକଲା ଓ ତାଙ୍କ ପରାମର୍ଶର ସୁଫଳ କଥା ଜଣାଇ ତାଙ୍କୁ ଧନ୍ୟବାଦ ଦେଲା । ତା'ପରେ ପଚାରିଲା, ''ଆଜ୍ଞା, ଆକୁଳିର ସେଭଳି ଆଚରଣର କାରଣ କ'ଣ ?''

ସନ୍ଥ ବୁଝାଇଲେ, ''ଅର୍ଥ ଏକ ବିଶେଷ ଶକ୍ତି । ଅଦୃଶ୍ୟ ଭାବରେ ସେ ପୋତାଧନରୁ ସେ ଶକ୍ତି ବିଚ୍ଛୁରିତ ହେଉଥାଏ । ଆକୁଳି ବିଚରା ଅତି ସରଳ ଲୋକ । ତା' କଞ୍ଚା ଚେତନାରେ ପଶି ସେ ଅଦୃଶ୍ୟ ଶକ୍ତିତରଙ୍ଗ ହଠାତ୍ ତା' ବୁଦ୍ଧି ବିବେକକୁ କାବୁ କରି ପକାଉଥାଏ । ସେ ମୁହୂର୍ତ୍ତକ ପାଇଁ ଉଦ୍ଧତ ହୋଇ ଯାଉଥାଏ । ନିଜେ କ'ଣ କହୁଛି ବୁଝିପାରୁ ନଥାଏ । ବହୁତ ଧନବାନ୍ ଲୋକଙ୍କ ବିବେକ ବୁଦ୍ଧି ମଧ୍ୟ ଏକା କାରଣରୁ ଲୋପ ପାଏ । କିନ୍ତୁ ସେମାନେ ଚତୁର ହୋଇଥିବା ଯୋଗୁଁ ଆକୁଳି ଭଳି ଆଚରଣ କରନ୍ତି ନାହିଁ ।''

ସୁମନ୍ତ ସନ୍ଥଙ୍କୁ ପ୍ରଣାମ କରି ଘରକୁ ଫେରିଲା ।

ଏ ସନ୍ଥ ଥିଲେ ବୋଧିସତ୍ତ୍ୱ; ଅର୍ଥାତ୍ ବୁଦ୍ଧ ତାଙ୍କର ଏକ ପୂର୍ବଜନ୍ମରେ ଏହି ବ୍ୟକ୍ତି ଭାବରେ ଜୀବନ ଅତିବାହିତ କରିଥିଲେ ।

(ଜାତକ କାହାଣୀର ପୁନଃବିନ୍ୟାସ)

❑❑❑

ଚାବିଟି ନାହିଁ ମଣିଷର ସ୍ୱର୍ଗକୁ ଆରୋହଣ ମଧ୍ୟରେ, ବରଂ ଏହା ରହିଛି ଏଇଠି ଆତ୍ମସତ୍ତା ମଧ୍ୟକୁ ଆରୋହଣ କରିବା ତଥା ଆତ୍ମସତ୍ତାର ମଧ୍ୟ ସାଧାରଣ ମାନବତା ମଧ୍ୟକୁ ଅବତରଣ କରିବା ଏବଂ ଏଇ ପାର୍ଥିବ ପ୍ରକୃତିର ରୂପାନ୍ତର ମଧ୍ୟରେ । ଏଇଥି ପାଇଁ ମାନବଜାତି ତା'ର ସୁଦୀର୍ଘ, ଅସ୍ପଷ୍ଟ ଏବଂ ଯନ୍ତ୍ରଣାଦାୟକ ପଥର ଚରମ ପରିଣତି ରୂପେ ଏହି ଯଥାର୍ଥ ନବଜନ୍ମ ଲାଗି ଅପେକ୍ଷା କରି ରହିଛି, ଏକ ମରଣୋତ୍ତର ମୁକ୍ତି ଲାଗି ନୁହେଁ ।

**— ଶ୍ରୀଅରବିନ୍ଦ**

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୧)

ମହେନ୍ଦ୍ର ନାଥ ସ୍ୱାଇଁ

**ଶରୀର ରୂପାନ୍ତରର ଭିତିରି କଥା :**

ନଭେମ୍ବର ୨୬, ୧୯୧୫ ପ୍ରାର୍ଥନାଟିରେ ମା ତାଙ୍କର ଏକ ଚମତ୍କାର ଅନୁଭୂତିର କଥା ବର୍ଣ୍ଣନା କରିଛନ୍ତି । ଶରୀର ରୂପାନ୍ତରର ଏହା ଏକ ପ୍ରତୀକାତ୍ମକ ଅନୁଭୂତି ଏବଂ ପୂର୍ଣ୍ଣଯୋଗ ପଥରେ ଆଗକୁ ଅଗ୍ରସର ହେଉଥିବା ପ୍ରତ୍ୟେକ ବ୍ୟକ୍ତି ବା ସାଧକ ନିଜ ଅନ୍ତର ଭିତରେ ଦିବ୍ୟଜନନୀଙ୍କର ଏହି ଅପୂର୍ବ ଅନୁଭୂତିକୁ ଅନୁଶୀଳନ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ । ମା କହନ୍ତି :

''ମୋର ସମଗ୍ର ଚେତନା ଏକ ଦିବ୍ୟ-ଆନନ୍ଦ ଭିତରେ ଏବଂ ସମଗ୍ର ସତ୍ତା ଏକ ସର୍ବୋତ୍ତମ ଏବଂ ବିଶାଳ ପ୍ରଶାନ୍ତି (felicity) ମଧ୍ୟରେ ବୁଡିଗଲା ।''

''ତତ୍‌ପରେ ଏହି ଜଡ଼ ଶରୀର ସ୍ତବ୍ଧ (seized) ହୋଇଗଲା, ପ୍ରଥମେ ନିମ୍ନ ଇନ୍ଦ୍ରିୟମାନେ ଏବଂ ପରମୁହୂର୍ତ୍ତରେ ସମଗ୍ର ଶରୀର, ଏକ ପବିତ୍ର ଶିହରଣ, ଯେଉଁ ଶିହରଣ ଧୀରେ ଧୀରେ ମୋର ବ୍ୟକ୍ତିଗତ ସୀମିତତାଗୁଡ଼ିକୁ ଖସାଇ ପକାଇଲା, ଏପରିକି ଅଧିକାଂଶ ବସ୍ତୁଗତ ଭାବପ୍ରବଣତାଗୁଡ଼ିକୁ ମଧ୍ୟ ।''

ନିମ୍ନ ଇନ୍ଦ୍ରିୟମାନେ ଯଥା ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଏବଂ ସ୍ପର୍ଶେନ୍ଦ୍ରିୟ ଆଦି ନିଜ ନିଜର ଗୁଣକୁ ହରାଇ ସ୍ତବ୍ଧ ହୋଇଗଲେ । ମା ଏକ ''ପବିତ୍ର ଶିହରଣ'' କଥା କହିଛନ୍ତି । ଧ୍ୟାନ-ପ୍ରାର୍ଥନାର ପାଠକମାନେ ଏହି ପବିତ୍ର ଶିହରଣକୁ ନିଶ୍ଚିତ ଭାବରେ ଅନୁଭବ କରିଥିବେ । ମା'ଙ୍କର ସ୍ପର୍ଶ ଲାଭକରିବା ସମୟରେ, ପ୍ରକୋଷ୍ଠରେ ବା ବାଲ୍‌କୋନୀରେ ଦର୍ଶନ କଲାବେଳେ, ଶ୍ରୀଅରବିନ୍ଦଙ୍କ କୋଠରିରେ ଧ୍ୟାନ କଲାବେଳେ, ଅଥବା ମା'ଶ୍ରୀଅରବିନ୍ଦଙ୍କ ସମାଧିରେ ମସ୍ତକ ଲଗାଇ ପ୍ରଣାମ କଲାବେଳେ ଅନେକଙ୍କର ଏହି ''ପବିତ୍ର ଶିହରଣ''ର ଅନୁଭୂତି ଥିବ । ଏକଦା ଜନୈକ ବ୍ୟକ୍ତି ପଣ୍ଡିଚେରୀରେ ତାଙ୍କର ଅନୁଭୂତି ବିଷୟରେ ଯାହା ପ୍ରକାଶ କରିଥିଲେ ତାହା ଏଠାରେ ଉପସ୍ଥାପନ କଲେ ଏହି ଶିହରଣ ସ୍ପଷ୍ଟ ହୋଇଯିବ । ତାହା ଏହିପରି –

''ମୁଁ ଆଜି ସମାଧିରେ ମୁଣ୍ଡ ଲଗାଇ ପ୍ରଣାମ କଲାବେଳେ ଅନୁଭବ କଲି ସମାଧି ଯେପରି ଗୋଟିଏ ଲହୁଣି ଗଦା ଏବଂ ମୋ ମୁଣ୍ଡ ତା' ଭିତରକୁ ପଶି ପଶି ଚାଲିଯାଉଛି, ଖୁବ୍ ଚମତ୍କାର..., ଆରାମଦାୟକ, ଅପୂର୍ବ ଅନୁଭୂତି । ଏହିପରି କିଛିକ୍ଷଣ ଚାଲିଗଲା ପରେ ହଠାତ୍ ମୋ ମସ୍ତିଷ୍କ ଭିତରୁ କିଏ ଜଣେ ବାହାରି ଆସିଲା, ମୋ ସମ୍ମୁଖରେ ଠିଆ ହୋଇ କହିଲା, ''ତୁମ ମୁଣ୍ଡ ଯଦି ନ ବାହାରେ କ'ଣ କରିବ ?'' ହଠାତ୍ ମୋ ମୁଣ୍ଡ ଅବଲୀଳାକ୍ରମେ ଉପରକୁ ଉଠିଆସିଲା, ଅପୂର୍ବ ଅନୁଭୂତି, ଶରୀରର ଶିହରଣ ସବୁ କୁଆଡ଼େ ଉଭେଇଗଲା । ତା'ପରେ ପ୍ରତ୍ୟେକ ବର୍ଷ ଆଶ୍ରମକୁ ଆସିଛି, ଅନେକଥର ସମାଧିରେ ମୁଣ୍ଡ ଲଗାଇ ଅପେକ୍ଷା କରିଛି ସେହି ଅପୂର୍ବ ଅନୁଭୂତିରୁ ଟିକିଏ ପ୍ରାପ୍ତ ହେବାପାଇଁ – କିନ୍ତୁ ତାହା ଆଉ ଆସି ନାହିଁ । ଅବଶ୍ୟ ଅନ୍ୟାନ୍ୟ ଅନୁଭୂତିମାନ ଆସିଛନ୍ତି । ମୋ ଭିତରେ ଥିବା ମୂର୍ତ୍ତିମନ୍ତ ସନ୍ଦେହ ମୋଠାରୁ ତାକୁ ଦୂରେଇ ଦେଇଛି ।''

ପୁନଶ୍ଚ ଉକ୍ତ ପ୍ରାର୍ଥନାଟିରେ ମା' କହନ୍ତି : ''ମୋ ଆନ୍ତର ସତ୍ତା ମହିମାନ୍ୱିତ ଭାବେ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ଉଠି ଚାଲିଛି ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ, ପ୍ରତ୍ୟେକ ପ୍ରତିବନ୍ଧକକୁ ଭାଙ୍ଗି ଚୁର୍‌ମାର୍ କରିଦେଉଛି । ସକଳ ବାଧାବିଘ୍ନକୁ ଦୋହଲାଇ ଦେଉଛି – ଉଦ୍ଦେଶ୍ୟ ସେ ଏହି ଶକ୍ତି ଏବଂ ତା'ର କ୍ଷମତାକୁ (Force and Power) ଧରି ରଖିପାରିବ ଏବଂ ପ୍ରକାଶ କରିପାରିବ, ଯାହାଫଳରେ ଶକ୍ତି ତା'ର ନିଜସ୍ୱ ପ୍ରାଚୁର୍ଯ୍ୟ ଏବଂ ସଘନତା ମଧ୍ୟରେ ନିରବଚ୍ଛିନ୍ନ ଭାବରେ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ଉଠି ଚାଲିଥିବ ।''

ମା'ଙ୍କର ଏକ ଚମତ୍କାର ଅନୁଭୂତିରେ ସେ କହିଛନ୍ତି ତାଙ୍କ ଶରୀରର ଜୀବକୋଷ ପ୍ରଗତିଶୀଳଭାବେ କ୍ରମଶଃ ପ୍ରସାରିତ ହୋଇ ପୃଥିବୀ ସହିତ ସମ୍ପୂର୍ଣ୍ଣଭାବରେ ଏକାକାର ନହେଲା ପର୍ଯ୍ୟନ୍ତ ବଢ଼ି ଚାଲିଛନ୍ତି । ଚେତନା ଜାଗ୍ରତ୍ ହୋଇ ଉଠିଛି ଏବଂ ଏହି ଜାଗ୍ରତ୍ ଚେତନାର ଶରୀରଟି ହେଉଛି ଏଇ ସମଗ୍ର ବିଶ୍ୱ ଯେକି ଏକ ସଙ୍ଗତିପୂର୍ଣ୍ଣ ଛନ୍ଦମୟ ଗତିରେ ମହାଶୂନ୍ୟ (etherial space) ମଧ୍ୟରେ ଘୂରି ବୁଲୁଛି ।

ମା' ପୁନଶ୍ଚ କହୁଛନ୍ତି :

"And the consciousness knew that its global body was thus moving in the arms of the universal Being, and it gave itself, it abandoned itself to It in an ecstasy of peaceful bliss." (CWM - 1, p. 311)

''ଏବଂ ଚେତନା (ଶାରୀରିକ ଚେତନା) ଏକଥା ଜାଣିଛି ଯେ ତା'ର ବିଶ୍ୱ ଶରୀରଟି ବିଶ୍ୱପୁରୁଷଙ୍କର ବାହୁ-ବେଷ୍ଟନୀ ମଧ୍ୟରେ ଘୂରି ବୁଲୁଛି ଏବଂ ସେ ସ୍ୱୟଂ ତାଙ୍କ ପାଖରେ ସମର୍ପିତ ହୋଇଯାଇଛି, ଏକ ପ୍ରଶାନ୍ତ-ଦିବ୍ୟାନନ୍ଦର ସର୍ବୋଚ୍ଚ ଶିଖରରେ ପରମ ସତ୍ତାଙ୍କ ଦେହରେ ନିଜକୁ ହଜାଇ ଦେଇଛି ।''

ଆନନ୍ଦର କେତୋଟି ଊର୍ଦ୍ଧ୍ୱଗାମୀ ସୋପାନ ରହିଛି; ଯଥା : ଖୁସି (Joy), ଆନନ୍ଦ (Happiness), ପରମ ସୁଖ (Bliss), ଉଲ୍ଲାସ (Rapture) ଇତ୍ୟାଦି ପରେ ସର୍ବୋଚ୍ଚ ସୋପାନରେ ରହିଛି ପରମାନନ୍ଦ (Ecstasy) ବା ଦିବ୍ୟାନନ୍ଦ । ଏହାର ନିମ୍ନ ସୋପାନରେ ଥିବା ଆନନ୍ଦମାନଙ୍କୁ ଶ୍ରୀଅରବିନ୍ଦ ପରମାନନ୍ଦର (Mutilated statue of ecstasy) ବୋଲି ସାବିତ୍ରୀରେ ୭୮ ପୃଷ୍ଠା (ପ୍ରଥମ ପର୍ବ ପଞ୍ଚମ ଅଧ୍ୟାୟ)ରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ 'ଆନନ୍ଦ', 'ଉଲ୍ଲାସ' ଆଦି ସମସ୍ତେ ପରମାନନ୍ଦ ବା ଦିବ୍ୟାନନ୍ଦର ଏକ ଖଣ୍ଡିତ ରୂପ । ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ, ମା'ଙ୍କର ପାର୍ଥିବ ସତ୍ତା ପରମପ୍ରଭୁଙ୍କ ନିକଟରେ ପରମ-ପ୍ରଶାନ୍ତ-ଦିବ୍ୟାନନ୍ଦ ମଧ୍ୟରେ ବୁଡ଼ିଯାଇ ନିଜକୁ ଉତ୍ସର୍ଗ କରିଦେଇଛି ଏବଂ ସେହି ଦିବ୍ୟ-ଅନୁଭୂତିକୁ ମା ଲିପିବଦ୍ଧ କରି 'ଧ୍ୟାନ ଓ ପ୍ରାର୍ଥନା' ରୂପରେ ଜଗତ୍ ସମକ୍ଷରେ ଉପସ୍ଥାପନ କରିଛନ୍ତି ।

କଥାଟି ଏତିକିରେ ସମାପ୍ତ ହୋଇଯାଇ ନାହିଁ । ମା'ଙ୍କର ପୃଥିବୀ ସହିତ ସମ୍ପର୍କିତ ଚେତନାଟି ସମଗ୍ର ବିଶ୍ୱଚେତନା ସହିତ ଏକାକାର ହୋଇଯାଇଛି । ସାମଗ୍ରିକ ଭାବରେ ସ୍ଥିର, ନିଶ୍ଚଳ ହୋଇଯାଇଛି । ଅଭ୍ୟନ୍ତରସ୍ଥ ବିଚିତ୍ରମୟ ବିବିଧତା ମଧ୍ୟରେ ଖେଳି ବୁଲୁଛି । ତତ୍‌ପରେ ମା'ଙ୍କର ଅନ୍ୟ ଏକ ଅନୁଭୂତି ଯାହା ଏହିପରି –

"The consciousness of the universe sprang towards the Divine in an ardent aspiration, a perfect surrender, and it saw in the splendour of the immaculate Light the radiant Being standing on a many-headed serpent whose body coiled infinitely around the universe." (CWM - 1, p. 311)

''ବିଶ୍ୱଚେତନା ପ୍ରଚଣ୍ଡ ଆସ୍ପୃହା ଓ ସମ୍ପୂର୍ଣ୍ଣ ସମର୍ପଣର ସହିତ ପରମ ପ୍ରଭୁଙ୍କ ଆଡ଼କୁ ଲମ୍ଫ ପ୍ରଦାନ କଲା, ଏବଂ ସେହି ଚେତନା ଦର୍ଶନ କଲା ଏକ ଐଶ୍ୱର୍ଯ୍ୟମୟ କଳଙ୍କହୀନ ବିଶାଳ ଆଲୋକ ବର୍ତ୍ତିକା ମଧ୍ୟରେ ଏକ ଜ୍ୟୋତିର୍ମୟ ପୁରୁଷଙ୍କୁ ଯେକି ବହୁ ମସ୍ତକ ବିଶିଷ୍ଟ ଏକ ବିଶାଳକାୟ ସର୍ପ ଉପରେ ଦଣ୍ଡାୟମାନ । ପୁନଶ୍ଚ ସେହି ସର୍ପର ଦେହଟି ସମଗ୍ର ଜଗତର ଚତୁଃପାର୍ଶ୍ୱକୁ ନିବିଡ଼ ଭାବରେ, ଅନନ୍ତ ଭାବରେ ଜଡ଼ାଇ ହୋଇ କୁଣ୍ଡଳାକାରରେ ଗୁଡ଼ାଇ ଧରିଛି ।''

ମା ଦେଖୁଛନ୍ତି ସେହି ଜ୍ୟୋତିର୍ମୟ ପୁରୁଷଙ୍କୁ ଯେକି ବିଜୟ ଏବଂ ଅଧିକାରର ଚିରନ୍ତନୀ ଭଙ୍ଗୀରେ, ବହୁ ଫଣାବିଶିଷ୍ଟ ସର୍ପ ଉପରେ ପ୍ରଭୁତ୍ୱ ଜାହିର କରି ଠିଆ ହୋଇଛନ୍ତି । କାରଣ ଏହି ଭୟଙ୍କର ସର୍ପ ଏବଂ ସମଗ୍ର ବିଶ୍ୱ ତାଙ୍କଠାରୁ ଜନ୍ମ ହୋଇଛି । ସେଥିପାଇଁ ସର୍ପ ଓ ବିଶ୍ୱକୁ ଏକାବେଳେକେ ''at one and the same time'' ନିଜ ଅଧିକାରକୁ ନେଇଯାଇଛନ୍ତି । ସର୍ପର ଭୟଙ୍କର ଫଣା ଉପରେ ସିଧା ଠିଆହୋଇ ତାକୁ ଅବଦମିତ କରି ଦେଇଛନ୍ତି । ପ୍ରଭୁ ତାଙ୍କର ସମସ୍ତ ଶକ୍ତି ସେଠାରେ ପ୍ରଦର୍ଶିତ କରାଇଛନ୍ତି ଏବଂ ତାଦୃଶ ଭଙ୍ଗୀରେ, ସେହି ଅପୂର୍ବ ଠାଣିରେ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରି ରଖିଥିବା ବିଶାଳକାୟ, ବହୁଫଣା ବା ମସ୍ତକ ବିଶିଷ୍ଟ ଜଳଚର ସର୍ପର (Hydra) ମଥା ଉପରେ ଦଣ୍ଡାୟମାନ ହୋଇ ଅଭୟ ପ୍ରଦାନକାରୀ ନିଜର ପାଦପଦ୍ମରେ ଦଳିଚକଟି ଦେଇଛନ୍ତି । ତା'ର ପୁନର୍ଜନ୍ମ ହୋଇଛି । ପ୍ରଭୁ କୃପାକରି ତାକୁ ମୁକ୍ତି ପ୍ରଦାନ କରିବା ସହ ଚିରନ୍ତନ-ଜନ୍ମ (eternal birth) ପ୍ରଦାନ କରିଛନ୍ତି ।

ଦ୍ୱାପର ଯୁଗରେ ଭଗବାନ୍ ଶ୍ରୀକୃଷ୍ଣ ଗୋପପୁରରେ ଥିବା ସମୟରେ କାଳିନ୍ଦୀ ହ୍ରଦରେ କାଳୀୟ-ନାଗର ଫଣା ଉପରେ ଅପୂର୍ବ ଭଙ୍ଗୀରେ ବଂଶୀବାଦନ ସହ ନୃତ୍ୟକରି ତାକୁ ଦମନ କରିଥିଲେ । ସେହି ସ୍ଥାନ ପରିତ୍ୟାଗ କରି ସପରିବାର ସମୁଦ୍ର ମଧ୍ୟସ୍ଥ ଏକ ଦ୍ୱୀପକୁ ଚାଲିଯିବା ପାଇଁ ତାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଭୁଙ୍କ ଆଦେଶ ଅନୁସାରେ ସେ ସେଠାକୁ ସପରିବାର ଯାଇ ବସବାସ କରି ରହିଥିଲା । ଏହା ଦ୍ୱାରା ଗୋପପୁରବାସୀ ଉପକୃତ ହୋଇଥିଲେ ଓ କାଳିନ୍ଦୀ ହ୍ରଦର ଜଳ ବ୍ୟବହାର ଯୋଗ୍ୟ ହୋଇଥିଲା । କିନ୍ତୁ ଉକ୍ତ ନଭେମ୍ବର ୨୬,

୧୯୧୫ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦର ଶେଷ ଭାଗରେ ମା ଉଲ୍ଲେଖ କରିଛନ୍ତି ଯେ ଏଠାରେ ଜ୍ୟୋତିର୍ମୟ ପ୍ରଭୁ ସର୍ପକୁ ଦଳିଚକଟି ତାକୁ ଚିରନ୍ତନ ଜନ୍ମ ପ୍ରଦାନ କରିଛନ୍ତି ବା ରୂପାନ୍ତରିତ କରିଦେଇଛନ୍ତି । ସର୍ପ ଜନ୍ମରୁ ମୁକ୍ତି ପ୍ରଦାନ କରିଛନ୍ତି ।

ଶ୍ରୀମଦ୍ ଭାଗବତ ମହାପୁରାଣର ଦଶମସ୍କନ୍ଧ, ସପ୍ତଦଶ ଅଧ୍ୟାୟରେ ଗୋପଲୀଳା ବର୍ଣ୍ଣନା ପ୍ରସଙ୍ଗ କ୍ରମେ ଭାଗବତକାର ଲେଖିଛନ୍ତି :

''ଗୋବିନ୍ଦ କୋପ ଗୁରୁତର । ଉଠିଲେ କାଳୀୟର ଶିର ॥
ସର୍ପର ମୁଣ୍ଡେ ମଣିଥିଲା । ଶ୍ରୀକୃଷ୍ଣ ଚରଣେ ଲାଗିଲା ॥
ମଣିର ତେଜ ରଙ୍ଗବର୍ଣ୍ଣ । ସୁନ୍ଦର ଶ୍ରୀହରି ଚରଣ ॥
ତ୍ରିଭଙ୍ଗୀ ଛନ୍ଦେ ଉଭା ହୋଇ । ନାଚନ୍ତି ଗୋପାଳଙ୍କୁ ଚାହିଁ ॥''

କାଳୀୟ ନାଗ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାଗତ ହୋଇ କହିଲା –

''ଯେ ତୁମ୍ଭ ଇଚ୍ଛା ମୋତେ କର । ତୋର ଶରଣ ଚକ୍ରଧର ॥
ସର୍ପ ବିକଳ କର୍ଣ୍ଣେ ଶୁଣି । ଦୟା ବହିଲେ ଚକ୍ରପାଣି ॥
କହନ୍ତି କାଳୀୟକୁ ଚାହିଁ । କାଳିନ୍ଦୀ-ହ୍ରଦେ ନଥା' ତୁହି ॥
ବନ୍ଧୁବାନ୍ଧବ ଘେନି ସଙ୍ଗେ । ସମୁଦ୍ରେ ପଶ ଯାଇଁ ବେଗେ ॥''

ଭଗବାନ୍ ଶ୍ରୀକୃଷ୍ଣ ଦ୍ୱାପର ଯୁଗରେ କାଳୀୟ-ନାଗର ମସ୍ତକରେ ପ୍ରତୀକ ରୂପେ ନିଜ ଶ୍ରୀପଦ ଦ୍ୱୟର ସଙ୍କେତ ପ୍ରଦାନ କରି ତା'ର ସର୍ପ ଜୀବନକୁ ଧନ୍ୟ କରିଥିଲେ । ଫଳତଃ ପକ୍ଷିରାଜ ଗରୁଡ଼ ମଧ୍ୟ ତା'ର ପାଖ ମାଡ଼ୁ ନଥିଲେ । କିନ୍ତୁ ତା'ର ସର୍ପ-ପ୍ରକୃତି ରୂପାନ୍ତରିତ ହୋଇ ନଥିଲା ।

ମା ଉକ୍ତ ନଭେମ୍ବର ୨୬, ୧୯୧୫ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦର ଶେଷଭାଗରେ ସୂଚିତ କରିଛନ୍ତି ଯେ ଦୁର୍ଦ୍ଧର୍ଷ, ଭୟଙ୍କର, ବିଶାଳକାୟ, ସହସ୍ର ଫଣାଯୁକ୍ତ ସର୍ପକୁ ପରମ ପ୍ରଭୁ ଜ୍ୟୋତିର୍ମୟ ରୂପ ଧାରଣ ପୂର୍ବକ ଚିରନ୍ତନ ଜନ୍ମପ୍ରଦାନ କଲେ ଏବଂ ରୂପାନ୍ତରିତ କରି ନୂତନ ଜନ୍ମ ଦେଲେ । ତତ୍‌ପରେ ମା' ଲେଖିଛନ୍ତି ଚେତନାର ରୂପାନ୍ତରର କଥା । ତାହା ଏହିପରି :

"Then the consciousness became this Being and perceived that its form was changing once more; it was absorbed into something which was no longer a form and yet contained all forms, something which, immutable, sees,– the Eye, the Witness. And what It sees, is. Then this last vestige of form disappeared and the consciousness itself was absorbed into the Unutterable, the Ineffable."

(CWM - 1, p. 312)

''ଏହାପରେ 'ଚେତନା', ପରମ ଜ୍ୟୋତିର୍ମୟ ପୁରୁଷଙ୍କ ଦେହରେ ମିଶି ଏକାକାର ହୋଇଗଲା ଏବଂ ଅନୁଭବ କଲା ଯେ ଏହାର ସ୍ୱରୂପ ପୁନଃ ପରିବର୍ତ୍ତିତ ହେଉଛି, ଏହା କୌଣସି ଏକ ସତ୍ତା ଦେହରେ ସମ୍ପୂର୍ଣ୍ଣ ନିମଜ୍ଜିତ ହୋଇ ଯାଉଛି – ଯେଉଁ ସତ୍ତାଟିର କୌଣସି ରୂପ ନାହିଁ – 'ନିରାକାର' – କିନ୍ତୁ ସକଳ ରୂପ ବା ଆକାରମାନଙ୍କୁ ନିଜ ଗର୍ଭରେ ଧାରଣ କରିଛନ୍ତି । ଏହା ଏପରି ଏକ ସତ୍ତା ଯେ କି ସ୍ଥିର, ନିଶ୍ଚଳ, ଅପରିବର୍ତ୍ତନୀୟ ଏବଂ ସବୁକିଛିକୁ ଅପଲକ ନେତ୍ରରେ ନିରୀକ୍ଷଣ କରୁଛନ୍ତି । ସେହି ଦୃଷ୍ଟିରୁ ସେ ହେଉଛନ୍ତି 'ସାକ୍ଷିପୁରୁଷ' । ସର୍ବଶେଷରେ ସେହି ଶେଷ ରୂପଟିର ଅବଶେଷ ଉଭେଇଗଲା ଏବଂ 'ଚେତନା' ସ୍ୱୟଂ ଅନୁଚ୍ଚାରିତ ଓ ଅବର୍ଣ୍ଣନୀୟଙ୍କ ମଧ୍ୟରେ ନିମଜ୍ଜିତ ହୋଇଗଲା ।''

ତତ୍‌ପରେ ଆରମ୍ଭ ହେଲା ପ୍ରତ୍ୟାବର୍ତ୍ତନର ପର୍ବ । ପ୍ରତ୍ୟାବର୍ତ୍ତନ ବା ଅବତରଣ ହେଲା ପୂର୍ଣ୍ଣଯୋଗର ବିଶେଷତ୍ୱ । ବ୍ୟକ୍ତି ଶରୀର ମଧ୍ୟକୁ ଆସ୍ତେ ଆସ୍ତେ ଚେତନାର ଅବତରଣ କ୍ରିୟା ସଂଘଟିତ ହେଲା । ଏହି ଅବତରଣ ଥିଲା ନିରବଚ୍ଛିନ୍ନ, ସାମଗ୍ରିକ ଭାବରେ ଦିବ୍ୟ-ଆଲୋକ – ଯାହା ସ୍ୱର୍ଗ, ଆନନ୍ଦ ଏବଂ ଆରାଧନା ତଥା ଜୟଗାନର ଚମତ୍କାରିତାକୁ ସୂଚାଉଥିଲା । ଏହି ଚମତ୍କାରିତା ଥିଲା କ୍ରମଶଃ ନିମ୍ନରୁ ଉର୍ଦ୍ଧ୍ୱକୁ କିନ୍ତୁ ସିଧା-ସଳଖ ଅବତରଣରୁ ଏହା ପୁନର୍ବାର ବିଶ୍ୱଗତ ଏବଂ ପାର୍ଥିବ ଚେତନା ମଧ୍ୟଦେଇ ଗତି କରୁ ନଥିଲା । ମା'ଙ୍କର ମନେ ହେଉଥିଲା ଯେପରି ଏକ ସୁସମଞ୍ଜସ, ସଙ୍ଗତିପୂର୍ଣ୍ଣ ପାର୍ଥିବ ଶରୀର-ରୂପଟି ସିଧାସଳଖ ତତ୍‌କ୍ଷଣାତ୍ ପରମପ୍ରଭୁ ଓ ଚିରନ୍ତନ ସାକ୍ଷୀ-ପୁରୁଷଙ୍କ ନିମନ୍ତେ କୌଣସି ମଧ୍ୟବର୍ତ୍ତୀ ବ୍ୟବସ୍ଥା ବ୍ୟତୀତ ଏକ ସୁନ୍ଦର ପରିଚ୍ଛଦରେ ବା ପୋଷାକ (Vesture)ରେ ପରିଣତ ହୋଇ-ଯାଇଛି । ଶରୀର ରୂପାନ୍ତରିତ ହୋଇ ନୂତନ ବସ୍ତ୍ର ଧାରଣ କରୁଛି । ଏହାହିଁ ଶରୀର ରୂପାନ୍ତରର ଭିତିରି କଥା । ଏହି ନଭେମ୍ବର ୨୬, ୧୯୧୫ ପ୍ରାର୍ଥନାଟିକୁ ମା ଚିଠି ଆକାରରେ ଶ୍ରୀଅରବିନ୍ଦଙ୍କ ନିକଟକୁ ପଠାଇଥିଲେ । ଶ୍ରୀଅରବିନ୍ଦ ଏହି ଚିଠିର ଉତ୍ତର ୩୧.୧୨.୧୯୧୫ରେ ପ୍ରଦାନ କରିଥିଲେ । ଉତ୍ତରଟି ଏହିପରି ଥିଲା –

"The experience you have described is

Vedic in the real sense, though not one which would easily be recognised by the modern systems of Yoga which call themselves Vedic. It is the union of the "Earth" of the Veda and Purana with the divine Principle, an earth which is said to be above our earth, that is to say, the physical being and consciousness of which the world and the body are only images. But the modern Yogas hardly recognise the possibility of a material union with the Divine." (CWM - 1, p. 312)

''ତୁମେ ଯେଉଁ ଅନୁଭୂତି ବିଷୟ ବର୍ଣ୍ଣନା କରିଛ ତାହାହିଁ ବେଦ ବର୍ଣ୍ଣିତ ପ୍ରକୃତ ସତ୍ୟ, ଯଦିଓ ନିଜକୁ ବୈଦିକ ବୋଲି ଘୋଷଣା କରୁଥିବା ଆଧୁନିକ ଯୋଗପଦ୍ଧତିଗୁଡ଼ିକ ଯେଉଁସବୁ କଥାକୁ ସହଜରେ ସ୍ୱୀକାର କରିଥା'ନ୍ତି, ସେମାନଙ୍କ ମଧ୍ୟରେ ଏହା ଅନ୍ୟତମ ନୁହେଁ । ଏହା ହେଉଛି ବେଦ ଓ ପୁରାଣମାନଙ୍କରେ ବର୍ଣ୍ଣିତ 'ପୃଥିବୀ'ର ଭଗବତ୍ ନିୟମ ସହିତ ମିଳନ, ଏହା ଏପରି ଏକ 'ପୃଥିବୀ' ଯାହା ଧରିତ୍ରୀର ଊର୍ଦ୍ଧ୍ୱରେ ଅବସ୍ଥିତ ବୋଲି କୁହାଯାଇଛି, ଏକଥା କୁହାଯାଇପାରେ ଯେ, ଏହି ଜଗତ୍ ଏବଂ ଦେହ, ଊର୍ଦ୍ଧ୍ୱସ୍ଥ ଶାରୀରିକ ସତ୍ତା ଓ ଚେତନାର କେବଳ ମାତ୍ର କେତେକ ଚିତ୍ରକଳ୍ପ (images) ଅଟନ୍ତି । କିନ୍ତୁ ଆଧୁନିକ ଯୋଗସକଳ ଜଡ଼ ବସ୍ତୁର ଭଗବାନଙ୍କ ସହ ମିଳନକୁ ପ୍ରାୟ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ ।''

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

# ପ୍ରାର୍ଥନା

## ଜ୍ୟୋତ୍ସ୍ନାରାଣୀ ଦାଶ



ଛୋଟ ଶିଶୁ ପରି ଭରସା ଦିଅ ମା
ହୃଦୟେ ମୋହର ଭରି,
ସରଳ ବିଶ୍ୱାସ ବାସ କରି ତହିଁ
ତୁମ ପଥେ ନେଉ ଧରି ।
ସବୁ ପ୍ରାର୍ଥନାର ଉତ୍ତର ମିଳିବ
କରୁଣା ଆସିବ ନଇଁ,
ସବୁ ଅକଲ୍ୟାଣ କଲ୍ୟାଣ ତ ହେବ
ମାଆ ଗୋ ତୁମରି ପାଇଁ ।
ପ୍ରଶ୍ନ ବିହୀନ ଆସ୍ଥା ଦିଅ ହୃଦେ
ମଳିନତା ନିଅ ଦୂରେ,
ମନର ବିରୋଧ ସଂଶୟ ଯେତେ
ହଜୁ ତୁମ କରୁଣାରେ ।
ଦୁଃଖ ବିପଦ ମୋ ତୁମରି ଦିଗରେ
ହେଉ ମା ସୋପାନ ପରି,
ତୁମରି ପ୍ରେମରେ ଭିଜି ଚାଲୁଥାଏ
ତୁମ ପଥ ଅନୁସରି । ❑

# ଆଦର୍ଶ ମାତାପିତା

## (୧୦)

## ଶ୍ରୀମା

**କର୍ତ୍ତୃତ୍ୱ ଓ ଶୃଙ୍ଖଳା :**

ଯଦି ତୁମେ ଅନ୍ୟ କାହା ଉପରେ କର୍ତ୍ତୃତ୍ୱ ବଜାୟ ରଖିବାକୁ ଚାହଁ ତା'ହେଲେ ପ୍ରଥମେ ନିଜ ଉପରେ କର୍ତ୍ତୃତ୍ୱ ହାସଲ କର । ଯଦି ତୁମେ ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳା ରକ୍ଷା କରିପାରୁ ନାହଁ, ତେବେ ସେମାନଙ୍କୁ ମାରଧର କର ନାହିଁ ବା ଗାଳିଗୁଲଜ କର ନାହିଁ ବା ସେମାନଙ୍କ ଉପରେ କ୍ରୋଧାନ୍ୱିତ ହୁଅ ନାହିଁ – ଏଥିପାଇଁ କାହାକୁ ଅନୁମତି ନାହିଁ । ଊର୍ଦ୍ଧ୍ୱରୁ ଶାନ୍ତି ଓ ନିଶ୍ଚଳତାକୁ ଆବାହନ କରିଆଣ ଏବଂ ତା'ରି ପ୍ରଭାବରେହିଁ ସବୁକିଛି ସୁଧୁରି ଯିବ ।

**ଆନ୍ତରିକତା ଓ ଛଳନା :**

ପ୍ରଧାନ ପ୍ରଶ୍ନ ହେଉଛି ପିଲାମାନେ କାହିଁକି ବିଦ୍ୟାଳୟକୁ ଯାଉଛନ୍ତି – ସେମାନେ ସେମାନଙ୍କ ଜ୍ଞାନବୃଦ୍ଧି ଲାଗି ବିଦ୍ୟାଳୟକୁ ଯାଉଛନ୍ତି ନା ଭଲଭାବରେ ଜୀବନଯାପନ କରିବା ପାଇଁ ଆବଶ୍ୟକ ଜ୍ଞାନ ଲାଭ ଲାଗି ବିଦ୍ୟାଳୟକୁ ଯାଉଛନ୍ତି ଅଥବା ସେମାନେ ଛଳନା କରି ବିଦ୍ୟାଳୟକୁ ଯାଉଛନ୍ତି; – ସେକଥା ଆମକୁ ଜାଣିବାକୁ ହେବ ।

ଶାଶ୍ୱତ ପ୍ରଭୁଙ୍କ ସମ୍ମୁଖରେ ମାତ୍ର ଗୋଟିଏ ବୁନ୍ଦା ଆନ୍ତରିକତା ସମୁଦ୍ର ପ୍ରମାଣ ଛଳନା ଓ ଆତ୍ମ-ପ୍ରତାରଣା ଅପେକ୍ଷା ଅନେକ ଅଧିକ ମୂଲ୍ୟବାନ୍ ।

(Cent. Vol. 12, P. 129)

*

*ପ୍ରଶ୍ନ : ମାଆ, ଶୋଇବା ଲାଗି ରାତ୍ରିର ପ୍ରଥମାର୍ଦ୍ଧ, ରାତ୍ରିର ଦ୍ୱିତୀୟାର୍ଦ୍ଧ ଅପେକ୍ଷା କାହିଁକି ଅଧିକ ଉତ୍ତମ ?*

ମାଆ : କାରଣ ପ୍ରତୀକାତ୍ମକ ଭାବେ, ରାତ୍ରିର ପ୍ରଥମାର୍ଦ୍ଧ ସମୟରେ ସୂର୍ଯ୍ୟ ଅସ୍ତାଚଳକୁ ଗମନ କରୁଥା'ନ୍ତି ଏବଂ ଅନ୍ୟ ପକ୍ଷରେ ଯେତେବେଳେ କି ମଧ୍ୟରାତ୍ରିର ଠିକ୍ ପରବର୍ତ୍ତୀ ସମୟରୁ ସୂର୍ଯ୍ୟ ଉଦୟ ହେବାକୁ ଆରମ୍ଭ କରନ୍ତି ।

*ପ୍ରଶ୍ନ : ମା', ଶୀଘ୍ର ଶୋଇ ଶୀଘ୍ର ଉଠିବା କାହିଁକି ବହୁତ ଭଲ ?*

ମାଆ : ସୂର୍ଯ୍ୟ ଅସ୍ତ ହେବା ସଙ୍ଗେ ସଙ୍ଗେ ଗୋଟାଏ ପ୍ରକାର ଶାନ୍ତି ପୃଥିବୀପୃଷ୍ଠରେ ଅବତରଣ କରେ ଏବଂ ଏହି ଶାନ୍ତି ଶୋଇବା ଲାଗି ବହୁତ ସହାୟକ ଅଟେ ।

ସୂର୍ଯ୍ୟ ଉଦୟ ହେବା ବେଳେ ଗୋଟାଏ ବିଶାଳ ଶକ୍ତି ପୃଥିବୀପୃଷ୍ଠରେ ଅବତରଣ କରେ ଏବଂ ଏହି ଶକ୍ତି କର୍ମ କରିବା ଲାଗି ସହାୟକ ଅଟେ ।

ଯେତେବେଳେ ତୁମେ ବିଳମ୍ବରେ ଶୋଇବାକୁ ଯାଅ ଏବଂ ବିଳମ୍ବରେ ଶଯ୍ୟାତ୍ୟାଗ କର, ତୁମେ ସେତେବେଳେ ପ୍ରକୃତି ନିହିତ ଶକ୍ତିରାଜିର ବିପରୀତ ଦିଗରେ କ୍ରିୟା କର ଏବଂ ତାହା ଆଦୌ ବୁଦ୍ଧିମାନର କାର୍ଯ୍ୟ ନୁହେଁ ।

(Cent. Vol. 12, P. 160)

*

**ନିଦ୍ରା :**

କିନ୍ତୁ ଯାହା ହେଉନା କାହିଁକି ଗୋଟିଏ ଶିଶୁ, ସେ ଯାହା କରୁନା କାହିଁକି, ଅଧିକ ସମୟ ନିଦ୍ରା ଯିବା ଉଚିତ । କେତେ ଘଣ୍ଟା ସେ ନିଦ୍ରା ଯିବ ତାହା ତା'ର ବୟସ ଉପରେ ନିର୍ଭର କରେ । ଏକେବାରେ ଶୈଶବାବସ୍ଥାରେ ଶିଶୁ ଯେତେ ସମୟ ଜାଗ୍ରତ୍ ରୁହେ ତା'ଠାରୁ ଅଧିକ ସମୟ ଶୋଇ ରହିବା ଉଚିତ । ଧୀରେ ଧୀରେ ସେ ବଡ଼ ହେଲେ ତା' ଶୋଇବା ସମୟ କମ୍ ହେବାକୁ ଲାଗିବ । ମାତ୍ର ସେ ଯୌବନାବସ୍ଥା ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଗୋଟିଏ ଶାନ୍ତ, ମୁକ୍ତ ବାୟୁ ଚଳାଚଳ ସ୍ଥାନରେ ତା'ର ନିଦ୍ରା ଆଠ ଘଣ୍ଟାରୁ କମ୍ ହେବା ଉଚିତ ନୁହେଁ । କୌଣସି କାରଣରୁ ବି ଗୋଟିଏ ଶିଶୁକୁ ରାତିରେ ଅଧିକ ସମୟ ଚିଆଁଇ ରଖାଯିବା ଉଚିତ ନୁହେଁ । କାରଣ ମଧ୍ୟରାତ୍ରିର ପୂର୍ବ ମୁହୂର୍ତ୍ତଗୁଡ଼ିକହିଁ ସ୍ନାୟୁକୁ ବିଶ୍ରାନ୍ତି ଦେବା ଲାଗି ପ୍ରକୃଷ୍ଟ ମୁହୂର୍ତ୍ତ । ଏପରିକି ଦିନରେ ଚେଇଁ ରହିଥିବା ଅବସ୍ଥାରେ ମଧ୍ୟ ସ୍ନାୟବିକ ଭାରସାମ୍ୟ ରକ୍ଷା କରିବା ଲାଗି ଶରୀରକୁ ଟିକେ ଢିଲା(Relax) କରିଦେବା ଆବଶ୍ୟକ । ମାଂସପେଶୀ ଓ

ସ୍ନାୟୁତନ୍ତ୍ରୀକୁ ଢିଲା କରି ଶିଖିବା ହେଉଛି ଏକ ସ୍ୱତନ୍ତ୍ର କଳା ଏବଂ ଏହାକୁ ପିଲାମାନଙ୍କୁ ଅତ୍ୟନ୍ତ ବାଲ୍ୟକାଳରୁ ଶିକ୍ଷାଦେବା ଉଚିତ । ଅନ୍ୟପକ୍ଷରେ ଅନେକ ମାଆବାପା ଅଛନ୍ତି ଯେଉଁମାନେ କି ସେମାନଙ୍କର ପିଲାମାନଙ୍କୁ ବାଧ କରି କାମରେ ଲଗାଇ ରଖନ୍ତି । ପିଲା ଶାନ୍ତ ହୋଇ ଯଦି ଟିକିଏ ବସିଯାଏ, ତେବେ ସେମାନେ ଭାବନ୍ତି ଯେ ତା' ଦେହ ଭଲ ନାହିଁ । ଏପରିକି ଏଭଳି ମାଆବାପା ବି ଅଛନ୍ତି ଯେଉଁମାନେ ସେମାନଙ୍କ ପିଲାଙ୍କ ବିଶ୍ରାମକୁ ବ୍ୟାହତ କରି ସେମାନଙ୍କଠାରୁ ଘରକାମ ଆଦାୟ କରିବାର କୁ-ଅଭ୍ୟାସରେ ଅଭ୍ୟସ୍ତ ଥାଆନ୍ତି ।

(Cent. Vol. 12, P. 15)

*

**ପଢ଼ିଲେଖି ଜାଣିବା :**

ପଢ଼ିଲେଖି ଜାଣିବା, ଗୋଟାଏ ଭାଷା ହେଉ ପଛକେ ଶୁଦ୍ଧ ଭାବରେ କହି ଶିଖିବା, ସାଧାରଣ ଭୂଗୋଳ ସମ୍ପର୍କରେ ଟିକେ ଜାଣିବା, ଆଧୁନିକ ବିଜ୍ଞାନ ସମ୍ପର୍କରେ ଗୋଟାଏ ସମଗ୍ର ଦୃଷ୍ଟି ଆହରଣ କରିବା ଏବଂ ସାଧାରଣ ଚଳଣିର କେତେକ ସାଧାରଣ ନିୟମ ଜାଣିବା – ଏହାହିଁ ହେଉଛି ଗୋଟିଏ ସମାଜ ବା ସଂପ୍ରଦାୟ ମଧ୍ୟରେ ଚଳିବା ଲାଗି ଏକାନ୍ତ ଅପରିହାର୍ଯ୍ୟ ବସ୍ତୁ ।

*

ଅଖଣ୍ଡକୁ ଖଣ୍ଡିତ କରିଦିଅ ନାହିଁ । ଉଭୟ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଲକ୍ଷ୍ୟ ଏକ ଓ ଅଖଣ୍ଡ – ସେହି ପରମ ପ୍ରଭୁଙ୍କୁ ପ୍ରାପ୍ତ କରିବା । ଉଭୟଙ୍କ ମଧ୍ୟରେ ଏତିକି ମାତ୍ର ପ୍ରଭେଦ ଯେ ଦ୍ୱିତୀୟଟି ଏହା ଜାଣେ ଏବଂ ପ୍ରଥମଟି ଏହା ଜାଣେ ନାହିଁ ।

*

ଆମର ଅନେକ ବିଷୟ ଜାଣିବାର ଅଛି । ସେସବୁ ଯେ କେବଳ ଆମକୁ ଆଗ୍ରହଦାୟକ ଲାଗେ ବୋଲି ତାହାକୁ ଜାଣିବା ନିମନ୍ତେ ଆଗ୍ରହ ପ୍ରକାଶ କରିବା ତାହା ନୁହେଁ, କାରଣ ଆମର ସେସବୁ ଅତ୍ୟନ୍ତ ପ୍ରୟୋଜନୀୟ ଏବଂ ଏପରିକି ଅପରିହାର୍ଯ୍ୟ ମଧ୍ୟ; ସେସବୁ ମଧ୍ୟରୁ ଗଣିତ ଅନ୍ୟତମ ।

କେବଳ ଯେତେବେଳେ ଆମେ ଜ୍ଞାନର ଏକ ଶକ୍ତି, ସାମର୍ଥ୍ୟ, ସହାୟତା ଲାଭ କରିବା ସେତେବେଳେହିଁ ଆମେ ସଫଳତାର ସହିତ ଆମ ଜୀବନର ସମ୍ମୁଖୀନ ହୋଇପାରିବା ।

*

ଇତିହାସ ଓ ଭୂଗୋଳ ସେଇମାନଙ୍କୁ ଅତ୍ୟନ୍ତ ଆଗ୍ରହଦାୟକ ବୋଧ ହେବ ଯେଉଁମାନେ ବାସ କରୁଥିବା ପୃଥିବୀ ସମ୍ପର୍କରେ ଜାଣିବା ଲାଗି ଆଗ୍ରହ ପ୍ରକାଶ କରିବେ ।

ଏହି ଦୁଇଟି ବିଷୟରେ ଆଗ୍ରହାନ୍ୱିତ ହେବା ପୂର୍ବରୁ ଜଣେ ନିଜର ଜ୍ଞାନ ପିପାସାର ଦିଗ୍‌ବଳୟକୁ ଓ ନିଜର ଚେତନାର କ୍ଷେତ୍ରକୁ ସୁଦୂରପ୍ରସାରୀ କରିଥିବା ଆବଶ୍ୟକ ।

*

*ପ୍ରଶ୍ନ : ମା, ତୁମକୁ ପାଇବାରେ ଗଣିତ, ଇତିହାସ ବା ବିଜ୍ଞାନ ମୋତେ କି ପ୍ରକାର ସାହାଯ୍ୟ କରିବେ ?*

ଶ୍ରୀମା : ସେସବୁ ଅନେକ ଉପାୟରେ ସାହାଯ୍ୟ କରିବେ :

୧. ପରମ ସତ୍ୟର ଆଲୋକକୁ ଗ୍ରହଣ କରିବା ଓ ଧାରଣ କରିବା ଲାଗି ସମର୍ଥ ହେବା ପାଇଁ ମସ୍ତିଷ୍କ ବହୁତ ଦୃଢ଼ ଓ ଶକ୍ତ ହେବା ସହ ବିଶାଳ ଓ ନମନୀୟ ହେବା ଏକାନ୍ତ ଆବଶ୍ୟକ । ଏହି ସାମର୍ଥ୍ୟ ଲାଭ କରିବା ଲାଗି ଏହିସବୁ ବିଷୟବସ୍ତୁ ପଠନ କରିବା ଗୋଟିଏ ଅତ୍ୟନ୍ତ ସୁନ୍ଦର ମାର୍ଗ ।

୨. ତୁମେ ଯଦି ବିଜ୍ଞାନକୁ ଅତି ଗଭୀର ଭାବେ ଅଧ୍ୟୟନ କରିବ, ତେବେ ତାହା ତୁମକୁ ବାହ୍ୟରୂପର ଅବାସ୍ତବତା ବିଷୟରେ ଶିକ୍ଷା ଦେବ ଏବଂ ଫଳରେ ଏହା ତୁମକୁ ଅଧ୍ୟାତ୍ମ ସତ୍ୟ ଆଡ଼କୁ ପରିଚାଳିତ କରିନେବ ।

୩. ତୁମେ ଯଦି ସ୍ଥୂଳ ପ୍ରକୃତିର ସମସ୍ତ ବିଭାବ ଓ କ୍ରିୟାକଳାପ ସମ୍ବନ୍ଧରେ ଅଧ୍ୟୟନ କରିବ ତେବେ ତୁମେ ବିଶ୍ୱମୟୀ ଦିବ୍ୟଜନନୀଙ୍କର ସଂସ୍ପର୍ଶରେ ଆସି ପାରିବ ଏବଂ ମୋର ଅତି ନିକଟତର ହୋଇଯିବ ।

(Cent. Vol. 12, P. 249)

*

**ସିନେମା :**

ଆମେ ଚାହୁଁ ଜୀବନ ଯେମିତି ହେବାର କଥା ସେହିଭଳି ସିନେମାସବୁ ଆମ ପିଲାମାନଙ୍କୁ ଦେଖାଇବା ଲାଗି ଆମେ ସକ୍ଷମ ହେବା ଆବଶ୍ୟକ, କିନ୍ତୁ ଆମେ ସେ ଅବସ୍ଥାରେ ପହଞ୍ଚି ପାରି ନାହୁଁ, ତା'ଠାରୁ ଅନେକ ଦୂରରେ ଅଛୁ । ଏହି ପ୍ରକାରର ସିନେମା ସବୁ ବି ପ୍ରସ୍ତୁତ ହେବା ଦରକାର । ମାତ୍ର ବର୍ତ୍ତମାନ ଅନେକ ସମୟରେ ଜୀବନ ଯାହା ନହେବା କଥା ତାହାହିଁ

ସିନେମାରେ ଦେଖାଯାଉଛି, ଏତେ ତୀବ୍ର ଭାବରେ ଦେଖାଯାଉଛି ଯେ ଏହା ମଣିଷକୁ ତା'ର ଜୀବନ ପ୍ରତି ବୀତସ୍ପୃହ କରାଇ ଦେଉଛି ।

ଏହା ମଧ୍ୟ ପ୍ରସ୍ତୁତି ପର୍ବରେ ଆବଶ୍ୟକ ।

(Cent. Vol. 12, P. 244)

*

ଆଶ୍ରମରେ ସିନେମା ଦେଖାଯିବା ଲାଗି ଅନୁମତି ଦିଆଯାଇଛି ଆନନ୍ଦ ଉପଭୋଗ ନିମିତ୍ତ ନୁହେଁ, ଏହା ଦିଆଯାଇଛି ଶିକ୍ଷାର ଏକ ଅଙ୍ଗ ହିସାବରେ । ତେଣୁ ଆମେ ଏଠି ବି ସେହି ଶିକ୍ଷା ସମସ୍ୟାର ସମ୍ମୁଖୀନ ହେଉଛୁ ।

ଯଦି ଆମେ ବିଚାର କରିବା ଯେ ଯାହା ପିଲାଙ୍କୁ ସମସ୍ତ ପ୍ରକାର ନୀଚ, କଦର୍ଯ୍ୟ, ଜଘନ୍ୟ ଏବଂ ପତନୋନ୍ମୁଖୀ କ୍ରିୟା-କଳାପରୁ ଶୁଦ୍ଧ କରି ରଖିବାରେ ସହାୟତା କରିବ, ଆମର ପିଲା କେବଳ ତାହାକୁହିଁ ଶିଖିବା ଉଚିତ, ତେବେ ତତ୍କ୍ଷଣାତ୍ ଆମେ ଅବଶିଷ୍ଟ ମାନବସମାଜଠାରୁ ଆମର ସମସ୍ତ ସମ୍ପର୍କକୁ ବିଚ୍ଛିନ୍ନ କରିଦେବୁ । ପ୍ରଥମତଃ ଇତିହାସ ନାମରେ ଚଳୁଥିବା ଯୁଦ୍ଧ ଓ ହତ୍ୟାକାଣ୍ଡ, ଦ୍ୱନ୍ଦ୍ୱ ଏବଂ ପ୍ରବଞ୍ଚନାର ଏହି ସମସ୍ତ କାହାଣୀଠାରୁ ଆମକୁ ବିଚ୍ଛିନ୍ନ କରିଦେବୁ । ବର୍ତ୍ତମାନ ପରିବାର, ଜ୍ଞାତି, ବନ୍ଧୁମାନଙ୍କ ସହ ଥିବା ଆମର ସମସ୍ତ ସମ୍ପର୍କକୁ ଛିନ୍ନ କରିଦେବାକୁ ହେବ ଏବଂ ସେମାନଙ୍କର ସମସ୍ତ ପ୍ରାଣଗତ ଆବେଗ ପ୍ରବେଗ ଉପରେ ବି ନିୟନ୍ତ୍ରଣ ଜାରି ରଖିବାକୁ ହେବ ।

ଆଗକାଳର ମଠମାନଙ୍କରେ ସଂଯମଯୁକ୍ତ ସନ୍ନ୍ୟାସ ଜୀବନ ଏବଂ ଗିରିଗୁହା ତଥା ଅରଣ୍ୟର ବୈରାଗ୍ୟ ଜୀବନ ପଛରେ ଏହି ଧାରଣାଟି କାର୍ଯ୍ୟ କରୁଥିଲା ।

ଏହି ପ୍ରତିକାର କିନ୍ତୁ ଆଦୌ ଫଳପ୍ରଦ ହେଲା ନାହିଁ ଏବଂ ଏହା ମଣିଷସମାଜକୁ ଜଘନ୍ୟ କର୍ଦମ ଭିତରୁ ଉଦ୍ଧାର କରିବାରେ ସମ୍ପୂର୍ଣ୍ଣ ବିଫଳ ହେଲା ।

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଏହାର ପ୍ରତିକାର ସମ୍ପୂର୍ଣ୍ଣ ଭିନ୍ନ । ଆମେ ଜୀବନକୁ ସମଗ୍ର ଭାବରେ ସମ୍ମୁଖୀନ ହେବା, ଏଥିରେ ତଥାପି ରହିଥିବା କୁତ୍ସିତତା, ମିଥ୍ୟା, ନିଷ୍ଠୁରତା ଆଦି ସହିତ ଆମେ ଏହାର ସମ୍ମୁଖୀନ ହେବା, ମାତ୍ର ସତର୍କ ଦୃଷ୍ଟି ରଖି ଆମ ଭିତରେ ଥିବା ସମ୍ପୂର୍ଣ୍ଣ ମଙ୍ଗଳମୟ, ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟମୟ, ସମ୍ପୂର୍ଣ୍ଣ ଆଲୋକମୟ ଓ ସତ୍ୟମୟ ବସ୍ତୁର ମୂଳଉତ୍ସଟିକୁ ମଧ୍ୟ ଆବିଷ୍କାର କରିବା – ଏଇଥିପାଇଁ ଯେ ଏହି ଉତ୍ସକୁ ଜାଗ୍ରତ୍ ଭାବରେ ଏହି ସଂସାର ସହ ସଂଯୁକ୍ତ କରିପାରିବା ଏବଂ ତଦ୍ଦ୍ୱାରା ଜଗତର ରୂପାନ୍ତର ସମ୍ଭବ ହେବ ।

ଆମେ ଏସବୁ ଚାହୁଁ ନାହୁଁ ବୋଲି ଆଖି ବୁଜି ଦେବା ବା ଏସବୁଠାରୁ ଦୂରକୁ ପଳାୟନ କରିବା ଅପେକ୍ଷା ଏହି ପଥଟି ବହୁ ଗୁଣରେ ଅଧିକ କଷ୍ଟକର; ମାତ୍ର ଏହାହିଁ ଏକମାତ୍ର ଫଳପ୍ରଦ ବାଟ – ଯେଉଁମାନେ ପ୍ରକୃତରେ ବଳବାନ୍ ଓ ଶୁଦ୍ଧ, ପରମ ସତ୍ୟର ଅଭିବ୍ୟକ୍ତି ଘଟାଇବା ନିମନ୍ତେ ଯେଉଁମାନେ ପ୍ରକୃତରେ ସମର୍ଥ, ଏଇଟି ହେଉଛି ସେହିମାନଙ୍କର ପଥ ।

*

**(ଅରୋଭିଲ୍‌ଠାରେ ସିନେମା ଦେଖାହେବା ସମ୍ପର୍କରେ)**

ପନ୍ଦର ବର୍ଷରୁ କମ୍ ବୟସର ପିଲାମାନେ କେବଳ ଶିକ୍ଷାମୂଳକ ସିନେମା ଦେଖିବେ ।

ଅରୋଭିଲ୍‌ରେ ପ୍ରଦର୍ଶିତ ହେବାଲାଗି ଆସିଥିବା ସିନେମାଗୁଡ଼ିକୁ ବାଛି ଠିକ୍ କଲାବେଳେ ଅତ୍ୟନ୍ତ ଯତ୍ନ ଓ ସାବଧାନତା ସହିତ ତାହା କରିବାକୁ ହେବ ।

ଯାହାକିଛି ମନୁଷ୍ୟର ନିମ୍ନସ୍ତରର ଗତିସ୍ପନ୍ଦନ ଏବଂ କାର୍ଯ୍ୟଗୁଡ଼ିକୁ ଉତ୍ସାହ ଏବଂ ପ୍ରେରଣା ଦେଉଥିବ, ସେଗୁଡ଼ିକୁ ମୋଟେ ପ୍ରଦର୍ଶିତ କରାଯିବ ନାହିଁ ।

(Cent. Vol. 12, P. 244)

(କ୍ରମଶଃ)

❑❑❑

> ପୃଥିବୀପୃଷ୍ଠରେ ଭୌତିକ ଭାବେ, ବାସ୍ତବତଃ, କୃତଜ୍ଞତାରେହିଁ ଜଣେ ଶୁଦ୍ଧତମ ଆନନ୍ଦର ଉତ୍ସକୁ ଆବିଷ୍କାର କରିଥାଏ ।
>
> – ଶ୍ରୀମା

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୧)

## ମନୋଜ ଦାସ

### ଏକ ଶୋଭାଯାତ୍ରା ଏବଂ ଏକ ଦୈବବାଣୀ

କାହିଁ କେତେ ଯୁଗ ତଳର କଥା । ସେତେବେଳେ ଯମୁନାର ଜଳ ଥିଲା ଅତୀବ ସ୍ୱଚ୍ଛ, ସୁଶୀତଳ । କୂଳେ କୂଳେ ତା'ର ଅଗଣନ ଗଛଲତା । ନଦୀର କୁଳୁକୁଳୁ ସ୍ୱନ ସହ ସ୍ୱର ମିଳାଇବାକୁ ବ୍ୟଗ୍ର ଥିଲେ ସେସବୁ ଗଛଲତାର ମର୍ମର ଧ୍ୱନି ତଥା ପକ୍ଷୀମାନଙ୍କର କୂଜନ ।

ସେହି ନଦୀ କୂଳରେ ପୁଣି ମନୋରମ ନଗରୀ ମଥୁରା । ଏକଦା ତାକୁ ସ୍ଥାପନ କରିଥିଲେ ମଧୁ ନାମକ ଅସୁର ରାଜା । ଅସୁରମାନଙ୍କର ଥାଏ ବହୁତ ଭଲ ଗୁଣ । ସେମାନେ ପ୍ରବଳ ସାହସୀ ତଥା ବଳବାନ୍ । କିନ୍ତୁ ସେମାନେ ବଡ଼ ଉଦ୍ଧତ ଓ ସ୍ୱାର୍ଥପର । ନିଜର ସନ୍ତୋଷ ଏବଂ ଉଲ୍ଲାସ ପାଇଁ ସେମାନେ ସାଧୁସନ୍ଥ ନିର୍ବିଶେଷରେ ନିରୀହ ଲୋକଙ୍କର ସର୍ବନାଶ କରିବାକୁ ତିଳେ ମଧ୍ୟ ଦ୍ୱିଧା ବୋଧ କରନ୍ତି ନାହିଁ । ସେମାନଙ୍କ ପାଖରେ ଯଥେଚ୍ଛା ସୁଖଭୋଗର ସୁଯୋଗ ଥିଲେ ବି ସେମାନେ ଆହୁରି ଅଧିକ ସୁଖର ଲାଳସାରେ ଅନ୍ୟମାନଙ୍କ ଉପରେ ଉପଦ୍ରବ କରନ୍ତି । ସେମାନଙ୍କ ଆଖିକୁ ଯାହା ଭଲ ବା ସୁନ୍ଦର ଦେଖାଯିବ, ତାହା ସେମାନେ ଅନ୍ୟଠୁଁ ଛଡ଼ାଇ ନେବେ, କିନ୍ତୁ ନିଜେ ଭଲ ବା ସୁନ୍ଦର ହେବାକୁ କଦାପି ମନ ବଳାଇବେ ନାହିଁ ।

ସେ ଯାହାହେଉ, ଉତ୍ତମ ଅସୁର ଯେ ମୋଟେ ନଥିଲେ ତାହା ନୁହେଁ । କେହି କେହି ଥିଲେ; ସେମାନଙ୍କ ହୃଦୟରେ ଦୟାମାୟା ଥାଏ; ମନରେ ବିନୟ ଭାବ ଥାଏ; ଏପରିକି ସେମାନେ ଭଗବାନଙ୍କ ପ୍ରତି ମଧ୍ୟ ଭକ୍ତିଭାବ ପୋଷଣ କରୁଥା'ନ୍ତି ।

ମଧୁ ଥିଲା ଏହି ଶ୍ରେଣୀର ଏକ ଅସୁର । ସେ ଶିବଙ୍କୁ ଆରାଧନା କରୁଥାଏ । ତା' ଉପରେ ସନ୍ତୁଷ୍ଟ ହୋଇ ଶିବ ତାକୁ ଏମିତି ଗୋଟାଏ ତ୍ରିଶୂଳ ଦାନ କରିଥା'ନ୍ତି, ଯାହାର ଥାଏ ଏକ ଅଦ୍ଭୁତ ଗୁଣ । ସେ ଅସ୍ତ୍ରଟି ଯାହା ଉପରକୁ ନିକ୍ଷେପ କରାଯିବ, ତାକୁ ଧ୍ୱଂସ କରି ସାରି ତାହା ପ୍ରୟୋଗକାରୀ ହାତକୁ ଆପଣାଛାଏଁ ଫେରିଆସିବ । ଅବଶ୍ୟ ଶିବ ଠାକୁର ମଧୁକୁ ସତର୍କ କରାଇ ଦେଇଥିଲେ : ତ୍ରିଶୂଳଟି କେବଳ ଦୁଷ୍ଟର ନିଧନ କରିବ; ନିର୍ଦ୍ଦୋଷର କୌଣସି ହାନି କରିବ ନାହିଁ ।

ତା' ପାଖରେ ଏମନ୍ତ ଏକ ତ୍ରିଶୂଳ ଥିବା ଯୋଗୁଁ ଅନ୍ୟ ଅସୁରମାନେ ମଧୁ ବିରୋଧରେ କିଛି କରିବାକୁ ସାହସ କରୁ ନଥିଲେ । ଶାନ୍ତିରେ ରାଜ୍ୟ ଶାସନ କରୁଥିଲା ମଧୁ ।

ଯୁବା ବୟସରେ ମଧୁ ଜଣେ ସୁନ୍ଦରୀ ଅସୁର-ରାଜକନ୍ୟାକୁ ଚୋରାଇ ଆଣି ବିଭା ହୋଇଥିଲା । ନାମ ତା'ର କୁମ୍ଭୀନାଶି । ସେ କନ୍ୟାଟି ଲଙ୍କା ଦ୍ୱୀପର ପ୍ରଚଣ୍ଡ ପ୍ରତାପୀ ରାଜା ରାବଣର ସମ୍ପର୍କୀୟ ଭଉଣୀ । ରାବଣ ଉତ୍ତେଜିତ ହୋଇ ସସୈନ୍ୟ ପହଞ୍ଚିଗଲା ମଥୁରାରେ । କିନ୍ତୁ ପ୍ରାସାଦ ଉପରେ ସେ ଆକ୍ରମଣ ଆରମ୍ଭ କରିବା ପୂର୍ବରୁ ନିଜେ ରାଜକନ୍ୟା ଦୌଡ଼ି ଆସି ବଡ଼ଭାଇ ରାବଣ ଗୋଡ଼ତଳେ ପଡ଼ିଯାଇ ତାକୁ ଶାନ୍ତ କଲା । ରାବଣ ବୁଝିଲା ଯେ ତାକୁ ଚୋରାଇ ନେଇ ଆସିଥିବା ବରଟିକୁ ଭଉଣୀ ଖୁବ୍ ପସନ୍ଦ କରିଛି । ସେ ତେଣୁ କିଛି ଉପଦ୍ରବ କଲା ନାହିଁ । କ୍ରମେ ମଧୁ ଓ ରାବଣ ବନ୍ଧୁ ବନିଗଲେ । ରାବଣର ନିମନ୍ତ୍ରଣରେ ମଧୁ ଗଲା ଲଙ୍କା ।

ତହିଁ ତ୍ରିକୂଟ ପର୍ବତ ଉପରେ ରାବଣର ବିରାଟ ଦୁର୍ଗ । ଦେଖିଦେଲେ ଆଖି ଝଲସି ଉଠିବ । ସେ ଦୁର୍ଗ କୌଣସି ମଣିଷ-କାରିଗର ନିର୍ମାଣ କରି ନଥିଲେ; କରି ଥିଲେ ସ୍ୱର୍ଗପୁରୀର ସ୍ଥପତି ଓ ଯନ୍ତ୍ରୀ ବିଶ୍ୱକର୍ମା ।

ନିଜ ନଗରୀରେ ସେମିତି ଏକ ଦୁର୍ଗ ନିର୍ମାଣ କରିବା ନିମନ୍ତେ ଭାରି ଆଗ୍ରହ ହେଲା ମଧୁ ଅସୁରର । ସେ ନିଜ ସ୍ୱପ୍ନକୁ ଯଥାସମ୍ଭବ ସାକାର କଲା । ଯମୁନା କୂଳରେ ଗଢ଼ି ଉଠିଲା ମନୋରମ ଦୁର୍ଗ । ଚାରଣମାନଙ୍କ ଗୀତ ସେ ଦୁର୍ଗର ଗୌରବ ଗାନ କଲା । ଦୂରଦୂରାନ୍ତରୁ ଖାଲି ସାଧାରଣ ଲୋକ ନୁହନ୍ତି, ରାଜା-ସାମନ୍ତମାନେ ମଧ୍ୟ କୌତୂହଳୀ ହୋଇ ଭ୍ରମଣରେ ଆସି ସେ ଦୃଶ୍ୟ ଦେଖି ଯାଉଥା'ନ୍ତି ।

ମଧୁର ନାମ ଅନୁସାରେ ସେ ଦୁର୍ଗର ନାମ ହେଲା ମଧୁପୁର । ପୁଣି ଦୁର୍ଗର ନାମ ଅନୁସାରେ ନଗରୀର ନାମ ବି ହେଲା ମଧୁପୁର । ଜନସାଧାରଣଙ୍କ କଥୋପକଥନରେ ମଧୁପୁର ଶବ୍ଦଟି ଛୋଟ ହୋଇ ହେଲା ମଥୁରାରେ ପରିଣତ । ଖାଲି ନଗରୀର ନୁହେଁ ରାଜ୍ୟର ନାମ ବି ହେଲା ମଥୁରା ।

ବହୁ ବର୍ଷ ବିତିଗଲା । ମଥୁରା ରାଜ୍ୟ ଉପରୁ ଅସୁରମାନଙ୍କ ଶାସନ ସମାପ୍ତ ହେଲା । ଆମେ ଯେଉଁ ସମୟ କଥା କହୁଛୁଁ ସେତେବେଳେ ମଥୁରାକୁ ଶାସନ କରୁଥିଲେ ଜଣେ ନ୍ୟାୟପରାୟଣ ରାଜା ଉଗ୍ରସେନ । ସୁଖ ଶାନ୍ତିରେ ବିତୁଥିଲା ପ୍ରଜାକୁଳଙ୍କ ସମୟ ।

ଥରେ ଥରେ କିନ୍ତୁ ଅଚାନକେ ଅଘଟଣ ଘଟିଯାଏ । ଦିନେ ଉଗ୍ରସେନଙ୍କ ରାଣୀ ଦୁର୍ଗକୁ ଲାଗିଥିବା ଏକ ମନୋରମ ଉପତ୍ୟକା ଭିତରେ ଏକାକିନୀ ବୁଲୁଥା'ନ୍ତି, ଗୋଟାଏ ଅସୁରର ଆତ୍ମା ଆସି ତାଙ୍କ ଭିତରେ ଆଶ୍ରା ନେଲା । ରାଣୀ ଗୋଟାଏ ଅସୁର ପୁତ୍ର ସନ୍ତାନ ପ୍ରସବ କଲେ । ତା'ର ନାମ ହେଲା କଂସ । ସେ ଯେତିକି ଯେତିକି ବଡ଼ ହେଲା, ତା' ସ୍ୱଭାବ ହେଲା ସେତିକି ମାତ୍ରାରେ ଅଧିକରୁ ଅଧିକ ରୁକ୍ଷ, ନିଷ୍ଠୁର ଏବଂ ବେପରୁଆ । ଦୈବକୁ ସେ ପୁଣି ବିଭା ହେଲା ମଗଧର ରାଜା ଜରାସନ୍ଧର ଦୁଇ କନ୍ୟାଙ୍କୁ । ଜରାସନ୍ଧ ନିଜେ ଥିଲା ନିର୍ଦ୍ଦୟ ଓ ଦୁର୍ଦ୍ଦାନ୍ତ । ତା' ପ୍ରଭାବରେ କଂସ ବନିଗଲା ଆହୁରି ନିର୍ମମ ।

ଦିନେ ତା' ମୁଣ୍ଡକୁ ଆସିଗଲା ଗୋଟାଏ ନୂଆ ଭାବନା : ମୁଁ କେତେ ଦିନ ତୁଚ୍ଛା ଯୁବରାଜ ହୋଇ ରହିଥିବି ? ଏବେଠୁଁ ରାଜା ବନି ନଯିବି କିଆଁ ? ମନ କଥା ସେ ଶ୍ୱଶୁର ଜରାସନ୍ଧକୁ କହିଲା । ଶ୍ୱଶୁର ମହାଶୟଙ୍କ ସମର୍ଥନ କ୍ରମେ ସେ ମାତାପିତାଙ୍କୁ ଦୁର୍ଗ ପରିସର ଅନ୍ତର୍ଗତ ଗୋଟାଏ ନିଛାଟିଆ ଘରେ ବନ୍ଦି ବନାଇ ନିଜେ ସିଂହସନ ମାଡ଼ି ବସିଗଲା । ଉଗ୍ରସେନ ଏବଂ ତାଙ୍କ ରାଣୀଙ୍କ ପାଇଁ ପାତ୍ର-ମିତ୍ର ଓ ପ୍ରଜାକୁଳ ଲୁହ ଗଡ଼େଇଲେ ସିନା, କେହି ମୁହଁ ଖୋଲି ପ୍ରତିବାଦ କରିପାରିଲେ ନାହିଁ ।

ସେ ଯୁଗରେ ଜୋର୍ ଯା'ର ମୁଲକ ତା'ର । ରାଜା ଓ ଶାସକମାନେ ଯେତେ ନିର୍ମମ ଆଚରଣ କଲେ ବି ଜନସାଧାରଣ ସେସବୁ ଆଖି ବୁଜି ସହି ଯାଉଥିଲେ । ପ୍ରତିବାଦ କଲେ ଅଚିରେ ପ୍ରାଣ ଯାଉଥିଲା; ନହେଲେ ବିକଳାଙ୍ଗ ହୋଇ ବଞ୍ଚିବାକୁ ପଡୁଥିଲା । ତେବେ ସୌଭାଗ୍ୟକୁ ଅଧିକାଂଶ ରାଜା ଓ ଶାସକ ବିବେକୀ ଥିଲେ । ସେମାନେ ଧର୍ମର ନୀତିନିୟମ ମାନି ଚଳୁଥିଲେ । ସେମାନଙ୍କ ଭିତରୁ କେହି କେହି ଉଗ୍ରସେନଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହେଲେ । କିନ୍ତୁ ଦୁର୍ଦ୍ଦାନ୍ତ କଂସ ପଛରେ ପ୍ରବଳ ପ୍ରତାପୀ ଜରାସନ୍ଧ ଥିବା ଯୋଗୁଁ ସେମାନେ ଉଗ୍ରସେନଙ୍କୁ ମୁକ୍ତ କରିବା ନିମନ୍ତେ ଆଗେଇ ଆସିବାକୁ ସାହସ କଲେ ନାହିଁ । ଆସିଥିଲେ ଆପଣା ରାଜ୍ୟଟିମାନ ତଥା ଜୀବନ ହରାଇଥା'ନ୍ତେ ଆଗପଛ ହୋଇ ।

ତେବେ ଆଉ କେହି କିଛି କରନ୍ତୁ ନ କରନ୍ତୁ, ସାଧୁସନ୍ଥ-ମାନେ ଭଗବାନ୍ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ – ଯେମିତି କଂସର ଶାସନରୁ ମଥୁରା ମୁକ୍ତ ହେବ । ସେମାନେ ନିଶ୍ଚିତ ଥିଲେ, ଭଗବାନ୍ ଅବଶ୍ୟ ସେମାନଙ୍କ ଡାକ ଶୁଣିବେ ।

ଦୁରାଚାରୀ, ଗର୍ବୀ କଂସର କିନ୍ତୁ ମଝେ ମଝେ ମିଜାଜ ବେଶ୍ ହାଲୁକା ହେବାର ଦେଖାଯାଉଥାଏ । ସେଦିନ ତା' ସାବତ ଭଉଣୀ ଦେବକୀଙ୍କର ବିବାହ ହୋଇଥାଏ ଯଦୁବଂଶର ରାଜପୁତ୍ର ବସୁଦେବଙ୍କ ସହିତ । ବସୁଦେବଙ୍କ ପରିବାର ମଥୁରା ଉପକଣ୍ଠରେ ଆସି ବସବାସ କରୁଥିଲେ । ବିବାହ ପରେ ବରକନ୍ୟାଙ୍କୁ ଏକ ଶୋଭାଯାତ୍ରାରେ ବରଘରକୁ ନିଆଯାଉଥାଏ । ଏକ ସୁସଜ୍ଜିତ ରଥରେ ଆସୀନ ବରକନ୍ୟା । ରଥ ଆଗରେ ଚାଲିଥା'ନ୍ତି ପୁରୋହିତବୃନ୍ଦ; ସେମାନଙ୍କ ପଛରେ ନଗରୀର ବିଶିଷ୍ଟ ବ୍ୟକ୍ତିବର୍ଗ ଏବଂ ବନ୍ଧୁ ବାନ୍ଧବ । ତା'ପରେ ବାଦ୍ୟକାରଗଣ ରଥ ପଛରେ ସାଧାରଣ ନାଗରିକ ବର୍ଗ ତଥା ଆଉ ଦଳେ ବାଦ୍ୟକାର । ରଥ ଦୁଇ କଡ଼ରେ ଚାଲୁଥା'ନ୍ତି ବରର ବନ୍ଧୁବର୍ଗ ତଥା କନ୍ୟାର ସଖୀବୃନ୍ଦ । ରାଜପଥର ଦୁଇ କଡ଼ରେ ଥିବା ଗୃହ ସବୁରୁ ବରକନ୍ୟା ଉପରକୁ ଲୋକେ ପୁଷ୍ପ, ଚନ୍ଦନ, କସ୍ତୁରୀ ଇତ୍ୟାଦି ବର୍ଷଣ କରୁଥା'ନ୍ତି ।

ହଠାତ୍ କଂସ ଚଢ଼ିଗଲା ରଥ ଉପରକୁ । ସାରଥିକୁ ଓହ୍ଲାଇ ଦେଇ ସେ ନିଜେ ହାତକୁ ନେଲା ଘୋଡ଼ାମାନଙ୍କର ଲଗାମ । ଭଉଣୀଟି ପାଇଁ ତା'ର ସ୍ନେହ-ସରାଗ କେତେ ଗଭୀର, ସେ ବୋଧହୁଏ ତାହାହିଁ ପ୍ରମାଣ କରିବାକୁ ଚାହୁଁଥିଲା ।

ପ୍ରଥମ ଥର ପାଇଁ ସେଦିନ ଲୋକେ କଂସର ପ୍ରଶଂସାରେ ମୁଖର ହେଲେ । କଂସ ମୁହଁରେ ଚହଟି ଉଠିଲା ହସ । ସେ ମନ୍ଥର ଛନ୍ଦରେ ଲଗାମ ଟାଣୁଥାଏ । ଘୋଡ଼ାମାନେ ଛନ୍ଦେ ଛନ୍ଦେ କଦମ୍ ପକାଇ ଗତି କରୁଥା'ନ୍ତି । ରଥ ଚଳାଇବାରେ କଂସର ସେ କଳା କୌଶଳ ଦେଖି ଲୋକେ କରତାଳି ଦେଉଥା'ନ୍ତି । କଂସ ବି ଥରେ ଥରେ ଗୋଟାଏ ହାତ ଟେକି ସେମାନଙ୍କୁ ଅଭିବାଦନ ଜଣାଉଥାଏ । ମଝେ ମଝେ

ମୁହଁରେ ଉକୁଟି ଉଠୁଥାଏ ମଧୁର ହସ — ଯାହା ମଥୁରା-ବାସୀମାନେ ପ୍ରାୟ କେବେ ଦେଖି ନଥା'ନ୍ତି ।

ଅନୁଷ୍ଠାନ ଚାଲିଥିଲା ସୁରୁଖୁରୁରେ । କିନ୍ତୁ ନିମିଷକେ ସବୁ ଓଲଟ ପାଲଟ ହୋଇଗଲା । ଆକାଶର ମେଘମାଳା ବିଦୀର୍ଣ୍ଣ କରି ଯେଉଁ ଧ୍ୱନି ଆସି ସମସ୍ତଙ୍କୁ ଚକିତ କରିଦେଲା, ତାହା ବଜ୍ର ନୁହେଁ, କିନ୍ତୁ ସେହିଭଳି ପ୍ରଚଣ୍ଡ ଗମ୍ଭୀର ଏକ କଣ୍ଠସ୍ୱର । ସମସ୍ତେ ଶୁଣିଲେ ସେ ଭାଷା : "କଂସ ! ତୋର ନୃଶଂସ ଶାସନ ଶେଷ ହେବାକୁ ଖୁବ୍ ବେଶୀ ବିଳମ୍ବ ନାହିଁ । ତୋର ଏଇ ଭଉଣୀ ଦେବକୀର ଅଷ୍ଟମ ଗର୍ଭରୁ ଉପୁଜିବ ଯେଉଁ ପୁତ୍ର ସନ୍ତାନ, ତାହାରି ହାତରେ ସାଙ୍ଗ ହେବ ତୋର ଦୁରାଚାରୀ ଜୀବନ । ରାଜ୍ୟରେ ଆସିବ ଶାନ୍ତି ଓ ସ୍ୱସ୍ତି !"

ଶୋଭାଯାତ୍ରାର ଗତି ବନ୍ଦ ହୋଇ ଯାଇଥାଏ । ସମସ୍ତେ ସ୍ତବ୍ଧ ହୋଇ ଆକାଶକୁ ଅନାଇଥା'ନ୍ତି । ଅଧିକରୁ ଅଧିକ ଭୀଷଣ ଦିଶୁଥା'ନ୍ତି ଉଦ୍‌ବେଳ କଳାମେଘମାଳା । ସତେ ଅବା ସେ ଭୟାବହ ଭବିଷ୍ୟତ୍ ବାଣୀ ସେମାନଙ୍କୁ ବି ଆନ୍ଦୋଳିତ କରୁଥାଏ ।

ପୁନର୍ବାର ଶୁଭିଲା ଏକ ପ୍ରଚଣ୍ଡ ଧ୍ୱନି । ଏଥର ତାହା ଆକାଶରୁ ଆସୁ ନଥିଲା — ଯାଉଥିଲା ଆକାଶ ଆଡ଼େ । କଂସର ନିନାଦ । ସେ ଦିଶୁଥିଲା ଭୟଙ୍କର । ଆଖିରୁ ତା'ର ଯେମିତି ବାହାରି ଆସୁଥିଲା ନିଆଁହୁଳା ।

ଲଗାମ ଛାଡ଼ିଦେଇ ସେ ଠିଆ ହୋଇଥିଲା ରଥ ଉପରେ । ଚାହୁଁ ଚାହୁଁ ଗୋଟାଏ ବିକଟ ଅଟ୍ଟହାସ୍ୟ ସହକାରେ ସେ କୋଷମୁକ୍ତ କଲା ତା'ର ଶାଣିତ ତରବାରି । ବାମ ହାତ ମୁଠିରେ ସେ ଦେବକୀଙ୍କର କେଶ ଆକର୍ଷଣ କରି ଅନ୍ୟ ହାତରେ ଉପରକୁ ଉଠାଇଲା ସେ ଭୟଙ୍କର ଅସ୍ତ୍ର ।

"ତୁମେ କ'ଣ ଚାହଁ, ଭାଇ ?" ଆତଙ୍କିତ କଣ୍ଠରେ ପ୍ରଶ୍ନ କଲେ ଦେବକୀ ।

ପୁଣି ଥରେ ଅଟ୍ଟହାସ୍ୟ କଲା କଂସ ।

"ଅଷ୍ଟମ ଗର୍ଭ ? ହାଃ ହାଃ !" ଚିତ୍କାର କରି କହିଲା କଂସ । ମୁଁ ଏଡ଼ିକି ମୂଢ଼ ଯେ ସେଯାଏ ଦିନ ଗଣୁଥିବି ? ଏହି ମୁହୂର୍ତ୍ତରେ ମୁଁ ସେ ଭବିଷ୍ୟତ୍ ବାଣୀକୁ କରି ଦେବି ପାଗଳର ପ୍ରଳାପରେ ପରିଣତ । ଯାହା ଗର୍ଭରୁ ବାହାରିବ ମୋର ନିଧନକାରୀ, ତାକୁହିଁ ନିଶ୍ଚିହ୍ନ କରିଦେବି ଅବିଳମ୍ବେ । ଦେବକୀ ! ବିବେକୀ ଭଳି ଉତ୍ତର ଦେ । କହ : ତୋତେ କେମିତି ମୁଁ ବଞ୍ଚି ରହିବାକୁ ଛାଡ଼ିଦେବି ? ତୋଠୁଁ ଜନ୍ମ ନେବ ମୋର ଯେଉଁ ଘାତକ, ତାକୁ ସ୍ୱାଗତ କରିବା ନିମନ୍ତେ ମୁଁ ଅପେକ୍ଷା କରିବି ? ହାଃ ହାଃ ।"

ପୁନର୍ବାର ତରବାରି ଉଦ୍ୟତ କଲା କଂସ । ବିଜୁଳି ଆଲୁଅରେ ତାହା ଗୋଟାଏ ଭୟଙ୍କର ସାପର ଲହ ଲହ ଜିଭ ଭଳି ଝଟକି ଉଠିଲା । ରଥ ଚତୁର୍ଦ୍ଦିଗରୁ ଶୁଭିଲା ଅସଂଖ୍ୟ କଣ୍ଠର ଆର୍ତ୍ତନାଦ ।

(କ୍ରମଶଃ) ❑

...ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଭାଗବତର ଲେଖକ ଅଥବା ଲେଖକମାନେ ଏପରି ଏକ ସମଗ୍ର ଅନ୍ତରସ୍ଥ ଜଗତର ସଂସ୍ପର୍ଶରେ ଆସିଥିଲେ, ଯାହାରକି ଯଥାର୍ଥରେ ଏକ ଅସ୍ତିତ୍ୱ ରହିଥିଲା; ସେମାନେ ଗ୍ରନ୍ଥଟିରେ ଯାହାସବୁ ବର୍ଣ୍ଣନା ବା ପ୍ରକାଶିତ କରିଛନ୍ତି, ସେଠାରେ ସେମାନେ ସେଗୁଡ଼ିକୁ ପ୍ରକୃତରେ ପ୍ରତ୍ୟକ୍ଷହିଁ କରିଥିଲେ ।

କୃଷ୍ଣ ପ୍ରକୃତରେ ଏକ ମନୁଷ୍ୟଶରୀରରେ ପୃଥିବୀରେ ବାସ କରୁଥିଲେ କି ନାହିଁ, ସେହି କଥାଟିର କେବଳ ଏକ ଗୌଣ ମହତ୍ତ୍ୱ ରହିଛି (ସଂପୂର୍ଣ୍ଣ ଭାବରେ ଏକ ଐତିହାସିକ ଦୃଷ୍ଟିକୋଣରୁ ଅବଶ୍ୟ ଏପରି କୁହାଯାଇ ପାରିବ ନାହିଁ), କାରଣ କୃଷ୍ଣ ହେଉଛନ୍ତି ଏକ ପ୍ରକୃତ, ଜୀବନ୍ତ ଏବଂ ସକ୍ରିୟ ସତ୍ତା; ଏବଂ, ପୃଥିବୀର ଅଗ୍ରଗତି ତଥା ରୂପାନ୍ତରୀକରଣର ଇତିହାସରେ ତାଙ୍କର ପ୍ରଭାବ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ନିୟାମକରୂପେ କାର୍ଯ୍ୟ କରିଆସିଛି ।

୮ ଜୁନ୍, ୧୯୬୦ — **ଶ୍ରୀମା**

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୧)

## ସାହାନା ଦେବୀ

**ସାହାନା :** ଆମ ଆଶ୍ରମରେ ଅନେକଙ୍କୁ ଏମିତି କହିବାର ଶୁଣିଛି ''ମାଶ୍ରୀଅରବିନ୍ଦ ଇଚ୍ଛା କରନ୍ତି ଯେ ଆମର ସାଧିକାମାନେ ଉତ୍ତମ ବସ୍ତ୍ର ପରିଧାନ କରନ୍ତୁ ଅର୍ଥାତ୍ ନିଜକୁ ସୁନ୍ଦର ଭାବେ ସଜାଇ ରଖନ୍ତୁ'' । ମୋତେ କିନ୍ତୁ ଏଇ ମତାମତ ଗ୍ରହଣ କରିବାକୁ ଟିକିଏ କେମିତି ବାଧୁଛି କାହିଁକି ନା ମାଶ୍ରୀଅରବିନ୍ଦ ତ ବାରଂବାର ନିରାସକ୍ତିର କଥା କହିଛନ୍ତି । ମୋର ଯେତେଦୂର ମନେହୁଏ ସେମାନେ କହନ୍ତି ନିରାସକ୍ତି ପ୍ରଥମେ । ସାଧାରଣତଃ ବସନ-ଭୂଷଣ, ସାଜସଜ୍ଜା ସମ୍ବନ୍ଧରେ ମହିଳାମାନଙ୍କର ତ ଖୁବ୍ ଆସକ୍ତି, ମୋର ତା'ହିଁ ବିଶ୍ୱାସ । ଯାହାହେଉ ଶ୍ରୀଅରବିନ୍ଦ ଏ ବିଷୟରେ ଯଦି କିଛି ଲେଖନ୍ତି, ତେଣୁ ତାଙ୍କୁ ଏଇ କଥାଟି ଲେଖିକରି ଜଣାଇଲି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଉପଲବ୍ଧି ପରେ ଯାହା କିଛି ଉଚ୍ଚତର ସଂକଳ୍ପର ଦାବି, ତାହାହିଁ ସର୍ବୋତ୍ତମ – କିନ୍ତୁ ପ୍ରଥମ ନିୟମ ହେଉଛି ନିରାସକ୍ତି । ନିୟମାନୁବର୍ତ୍ତିତା ଏବଂ ନିରାସକ୍ତି ବ୍ୟତୀତ ଅତି ଅଳ୍ପ ସଂଖ୍ୟକଙ୍କୁ ପୂର୍ଣ୍ଣ ମୁକ୍ତ ଅବସ୍ଥାରେ ପହଞ୍ଚିବାକୁ ସୁଯୋଗ ଦିଆଯାଇଥାଏ । ଶ୍ରୀମା ଏବଂ ମୋତେ ବହୁ ବର୍ଷ ଧରି ସ୍ୱେଚ୍ଛା-ପ୍ରଣୋଦିତ ଚରମ କଠୋରତା ମଧ୍ୟ ଦେଇ ଜୀବନ ଅତିବାହିତ କରିବାକୁ ପଡ଼ିଛି ।

(୧୫.୧୧.୩୩)

**ସାହାନା :** ମୁଁ ଏକ ପ୍ରକାର ଶାନ୍ତ ଓ ସ୍ଥିର ଭାବ ଅନୁଭବ କରୁଛି । ଯାହା କରିବାକୁ ହେବ ସେ ଦିଗରେ ବର୍ତ୍ତମାନ ଏକ ପ୍ରକାର ସଜାଗତା ଅଛି ବୋଲି ମନେ ହେଉଛି । ସାଧାରଣତଃ ଆମ ସମସ୍ତଙ୍କର କଥାବାର୍ତ୍ତାର ଯାହା କିଛି ବିଷୟବସ୍ତୁ ତାହା ହେଉଛି ଅଧିକାଂଶ ସମୟରେ କାହାକୁ ନା କାହାକୁ ନେଇ ସମାଲୋଚନା କରିବା । ଏବେ ଦେଖୁଛି ବାସ୍ତବରେ ଏ ଦିଗରେ ଏସବୁକୁ ନେଇ କଥା କଟାକଟି ହେବାର ବିଶେଷ କିଛି ପ୍ରୟୋଜନହିଁ ନାହିଁ । ଏହାଛଡ଼ା ଉତ୍ତମ କଥାବାର୍ତ୍ତା ମଧ୍ୟରେ ବି ଦେଖିଛି ''ମୁଁ''ତ୍ୱ ର ଅହଂକାର । ଯେପରି ନିଜ ସମ୍ବନ୍ଧରେ ଖୁବ୍ ଉଚ୍ଚ ଭାବ, ଅହଂ ଏହିପରି ବିଭିନ୍ନ ପ୍ରକାରର ଛଦ୍ମବେଶରେ ନାନା ପ୍ରକାର ଖେଳ ଖେଳେ । ଫଳସ୍ୱରୂପ ଅନ୍ତତଃ ନିଜ ମଧ୍ୟରେ ଦେଖୁଛି କଥା କହିବାର ସେମିତି କିଛି ବିଶେଷ ଆଗ୍ରହ ନାହିଁ, ମନେ ହେଉଛି ମୋର ଯେମିତି ଆଉ କିଛି କହିବାର ନାହିଁ, ସବୁ ନୀରବ ହୋଇଯାଇଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ସାଧାରଣ କଥାବାର୍ତ୍ତା ବିଷୟରେ ଯାହା କହୁଛ ତାହା ସମ୍ପୂର୍ଣ୍ଣ ଠିକ୍ ଏବଂ ସତ୍ୟ ଚେତନା ନିମନ୍ତେ ସେସବୁ ବସ୍ତୁ ପୂର୍ଣ୍ଣରୂପେ ଚାଲିଯିବାହିଁ ଏକାନ୍ତ ପ୍ରୟୋଜନ ।

**ସାହାନା :** ମାଗୋ, ମନେ ହୁଏ ଆଜିକାଲି ଖାଦ୍ୟ ସମ୍ବନ୍ଧରେ ଆଉ ସେମିତି କୌଣସି ସମସ୍ୟା ନାହିଁ । ଖାଇବାକୁ ଯେ ଭଲ ଲାଗେନା ତା' ନୁହେଁ, କେହି କିଛି ପଠାଇଲେ ଭଲ ପାଇ ଖାଏ । ଖାଇବାକୁ ଭଲ ବି ଲାଗେ, ତେବେ ଯେଉଁ ଧରଣର ଆନନ୍ଦ ସାଧାରଣତଃ ହେଉଥିଲା ତାହାର ପ୍ରକୃତି ଟିକିଏ ବଦଳି ଯାଇଛି । ତୁମେ ଥରେ କହିଥିଲ, ଏସବୁ ଅନେକ ଦିନ ପରେ ମଧ୍ୟ ପୁଣି ଥରେ ହଠାତ୍ କରି ମୁଣ୍ଡ ଟେକିଥାଏ । ତେଣୁ ଭାବୁଛି ଖାଦ୍ୟ ବିଷୟଟିକୁ ଆଉ ସେଭଳି ପ୍ରୋତ୍ସାହନ ନଦେଲେ କ'ଣ ହେବ ? ତୁମମାନଙ୍କର ଏବିଷୟରେ ମତାମତ ଜାଣିବାକୁ ଚାହୁଁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଖାଇବା-ପିଇବା ସଂକ୍ରାନ୍ତରେ ସାବଧାନ ହେବାହିଁ ଭଲ, କାରଣ ତୁମର ସାଧନା ବର୍ତ୍ତମାନ ଯେଉଁ ଅବସ୍ଥା ମଧ୍ୟଦେଇ ଗତି କରୁଛି ସେଠାରେ ସତ୍ତାର ଶାରୀରିକ ପ୍ରାଣ ଅଂଶ ମଧ୍ୟରେ ଖୁବ୍ ଏକ ସ୍ପର୍ଶକାତରତାର ଭାବ ରହିଛି ଯାହା ସହଜରେ ବିଚଳିତ ହୋଇପାରେ କୌଣସି ଭ୍ରମାତ୍ମକ ପ୍ରଭାବ କିଂବା ଭୁଲ୍ ଗତିବୃତ୍ତି ଦ୍ୱାରା, ଯେପରିକି ଅତିଭୋଜନ ।

**ସାହାନା :** ମାଗୋ, 'କ'ର ଯେଉଁଦିନ ଅବସାଦର ଆକ୍ରମଣ ହୋଇଥିଲା ସେଦିନ ମୁଁ ସ୍ପଷ୍ଟଭାବେ ଦେଖିଲି ସେ ଯେମିତି ଏକ କଳା ଛାଇ ଦ୍ୱାରା ଆବୃତ – ସେତେବେଳେ ମୋର ହଠାତ୍ ମନେ ହେଲା ଯେମିତି ରାହୁଗ୍ରସ୍ତ ଚନ୍ଦ୍ରମାର କଥା । ଚନ୍ଦ୍ରକୁ ଧୀରେ ଧୀରେ ରାହୁ ଯେପରି ଗ୍ରାସ କରିଥାଏ ସେମିତି ତାଙ୍କୁ ବି ଗ୍ରାସ କରି ପକାଇଛି ସେଇ କଳା ଛାଇଟି ।

*(ଅବଶିଷ୍ଟାଂଶ ପୃଷ୍ଠା ୪୪ରେ ଦେଖନ୍ତୁ)*

# ଗୁପ୍ତ ତଥ୍ୟର ଆବିଷ୍କାର

## (୩)

## ସୂର୍ଯ୍ୟକାନ୍ତି ମହାନ୍ତି

ଏ ପୃଥିବୀ ଯେପରି ରହସ୍ୟମୟ, ଏହା ମଧ୍ୟରେ ସଂଘଟିତ ଅନେକ ଘଟଣା, ଲୁକ୍‌କାୟିତ ଅନେକ ତଥ୍ୟ, ନିର୍ମାଣର ଅନେକ ଗୋପନ କଥା ଅଧିକ ରହସ୍ୟମୟ ମନେ ହୁଏ । ଆଧୁନିକ ଜୀବନରେ ମଧ୍ୟ ସାଧାରଣ ମଣିଷ ଅସଂଖ୍ୟ ଗୁପ୍ତ ଚାବି ବ୍ୟବହାର କରେ । ଯେପରି ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଏ.ଟି.ମ୍.ରେ ଗୁପ୍ତ ନମ୍ବରର ବ୍ୟବହାର କରାଯାଏ ଏବଂ ସମ୍ବାଦ ପ୍ରେରଣ ବ୍ୟବସ୍ଥାରେ ଇ-ମେଲର ପାସ୍‌ୱାର୍ଡ଼ ଆଦି । ଏଠାରେ ଅନ୍ୟ କେତୋଟି ଗୁପ୍ତତଥ୍ୟର ଅବତାରଣା କରାଯାଉଛି ।

**୧. ସମ୍ବାଲା ରାଜ୍ୟ :**

କୈଳାସ ପର୍ବତକୁ ପୃଥିବୀର ସର୍ବୋଚ୍ଚ ପବିତ୍ର ସ୍ଥାନ ବୋଲି ଗ୍ରହଣ କରାଯାଏ । ଏହା ସିନ୍ଧୁ, ସତ୍‌ଲେଜ୍, ବ୍ରହ୍ମପୁତ୍ର ଏବଂ କାମଲି ନଦୀ ଦ୍ୱାରା ପରିବେଷ୍ଟିତ । ଏହି ପର୍ବତକୁ ଗୁପ୍ତ ଓ ରହସ୍ୟାବୃତ ଜ୍ଞାନର ଏକ କେନ୍ଦ୍ରସ୍ଥଳୀ ମଧ୍ୟ କୁହାଯାଏ । ପ୍ରାୟ ସମସ୍ତ ବୈଜ୍ଞାନିକମାନଙ୍କ ମତରେ କୈଳାସ ପର୍ବତର ଶିଖର ଦେଶ ହେଉଛି ପ୍ରାଚୀନ କାଳର ମନୁଷ୍ୟକୃତ ଏକ ପିରାମିଡ଼ । ଏହାର ନିର୍ମାଣର ସମସ୍ତ କଳାକୌଶଳ, କୌଣିକ ପରିମାପ, ଚାରିଦିଗର ଅବସ୍ଥିତି ଓ ଆକୃତି ଆଦି ସଠିକ ଭାବରେ ସୂଚନା ଦିଏ ଯେ ଏହା ଏକ ବୃହତ୍ ପିରାମିଡ଼ । ଏପରି ବି ହୋଇପାରେ, ଏହି ସ୍ଥାନ ବିଭିନ୍ନ ଅଲୌକିକ ଘଟଣାବଳୀର ଏକ କେନ୍ଦ୍ରସ୍ଥଳୀ !

କେତେକଙ୍କ ମତରେ କୈଳାସ ପର୍ବତର ଏକ ଗୁପ୍ତ ପ୍ରବେଶ ପଥ ଅଛି ଯାହା ମଧ୍ୟରେ ବିଭିନ୍ନ କିଂବଦନ୍ତୀ ବର୍ଣ୍ଣିତ 'ସମ୍ବାଲା ରାଜ୍ୟ' ଅଛି !

**୨. ଅମ୍ବର କୋଠରି :**

୧୭୧୬ ମସିହାରେ ରୁଷିଆର ଶାସକଙ୍କୁ ପ୍ରୁସିଆ 'ଶାନ୍ତିର ପ୍ରତୀକ' ଭାବରେ ଏକ ଉପହାର ପ୍ରଦାନ କରିଥିଲା । ଏହା ହେଉଛି ଅମ୍ବର ପ୍ଲେଟରେ ନିର୍ମିତ ଏକ କୋଠରି, ଯାହାର ଓଜନ ଛଅ ଟନ୍ ଏବଂ ବର୍ତ୍ତମାନର ପ୍ରଚଳିତ ମୁଦ୍ରା ଅନୁଯାୟୀ ଏହାର ମୂଲ୍ୟ ୧୫୦ ନିୟୁତ ଡଲାର । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନମାନେ ଏହାକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଚୋରି କରି ନେଇଗଲେ । ମାତ୍ର ଏହା ନଷ୍ଟ ହୋଇଛି କି ଏପର୍ଯ୍ୟନ୍ତ କୌଣସି ଗୁପ୍ତ ସ୍ଥାନରେ ଅଛି – ତାହା ରହସ୍ୟମୟ । ତେବେ ୧୯୯୭ ମସିହାରେ ଜର୍ମାନ ପୋଲିସ ଏହାର ଏକ ଅଂଶ ଠାବ କରିଛି । ବିଶ୍ୱାସ କରାଯାଏ ଯେ ଏକ ବୃହଦାକାର ମାଟି ତଳ କୋଠରିରେ ଏହାକୁ ଗୁପ୍ତ ଭାବରେ ରଖାଯାଇଛି ।

ଜନୈକ ଜର୍ମାନ ବ୍ୟକ୍ତି ତାଙ୍କ ମୃତ୍ୟୁ ଶଯ୍ୟାରେ ପ୍ରକାଶ କରିଥିଲେ ଯେ ନାଜିମାନଙ୍କର ଏକ ସ୍ୱର୍ଣ୍ଣରେଳ ମଧ୍ୟରେ ଏହି ଅମ୍ବର କୋଠରିଟି ଅଛି । ତେବେ ପିଓଟ୍ରେ କୋପେର୍ ଏବଂ ଆଣ୍ଡ୍ରିଆସ ରିଚେସ୍ ନାମକ ଦୁଇଜଣ ବ୍ୟକ୍ତି ପ୍ରକାଶ କରିଥିଲେ ଯେ ୨୦୧୫ ସେପ୍‌ଟେମ୍ବର ୧୮ ତାରିଖରେ ସେମାନେ ଏହି କୋଠରିର ସନ୍ଧାନ ପାଇଛନ୍ତି, ଯାହା ପୋଲାଣ୍ଡର କୌଣସି ଗୁପ୍ତ ସ୍ଥାନରେ ଅଛି ।

**୩. କୋକାକୋଲା ପାନୀୟର ଗୁପ୍ତ ପ୍ରସ୍ତୁତି ପ୍ରଣାଳୀ :**

ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦେଶ କୋକାକୋଲା ପାନୀୟ ବ୍ୟବହାର କରନ୍ତି । ୨୦୧୧ ମସିହାରେ ହୋଇଥିବା ବିଶ୍ୱବ୍ୟାପୀ ସର୍ବେକ୍ଷଣରୁ ଜଣାଯାଏ ଯେ ଏହା ହେଉଛି ପୃଥିବୀର ସବୁଠାରୁ ଅଧିକ ମୂଲ୍ୟବାନ୍ ଉତ୍ପାଦନ ସାମଗ୍ରୀ । ସାଧାରଣତଃ ସମସ୍ତେ ଜାଣନ୍ତି ଯେ ଏହା କୋକା ବାଦାମ ଏବଂ କୋକା ପତ୍ରରୁ ପ୍ରସ୍ତୁତ ହୁଏ । ମାତ୍ର ଏହାର ମୌଳିକ ଉପାଦାନର ସୂତ୍ର ଓ ବାଣିଜ୍ୟିକ ଗୋପନୀୟତା ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣିଛନ୍ତି । ଏହାର ଉଦ୍ଭାବକ ଜନ୍ ଷ୍ଟିଥ୍ ପେମ୍ବେରଟନ୍‌ଙ୍କ ସହିତ ଅଳ୍ପ କିଛି ଲୋକ ୧୮୮୬ ମସିହାରେ ଏହାର ବାଣିଜ୍ୟିକ ସୂତ୍ର ଜାଣିଥିଲେ । ୧୯୧୯ରେ ଏହାର ମାଲିକ ଆଶା କେଣ୍ଡଲର୍‌ଙ୍କର ପୁତ୍ର ଲିଖିତ ଭାବରେ ଏହାର ପ୍ରମାଣ ରଖିଥିଲେ । ତେବେ କେଣ୍ଡଲର୍ ଏହି କମ୍ପାନୀକୁ ବିକ୍ରି କରି ଦେଲେ ଏବଂ ୧୯୧୯ରେ ଏହାର ସୂତ୍ରକୁ

ନ୍ୟୁୟର୍କର ଗ୍ୟାରେଣ୍ଟି ବ୍ୟାଙ୍କ ଭୂ-ନିମ୍ନସ୍ଥ ଏକ କ୍ଷୁଦ୍ର ପ୍ରକୋଷ୍ଠରେ ସୁରକ୍ଷିତ ଅବସ୍ଥାରେ ରଖିଥିଲେ । ୧୯୨୫ରେ ଏହି ସୂତ୍ରକୁ ଆଟଲାଣ୍ଟାକୁ ହସ୍ତାନ୍ତର କରାଗଲା ଏବଂ ସେଠାରେ ତାହା ରହିଲା ସୁଟ୍ରଷ୍ଟ ବ୍ୟାଙ୍କର ଏକ ଭଲ୍‌ଟରେ । ବର୍ତ୍ତମାନ ଏହା କୋକାକୋଲା ମିଉଜିଅମ୍‌ରେ ରଖାଯାଇଛି ଯେପରି ଜନସାଧାରଣ ଏହାକୁ ଦେଖିପାରିବେ । ମାତ୍ର ସେଠାରେ ଜଣେ କେବଳ ଏକ କଳା ବାକ୍ସ ଦେଖିପାରିବ ଯାହା ଭିତରେ ୧୯୧୯ରେ ଆଶା କେଣ୍ଡଲର୍‌ଙ୍କ ପୁତ୍ର ଲେଖିଥିବା ଗୁପ୍ତ ସୂତ୍ର ଅଛି ।

**୪. ଲୌହ ପର୍ବତ – ପୃଥିବୀର ସରକାରୀ ସଂଗ୍ରହାଳୟ :**

ଏହି ସଂଗ୍ରହାଳୟ ଭୂ-ନିମ୍ନସ୍ଥ ୨୨ ତାଲାର ଏକ କୋଠା । ଏହାକୁ ପୃଥିବୀର ମୂଲ୍ୟବାନ୍ ସମ୍ପତ୍ତିର ଗୃହ କୁହାଯାଏ । ଏହାର ପ୍ରବେଶ ଦ୍ୱାରରେ ଆଠ ଜଣ ସୁରକ୍ଷା କର୍ମୀ ଅଛନ୍ତି । ୫୦୦ରୁ ଊର୍ଦ୍ଧ୍ୱ କମ୍ପାନୀଗୁଡ଼ିକ କମ୍ପ୍ୟୁଟରରେ ରଖା ଯାଇଥିବା ନିଜର ଡାଟାବେସ୍‌କୁ ଏଠାରେ ସୁରକ୍ଷିତ ରଖିଛନ୍ତି । ଏଥିରେ ଅଛି ପୃଥିବୀର ସବୁଠାରୁ ଅଧିକ ବିଖ୍ୟାତ ଫଟୋଗୁଡ଼ିକର ୨୭ ନିୟୁତ ମୂଳ ନେଗେଟିଭ୍ । କେବଳ ବିଲ୍ ଗେଟସ୍‌ଙ୍କ ସଂଗୃହୀତ ୧୦୦ ନିୟୁତ ଫଟୋ ଅଲଗା ଭାବରେ ରହିଛି ।

ସେମାନଙ୍କ ମତରେ ଏହିସବୁ ରଖା ଯାଇଥିବା ସ୍ଥାନ ଏକାଧିକ ବାର ନ୍ୟୁକ୍ଲିଅର୍ ଆକ୍ରମଣରୁ ଏବଂ ଉଗ୍ରବାଦୀ ଆକ୍ରମଣରୁ ତିଷ୍ଠି ରହିବାର କ୍ଷମତା ହାସଲ କରିପାରିଛି ।

**୫. ପିରାମିଡ଼ର ଗୁପ୍ତ ଦ୍ୱାର :**

୧୯୯୦ ମସିହାରେ ଏକ ବୈଜ୍ଞାନିକ ଦଳ ଗବେଷଣା ନିମିତ୍ତ ଇଜିପ୍ଟର ଗିର୍ଜାରେ ଥିବା ବୃହତ୍ତମ ପିରାମିଡ଼ ମଧ୍ୟକୁ ପ୍ରବେଶ କରିଥିଲେ । ମାତ୍ର ଏମାନଙ୍କ ମଧ୍ୟରୁ ଜଣେ ସହଯୋଗୀ ଗବେଷକ ହଠାତ୍ ହଜି ଗଲେ । ଅନ୍ୟମାନେ ଆଲୋକ ବ୍ୟବହାର କରି ବହୁତ ଖୋଜା ଖୋଜି କଲେ ମଧ୍ୟ ତାଙ୍କର ସନ୍ଧାନ ପାଇଲେ ନାହିଁ । ପ୍ରାୟ ୨୪ ଘଣ୍ଟା ପରେ ଗବେଷକ ଜଣକ ପାଗଳଙ୍କ ପରି ଦୌଡ଼ି ଦୌଡ଼ି ବାହାରକୁ ବାହାରି ଆସିଲେ । ପରେ ସେ ବର୍ଣ୍ଣନା କଲେ ଯେ ବାହାରକୁ ଆସିବା ପାଇଁ ଅନ୍ଧକାର ମଧ୍ୟରେ ରାସ୍ତା ଖୋଜିବା ସମୟରେ କାନ୍ଥରେ ଗୋଟିଏ ଦ୍ୱାର ଦେଖି ତା' ମଧ୍ୟକୁ ସେ ପ୍ରବେଶ କଲେ । ସଙ୍ଗେ ସଙ୍ଗେ ସ୍ୱତଃସ୍ଫୂର୍ତ୍ତ ଭାବେ ଦ୍ୱାର ବନ୍ଦ ହୋଇଗଲା । ସେ ଭାବିଲେ ବୋଧହୁଏ ଗୋଟାଏ ପଥର ଉପରୁ ଖସି ପଡ଼ି ଦ୍ୱାରଟିକୁ ବନ୍ଦ କରି ଦେଲା । ସେ ବହୁତ ଖୋଜା ଖୋଜି କରି ମଧ୍ୟ ଦ୍ୱାରର ସାମାନ୍ୟ ସନ୍ଧାନ ପାଇ ପାରିଲେ ନାହିଁ । ପୁଣି କେତେବେଳେ ଦ୍ୱାରଟି ମନକୁ ମନ ଖୋଲିଗଲା, ଆଉ ସେ ବାହାରି ଆସିଲେ, ତା' ବି ଠଉରେଇ ପାରିଲେ ନାହିଁ । ଏକଥାକୁ ତାଙ୍କର ସାଥୀମାନେ ବିଶ୍ୱାସ କରି ନଥିଲେ ବରଂ ସେ ସ୍ୱପ୍ନ ଦେଖୁଥିଲେ କିଂବା ଅଜ୍ଞାନ ହୋଇ ପଡ଼ିଥିଲେ ବୋଲି କହିଥିଲେ ।

ମାତ୍ର କିଛି ଦିନ ପରେ, ଗବେଷଣା ସମୟରେ ପିରାମିଡ଼ ମଧ୍ୟରୁ ଏକ ଅତି ପୁରାତନ ପାଣ୍ଡୁଲିପି (ଦସ୍ତାବିଜ) ପାଇଥିଲେ, ଯେଉଁଥିରେ ବର୍ଣ୍ଣିତ ବିଭିନ୍ନ କଥା ମଧ୍ୟରୁ ହଜି ଯାଇଥିବା ଏଇ ସାଥୀ ଜଣଙ୍କ କଥାର ମେଳଥିଲା । ତା'ପରେ ବିଶ୍ୱାସ କରାଯାଉଥିଲା ଯେ – କୌଣସି ସୂକ୍ଷ୍ମ ଶକ୍ତିର ପ୍ରଭାବରେ କିଛି ଗୁପ୍ତ ଦ୍ୱାର ଖୋଲି ଯାଉଥିବ ଏବଂ ବନ୍ଦ ହୋଇ ଯାଉଥିବ । ସମ୍ଭବତଃ ସେହିଭଳି ଅବସ୍ଥାରେ ଏହି ସାଥୀ ଜଣକ ପିରାମିଡ଼ ଭିତରକୁ ଯାଇ ବାହାରି ଆସିଥିଲେ । ମାତ୍ର ତା'ର ପ୍ରମାଣ ଦେଇପାରି ନଥିଲେ ।

**୬. ଗୁପ୍ତ ଇଣ୍ଟରନେଟ୍ ସଂସ୍ଥା – ସିକାଡ଼ା ୩୩୦୧ :**

'ୱାଶିଂଟନ ପୋଷ୍ଟ' ଦାବି କରେ ଯେ ଏଇ ଇଣ୍ଟରନେଟ୍‌ରେ ଅତ୍ୟନ୍ତ ଗୁପ୍ତ ପାଞ୍ଚୋଟି ଅସମାହିତ ରହସ୍ୟ ଅଛି । ୨୦୧୪ ମସିହାରେ ସିକାଡ଼ା ତା'ର ପ୍ରଥମ ବାର୍ତ୍ତା ପଠାଇଥିଲା ଅତି ଉଚ୍ଚ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କ ନିକଟକୁ ।

ତେବେ କୌଣସି ବ୍ୟକ୍ତି କିଂବା କମ୍ପାନୀ କେବେ ବି ଦାବି କରି ନାହାନ୍ତି ଏହି ସିକାଡ଼ା ୩୩୦୧ରେ ଯୋଗ ଦେଇଥିଲେ ବୋଲି । ଏହା ସମ୍ପୂର୍ଣ୍ଣ ଭାବେ ଏକ ଗୁପ୍ତ ଇଣ୍ଟରନେଟ୍ ସଂସ୍ଥା । ଏହି ଗୁପ୍ତ ଇଣ୍ଟରନେଟ୍ ସଂସ୍ଥା ମାଧ୍ୟମରେ ଗୋଲକ ଧନ୍ଦା (puzzle) ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ନିଯୁକ୍ତ କରିଥାଏ । ଅବଶ୍ୟ ଏଗୁଡ଼ିକ ହେଉଛି ସର୍ବାପେକ୍ଷା ଉନ୍ନତମାନର ଗୋଲକ ଧନ୍ଦା ।

ତେବେ ଏରିକ୍‌ସନ୍ (Erikson) ନାମକ ଜନୈକ ବ୍ୟକ୍ତି ଏହି ଧନ୍ଦାଗୁଡ଼ିକର ସମାଧାନ କରିଛନ୍ତି । ସେ କହନ୍ତି ଯେ ଏହା ଏକ ଭୂତଳ ସଂସ୍ଥା । ଏହାର ପ୍ରକୃତ ପରିଚୟ କେବେ ବି କେହି ଜାଣି ପାରିବେ ନାହିଁ ।

**୭. ବେରମୁଡ଼ା ଟ୍ରାଏଙ୍ଗଲ୍ :**

ଉତ୍ତର ଆଟଲାଣ୍ଟିକ ମହାସାଗରରେ ବ୍ରିଟିଶ ସାଗରରୁ

ଆରମ୍ଭ ହୋଇ ଫ୍ଲୋରିଡ଼ା ଉପକୂଳ ପର୍ଯ୍ୟନ୍ତ ପ୍ରାୟ ୪,୪୦,୦୦୦ ବର୍ଗମାଇଲ ଧରି ପରିବ୍ୟାପ୍ତ ଥିବା ଏହି ରହସ୍ୟମୟ ବେରମୁଡ଼ା ଟ୍ରାଏଙ୍ଗଲ୍, ଯେଉଁଠାରେ ନୌକା, ଜାହାଜ ଏବଂ ବିମାନଗୁଡ଼ିକ ହଜିଯାଏ । ହଜି ଯାଉଥିବା ଜାହାଜ ବା ବିମାନର କୌଣସି ଭଗ୍ନ ଅଂଶ ମଧ୍ୟ ଏଠାରେ ମିଳେ ନାହିଁ । ଏହି ଅଞ୍ଚଳକୁ 'ଡେଭିଲ୍‌ର ଟ୍ରାଏଙ୍ଗଲ୍' ମଧ୍ୟ କୁହାଯାଏ । ଏହିଭଳି ଏକ ଦୁର୍ଗମ ସ୍ଥାନକୁ କ୍ରିଷ୍ଟୋଫର୍ କଲମ୍ବସ ଠାବ କରିବା ସମୟରେ ତାଙ୍କ ନିଜ ଜାହାଜର କମ୍ପାସ କାମ କରିବା ବନ୍ଦ କରି ଦେଇଥିଲା । ତତ୍‌ସହିତ ଏହି ସମୟରେ ଆକାଶରେ ଏକ ବୃହତ୍ ଅଗ୍ନି ପିଣ୍ଡୁଳା ସେ ଦେଖିବାକୁ ପାଇଥିଲେ ।

ଅନୁମାନ କରାଯାଏ ଯେ ନରୱେ ଉପକୂଳରେ ଗଚ୍ଛିତ ଥିବା ପ୍ରାକୃତିକ ବାଷ୍ପରୁ ନିର୍ଗତ ମିଥେନ୍ ଗ୍ୟାସ ଏହି ସାଗରକୁ ଉତ୍ତପ୍ତ କରାଏ । ଯାହା ଫଳରେ ଏହି ପ୍ରକାର ଦୁର୍ଘଟଣା ପ୍ରାୟଶଃ ଘଟେ । ଏହାକୁ କେହି କେହି UFOର କାମ ବୋଲି ମଧ୍ୟ କହନ୍ତି ।

**୮. ଗାଈ ସମ୍ବନ୍ଧରେ ଗୁପ୍ତତଥ୍ୟ :**

ରାଜସ୍ଥାନ ହାଇକୋର୍ଟର ମନ୍ତବ୍ୟ ଅନୁଯାୟୀ ସମଗ୍ର ଜୀବ ଜଗତରେ ଗାଈ ଏପରି ଏକ ପଶୁ, ଯିଏ ପ୍ରଶ୍ୱାସରେ ଅମ୍ଳଜାନ ନିଏ ଏବଂ ନିଃଶ୍ୱାସରେ ବି ଅମ୍ଳଜାନ ଛାଡ଼େ ଏବଂ ଗାଈର ଗୋବରରେ ଘର ଲିପିଲେ, ଅନ୍ତେବାସୀମାନଙ୍କୁ ସୌର ବିକିରଣର କୁପ୍ରଭାବରୁ ରକ୍ଷା ମିଳିଥାଏ । ପୁନଶ୍ଚ ଆନନ୍ଦରେ ଗାଈ ହମ୍ବାଳିବା ଦ୍ୱାରା ବାୟୁମଣ୍ଡଳରୁ ରୋଗ ଜୀବାଣୁ ମରିଯା'ନ୍ତି ଏବଂ ଦେଶୀ ଗାଈର କ୍ଷୀର ପାନ କଲେ ରକ୍ତ କୋଷିକା ମଧ୍ୟକୁ କର୍କଟ ରୋଗର ଜୀବାଣୁ ପ୍ରବେଶ କରିପାରେ ନାହିଁ ।

**୯. ରାମଭକ୍ତ ହନୁମାନ୍ ଜୀବିତ ! :**

ଭାରତ ସରକାରଙ୍କ ତରଫରୁ ପ୍ରତିବର୍ଷ କୈଳାସ ମାନସରୋବର ଯାତ୍ରାର ବ୍ୟବସ୍ଥା କରାଯାଇଥାଏ । ୧୯୯୮ ମସିହାର ଯାତ୍ରା କାଳରେ ଜନୈକ ଯାତ୍ରୀ ଏକା ଏକା ଘୁରି ଘୁରି ବିଭିନ୍ନ ଫଟୋ ଉଠାଉଥିବା ସମୟରେ ଏକ ଗୁମ୍ଫା ଭିତରେ ଆଲୋକର ଛଟା ଦେଖି ତା' ମଧ୍ୟକୁ ପ୍ରବେଶ କରି କିଛି ଫଟୋ ନେଲେ । ବାହାରକୁ ଆସି ସାଥୀମାନଙ୍କୁ କହିଲେ ଯେ ସେଠାରେ ସେ ଏକ ବିଚିତ୍ର ଜୀବ ଦେଖିଛନ୍ତି ଏବଂ ତା'ର ଫଟୋ ମଧ୍ୟ ନେଇଛନ୍ତି । ମାତ୍ର ପରେ କୌଣସି ଅଜ୍ଞାତ କାରଣରୁ ତାଙ୍କର ସେଠାରେ ମୃତ୍ୟୁ ହେଲା । ତେବେ ତାଙ୍କ କ୍ୟାମେରାରେ ଉଠାଯାଇଥିବା ସମସ୍ତ ଫଟୋ ମଧ୍ୟରୁ ସଦ୍ୟତମ ଫଟୋଟି ଥିଲା ଗୋଟିଏ ଜୀବର, ଯାହାକି ଚିତ୍ରରେ ଉତ୍ତୋଳିତ ହୋଇଥିବା ଠିକ୍ ହନୁମାନଙ୍କ ଛବି ପରି । ଫଟୋଟିରେ ସେ ଗୋଟିଏ ବହି ପଢୁଥିବା ଅବସ୍ଥାରେ ବସିଥିଲେ । ଯେଉଁ ଯାତ୍ରୀଙ୍କର କ୍ୟାମେରାରେ ଏହି ଫଟୋ ନିଆଯାଇଥିଲା, ସେ ଥିଲେ ହନୁମାନଙ୍କର ପରମ ଉପାସକ ।

ଆହୁରି ମଧ୍ୟ ଆଶ୍ଚର୍ଯ୍ୟ ଲାଗେ ଏବଂ କିଛି ଗବେଷଣାରୁ ଜଣାପଡ଼ିଛି ଯେ ଶ୍ରୀଲଙ୍କାରେ ଥିବା ଏକ ଅତି ପୁରାତନ ଜନଜାତିଙ୍କୁ ହନୁମାନ୍ ପ୍ରତି ୪୧ ବର୍ଷ ଅନ୍ତରରେ ଦେଖା ଦିଅନ୍ତି ଏବଂ ସେମାନଙ୍କର ଏକ ଲଗ୍‌ବୁକ୍‌ରେ ଦସ୍ତଖତ ମଧ୍ୟ କରନ୍ତି !

ଅବଶ୍ୟ ପୁରାଣ ଅନୁଯାୟୀ ହନୁମାନ୍ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି । ବାସ୍ତବରେ ରାମଭକ୍ତ ଶ୍ରୀହନୁମାନ୍ କ'ଣ ରକ୍ତମାଂସ ଶରୀରରେ କୈଳାସ ପର୍ବତରେ ଏବେ ମଧ୍ୟ ଅବସ୍ଥାନ କରୁଛନ୍ତି !

(ସମାପ୍ତ) ❑

---

*(ପୃଷ୍ଠା ୪୧ର ଅବଶିଷ୍ଟାଂଶ)*

ମୁଁ ପୂର୍ବରୁ କିନ୍ତୁ ଏପରି କିଛି ଦେଖିବାକୁ ପାଇ ନଥିଲି । ଆଚ୍ଛା ତା'ହେଲେ ଏହା ମଧ୍ୟରେ କିଛି ସତ୍ୟତା ଅଛି କି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହିପରି ଦେଖାଯାଏ ଯେତେବେଳେ ଆନ୍ତର ଦୃଷ୍ଟି ଖୋଲିଯାଏ । ଏହା ହେଉଛି ବିରୋଧୀ ଶକ୍ତି କିଂବା ବିଶ୍ୱଗତ ନିମ୍ନପ୍ରକୃତିର ପ୍ରଭାବ (ପ୍ରଭାବର ବେଶୀ ଭାଗ ପୂର୍ଣ୍ଣ ଦଖଲ ନିମନ୍ତେହିଁ ହୋଇଥାଏ) ଯାହା ନେଇ ଆସିଥାଏ ସାଂଘାତିକ ପ୍ରକାରର ଅବସାଦ ଓ ଅସ୍ଥିରତା ଏବଂ ଦେଖାଯାଏ ଯେପରି ଏକ ଧୂସର କିଂବା କଳାମେଘ ବା ସେଇ ପ୍ରକାର କିଛି ରୂପରେଖ ଯାହା ନିଜକୁ ବିଚ୍ଛୁରିତ କରିଦେଇଛି ଆଧାରଟି ଉପରେ ।

(୧୫.୧୧.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଗଙ୍ଗାଧର

## (୪)

୧୫ ଅକ୍ଟୋବର ୧୯୮୨ରେ ଗଙ୍ଗାଧରଙ୍କ ସହିତ ଆଶ୍ରମର ଆର୍କାଇଭ୍‌ସ୍ ବିଭାଗର କେତେକ ସଦସ୍ୟଙ୍କର ସାକ୍ଷାତ୍‌କାରରୁ କିଛି ଉଦ୍ଧୃତି :

*ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଦର୍ଶନ କରିବା ମାତ୍ରେ ଆପଣଙ୍କର କି ଅନୁଭୂତି ହୋଇଥିଲା ?*

ଗଙ୍ଗାଧର : ତାଙ୍କୁ ପ୍ରଥମ ଦର୍ଶନ ମାତ୍ରେ ମୋର ମନେ ହେଲା ଦେବାଧିଦେବ ପୁରାଣ ପୁରୁଷ ରାଜେନ୍ଦ୍ରାସନରେ ବିରାଜମାନ କରିଛନ୍ତି । ମୁଁ ତାଙ୍କର ଜ୍ୟୋତିର୍ମୟ ମୁଖମଣ୍ଡଳକୁ ଅନାଇ ପାରିଲି ନାହିଁ । ସମଗ୍ର ଶରୀରଟି ସମ୍ପୂର୍ଣ୍ଣରୂପେ ଜ୍ୟୋତିର୍ମୟ । ହିରଣ୍ମୟ ପୁରୁଷ ।

*ପ୍ରଶ୍ନ : ୧୯୩୩ରେ ଆପଣ ଯେତେବେଳେ ଆଶ୍ରମରେ ରହିଲେ, ସେହି ସମୟର କଥା କିଛି ସ୍ମରଣରେ ଅଛି କି ?*

ଗଙ୍ଗାଧର : ସେତେବେଳେ ଆଶ୍ରମରେ ମାତ୍ର ୭୫ଜଣ ଅନ୍ତେବାସୀ ଥିଲେ; ମୋ ନମ୍ବର ଥିଲା ୭୫ । ସେତେବେଳେ ଆଶ୍ରମର ନିଜ ଘର (ମା'ଙ୍କର) ଥିଲା ପ୍ରାୟ ୨୫ଟି ଏବଂ ଭଡ଼ାରେ ନିଆ ଯାଇଥିବା ଘର ବି ସେମିତି ୨୫ ପାଖାପାଖି ଥିଲା । ସେଥର ଅଗଷ୍ଟ ଦର୍ଶନକୁ ୨୫୦ଜଣ ଦର୍ଶନାର୍ଥୀ ଆସିଥିଲେ । ଖୁବ୍ ବଡ଼ ଦର୍ଶନ, କାରଣ ଏହା ବହୁତ ସମୟ ଧରି ଚାଲିଥିଲା । ସକାଳ ସାଢ଼େ ୭ଟାରେ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ଚାଲିଥିଲା । ପ୍ରତ୍ୟେକ ଦର୍ଶନାର୍ଥୀ ମାଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ପ୍ରଣାମ କରିବାକୁ ଦୁଇ, ତିନି ମିନିଟ ନେଉଥିଲେ – ପ୍ରଥମେ ମା'ଙ୍କୁ, ତା'ପରେ ଶ୍ରୀଅରବିନ୍ଦଙ୍କୁ । କେତେକ ମାଶ୍ରୀଅରବିନ୍ଦଙ୍କୁ କିଛି ସାମଗ୍ରୀ ଅର୍ପଣ ବି କରୁଥିଲେ; ସେଥିରେ ଦଶ, ପନ୍ଦର ମିନିଟ ବିତି ଯାଉଥିଲା ।

*ପ୍ରଶ୍ନ : ଆପଣ କେବେ ମାଶ୍ରୀଅରବିନ୍ଦଙ୍କ ସହିତ କଥାବାର୍ତ୍ତା କରିଥିଲେ କି ?*

ଗଙ୍ଗାଧର : ନା, ଶ୍ରୀଅରବିନ୍ଦଙ୍କ ସହିତ କେବେ ବି କଥାବାର୍ତ୍ତା କରି ନଥିଲି । ମା'ଙ୍କ ସହିତ ବି ଖୁବ୍ କମ୍ । କେବଳ ସେ ଦୁହିଁଙ୍କର ଆଶୀର୍ବାଦହିଁ ମୋ ପାଇଁ ଯଥେଷ୍ଟ ଥିଲା ।

ଜନ୍ମଦିନରେ ମା'ଙ୍କ ପାଖକୁ ଯାଉଥିବା ବେଳେ ମୁଁ କେବେ କେବେ କେବଳ 'ବଁଜୁର୍ ମଦର୍' କହୁଥିଲି । ବାସ୍, କେବଳ ଏତିକି ।

ସେସମୟରେ ଜନ୍ମଦିନରେ ଭକ୍ତମାନେ ମା'ଙ୍କ ସହିତ କଥାବାର୍ତ୍ତା କରି ପାରୁଥିଲେ । ସକାଳ ନ'ଟା ସମୟରେ ମା' ତାଙ୍କ କକ୍ଷରେହିଁ ଜନ୍ମଦିନ ଥିବା ବ୍ୟକ୍ତିଙ୍କୁ ସାକ୍ଷାତ୍ କରୁଥିଲେ । ଏହି ସାକ୍ଷାତ୍‌କାର ସମୟରେ ବ୍ୟକ୍ତି ଅଧିକ ସମୟ ଧରି ମା'ଙ୍କୁ ନିଜର ଅସୁବିଧା କଥା କହି ପାରୁଥିଲେ । ଥରେ ଥରେ ଏମିତି ହୋଇଛି ବ୍ୟକ୍ତିଟି ମା'ଙ୍କ ସହିତ ଦୁଇ ଘଣ୍ଟା ଧରି ବି କଥାବାର୍ତ୍ତା କରିଛନ୍ତି ।

(ଅବଶ୍ୟ ବିଶେଷ ବିଶେଷ କ୍ଷେତ୍ରରେ ଏପରି ଘଟିଥାଏ)

''ମୋର ଜନ୍ମଦିନରେ ମୁଁ ମା'ଙ୍କ ସାମନାରେ ତାଙ୍କର ଚରଣ ସ୍ପର୍ଶ କରି ଦଶ, ପନ୍ଦର ମିନିଟ ବସୁଥିଲି । ଥରେ ମା ମୋତେ ପଚାରିଥିଲେ, 'ଗଙ୍ଗାଧର, ତୁମର କିଛି ପଚାରିବାକୁ ଅଛି ?'– 'ନା, ମାଆ ।' ମୁଁ କେବେହେଲେ ତାଙ୍କୁ କିଛି ପଚାରି ନାହିଁ, ପଚାରିବାର ବି କିଛି ନଥିଲା । ପ୍ରତି ଜନ୍ମଦିନରେ ତାଙ୍କ ପାଖକୁ ଯାଉଥିଲି, ପ୍ରଣାମ କରୁଥିଲି, ମା ମୋ ମଥାରେ ହାତ ରଖି ଆଶୀର୍ବାଦ ଦେଉଥିଲେ । ଯଦି ମା ମୋ ସହିତ ରହିଛନ୍ତି ତାଙ୍କ ଆଶୀର୍ବାଦ ମୋ ସହିତ ରହିଛି, ଜୀବନରେ ଆଉ କ'ଣ ଦରକାର ?

*ପ୍ରଶ୍ନ : ଆପଣ ମାଶ୍ରୀଅରବିନ୍ଦଙ୍କୁ କେବେ କିଛି ଲେଖି ଜଣାଇ ନଥିଲେ ?*

ଗଙ୍ଗାଧର : ସେଇ ପ୍ରଥମ ପ୍ରଥମ; ଆଶ୍ରମରେ ରହିବା ପୂର୍ବରୁ ମୁଁ ପ୍ରତି ମାସରେ ଚିଠି ଲେଖି ମାଶ୍ରୀଅରବିନ୍ଦଙ୍କୁ ଜଣାଉଥିଲି, ତାମିଲରେ । ସେତେବେଳେ ଅମୃତ ଆଶ୍ରମର ମ୍ୟାନେଜର ଥିଲେ । ଅତ୍ୟନ୍ତ ଉତ୍ତମ ବ୍ୟକ୍ତି । ସେ ମୋ ଚିଠିକୁ ଅନୁବାଦ କରି ମାଶ୍ରୀଅରବିନ୍ଦଙ୍କୁ ଦେଉଥିଲେ, ମା-ଶ୍ରୀଅରବିନ୍ଦଙ୍କଠାରୁ ଚିଠିର ଉତ୍ତର ଆସିବା ମାତ୍ରେ ଅମୃତ ପୁଣି ଉତ୍ତରଟି ତାମିଲରେ ଅନୁବାଦ କରି ମୋତେ ଦେଉଥିଲେ । ଏଠାରେ ମୋର ପ୍ରାୟ ୫୦ ବର୍ଷ ରହଣି ଭିତରେ ବାର କି ପନ୍ଦର ଖଣ୍ଡ ଚିଠି ଦେଇଥିବି ।

*

ଥରେ, ଯେତେବେଳେ ଆଶ୍ରମରେ ୭୫ ଜଣ ସାଧକ ଥିଲେ, ଶ୍ରୀଅରବିନ୍ଦ ଏହି ମର୍ମରେ ପ୍ରତ୍ୟେକଙ୍କୁ ପଚାରିଥିଲେ ଯେ ସେମାନେ କାହିଁକି ଆଶ୍ରମରେ ରହିଛନ୍ତି ? ଶ୍ରୀଅରବିନ୍ଦ ସବୁଠାରୁ ବେଶୀ ପସନ୍ଦ କରିଥିଲେ ଗଙ୍ଗାଧରଙ୍କର ଲିଖିତ ଉତ୍ତର । ଦୁଃଖର ବିଷୟ ଗଙ୍ଗାଧରଙ୍କର ସେଇ ଉତ୍ତର ଆମମାନଙ୍କର ଅଗୋଚର ।

ଜଣେ ସାଧକ, ଯିଏକି ମା'ଙ୍କୁ ପ୍ରାୟ ପ୍ରତିଦିନ ସାକ୍ଷାତ୍ କରିବାର ସୌଭାଗ୍ୟ ଲାଭ କରିଥିଲେ, ସିଏ ଥରେ କଥାପ୍ରସଙ୍ଗରେ ମା'ଙ୍କୁ କହିଥିଲେ ଯେ ଗଙ୍ଗାଧର କେବଳ ଥରଟିଏ ତୁମ ପାଖକୁ ଆସୁଛି । ମା ସେଇଠୁ ତାଙ୍କୁ କହିଥିଲେ, 'ଗଙ୍ଗାଧର ତ ମୋ ଚେତନାରେ ସର୍ବଦା ରହିଛି ।'

ଅନ୍ୟ ଏକ ଘଟଣାରେ, ଯେତେବେଳେ ମା ସକାଳେ 'ବାଲ୍‌କୋନି ଦର୍ଶନ' ଦେଉଥିଲେ, ସେହି ଦର୍ଶନ ସମୟରେ ଦିନେ ଶ୍ରୀଅରବିନ୍ଦଙ୍କ କରୁଣା ସକାଳର କମନୀୟ ପରିବେଶରେ ଘନ କୁହୁଡ଼ି ସଦୃଶ ପରିବ୍ୟାପ୍ତ ହୋଇ ରହିଥିଲା – ଏହା ଥିଲା ମା'ଙ୍କର ମନ୍ତବ୍ୟ – ଉପସ୍ଥିତ ଥିବା ଭକ୍ତବୃନ୍ଦଙ୍କ ମଧ୍ୟରୁ ଅଳ୍ପ କେତେଜଣ କେବଳ ଅସ୍ପଷ୍ଟ ଭାବରେ ଅନୁଭବ କରିଥିଲେ ବା ଜାଣିପାରିଥିଲେ; ବେଶୀଭାଗ ବ୍ୟକ୍ତି ଏ ସମ୍ବନ୍ଧରେ ଆଦୌ କିଛି ବି ଅନୁଭବ କରି ନଥିଲେ । ମା'ଙ୍କ ଉକ୍ତିରେ, 'କିନ୍ତୁ ଜଣେ – ସିଏ ଥିଲା ଗଙ୍ଗାଧର – ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ଏ ସମ୍ବନ୍ଧରେ ସଚେତନ ଥିଲା ।'

*

*ପ୍ରଶ୍ନ : ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଆପଣଙ୍କର କେବେ କ'ଣ କିଛି ଅନୁଭୂତି ହୋଇଥିଲା ?*

ଗଙ୍ଗାଧର : ଶ୍ରୀମା ଏବଂ ଶ୍ରୀଅରବିନ୍ଦ । ଏଥିରେ ଅନୁଭୂତି ଲାଭ କରିବାର କ'ଣ ଅଛି ? ମୁଁ ଯେତେବେଳେ 'ଶ୍ରୀମା' ବୋଲି ଉଚ୍ଚାରଣ କରୁଛି, ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ଶ୍ରୀଅରବିନ୍ଦଙ୍କୁହିଁ ଉଚ୍ଚାରଣ କରୁଛି । ମୁଁ ଯେତେବେଳେ 'ଶ୍ରୀଅରବିନ୍ଦ'ଙ୍କ ନାମ ନେଉଛି, ଏହା ସହିତ ଯୁଗପତ୍ ଭାବରେ 'ଶ୍ରୀମା'ଙ୍କ ନାମ ବି ନେଉଛି । – ଏଥିରେ ଭିନ୍ନତା ନାହିଁ । ସେ ଦୁହେଁ ହେଉଛନ୍ତି ଏକ, ଅଦ୍ୱିତୀୟ । ଗୋଟିଏ ଆତ୍ମା ଦୁଇଟି ଧାରାରେ କର୍ମରତ ଅଛନ୍ତି । ଗୋଟିଏ ସୂର୍ଯ୍ୟଙ୍କର ଦୁଇଟି ରଶ୍ମି ।

''ହଁ, ଆଉ ଗୋଟିଏ କଥା ଆମେ ଜାଣିରଖିବା ଉଚିତ – ମା ଯାହାକିଛି କହୁଥିଲେ, ଯାହାକିଛି କରୁଥିଲେ ବା କରିଚାଲୁଥିଲେ, ସେଥିରେ ଶ୍ରୀଅରବିନ୍ଦଙ୍କର 'କାହିଁକି'ର ପ୍ରଶ୍ନ ନଥିଲା, କେବେ ବି ନୁହେଁ । କାରଣ ସେ ନିଜେହିଁ ତ ତା' କହୁଥିଲେ, କରୁଥିଲେ ବା କରି ଚାଲୁଥିଲେ ।

''ଆପଣମାନେ ଜ୍ଞାନିଲୋକଙ୍କ ସଦୃଶ ଅନୁମାନ କରି, ଅନିଶ୍ଚିତ ଭାବରେ ସହମତିସୂଚକ ଉକ୍ତିରେ କହିପାରନ୍ତି ବା କଳ୍ପନାରେ ଆଣି କହିପାରନ୍ତି ହୁଏତ (suppose) ସେ ଦୁହେଁ ଏକ ଓ ଅଭିନ୍ନ ହୋଇଥିବେ; ବା ଧରନ୍ତୁ ସେ ଦୁହେଁ ଏକ ଓ ଅଭିନ୍ନ । – ଏହାର ଅର୍ଥ ଆପଣମାନେ ଏବେ ବି ଆପଣମାନଙ୍କର ଯଥାର୍ଥ ବ୍ୟକ୍ତିତ୍ୱ ସମ୍ବନ୍ଧେ ସନ୍ଦିହାନ ରହିଛନ୍ତି ।

''ଯଥାର୍ଥରେ ଶ୍ରୀମା **ହେଉଛନ୍ତି** ଶ୍ରୀଅରବିନ୍ଦ । ଏଥିରେ କୌଣସି ସନ୍ଦେହ ନାହିଁ ବା ବିଭ୍ରାନ୍ତି ବି ନାହିଁ ।''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ହେ ପ୍ରଭୁ, ମୋ ଆରାଧନା ସାଗ୍ରହେ ତୁମ ଆଡ଼କୁ ଉଠିଯାଉଛି, ମୋର ସମଗ୍ର ସତ୍ତା ଯେପରି ଗୋଟିଏ ଅଭୀପ୍ସା, ଗୋଟିଏ ଅଗ୍ନିଶିଖା ତୁଲ୍ୟ ତୁମ ପାଖରେ ନିବେଦିତ ।

ହେ ଭଗବାନ୍, ହେ ପ୍ରଭୁ, ପ୍ରେମର ମଧୁର ସ୍ୱାମି, ତୁମେହିଁ ମୋ ମଧ୍ୟରେ ବାସ କରୁଛ, ତୁମେହିଁ ମୋ ମଧ୍ୟରେ ଅଭୀପ୍ସା କରୁଛ !

ଏହି ଶରୀର ତୁମର ଯନ୍ତ୍ର, ଏହି ସଂକଳ୍ପ ତୁମର ଦାସ, ଏହି ବୁଦ୍ଧି ତୁମର ଆୟୁଧ, ସବୁକିଛିହିଁ ତୁମେ, ତୁମ ଛଡ଼ା ଅନ୍ୟ କିଛିହିଁ ନାହିଁ ।

ଏପ୍ରିଲ ୪, ୧୯୧୪ — **– ଶ୍ରୀମା**

# ମୁକ୍ତି

## ରମାକାନ୍ତ ସାହୁ

ଚପଳ କିଶୋରମାନଙ୍କ ଦୃଷ୍ଟି ଆକର୍ଷଣ କଲାଭଳି ଆକାରକୁ ଆସି ଯାଇଥିବା କଷି ଆମ୍ବଟି ଭିତରେ କିଛି ଅଲଗା ଘଟିବାକୁ ଯାଉଥିଲା, ମଂଜି (କୋଇଲି) ଓ ଶସକୁ ଅଲଗା କରିବାକୁ ପତଳା ସ୍ତରଟିଏ ଗଢ଼ା ଯାଉଥିଲା । ସନ୍ଦେହ ମୋଚନ ପାଇଁ ମା'ଗଛଟି କଷି ଆମ୍ବକୁ ବୁଝାଇଦେଲା – ଏ ଯେଉଁ ନୂଆ ଡାଙ୍କୁଣୀଟି ତୋତେ ପିନ୍ଧାଇ ଦେଉଛି ତାହା ଭବିଷ୍ୟତରେ ତୋତେ ସୁରକ୍ଷା ଦେବ । ବହୁ ଦୂର ଯିବା ପାଇଁ କେତେ ବିପଦ ଆପଦରୁ ରକ୍ଷା କରିବ । ଆମର ଏହି କୁନି ଆମ୍ବକଷିଟି ସେକଥା ବୁଝିଗଲା । ଅପେକ୍ଷା କଲା ଯା'ପରେ ଆଉ କ'ଣ ଘଟୁଛି ଦେଖିବା ପାଇଁ ।

କିଛି ଦିନ ଗଲା । ସେ ପତଳା ସ୍ତରଟି ଟାଣ, ଶକ୍ତ ଖୋଳପାରେ ପରିଣତ ହେଲା । ତା' ଭିତରେ ଆଗାମୀ ଜନ୍ମ ପାଇଁ ଯଥେଷ୍ଟ ଖାଦ୍ୟକୁ ସଂରକ୍ଷିତ କରି ଜଗିରହିଲା ଟାକୁଆ । ଉପର ଶସଗୁଡ଼ିକ ପକ୍ୱ, ସୁମଧୁର, ସୁବାସିତ ସୁବର୍ଣ୍ଣରଙ୍ଗରେ ପରିବର୍ତ୍ତିତ ହୋଇଗଲା । ମା'ଗଛଟିର ପତରଗୁଡ଼ିକ ଏହି ପରିପକ୍ୱ ସୁନ୍ଦରୀ ଆମ୍ବଟିକୁ ମଝିରେ ମଝିରେ ଆଉଁଶି ପକାଉଥା'ନ୍ତି । ସତେ ଯେମିତି ମା' ଗଛଟି ଜାଣି ସାରିଥାଏ ଏ ପିଲାଟିର ଏବେ ଯିବା ସମୟ ହୋଇଗଲା । ଉଦୁଉଦିଆ ଖରାବେଳର ଦଲକାଏ ପବନରେ ଆମ୍ବଟି ଡେମ୍ଫରୁ ଛିଡ଼ି ତଳେ ପଡ଼ିଗଲା । ମା'ଠାରୁ ପିଲା ଅଲଗା ହୋଇଗଲା ।

କେହି ଜଣେ କ୍ଷୁଧାର୍ତ୍ତ ବାଟୋଇ ଆମ୍ବଟିକୁ ଉଠାଇ ନେଲେ, ସେହି ଆମ୍ବଗଛ ମୂଳେ ବସି ଶୀତଳ ପବନରେ ଥକା ମାରୁ ମାରୁ ଆମ୍ବଟିକୁ ଖାଇ ଶେଷ କରିଦେଲେ । ଟାକୁଆଟିକୁ ଦୂର ବିଲ ଆଡ଼କୁ ଫିଙ୍ଗି ଦେଲେ । କୁନି ଆମ୍ବଟିର ଜୀବନ ନାଟକରେ ଏତେ କମ୍ ସମୟରେ ଢେର୍ କିଛି ଘଟଣା ଘଟିଗଲା । ତା' ପ୍ରାଣସତ୍ତାଟି ଚୁପ୍‌ଚାପ୍ ଶୋଇ ରହିଥାଏ ଶକ୍ତ ଟାକୁଆ ଭିତରେ । ଅବଶ୍ୟ ଲୋକଟିର ଟାଣୁଆ ଦାନ୍ତରେ ରସଗୁଡ଼ିକୁ କୋରି କୋରି ଖାଇଲା ବେଳେ ସେ ଯେ ଥରେ, ଦୁଇ ଥର ଚମକି ନପଡ଼ିଛି ତା' ନୁହେଁ । ସତରେ ଏ ଖୋଳପାଟି ନଥିଲେ କିଏ ଜାଣେ ତା' ଅବସ୍ଥା କ'ଣ ନାଇଁ କ'ଣ ହୋଇଥା'ନ୍ତା !

ପ୍ରଚଣ୍ଡ ଖରାରେ ତା' ଉପର ଖୋଳପା ଆହୁରି ଶୁଷ୍କ ଓ ଶକ୍ତ ହୋଇଗଲା । ଅଳ୍ପ କେତୋଟି ଦିନ ଭିତରେ ପଲେ ଉଇଙ୍କ ଆକ୍ରମଣରେ ତା' ଟାକୁଆର ଲୋମଶ ଦେହଟି ଚନ୍ଦାମୁଣ୍ଡ ପରି ଚିକ୍କଣ ହୋଇଗଲା । ରାତିରେ ଦିନେ ଘଡ଼ଘଡ଼ି ଶବ୍ଦରେ ତା' ନିଦ ଭାଙ୍ଗିଗଲା । ତା'ପରେ କିଛିଦିନ ଧରି ଲଗାଣ ବର୍ଷା । ପହିଲି ବର୍ଷାର ପ୍ରଥମ ପ୍ରେମର ଛୁଆଁରେ ଟାକୁଆ ଭିତର ପ୍ରାଣ ସତ୍ତାଟି ପୂରା ଚେଇଁ ଉଠିଥାଏ । ମଞ୍ଜି ଭିତରର ଶସ କିଛିଟା ଫୁଲି ଯାଇଥାଏ ଓ ନରମ ହୋଇଯାଇଥାଏ । ଟାକୁଆର ଆଖି ପରି ନରମ ଖାଲୁଆ ସ୍ଥାନରୁ କୁନି ଗଜାଟିଏ ବାହାରି ନରମ ମାଟି ଭିତରକୁ ଧୀରେ ଧୀରେ ପଶିଗଲା । ଆଉ ଗୋଟିଏ ଗୋଜିଆ ଗଜାରୁ ତମ୍ବାରଙ୍ଗର ପତ୍ରଦୁଇଟି କଅଁଳ ଖରା ଆଡ଼କୁ ଚାହିଁ ଟିକେ ହସିଦେଲେ । କାହାର ଉଷୁମ ପରଶରେ ସେ ଆତ୍ମହରା ହେଲା । ସୁଲୁସୁଲିଆ ବା' ଆସି ତାକୁ ଗେଲ କରିଗଲା । ନୂଆ ନୂଆ ପାଣି, ପବନ, ଆଲୋକ ତା' ଭିତରେ ନୂଆ ଜୀବନର ପୁଲକ ଭରିଦେଲେ । ଏବେଠାରୁ ତା' ନୂଆ ଜୀବନର ଏକ ମହାନ୍ ଜୟଯାତ୍ରା ଆରମ୍ଭ ହେଲା । ପ୍ରାରମ୍ଭିକ ଭାବେ ଶକ୍ତ ହୋଇ ଠିଆ ହେବା, ନିଜେ ନିଜେ ମାଟିରୁ ଯଥେଷ୍ଟ ଖାଦ୍ୟସାର ଶୋଷିବାର କ୍ଷମତା ଆସିବା ଯାଏଁ – କୋମଳ ଖାଦ୍ୟ ଭଣ୍ଡାରଟିକୁ ଧରି ମୂଳକୁ ଲାଗିଥାଏ ବିଦୀର୍ଣ୍ଣ ଟାକୁଆ । ଦେଖୁ ଦେଖୁ ଦିନ କେଇଟାରେ କୁନି ଚାରା ଗଛଟିରୁ ଅଲଗା ହୋଇ ମାଟିରେ ଖସି ପଡ଼ିଲା ଶୂନ୍ୟଗର୍ଭା ଟାକୁଆ । ସେ ଏବେ ଶୂନ୍ୟ, ବିଦୀର୍ଣ୍ଣ କିନ୍ତୁ ଆନନ୍ଦରେ ପରିପୂର୍ଣ୍ଣ – ତା' କାର୍ଯ୍ୟଟି ସୁଚାରୁ ରୂପେ ସମ୍ପାଦିତ ।

ଅନ୍ୟଠୁ ଅଲଗା କରି ରଖିବାକୁ, ସୁରକ୍ଷା ଦେବାକୁ ପ୍ରଭୁଙ୍କ ଇଚ୍ଛାନୁସାରେ ନିର୍ଦ୍ଦିଷ୍ଟ ଅନୁଭୂତି ପାଇବା ପାଇଁ ଆମକୁ ବି ମିଳିଛି ଏହିପରି ଖୋଳପାଟିଏ । ଏହି ବିଶାଳ ରଙ୍ଗମଞ୍ଚରେ ଆମର ଅଭିନୟ ପାଇଁ, ଚେତନାର ଉତ୍ତରଣ ପାଇଁ ଏକ ବ୍ୟକ୍ତି ସତ୍ତାର ଆବଶ୍ୟକତା ରହିଛି । ତେଣୁ ମୁଁ (I) ଏକ ବ୍ୟକ୍ତି (Individual), ମୋର ଏକ ଅହଂ (Ego) ଅଛି । ଏହାର କ୍ରିୟା-ପ୍ରତିକ୍ରିୟାର ପରିପ୍ରକାଶ ଅହଂକାର । ଏହି ପୃଥିବୀରେ ଦୃଶ୍ୟମାନ୍ ଜଗତ୍ ବ୍ୟତୀତ ଅନେକ ଅଦୃଶ୍ୟ ଜଗତ୍ ବିଦ୍ୟମାନ । ଦୃଷ୍ଟିଗୋଚର ହେଉଥିବା ପଶୁପକ୍ଷୀ, କୀଟପତଙ୍ଗ, ଗଛଲତାଙ୍କ

ବ୍ୟତୀତ ଅଦୃଶ୍ୟ ଅଣୁ, ପରମାଣୁ, ଜୀବାଣୁ, ଭୂତାଣୁ, କୀଟାଣୁମାନେ ବି ଭରପୂର ଅଛନ୍ତି । ଗ୍ରହ-ନକ୍ଷତ୍ର, ଆଲୋକ-ଇଥର, ଦୁଷ୍ଟ-ଶିଷ୍ଟ ଓ ଅନ୍ୟାନ୍ୟ ପ୍ରାଣସତ୍ତା, ଦେବତା, କିନ୍ନର, ଯକ୍ଷମାନଙ୍କର ପ୍ରଭାବ ତଥା ପରମେଶ୍ୱରଙ୍କ ଶକ୍ତିର ନିରନ୍ତର ପ୍ରବାହ ଏଠାରେ ମଧ୍ୟ ଚାଲୁ ରହିଛି । ଭୀଷଣ ମାୟାର ଏହି ଅଜ୍ଞାତ ରଙ୍ଗମଞ୍ଚରେ ଅଭିନୟ କରି ଚେତନାର ଶିଢ଼ି ଚଢ଼ିବାକୁ ଏକ ସୁରକ୍ଷା କବଚ ତ ନିହାତି ଆବଶ୍ୟକ । ସେଇଟି 'ମୁଁ' (I), ମୋର ଅହଂ (Ego) । କିନ୍ତୁ ମୁଁ ଏକଲା ନୁହେଁ । ଅନ୍ତର ଭିତରେ ଅନ୍ତରାତ୍ମାର ସୁରକ୍ଷା ଓ ସମୃଦ୍ଧି ପାଇଁ ମୋତେ ମିଳିଛି ଶରୀର ସତ୍ତା, ପ୍ରାଣ ସତ୍ତା ଓ ମନୋମୟ ସତ୍ତାର ଢାଙ୍କୁଣୀ । ଶରୀର ଦୃଶ୍ୟମାନ୍ ସତ୍ତା । କିନ୍ତୁ ପ୍ରାଣସତ୍ତା — ଆନନ୍ଦ, ଉତ୍ସାହ ଓ ପ୍ରାଣଶକ୍ତିରେ ଭରପୂର ଏବଂ ମନୋମୟ ସତ୍ତା ବୁଦ୍ଧି-ବିଚାରରେ ପରିପ୍ରକାଶିତ ହୁଏ । ଏମାନେ ମୋର ସହାୟକ, ସୁରକ୍ଷାଦାତା ଓ ପ୍ରକାଶର ଯନ୍ତ୍ର ମାତ୍ର ।

ମନେପଡ଼େ ମୋର ଏଇ ମାନବ ଜନ୍ମର କାହାଣୀ — ପରମେଶ୍ୱରଙ୍କ ଦିବ୍ୟାଲୋକରେ ମୁଁ କୁନି ତାରାଟିଏ ପରି ଅପେକ୍ଷା କରି ଏହି ସବୁଜ-ସୁନ୍ଦର-ନୀଳ ପୃଥିବୀ ଆଡ଼କୁ ଚାହିଁ ରହିଥାଏ । ମୋର ପ୍ରଭୁଙ୍କ ନିର୍ଦ୍ଧାରିତ ଅନୁଭୂତି ସାଉଁଟିବା ପାଇଁ କେଉଁ ଦେଶ, କେଉଁ ପରିବେଶ, କେଉଁ ପରିବାର ତଥା ମାତାପିତାଙ୍କ ପାଖରେ ସର୍ବାଧିକ ସମ୍ଭାବନା ରହିଛି — ଖୋଜି ଚାଲିଥାଏ । ହଠାତ୍ କେଉଁ ଅଜଣା ଆତ୍ମା ଦୁଇଟିଙ୍କର ଆହ୍ୱାନ ମୋତେ ଧରାକୁ ଓହ୍ଲାଇ ଆସିବାକୁ ବାଧ୍ୟକଲା । ଦେଖିଲି ମୋ ନୂଆ ମାଆଟିର ଗର୍ଭାଶୟରେ ଅପେକ୍ଷାରତ ଡିମ୍ବାଣୁଟି ଏହି କେଇ ମୁହୂର୍ତ୍ତ ପୂର୍ବରୁ ନିଷିକ୍ତ ହୋଇଛି । କିଛି କ୍ଷଣ ମଧ୍ୟରେ ସେଠାରେ ସଞ୍ଚରିଗଲା ପ୍ରାଣ । ମୁଁ ସେଠି ଅବତରିଲି । ଗର୍ଭସଞ୍ଚାର ପରେ ପରେ ମୋର ସର୍ବ କ୍ଷୁଦ୍ରତମ ଶରୀରଟିରେ ଅବିରତ କୋଷ ବିଭାଜନ ଘଟି ପ୍ରଭୁଙ୍କ ନକ୍ସା ଅନୁସାରେ ଶରୀରଟି ନୂଆ ନୂଆ ରୂପ ନେଇ ଚାଲିଲା । ଗର୍ଭାଶୟରେ ବସି ବସି ମୁଁ କେବଳ ମୋ ରୂପାନ୍ତରକୁ ଲକ୍ଷ୍ୟ କରୁଥାଏ । ମୋର ଚର୍ମ ଢାଙ୍କୁଣୀ ଥିଲା ନରମ, କୋମଳ ଓ ସୂକ୍ଷ୍ମ । କେତେ ସପ୍ତାହ ପରେ ଏହି ପିଣ୍ଡରେ ଅନୁଭବ କଲି ଜନ୍ମଦାତ୍ରୀ ମାତାଟିର ସୁଖ-ଦୁଃଖ ଭରା ଉତ୍‌ଫୁଲ୍ଲିତ ଶିହରଣ । ପ୍ରାଣର ପ୍ରଥମ ସନ୍ଦେଶ । ପ୍ରାୟ ଛଅ ମାସ ପରେ ମୋର ଅଙ୍ଗଭଙ୍ଗୀର ଚାଳନା ମାଧ୍ୟମରେ ମା'ର ଗର୍ଭାଶୟରେ ଥାଇ ଜଣାଇଲି ମୋ ଆନନ୍ଦ ଅନୁଭବର ପ୍ରଥମ ଖବର । କିଛିଦିନ ପରେ ଜନ୍ମ ନେଲି । ମନୋଲୋଭା ଏହି ଚିକ୍‌ମିକ୍ ଦୁନିଆର ରୂପ, ରଙ୍ଗ ଦେଖି ଖୁସି ହେଲି । ଶିଶୁ ଅବସ୍ଥାରେ ଶରୀର ସତ୍ତା ସହ ପ୍ରାଣ ସତ୍ତାର ଶିହରଣ ମଧ୍ୟ ଅନୁଭବ କରୁଥିଲି । କିନ୍ତୁ ମୋ ମୂଳ ସତ୍ତା — ଅନ୍ତରାତ୍ମାକୁ ମଧ୍ୟ ଅନୁଭବ କରୁଥିଲି । ଶୋଇ ଥାଏ କି ଚେଇଁ ଥାଏ ସବୁ ଅବସ୍ଥାରେ ମୁଁ ଏକ ଆତ୍ମିକ ଆନନ୍ଦ ଅନୁଭବ କରୁଥିଲି । ଟିକେ ବଡ଼ ହେଲାରୁ ମୋତେ ଶରୀର ବିଜ୍ଞାନ, ପ୍ରାଣ-ଜଗତର କାରବାର ଓ ମନର ବିକାଶ ପାଇଁ ନାନା ପ୍ରକାର ଶିକ୍ଷା ଦିଆଗଲା । ମାଡ଼, ଗାଳି, ଲୋଭ, ମୋହର ନାନା ଫନ୍ଦି ଫିକର ମଧ୍ୟ ଦେଇ ଏହି ବିଷୟଗୁଡ଼ିକରେ ବିଜ୍ଞ କରିବାକୁ ଚେଷ୍ଟା କଲାଗଲା । ଏସବୁ ମୋ ଅନ୍ତରାତ୍ମା ଉପରେ ପରସ୍ତ ପରସ୍ତ ପରଦା ଢାଙ୍କି ଦେଲା । ସେଥିରୁ ବାହାରୁଥିବା ଆଲୋକର ଧାରାରେ ମୋର ଅନ୍ତରାତ୍ମା ଢାଙ୍କି ହୋଇଗଲା । ସମାଜର କୃତ୍ରିମ ଆଲୋକରେ ମୋ ଢାଙ୍କୁଣୀଗୁଡ଼ିକ ରଙ୍ଗବେରଙ୍ଗ ହୋଇ ଝଟକି ଉଠିଲେ । ମୋ ଢାଙ୍କୁଣୀହିଁ ମୋର ପରିଚୟ ହୋଇଗଲା । ପିଲାଟି ବେଳୁ ମୋତେ ପ୍ରତିଯୋଗିତା, ସ୍ୱାର୍ଥପରତା ଓ ପରଶ୍ରୀକାତରତାରେ ପ୍ରବୀଣ ହେବା ପାଇଁ ପ୍ରୋତ୍ସାହିତ କରାଗଲା । ମୁଁ ତାହାହିଁ ହେଲି । ବେଳେବେଳେ ମୋ ଅନ୍ତର ଭିତରର ଆତ୍ମାଟି ଦୁନିଆର ଆଲୋକ ଆଡ଼କୁ ମୁଣ୍ଡ ଟେକି ଚାହିଁଲେ କେହି ତାହାକୁ ଗ୍ରହଣ କଲେନି, କେହି ସ୍ୱୀକୃତି ଦେଲେନି କି ''ଆହା'' ବୋଲି ପଦେ ଭଲ କଥା କହିଲେନି । ବରଂ ଅଛୁଆଁ, ଅଲୋଡ଼ା କହି ଅନ୍ଧାର ଗୁମ୍ଫା ଭିତରକୁ ଠେଲି ଦେଲେ । ମୋ ଆତ୍ମା ପଛକୁ ହଟିଗଲା । ମୋର ବାହ୍ୟ ଆବରଣ ଟାକୁଆଟି ପରି ତାକୁ ଅଙ୍କୁରିତ ତଥା ବିକଶିତ ହେବା ପାଇଁ ବାଟ ଛାଡ଼ିଲା ନାହିଁ । ନିରନ୍ତର ସୂର୍ଯ୍ୟାଲୋକ, କୃପାବାରି ଓ ଅଭୟ ମଳୟ ସମସ୍ତେ ଡାକୁଥିଲେ ମୋ ଆତ୍ମାକୁ... ଆ' ବାହାରକୁ ଆ'— ଆକାଶ ଆଡ଼କୁ ବିସ୍ତାରି ଯା' — ସାରା ଧରଣୀରେ ସଂଚରି ଯା' । କିନ୍ତୁ ହାୟ, ରୁଦ୍ଧ ଦ୍ୱାର ଭାଙ୍ଗି ନପାରି ମୋ ଆତ୍ମା ପୁଣି ଅନ୍ଧାର ମଧ୍ୟରେ ବୁଡିଗଲା । ଯେଉଁ ଅହଂର ଢାଙ୍କୁଣୀ ମୋର ସାହାଯ୍ୟକାରୀ ଭାବେ ଆସିଥିଲା, ସେହିଁ ମୋର ମୁଖ୍ୟ ବାଧକ ହୋଇ ବାଟ ଓଗାଳିଲା । ମାୟାରେ ମୁଁ ମୋ ନିଜ ସତ୍ତାକୁ ଭୁଲି ଗଲି । ସେଇ ଟାକୁଆ ଖୋଳକୁ ରଙ୍ଗବେରଙ୍ଗ କରି ସର୍ବସ୍ୱ ବୋଲି ଭାବିଲି । ଏବେ ସେ ଖୋଳପାର ସୁରକ୍ଷା, ସ୍ୱୀକୃତି, ଯଶଃପ୍ରାପ୍ତି ଓ ବିକାଶ ପାଇଁ ଜୀବନ ବିତାଇଲି । ମୋ ଜନ୍ମର — ଜୀବନର ପ୍ରକୃତ ଲକ୍ଷ୍ୟ ଭୁଲିଗଲି । ଭଗବାନଙ୍କୁ କହି ଆସିଥିଲି — ପ୍ରଭୁ, ତୁମକୁ ସର୍ବଦା ସ୍ମରଣ କରି, ତୁମକୁ କେବଳ

ସମ୍ବଳ କରି, ତୁମ ପ୍ରକାଶର ଯନ୍ତ୍ର ହେବାକୁ ମୁଁ ରଙ୍ଗମଞ୍ଚକୁ ଯାଉଛି । କିନ୍ତୁ ହାୟ ! ଏ ମାୟାମୟ ରଙ୍ଗମଞ୍ଚରେ ପହଞ୍ଚି ମୁଁ ସେ କଥା ପୂରା ଭୁଲିଗଲି । ଏବେ ରଙ୍ଗମଞ୍ଚର ପରଦା ପଛପଟୁ ଚୁପିଚୁପି ନିରନ୍ତର କହି ଚାଲିଥିବା ଅନ୍ତରାତ୍ମାର ସ୍ୱରକୁ ବି ମୁଁ ଆଉ ଶୁଣିପାରୁନି । ଏ କୋଳାହଳରେ ସେ କୁଆଡ଼େ ମିଳାଇ ଯାଉଛି । ହଁ, ମୁଁ ପ୍ରାୟଶଃ ଅଖଣ୍ଡ ସ୍ୱାଧୀନତା ପାଇଲା ପରି ବୋଧ ହେଉଛି କିନ୍ତୁ ମୋ ଅଜାଣତରେ ମୁଁ ପ୍ରକୃତି ଓ ମାୟାକୁ କ୍ରୀତଦାସ ପରି ସବୁ ସମର୍ପି ଦେଇଛି ।

ପ୍ରାସଙ୍ଗିକ ଘଟଣାଟିଏ ମନେ ପଡୁଛି –

ସୁସ୍ଥ, ସବଳ କୁକୁରଟିଏ ବୁଲୁବୁଲୁ ସମସ୍ତଙ୍କ ଅଲକ୍ଷ୍ୟରେ ମିଉଜିଅମ ଭିତରେ ପଶିଗଲା । ଭୁଲ୍ ଭୁଲେୟା ପରି ଷଡ଼୍ ଭୁଜାକୃତି ମିଉଜିଅମରେ ଥରେ ପଶିଗଲେ ବାହାରିବାର ବାଟ ପାଇବା କଷ୍ଟକର । କୁକୁରଟି ଏଣେ ତେଣେ ଦୌଡ଼ୁ ଦୌଡ଼ୁ ଗୋଟିଏ କୋଠରିର ଖୋଲା ଦ୍ୱାର ଦେଖି ତା' ମଧ୍ୟରେ ପଶିଗଲା । ସେ କୋଠରିର ଚାରିପଟ, ଉପର ଭାଗରେ ଓ ତଳ ଭାଗରେ ଦର୍ପଣସବୁ ଖଞ୍ଜା ଯାଇଛି । କାନ୍ଥ ଦିଶୁନି ଖାଲି ଦର୍ପଣ ଆଉ ଦର୍ପଣ । ସେ ତା' ନିଜ ପ୍ରତିଫଳିତ ଅସଂଖ୍ୟ କୁକୁରଙ୍କୁ ଦେଖି ଡରିଗଲା ଓ ଭୁକିବାକୁ ଲାଗିଲା । ଅବିଳମ୍ବେ ପ୍ରତିଛବି କୁକୁରସମୂହ ତାହାହିଁ କଲେ । କୋଠରି ଭିତରେ କେବଳ ତା' ବିକଟ ଚିତ୍କାରର ପ୍ରତିଧ୍ୱନି ଶୁଣା ଯାଉଥାଏ । ପାରୁ ପର୍ଯ୍ୟନ୍ତ ସମସ୍ତ ଦାନ୍ତଗୁଡ଼ିକୁ ପ୍ରଦର୍ଶନ କରି ବିକଟ ମୁଖରେ ଯେତେ ଘଉଡ଼ାଇବାକୁ ଚେଷ୍ଟା କଲେ, ତାହା ହେଲା ବହୁଗୁଣିତ ବିକଟାଳ ଦୃଶ୍ୟ । କ୍ରମାଗତ ଗର୍ଜନ, ଭୟ, ହତାଶାରେ ବିବଶ କୁକୁରଟି ସେଠି ଟଳି ପଡ଼ିଲା । ପରଦିନ ଝାଡୁଦାର ସେହି ଅକ୍ଷତ ତଥା ମୃତ କୁକୁରଟିକୁ ଉଦ୍ଧାର କଲା ।

ସାଧାରଣ ଜୀବନରେ ମୁଁ ମୋ ଚାରିପଟେ ଯାହା ଦେଖୁଛି, ଦେଖି ଯେଉଁ ଅଭିଯୋଗ, ପ୍ରତିକ୍ରିୟା କରୁଛି ଫଳସ୍ୱରୂପ ପ୍ରତିହିଂସାର ଅନଳରେ ତିଳତିଳ ହୋଇ ମରୁଛି । ଅନ୍ୟର ଦୋଷ-ତ୍ରୁଟି, ଅନ୍ୟାୟ-ଅନୀତି, ଭୂତ-ପ୍ରେତ, ସୁନ୍ଦର-ଅସୁନ୍ଦର ସବୁ କିଛି ମୋ ଅହଂକାରର ସାମାଜିକ ଦର୍ପଣରେ ବହୁ ପ୍ରତିଫଳନ ମାତ୍ର । ମୋର ପ୍ରତିଛବିକୁ ସତ୍ୟ ବୋଲି ଭାବିଛି । ତେଣୁ ପୁତ୍ର, କନ୍ୟା, ପତ୍ନୀ-ପରିବାର, ସମାଜ... ଇତ୍ୟାଦିକୁ ମୋ ମନ ମୁତାବକ ଆଦର୍ଶରେ ବଦଳାଇବାକୁ ସଦା ତତ୍ପର । କିନ୍ତୁ କୁକୁର ପରି ଯେଉଁ ଦାନ୍ତଗୁଡ଼ା ଦେଖେଇ ମୁଁ ସଂସାରକୁ ଡରାଉଛି ସେହି ଦାନ୍ତର ସହାୟତାରେ ଟିକେ ହସି ଦେଲେ ମୋ ଚାରିପଟ ଦୁନିଆଟା ନର୍କରୁ ସ୍ୱର୍ଗରେ ବଦଳି ଯାଆନ୍ତା । ସମାଧାନ ମୋ ଭିତରେ । ତେବେ ମୋ ଭିତର ସତ୍ତା ସହ କିପରି ଭେଟ ହୁଅନ୍ତାନି ? ଏଡ଼େ ବଡ଼ ସଂସାରକୁ ବୁଝିବା ଆଗରୁ ମୁଁ ଟିକେ ମୋ ନିଜକୁ ବୁଝିପାରନ୍ତିନି ? ଖୋଳପାର, ବ୍ୟକ୍ତିତ୍ୱର ମୋହ ପଛରେ ଥିବା ମୋ ଅନ୍ତଃସତ୍ତାକୁ ଭେଟ କରାଇବ କିଏ ?

ଆମର ଗୁରୁଜନ, ମାତାପିତା, ଶିକ୍ଷକ-ଶିକ୍ଷୟିତ୍ରୀ ସର୍ବଦା ଏହି ସାମାଜିକ ପ୍ରତିଫଳନର ସାହାଯ୍ୟ ନେଇ ଆମକୁ ପ୍ରତିଯୋଗିତାରେ ପ୍ରଥମ ହେବାକୁ ପ୍ରେରଣା ଦିଅନ୍ତି । ନିଜକୁ ସମାଜରେ ଅନ୍ୟ ଅପେକ୍ଷା ଶ୍ରେଷ୍ଠ ବୋଲି ସାବ୍ୟସ୍ତ କରିବାକୁ ଆମେ ସାରା ଜୀବନ ସାରି ଦେଉ । ଫଳରେ ଜୀବନଟା ଈର୍ଷା, ଦ୍ୱେଷ, ପ୍ରତିହିଂସା, ଦୁଃଖ, ରୋଗରେ ପୂର୍ଣ୍ଣ ହୋଇଯାଏ । କିନ୍ତୁ କେହି ସଦ୍‌ଗୁରୁ ବା ଗୁରୁଙ୍କ ବାଣୀ ଆମ ଜୀବନର ପ୍ରତିଛବିକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖାଇ ଅନ୍ତରାତ୍ମାକୁ ଜଗାଇ ଦିଏ । ଆମ ଖୋଳପାକୁ ଭାଙ୍ଗି ଦେବାର ଗୁପ୍ତ ଦ୍ୱାରଟିକୁ ଦେଖାଇ ଦିଅନ୍ତି । ଆଉ ସତରେ ଯଦି ଆମ ଭିତରେ ସାଂସାରିକ ଜୀବନରେ ସେଇ ଦିବ୍ୟ-ଅସନ୍ତୋଷ ଆସି ଯାଇଥାଏ ତେବେ – ଆମେ ସେ ଦ୍ୱାର ଖୋଲି ଅନ୍ତଃମୁଖୀ ହେଉ । ସଂସାର ଦର୍ପଣର ଧର୍ମ ସେ ପ୍ରତିଫଳନ ଦେଖାଇବ । କିନ୍ତୁ ଆମ ପାଖରେ ନିର୍ଣ୍ଣୟ ନେବାର ସୁଯୋଗ ଆସିଛି –

ପ୍ରତିଫଳିତ ଚିତ୍ରପଟରେ ଫୁଟି ଉଠୁଥିବା ଦୁର୍ବଳତାଗୁଡ଼ିକୁ ଲୁଚାଇବାକୁ ଚେଷ୍ଟା କରିବା ନା ଦୁର୍ବଳତାକୁ ଅତିକ୍ରମ କରିବାକୁ ତଥା ସବଳତାରେ ପରିଣତ କରିବାକୁ ଉଦ୍ୟମ କରିବା । ଯଦି ଚେଷ୍ଟା କରି ବାର ବାର ଝୁଣ୍ଟି ପଡୁ ତେବେ ମା'ଙ୍କ ଶକ୍ତି ବା ପରମେଶ୍ୱରଙ୍କ ଶକ୍ତିର ସାହାଯ୍ୟ ନେଇ ପ୍ରାର୍ଥନା କରିବା । ଅବିରତ ଚେଷ୍ଟା କରି ଚାଲିବା । ମା'ଙ୍କ ଉପରେ ବିଶ୍ୱାସ ଭରସା ରହିଲେ ତାଙ୍କ କୃପାରୁ ଦିନେ ଆମ ଅହଂକାରର ଖୋଳପା ଭାଙ୍ଗି ଚୈତ୍ୟସତ୍ତା ଆମ ସମ୍ମୁଖ ଭାଗକୁ ଆସିଯିବେ । ତେବେହିଁ ପ୍ରକୃତ ମୁକ୍ତିର ଆନନ୍ଦ ଆମେ ଅନୁଭବ କରିପାରିବା ।

ଧରି ନିଆଯାଉ ମା'ଙ୍କ କୃପା କଣିକାର ସାନ୍ନିଧ୍ୟରେ ଆମର ସ୍ୱରୂପ ଓ ସ୍ୱଧର୍ମକୁ କିଛିଟା ଜାଣିପାରିଲୁ ଓ ସେପରି ହୋଇ ଉଠିବାକୁ ଉଦ୍ୟମ କଲୁ । କିନ୍ତୁ ଜ୍ଞାନପ୍ରାପ୍ତ ହେଲା ପରେ ଅର୍ଜୁନ ବିଷାଦ ତ୍ୟାଗ କରି ସ୍ଥିତପ୍ରଜ୍ଞ ହେଲା ପରି କ'ଣ ଆମେ ବି ହୋଇପାରିବା ? ନିଜକୁ ମୂଲ୍ୟାୟନ କରିବା ପାଇଁ ଶେଷ କାହାଣୀଟି ପଢ଼ିବା –

ଉଜ୍‌ବେକିସ୍ଥାନର ରାଜା କୌଣସି କାରଣରୁ ମୁଲ୍ଲା

ନାସିରୁଦ୍ଦିନ୍‌ଙ୍କ ଉପରେ ରାଗିଗଲେ ଏବଂ ତାଙ୍କୁ ଜେଲରେ ରଖି କହିଲେ – ‘‘ମୁଲ୍ଲା, ଏବେ ମଜା ପାଉଥା ।’’ ସେହି ଜେଲଟି ଥିଲା ଏକ ଅପହଞ୍ଚ ଜାଗାରେ । ସେଠି ଯିଏ ରହୁଥିଲା ତାକୁ ଜନମାନବ ଦର୍ଶନ ବି ମିଳୁ ନଥିଲା । କେବଳ କିଛି ରକ୍ଷୀ ତାହାକୁ ଜଗି ରହୁଥିଲେ । ରାଜା ଭାବିଲେ – ଏ ମୁଲ୍ଲା ମହାପାଜି । ତାକୁ ସେଇଠି ରଖିଦେଲେ ସେ ହତାଶା ଓ ମନ ଦୁଃଖରେ ରହିବ ଓ ପାନେ ପାଇବ । ତେବେ ମୁଲ୍ଲାଙ୍କ ବିଶେଷ କିଛି ପରିବର୍ତ୍ତନ ହେଲା ନାହିଁ । ସେ ଜେଲ ଭିତରେ ଆନନ୍ଦରେ ରହିଲେ ଓ ରକ୍ଷୀମାନଙ୍କ ସହିତ ଥଟ୍ଟାମଜା କରି ଚାଲିଲେ ।

ଥରେ ରାଜା ମୁଖ୍ୟ ରକ୍ଷୀକୁ ପଚାରିଲେ – ‘‘ଆମ ମୁଲ୍ଲା କେମିତି ଅଛନ୍ତି ?’’ ମୁଖ୍ୟ ରକ୍ଷୀ ଯାହା କହିଲା ସେଥିରେ ରାଜା ଚକିତ ହୋଇଗଲେ ଏବଂ ମୁଲ୍ଲାଙ୍କୁ ଦେଖିବାକୁ ଜେଲକୁ ଗଲେ ।

ରାଜା ଦେଖିଲେ ମୁଲ୍ଲାଙ୍କ ମନରେ ଭାବାନ୍ତର ନାହିଁ । ସେ ପୂର୍ବବତ୍ ପ୍ରଫୁଲ୍ଲିତ ଅଛନ୍ତି । ରାଜା ବିସ୍ମିତ ହେଲେ ଓ ମୁଲ୍ଲାଙ୍କୁ ଚେତାଇ ଦେଇ କହିଲେ – ‘‘ତୁମେ ଭୁଲି ଯାଉଛ ବୋଧହୁଏ ଯେ ତୁମେ ଜେଲ ଭିତରେ ଅଛ । ତୁମେ ଜଣେ ବନ୍ଦୀ ।’’

ମୁଲ୍ଲା କହିଲେ – ‘‘ଖାଲି ମୁଁ ନୁହେଁ ଆପଣ ଭୁଲି ଯାଉଛନ୍ତି ଯେ ଆପଣମାନେ ସମସ୍ତେ ବନ୍ଦୀ । ଆପଣମାନେ କୌଣସି ନା କୌଣସି ବନ୍ଧନରେ ବନ୍ଦୀ । ରାଜା, ଆପଣ ଅହଂ ଓ କ୍ରୋଧ ଦ୍ୱାରା ବନ୍ଦୀ, ଆପଣଙ୍କ ଏ ରକ୍ଷୀମାନେ ସେମାନଙ୍କ ବୃତ୍ତି ଦାୟରେ ବନ୍ଦୀ, ଆପଣଙ୍କ ମନ୍ତ୍ରୀ ଆନୁଗତ୍ୟରେ ବନ୍ଦୀ । ସମସ୍ତେ କୌଣସି ନା କୌଣସି ଦୁର୍ବଳତା, ଆସକ୍ତି, ଅଭ୍ୟାସ, ଅଭିରୁଚି ଆଦି ଦ୍ୱାରା ବନ୍ଦୀ ।’’

ରାଜା ଟିକେ ନୀରବ ରହିଲେ ଓ କହିଲେ ‘‘ମୁଲ୍ଲାଙ୍କୁ ମୁକ୍ତ କରିଦିଅ ।’’ ମୁଲ୍ଲାଙ୍କୁ ଛାଡ଼ି ଦିଆଗଲା । ରାଜା ତାଙ୍କୁ ଧୀରେ ପଚାରିଲେ – ‘‘ତେବେ ମୁକ୍ତ ବ୍ୟକ୍ତି ବୋଲି କ’ଣ ଆମ ରାଜ୍ୟରେ କେହି ନାହାନ୍ତି ?’’

ମୁଲ୍ଲା କହିଲେ – ‘‘ମୁଁ ଅଛି । ଜେଲ ଭିତରେ ଥାଇ ବି ଯିଏ ସେଇ ସ୍ଥିତି ଦ୍ୱାରା ପ୍ରଭାବିତ ନୁହେଁ, ସେ ହେଉଛି ମୁକ୍ତ । ତେଣୁ ମୁଁ ପ୍ରକୃତରେ ଜଣେ ମୁକ୍ତ ଲୋକ ।’’

ପୁରାଣରେ ରାଜା ଜନକ ବି ସେପରି ସ୍ଥିତପ୍ରଜ୍ଞ, ଆତ୍ମଜ୍ଞାନୀ ଥିଲେ, ଆପଣ ବି ନିଶ୍ଚୟ ହୋଇପାରିବେ । ମା’ଙ୍କ ଉପରେ ପୂର୍ଣ୍ଣ ଭରସା ରଖି ଉଦ୍ୟମ ଆରମ୍ଭ କଲେ ହେଲା – ଆଜିଠୁ...ଏବେଠୁ... । ଫଳସ୍ୱରୂପ ଯଥାର୍ଥ ସମୟରେ ମା’ଙ୍କ କୃପାରୁ ପାଇବା ମୁକ୍ତିର ଆନନ୍ଦ । ❑

## ଛାତ୍ର ଶ୍ରମ ଶିବିର - ୨୦୧୭, ବାଙ୍କୀ

ସବୁବର୍ଷ ପରି ଏ ବର୍ଷ ମଧ୍ୟ ‘**ଛାତ୍ର ଶ୍ରମ ଶିବିର**’ ଆସନ୍ତା ୨.୧୦.୨୦୧୭ ତାରିଖରୁ ୬.୧୦.୨୦୧୭ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଙ୍କୀଠାରେ ଅନୁଷ୍ଠିତ ହେବ । ଏଠାରେ ମୁଖ୍ୟତଃ ଅଷ୍ଟମ ଓ ନବମ ସୋପାନର ଛାତ୍ରଛାତ୍ରୀମାନଙ୍କର ବିଜ୍ଞାନ, ଗଣିତ, କଳା ପାଠ୍ୟକ୍ରମ ସହିତ ମୁକ୍ତ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରମଦାନ ମଧ୍ୟ କରାଯିବ ।

ଶିକ୍ଷାକେନ୍ଦ୍ରର ପରିଚାଳକ ତଥା ଅଧ୍ୟକ୍ଷ/ଅଧ୍ୟକ୍ଷାମାନଙ୍କୁ ଅନୁରୋଧ, ସେମାନଙ୍କର ଶିକ୍ଷାକେନ୍ଦ୍ରର ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ (ଅତିବେଶୀରେ ଦଶଜଣ) ଜଣେ ଭାଇ ବା ଅପାଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଙ୍କୀକୁ ପଠାଇବେ । ଶିବିର ଖର୍ଚ୍ଚ ଜଣପିଛା ୧୦୦ ଟଙ୍କା (ଶହେଟଙ୍କା ମାତ୍ର) ରଖା ଯାଇଛି ଓ ଶିବିରାର୍ଥୀମାନେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଙ୍କୀଠାରେ ୧.୧୦.୨୦୧୭ ତାରିଖ ସନ୍ଧ୍ୟା ସୁଦ୍ଧା ପହଞ୍ଚିବା ଦରକାର ।
**ଶିକ୍ଷାକେନ୍ଦ୍ର ଠିକଣା** : ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କଲେଜ ରୋଡ଼, ବାଙ୍କୀ, କଟକ, ପିନ୍ : ୭୫୪ ୦୦୮ । ଟେଲିଫୋନ ନମ୍ବର : ୦୬୭୨୩-୨୪୦୯୭୫ । ଶିବିର ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସତ୍ୟ ନାରାୟଣ ସାହୁ (ମୋବାଇଲ୍ ନ. : ୯୫୫୬୩୬୭୧୫୪)ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

– ବ୍ରହ୍ମାନନ୍ଦ ସ୍ୱାଇଁ (ଛାତ୍ର ଶ୍ରମ ଶିବିର ତରଫରୁ)

# ଆମ ସ୍ୱାସ୍ଥ୍ୟ

## (୨୪)

## ଭୋଳେଶ୍ୱର ଭୂୟାଁ

### ଆମ ସ୍ୱାସ୍ଥ୍ୟ ପାଇଁ ସରଳ, ପ୍ରାକୃତିକ ଓ ଆଧ୍ୟାତ୍ମିକ ଜୀବନ

କ୍ରମବିବର୍ତ୍ତନ ପଥରେ ମଣିଷ ଶ୍ରେଷ୍ଠ ଜୀବ ହେଲେ ମଧ୍ୟ ଏବେ ବି ସେ ଅର୍ଦ୍ଧ ପଶୁ ସ୍ତରରେ ରହିଛି । ଦେବତା ହେବା ତ ଦୂରର କଥା ଯଥାର୍ଥ ମଣିଷ ମଧ୍ୟ ହୋଇପାରି ନାହିଁ । କିନ୍ତୁ ଭବିଷ୍ୟତରେ ମଣିଷ ଯେ ଦେବତାରେ ପରିଣତ ହେବ – ଏଥିରେ ସନ୍ଦେହ ନାହିଁ । ମଣିଷ ବର୍ତ୍ତମାନ ଏକ ମଧ୍ୟବର୍ତ୍ତିକାଳୀନ ଜୀବ । ଅଜ୍ଞାନ, ଅନ୍ଧକାର, ରୋଗ, ଯନ୍ତ୍ରଣା ମୃତ୍ୟୁ ଇତ୍ୟାଦି ତାକୁ ବାନ୍ଧି ରଖିଛନ୍ତି; ପୂର୍ଣ୍ଣତାର ଦିଗରେ ଯିବା ପାଇଁ ଯାହା ତାକୁ ସୁଯୋଗ ଦେଉ ନାହାନ୍ତି । ମଣିଷ ପୂର୍ଣ୍ଣତା ଦିଗରେ ପାଦେ ଅଗ୍ରସର ହେଉ ହେଉ ଏମାନେ ସମ୍ମୁଖରେ ପାହାଡ଼ ସଦୃଶ ବାଧାବିଘ୍ନ ଛିଡ଼ା କରାଇ ଦିଅନ୍ତି । ବିରୋଧିଶକ୍ତି, ଅଜ୍ଞାନ-ଅନ୍ଧକାରର ଶକ୍ତି ସହିତ ମଣିଷ ଆଜନ୍ମ ଲଢ଼ି ଆସିଛି କିନ୍ତୁ ତାକୁ ଏପର୍ଯ୍ୟନ୍ତ ପରାଭୂତ କରିପାରି ନାହିଁ । ବ୍ୟାକୁଳ ହୋଇ ଶେଷରେ ପରମ ପ୍ରଭୁଙ୍କୁ ତା'ର ଅକ୍ଷମତା ଓ ଅପାରଗତା କଥା ଜଣାଇ ସେ ପ୍ରାର୍ଥନା କରିଛି । କରୁଣାମୟ ଭଗବାନ୍ ତା'ର ଡାକ ଶୁଣିଛନ୍ତି । ସଂସାରରେ ଦେବମୁହୂର୍ତ୍ତ ସର୍ଜନା କରି କଳ୍କି ଅବତାର ରୂପେ ଏ ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି । ମନୁଷ୍ୟର ପୂର୍ଣ୍ଣଯୋଗର ଭାର ନିଜ ହସ୍ତକୁ ନେଇ ଯୁଗ୍ମ ଅବତାର ରୂପେ ମା'ଶ୍ରୀଅରବିନ୍ଦ ଧରାପୃଷ୍ଠରେ ଅବତରଣ କରିଛନ୍ତି । ଏ ବିଷୟରେ ମା କହୁଛନ୍ତି : ''ମୁଁ ଏଠାରେ ରହିଥିବି କେବଳ ତୁମମାନଙ୍କୁ ସାହାଯ୍ୟ କରିବା ପାଇଁ, ଭଗବାନଙ୍କ ଦିଗରେ ଉତ୍ତରଣ କରାଇବା ପାଇଁ । ତୁମ କାର୍ଯ୍ୟରେ ସଫଳତା ଆଣିବା ପାଇଁ । ମୋ ପାଖରେ ଚାବି ରହିଛି ଭଗବାନଙ୍କୁ ଏହି ମର ଜଗତରେ ଓହ୍ଲାଇ ଆଣିବା ପାଇଁ ଏବଂ ତା' ସହିତ ମଣିଷକୁ ତା'ର ଚରମ ଶିଖରକୁ ଉଠାଇ ନେବା ପାଇଁ ଯଦ୍ୱାରା ସେ ଭଗବାନଙ୍କୁ ସାକ୍ଷାତ୍ କରିପାରିବ । ମୁଁ ହେଲି ଟେଲିଫୋନର ସଂଯୋଗ ସଦୃଶ ଯେକି ଉପରୁ ବାଣୀକୁ ଗ୍ରହଣ କରେ ଏବଂ ତାକୁ ନିମ୍ନର ଏହି ମର ଜଗତରେ ପ୍ରସାରଣ କରେ । ମୁଁ ଏହି ଦୁଇ ଜଗତକୁ ବାନ୍ଧି ରଖେ – ମୋ ବିନା ଏହା ସମ୍ଭବ ନୁହେଁ ।''

(*The Supreme*, p. 55)

କିନ୍ତୁ ପ୍ରଶ୍ନ ହେଲା ଏବେ ବି କ'ଣ ମା'ଙ୍କର ଏହି ସାହାଯ୍ୟ ପାଇବା ପାଇଁ ଆମେ ଆମକୁ ଗ୍ରହଣଶୀଳ କରି ପାରିଛୁ କି ? ଦୁଃଖର କଥା ମା ସଶରୀରେ ଥିବା ପର୍ଯ୍ୟନ୍ତ ଏପରି ଜଣେ ବି ବ୍ୟକ୍ତି ଆପଣାକୁ ଯୋଗ୍ୟ କରି ନଥିଲେ – ଯାହା ଉପରେ ମା'ଙ୍କର ସମସ୍ତ ବୈଭବକୁ ସେ ଓଜାଡ଼ି ଦେଇଥା'ନ୍ତେ । କିନ୍ତୁ ଏପରି ଅପାରଗ ମଣିଷ ପାଇଁ ମା ଅପାର କରୁଣା ଓ ପ୍ରେମର ସହିତ ନିଜ ଶରୀରକୁ ବଳିଦାନ ଦେଇ ଶହ ଶହ ସନ୍ତାନଙ୍କ ଭିତରେ ପ୍ରବେଶ କରିଗଲେ – ନିଜ ଶରୀରର ରୂପାନ୍ତର କାମକୁ ଅଧୁରା ଛାଡ଼ି ।

ବାସ୍ତବରେ ମା'ଙ୍କର ଏହି ସାହାଯ୍ୟ ପାଇବା ପାଇଁ ଆମକୁ ଛୋଟ ଶିଶୁତୁଲ୍ୟ ହୋଇଯିବାକୁ ପଡ଼ିବ । ଛୋଟ ଛୋଟ ଶିଶୁଙ୍କୁ ଦେଖ । ସେମାନେ ସମସ୍ତଙ୍କୁ ଆକର୍ଷଣ କରିଥା'ନ୍ତି । ତାଙ୍କର ସହଜାତ ପ୍ରକୃତି ସରଳତା ଓ ନିର୍ଭରତାହିଁ ତାଙ୍କୁ ସୁନ୍ଦର କରି ଗଢ଼ିଥାଏ । ଶିଶୁମାନଙ୍କ ଭିତରେ ଚୈତ୍ୟସତ୍ତା କ୍ରିୟାଶୀଳ ହୋଇଥାଏ । ମାତ୍ର ମନର ବିକାଶ ଘଟିବା ସଙ୍ଗେ ସଙ୍ଗେ ତା'ର ଚୈତ୍ୟସତ୍ତା ପଛକୁ ଚାଲିଯାଇଥାଏ ଓ ତା'ର ସୁନ୍ଦର, ସରଳ ଜୀବନ ଜଟିଳ ଓ ବିକୃତ ହୋଇଯାଏ । ଏହାହିଁ ମଣିଷର ସମସ୍ୟା । ମନକୁ ଛାଡ଼ି ସେ ପୁଣି ତା'ର ଅନ୍ତର ଭିତରେ ଥିବା ଚୈତ୍ୟସତ୍ତାଙ୍କୁ ପାଇବ କିପରି ? – ତା'ର ଜୀବନକୁ ପୁଣି ସୁନ୍ଦର ସରଳ କରିବ କିପରି ? ଏ ବିଷୟରେ ମା' କହୁଛନ୍ତି : ''ପୂର୍ଣ୍ଣ ନିରବ ଓ ଧୀର, ସ୍ଥିର ହୋଇଯାଅ । ମନର ସମସ୍ତ ଚିନ୍ତାଧାରା ଓ ତା'ର ପ୍ରେରଣାକୁ ପୋଛିଦିଅ । ତୁମେ ଦେଖିବ ଯେତେବେଳେ ତୁମେ ତୁମର ଆନ୍ତର ସତ୍ତା (ଚୈତ୍ୟପୁରୁଷ)ଙ୍କ ସହିତ ସମ୍ପର୍କ ସ୍ଥାପନ କରିପାରିବ ସେତେବେଳେ ତୁମେ ସବୁ କିଛି କରିପାରିବ ଏବଂ ତା' ଭଗବତ୍ ଇଚ୍ଛାଶକ୍ତିର ବିରୋଧ କରିବ ନାହିଁ; ଏହା ମଧ୍ୟ ମନ ବୁଝିପାରିବ ନାହିଁ ।''

(*The Supreme*, p. 55)

ଶରୀର ରୂପାନ୍ତରର ପ୍ରଥମ ପଦକ୍ଷେପ ହେଲା ଏକ

ସୁସ୍ଥ ଶରୀର ଗଠନ କରିବା । ଶରୀରକୁ ମଧ୍ୟ ଆଧ୍ୟାତ୍ମିକ ସାଧନା ପଥକୁ ଆଣିବାକୁ ହେବ । ଶରୀର ଛାଡ଼ି ଭଗବାନଙ୍କୁ ପାଇବାର ପ୍ରଣାଳୀ ଆଉ ରହିବ ନାହିଁ । ଏ ବିଷୟରେ ମା କହୁଛନ୍ତି : ''ଶରୀର କ୍ରମବିକାଶଶୀଳ ସାମଞ୍ଜସ୍ୟକୁ ଅନୁସରଣ କରିବା ସଙ୍ଗେ ସଙ୍ଗେ ଏକ ଧାରାବାହିକ ରୂପାନ୍ତର ପ୍ରଣାଳୀ ମାଧ୍ୟମରେ ତା' ମଧ୍ୟରେ ଘଟୁଥିବା କ୍ଷୟକ୍ଷତି ଓ ଭଙ୍ଗୁରତାକୁ ମଧ୍ୟ ଅତିକ୍ରମ କରିବାର ସମ୍ଭାବନା ଅର୍ଜନ କରିବ । ଏପରି ଭାବରେ ମୃତ୍ୟୁର ଅଲଂଘ୍ୟ ନିୟମ ମଧ୍ୟ ବ୍ୟକ୍ତି ପାଇଁ ତିଷ୍ଠି ରହିବାର ଆଉ କୌଣସି କାରଣ ରହିବ ନାହିଁ ।

(MCW-12, On Education, p. 8)

ଆମ ସ୍ୱାସ୍ଥ୍ୟ ପାଇଁ ମା'ଙ୍କର ଏହି ବାଣୀରୁ ଏକ ସୂତ୍ର ଆମେ ପାଇଲୁ । ଅର୍ଥାତ୍ 'କ୍ରମବିକାଶଶୀଳ ସମଞ୍ଜସତାକୁ ଅନୁସରଣ କରିବା' — ଏହା ବହୁ ଉପାୟରେ କରାଯାଇପାରେ । ବ୍ୟାୟାମ, ଆସନ, ପ୍ରାଣାୟାମ ଛଡ଼ା ଆମ ମାନସିକ ଅବସ୍ଥାର ମଧ୍ୟ ଏକ ରୂପାନ୍ତର ଆଣିବାକୁ ହେବ । ତାହା ହେଲା ମନ ଉପରେ ଚୈତ୍ୟସତ୍ତାର ପ୍ରଭାବ । ମନ ଭିତରେ ସାମଞ୍ଜସ୍ୟ ପ୍ରତିଷ୍ଠା ହେଲେ ତାହା ଶରୀରରେ ମଧ୍ୟ କ୍ରିୟା କରିବ । ପ୍ରତ୍ୟେକ ରୋଗର କାରଣ ହେଲା ଅସମଞ୍ଜସତା । ଆମ ଭିତରେ ଅସମଞ୍ଜସତା ଆସିଲେହିଁ ଆମକୁ ନାନା ରୋଗ ହୋଇଥାଏ । ଅତଏବ ରୋଗକୁ ଭଲ କରିବାକୁ ହେଲେ ଔଷଧ ନଖାଇ ଏହି ଅସମଞ୍ଜସତାର କାରଣକୁ ଦୂର କରି ପାରିଲେ ଆମେ ଯେକୌଣସି ରୋଗକୁ ଭଲ କରିପାରିବୁ । ବିନା ଔଷଧରେ ସବୁ ରୋଗ ଭଲ ହୋଇପାରେ ଏ ବିଶ୍ୱାସ ଏବେ ବି ଆମର ଦୃଢ଼ ହୋଇପାରି ନାହିଁ । ଔଷଧର କୁପରିଣାମ ବିଷୟରେ ମା କହୁଛନ୍ତି : ''ଡାକ୍ତର ମୋତେ ଔଷଧଗୁଡ଼ିଏ ଦିଅନ୍ତି — ମୁଁ ସେଇ ଔଷଧକୁ ଭଲ କରି ନିରୀକ୍ଷଣ କରେ : ସେଗୁଡ଼ିକ ଯେତେ ଉପକାର କରନ୍ତି ସେତେ ବିଶୃଙ୍ଖଳା ଘଟାନ୍ତି । ଗୋଟିଏ ଜିନିଷର ମଙ୍ଗଳ କରି ଅନ୍ୟଟିର କ୍ଷତି ଘଟାନ୍ତି । ତେଣୁ ପରବର୍ତ୍ତୀ କାଳରେ ଅନ୍ୟଟିକୁ ଠିକ୍ କରିବାକୁ ପଡ଼େ । ତୁମେ କେବେହେଲେ ଏହା ଭିତରୁ ବାହାରି ଆସି ପାରିବ ନାହିଁ ।''

(*Integral Healing,* p. 188) — ଶ୍ରୀମା

ପୁଣି ମା କହୁଛନ୍ତି : ''ମନର ସାର୍ବଭୌମ କ୍ଷମତା ମଣିଷଜାତିକୁ ଡାକ୍ତର ଓ ସେମାନଙ୍କର ଚିକିତ୍ସାର ଦାସ କରି ଗଢ଼ି ତୋଳିଛି । ଏହାର ଫଳସ୍ୱରୂପ ରୋଗର ସଂଖ୍ୟା ଓ ତା'ର ଗୁରୁତ୍ୱ ବଢ଼ି ଚାଲିଛି ।

''ମନୁଷ୍ୟମାନଙ୍କ ପାଇଁ ଏକମାତ୍ର ପରିତ୍ରାଣ ହେଉଛି ଦିବ୍ୟପ୍ରଭାବ ପ୍ରତି ଉନ୍ମୀଳିତ ହୋଇ ମାନସିକ ପ୍ରଭୁତ୍ୱରୁ ନିସ୍ତାର ପାଇବା ।''

(*Integral Healing,* p. 190) — ଶ୍ରୀମା

ଶ୍ରୀଅରବିନ୍ଦ କହୁଛନ୍ତି : ''ମଣିଷ ଜାତି ପାଇଁ ଡାକ୍ତରୀ ବିଜ୍ଞାନ ହେଲା ଆଶୀର୍ବାଦ ବଦଳରେ ଏକ ଅଭିଶାପ ।''

(Thoughts and Aphorisms, no. 324)

ଆହୁରି ଅନେକ କଥା ମା ଓ ଶ୍ରୀଅରବିନ୍ଦ ଔଷଧର ଅପକାରିତା ବିଷୟରେ କହିଛନ୍ତି । ଏଠାରେ କେବଳ କେତେକ ଦୃଷ୍ଟାନ୍ତ ଦିଆଗଲା । ମଣିଷ ତା'ର ଜୀବନକୁ ପ୍ରକୃତିଠାରୁ ଦୂରେଇ ନେଇ ଏକ ଅପ୍ରାକୃତିକ ଜୀବନଯାପନର ପଥରେ ଗତି କରୁଛି । ଏହି ଅପ୍ରାକୃତିକ, ଅସମଞ୍ଜସତାର ଜୀବନ ଆମ ପାଇଁ ଆଣି ଦେଇଛି ନାନା ଦୁଃଖ, କଷ୍ଟ, ରୋଗ ଯନ୍ତ୍ରଣାର ସମ୍ଭାର । ଏ ଦିଗରେ ଆମେ ପଶୁପକ୍ଷୀଙ୍କଠାରୁ ମଧ୍ୟ ହୀନ ହୋଇ ପଡ଼ିଛୁ । ପଶୁପକ୍ଷୀ ବର୍ଷାରେ ଭିଜି, ଥଣ୍ଡା-ଗରମକୁ ବିନା ବସ୍ତ୍ରରେ ସହ୍ୟ କରି ମଧ୍ୟ ସେମାନଙ୍କୁ ଖୁବ୍ କମ୍ ରୋଗ ହୁଏ । କିନ୍ତୁ ମଣିଷ ଟିକିଏ ବର୍ଷାରେ ଭିଜିଲେ ତାକୁ ସର୍ଦ୍ଦି ହୁଏ — ଏହାର କାରଣ ହେଲା ମନର ବିକୃତି । ମନରେ ଯେଉଁ ଧାରଣା ଆମେ ପୋଷଣ କରୁ ତାହାହିଁ ଆମ ପାଇଁ ସଂଘଟିତ ହୁଏ । ଆମ ମନରେ ଥିବା ଭୟ, ଆଶଙ୍କା, ନାନା ପ୍ରକାରର ଧାରଣାହିଁ ଆମ ସ୍ୱାସ୍ଥ୍ୟକୁ ନଷ୍ଟ କରିଥାଏ । ତା' ଉପରେ ମଣିଷର କୁଅଭ୍ୟାସ ତାକୁ ଆହୁରି ଅଧିକ ରୁଗ୍ଣ କରିଛି । ପାନ, ବିଡ଼ି, ସିଗାରେଟ, ମଦ, ଗଞ୍ଜେଇ, ତମାଖୁ ଆଦି ନିଶାଦ୍ରବ୍ୟ ବ୍ୟବହାର କରି ମଣିଷ ନିଜେ ନିଜକୁ ମୃତ୍ୟୁ ଆଡ଼କୁ ନେଇ ଯାଉଛି । ଏସବୁ ହେଲା ମନର ବିକୃତି ତଥା ବିଶ୍ୱ-ପ୍ରକୃତିରେ ଥିବା ବିଭିନ୍ନ ଧ୍ୱଂସକାରୀ ଶକ୍ତିର ଖେଳ ।

ଏହାର ଏକମାତ୍ର ପ୍ରତିକାର ହେଲା — ଆଧ୍ୟାତ୍ମିକ ବିପ୍ଳବ । ଆଧ୍ୟାତ୍ମିକତା କୌଣସି ଧର୍ମ ନୁହେଁ, କୌଣସି ଦେବଦେବୀଙ୍କର ପୂଜାପାଠ ନୁହେଁ, ଯଜ୍ଞ, ଖୋଳ-ସଂକୀର୍ତ୍ତନ ନୁହେଁ । ଏହା ହେଲା କେବଳ ସତ୍ୟର ଉପାସନା ଅର୍ଥାତ୍ ସତ୍ୟ ଆଚରଣ କରିବା । ଏହି ସତ୍ୟକୁ ଜାଣିବା ପାଇଁ ଆମକୁ ସାଧନା କରିବାକୁ ହେବ । ଯାହାକୁ ସତ୍ୟ ବୋଲି ଆମେ ଜାଣୁ ତାହା ମନ ସ୍ତରର — ଏହା ନୈତିକତାର ସତ୍ୟ । କିନ୍ତୁ ପୂର୍ଣ୍ଣ ସତ୍ୟକୁ ଜାଣିବାକୁ ହେଲେ ଆମ ଭିତରେ ଅତିମାନସ ଶକ୍ତିର ଅବତରଣର ଆବଶ୍ୟକତା ଅନିବାର୍ଯ୍ୟ । ପୃଥିବୀପୃଷ୍ଠରେ

ମାଶ୍ରୀଅରବିନ୍ଦଙ୍କ ସାଧନା ଫଳରେ ଅତିମାନସ ଶକ୍ତି ଅବତରଣ କରିସାରିଛି । ଏହି ଅତିମାନସ ଶକ୍ତି ପୃଥିବୀ ବାତାବରଣରେ କ୍ରିୟା କରିଚାଲିଛି । ସେଥିପାଇଁ ଆମେ ଅନେକ ପରିବର୍ତ୍ତନ ଦେଖି ପାରୁଛୁ । ଅତିମାନସ ଶକ୍ତିହିଁ ଆମକୁ ପୂର୍ଣ୍ଣ ସତ୍ୟର ସନ୍ଧାନ ଦେବ, ମଣିଷକୁ ରୂପାନ୍ତର କରି ଦେବମାନବରେ ପରିଣତ କରିବ । ଏ କାମ ମାଶ୍ରୀଅରବିନ୍ଦ ଏବେ ବି କରି ଚାଲିଛନ୍ତି । ଯଦି ଆମେ ନିଜକୁ ପୂର୍ଣ୍ଣ ରୂପେ ମାଶ୍ରୀଅରବିନ୍ଦଙ୍କ ହାତରେ ସମର୍ପି ଦେଉ ତେବେ ଏହି ଅତିମାନସ ଶକ୍ତି ଆମ ଭିତରେ ଦ୍ରୁତଭାବେ କ୍ରିୟା କରିପାରିବ । ମଣିଷ ଜାତିର ସମସ୍ତ ଅପୂର୍ଣ୍ଣତାକୁ ପୂର୍ଣ୍ଣତାରେ ପରିଣତ କରି, ତାକୁ ନିମ୍ନ-ପ୍ରକୃତି ହାତରୁ ମୁକ୍ତ କରି ଯଥାର୍ଥ ସତ୍ୟ-ଚେତନାରେ ପ୍ରତିଷ୍ଠା କରିବ । ରୋଗ, ଯନ୍ତ୍ରଣା, ଜରା-ମୃତ୍ୟୁରୁ ରକ୍ଷା କରି ଆମକୁ ଅମରତ୍ୱ ପ୍ରଦାନ କରିବ । ଆମର ସମସ୍ତ ପଶୁତ୍ୱ ଦୂର ହୋଇ ମଣିଷ ଭିତରେ ଦେବ-ଚରିତ୍ର ପ୍ରତିଷ୍ଠା ହେବ । ପୃଥିବୀରେ ମଣିଷ ପରେ ଏକ ନୂତନ ଜୀବ ଜାତିର ଆବିର୍ଭାବ ହେବ ଏବଂ ଏ ମରଧାମ ସ୍ୱର୍ଗରେ ପରିଣତ ହେବ ।

କିନ୍ତୁ ଏହା ଏତେ ସହଜ କାମ ନୁହେଁ । ଆମର ପ୍ରାଚୀନ ପ୍ରକୃତି ଆମକୁ ଛାଡ଼ି ଯିବା ପାଇଁ ଚାହେଁ ନାହିଁ । ଆମେ ଏହି ପୁରୁଣା ପ୍ରକୃତି ଭିତରେ ଘାଣ୍ଟି ହେବାକୁ ଭଲ ପାଉ । ତେଣୁ ଏ ପୁରାତନ ପୃଥିବୀରୁ ଆମେ କିପରି ମୁକ୍ତ ହେବୁ ? ଏ କାର୍ଯ୍ୟ ଆମର ନୁହେଁ । ଏହା ମାଶ୍ରୀଅରବିନ୍ଦଙ୍କର କାର୍ଯ୍ୟ । ତାଙ୍କର କୃପା ଓ ପ୍ରେମ ମଣିଷଜାତିକୁ ଯଥାର୍ଥ ଭାବେ ନୂତନ କରି ଗଢ଼ି ତୋଳିବ । ଏହି କାର୍ଯ୍ୟ ମଧ୍ୟ ଜଣେ ବ୍ୟକ୍ତିର ନୁହେଁ । ଏହା ସାମୂହିକ କର୍ମ । ସମସ୍ତଙ୍କର ମିଳିତ ଚେଷ୍ଟା ଦ୍ୱାରା ଏ ପୃଥିବୀର ମଳିନତା ଦୂର ହେବ । ଏ ପୃଥିବୀରେ ଭରି ରହିଥିବା ବିଷକ୍ରିୟାକୁ ସମାପ୍ତ କରି ତା' ସ୍ଥାନରେ ଅମୃତର ଧାରା ପ୍ରବାହିତ ହେବ ।

ଏ କାମ ସହଜ ହେବ ଯେତେବେଳେ ଆମେ ସଚେତନ ଭାବରେ ଆମର ଆଧାରକୁ ସୁସ୍ଥ-ସବଳ-ନୀରୋଗ କରି ଶରୀରର ଗ୍ରହଣଶୀଳତାକୁ ବୃଦ୍ଧି କରିବୁ । ଏହା ଦ୍ୱାରା ଊର୍ଦ୍ଧ୍ୱରୁ ନୂତନ ସୃଜନଶୀଳ ଶକ୍ତିରାଜି ଅବତରଣ କରି ଆମକୁ ନୂତନ ଭାବରେ ଗଢ଼ି ତୋଳିବ ଏବଂ ଆମକୁ ଦୀର୍ଘ ଜୀବନ ପ୍ରଦାନ କରିବ । ଜଣେ ୨୦୦ରୁ ୩୦୦ ବର୍ଷ ବଞ୍ଚି ରହିପାରିଲେ ଅବଶ୍ୟ ଗୋଟିଏ ଜନ୍ମରେ ଅତିମାନସ ଶକ୍ତିର କ୍ରିୟାରେ ନିଜକୁ ସାମିଲ କରିପାରେ ! ଆମ ସ୍ୱାସ୍ଥ୍ୟକୁ ପୂର୍ଣ୍ଣତା ପ୍ରଦାନ କରି ଏହି ଶରୀରକୁ ଭଗବାନଙ୍କ ଯନ୍ତ୍ର ରୂପେ ବ୍ୟବହାର କରି ପାରିଲେ ନୂତନ ଅତିମାନସ ଜଗତ୍ ନିର୍ମାଣ କାର୍ଯ୍ୟରେ ଭଗବାନଙ୍କ ସେବା ରୂପେ ଏହାକୁ ବ୍ୟବହାର କରିହେବ ।

(କ୍ରମଶଃ) ❑

ତୁମର ଯେତେବେଳେ କିଛି କରିବାକୁ ନ ଥାଏ, ତୁମେ ସେତେବେଳେ ଅସ୍ଥିର ହୋଇ ପଡ଼ିଥାଅ, ଧାଁ ଦଉଡ଼ କରିଥାଅ, ବନ୍ଧୁମାନଙ୍କ ସହ ସାକ୍ଷାତ୍ କରିଥାଅ, ଭ୍ରମଣ ଆରମ୍ଭ କରିଥାଅ, ଏଠାରେ ତୁମେ ଯେଉଁ ସର୍ବୋତ୍ତମ କଥା କରିଥାଅ କେବଳ ସେହି କଥା କହୁଛି, ଯେଉଁସବୁ କଥା ନିଶ୍ଚିତରୂପେ କରିବା କଥା ନୁହେଁ ତୁମେ କରିଥାଅ ସେପରି କଥା ମୁଁ ଏଠାରେ କହୁ ନାହିଁ । ଏସବୁ କରିବା ପରିବର୍ତ୍ତେ, ନୀରବରେ ଆକାଶ ସମ୍ମୁଖରେ, ସାଗର ସମ୍ମୁଖରେ କିଂବା ବୃକ୍ଷରାଜି ତଳେ, ଯାହାସମ୍ଭବ (ଏଠାରେ ତୁମ ପାଇଁ ସେସବୁ ରହିଛି) ସେଠି ବସିଯାଅ ଏବଂ ଏସବୁ କଥାରୁ ଯେକୌଣସି ଗୋଟିକୁ ଉପଲବ୍ଧି କରିବା ନିମନ୍ତେ ଚେଷ୍ଟା କର – ତୁମେ କାହିଁକି ଜୀବନ ଧାରଣ କରିଛ ତାହା ବୁଝିବା ଲାଗି, ତୁମକୁ କିପରି ଜୀବନ ଧାରଣ କରିବାକୁ ହେବ ତାହା ଶିକ୍ଷା କରିବା ଲାଗି, ତୁମେ କ'ଣ କରିବାକୁ ଚାହୁଁଛ ଏବଂ ତୁମର କ'ଣ କରିବା ଉଚିତ ସେ ବିଷୟରେ ଓ ତୁମେ ବାସ କରୁଥିବା ଅଜ୍ଞାନତା, ମିଥ୍ୟାଚାର ତଥା ଦୁଃଖଯନ୍ତ୍ରଣାରୁ ମୁକ୍ତ ହେବାର ସର୍ବୋତ୍ତମ ଉପାୟ ଉପରେ ଗଭୀର ଧ୍ୟାନସ୍ଥ ହେବା ଲାଗି ।

**– ଶ୍ରୀମା**

# ଜିଜ୍ଞାସୁର ପୃଷ୍ଠା

***ପ୍ରଶ୍ନ :*** *'ଯୋଗ ଠିକ୍ ଭାବେ କରୁଛି କି ଭୁଲ୍ ଭାବେ କରୁଛି' – ଏହା କିପରି ଆମେ ଜାଣିବୁ ?*

**ଉତ୍ତର :** ପ୍ରଥମ ହେଲା ଆମ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ଆମେ ସଚେତନ ହେବା । ଲକ୍ଷ୍ୟ ହେଲା, 'ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି' । ଅର୍ଥାତ୍ ମନ ଭଗବତ୍ ପ୍ରାପ୍ତି କରିବ, ପ୍ରାଣ ଭଗବତ୍ ପ୍ରାପ୍ତି କରିବ, ଶରୀର ଭଗବତ୍ ପ୍ରାପ୍ତି କରିବ । ଯଦି ମନ, ପ୍ରାଣ, ଶରୀର ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବେ, ତେବେ ରୂପାନ୍ତରିତ ହେବ । ରୂପାନ୍ତର ହେଲେ ଏ ଶରୀର ଦିବ୍ୟ ହୋଇଯିବ । ଶରୀର ଦିବ୍ୟ ହେବା ମାନେ ଏ ହାଡ଼, ମାଂସ, ଶରୀର ରହିବ ନାହିଁ । ଯେମିତି ଭଗବାନଙ୍କର ଦିବ୍ୟଶରୀର ସେହିପରି ଦିବ୍ୟଶରୀର ହେବ । କୌଣସି ଆବରଣ ତାକୁ ବନ୍ଦି କରିପାରିବ ନାହିଁ । ସେ ଶରୀର ଯେତେବେଳେ ଯେଉଁଠିକି ଯିବାକୁ ଚାହିଁବ ସେଇଠି ପହଞ୍ଚି ପାରିବ । ସାକେତ, ଗୋଲୋକ, ବୈକୁଣ୍ଠ, ଏ ମୃତ୍ୟୁପୁରୀ ତା' ସକାଶେ ଏକ ହୋଇଯିବ । କାରଣ ଭଗବାନ୍ ତ ତା' ସହ ଏକତ୍ୱରେ ରହିବେ – ଆଉ ସାକେତ, ଗୋଲୋକ, ବୈକୁଣ୍ଠରେ ଯେତେବେଳେ ଚାହିଁବ ସେ ପହଞ୍ଚି ପାରିବ । ଭଗବାନଙ୍କର ଦିବ୍ୟଧାମ, ମୃତ୍ୟୁପୁରୀ ଭିତରେ ପୃଥକ୍ତ୍ୱ ରହିବ ନାହିଁ, ଏଇ ଆମ ଜୀବନର ଲକ୍ଷ୍ୟ । ତା'ର ସାଧନା ହେଉଛି ସମର୍ପଣ, ଅଭୀପ୍ସା, ପ୍ରତିକୂଳ ବସ୍ତୁର ତ୍ୟାଗ । ସମର୍ପଣ ଅର୍ଥ ନିଜେ ନିଜର ଯାହାକିଛି ସବୁ ଭଗବାନଙ୍କର । ପ୍ରତିକୂଳ ବସ୍ତୁର ତ୍ୟାଗ ଅର୍ଥ ଆମର ମନ, ପ୍ରାଣ, ଶରୀରର ଯେଉଁ ଗୁଣଧର୍ମ – ହିଂସା, ଦ୍ୱେଷ, ଈର୍ଷା, ଲୋଭ, ମୋହ ଇତ୍ୟାଦିକୁ ତ୍ୟାଗ କରିବା ଓ ସମର୍ପଣ କରିବା । ଅଭୀପ୍ସା କରିବା ଭଗବତ୍ ପ୍ରାପ୍ତି ସକାଶେ, ରୂପାନ୍ତର ସକାଶେ, ସମର୍ପଣ କରିବା ସକାଶେ । ଏହା ଯଦି ଠିକ୍ ଠିକ୍ ଚାଲୁଛି ତେବେ ଜାଣିବାକୁ ହେବ ଯେ ଯୋଗ-ସାଧନା ଠିକ୍ ଠିକ୍ ଚାଲିଛି । ଯଦି ଆମେ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହେଲୁ, ସମର୍ପଣ ବି କରୁଛୁ କିନ୍ତୁ ପ୍ରତିକୂଳ ଆଚରଣ କରୁଛୁ ତେବେ ତା'ହେଲେ ଜାଣିବାକୁ ହେବ ଯେ ଯୋଗ ଠିକ୍ ହେଉ ନାହିଁ । ପ୍ରତିକୂଳ ଆଚରଣର ଅର୍ଥ ରାଗ ଆସିଲା, ରାଗିଲୁ; ଲୋଭ ଆସିଲା, ବେଶୀ ଜିନିଷ ଗ୍ରହଣ କରିନେଲୁ । କିନ୍ତୁ ଠିକ୍ ଯୋଗ କରିବାର ଅର୍ଥ, ଯେଉଁ ରାଗ ଆସିଲା, ଜାଣିବାକୁ ହେବ ଯେ ଏହା ସାଧନାର ବିରୋଧୀ ବସ୍ତୁ, ତାକୁ ଆଉ କ୍ରିୟାରେ ପରିଣତ ହେବାକୁ ଦେବ ନାହିଁ । ଭିତରେ ଯେଉଁ ରାଗ ରହିଲା ତାକୁ ସମର୍ପଣ କରିବ, ତାକୁ ଆଉ ପୋଷଣ କରି ରଖିବ ନାହିଁ । ପୋଷଣ କରିବାର ଅର୍ଥ ବାହାରେ ତ ଆମେ ଝଗଡ଼ା କରୁ ନାହୁଁ, କିନ୍ତୁ ଭିତରେ କହିଲୁ ଏ ଲୋକ ମୋ ସହ ବହୁତ ଖରାପ ବ୍ୟବହାର କରିଛି, ଏହାର ପ୍ରତିଶୋଧ ନେବା । ଏହାର ମାନେ ହେଲା, ପୋଷଣ କରିବା । ଆଉ ସମର୍ପଣ କରିବାର ଅର୍ଥ, ଯେ ଏ ରାଗ ଆସିଛି, ମନେ କରିବାକୁ ହେବ ଯେ, ଏହା ସାଧାରଣ ପ୍ରତିକୂଳ ବସ୍ତୁ । ନ୍ୟାୟରେ ଆସୁ ବା ଅନ୍ୟାୟରେ ଆସୁ ଏହାକୁ ସମର୍ପଣ କଲେ ଅତିମାନସ ଶକ୍ତି ରୂପାନ୍ତର କରିବ । ସେ ସକାଶେ ମା'ଙ୍କୁ ପ୍ରାର୍ଥନା କରି ସମର୍ପଣ କରିବାକୁ ହେବ । ନାମଜପ ତ ନିରନ୍ତର ହେବ । ଏ ସମର୍ପଣ, ଅଭୀପ୍ସା, ପ୍ରତିକୂଳ ବସ୍ତୁର ତ୍ୟାଗ ଓ ନାମଜପ ନିରନ୍ତର ହେବ, ଆଉ ନାମର ପ୍ରଭାବ ବହୁତ । ମା ତ 'ନାମ'ର ପ୍ରଭାବ ସମ୍ପର୍କରେ ବହୁତ କହିଛନ୍ତି । ମା କହିଛନ୍ତି ଯେ, ଦଶବର୍ଷର ସାଧନା ଅଳ୍ପ ମାସ ଭିତରେ ସେ କରିଛନ୍ତି । ଏହା ବି କହିଛନ୍ତି ଯେ ଯେଉଁମାନେ ନାମଜପ କରୁଛନ୍ତି, ଆଉ ଯେଉଁମାନେ ନାମଜପ ନକରି କେବଳ ଦୃଢ଼ ଧ୍ୟାନ କରୁଛନ୍ତି, ସେମାନଙ୍କ ଭିତରେ ପାର୍ଥକ୍ୟ ଦେଖିନିଅ । ଯେଉଁମାନେ ନାମଜପ କରୁଛନ୍ତି, ସେମାନଙ୍କର ଚାରିପାଖ କବଚାବୃତ ଓ ଦୃଢ଼ । ଆଉ ଯେଉଁମାନେ ନାମଜପ ନକରି ପ୍ରଗାଢ଼ ଧ୍ୟାନ କରୁଛନ୍ତି ତାଙ୍କ ଚାରିପାଖେ କିଛି କୁହୁଡ଼ିଆ ଅସ୍ୱଚ୍ଛତା । ସେ ସକାଶେ ନାମଜପ ସବୁ ଯୋଗରେ ଆଉ ସବୁ ଯୁଗରେ ରହିଛି । ଗୋସ୍ୱାମୀ ତୁଳସୀଦାସ କହିଛନ୍ତି :

''ଚହୁଁ ଜୁଗ ଚହୁଁ ଶ୍ରୁତି ନାମ ପ୍ରଭାଉ ।
କଲି ବିଶେଷି ନହିଁ ଆନ ଉପାଉ ।''

ଅର୍ଥାତ୍ ଚାରିଯୁଗ, ଚାରିବେଦ ସବୁ ଶାସ୍ତ୍ର ପୁରାଣରେ ନାମର ପ୍ରଭାବ, କିନ୍ତୁ କଳିରେ ନାମ ଛଡ଼ା ଆଉ ଅନ୍ୟ ଉପାୟ ନାହିଁ ।

ମା କହିଛନ୍ତି ଯେ, ଶରୀର ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ । ସେ ସକାଶେ ନାମଜପ ତ ସବୁ ଯୁଗରେ ଆଉ ସବୁ ଯୋଗରେ ଥିଲା । ଆଉ ଏ ଯୋଗରେ ତ ମା କହୁଛନ୍ତି ଶରୀର ରୂପାନ୍ତର ସକାଶେ ଏହା ଅନିବାର୍ଯ୍ୟ । ଶ୍ରୀଅରବିନ୍ଦ ସାବିତ୍ରୀରେ କହୁଛନ୍ତି, ଯେତେବେଳେ

ନିଶ୍ଚେତନାରେ ପ୍ରବେଶ କରିବ, ସେତେବେଳେ ନାମଜପ ଛାଡ଼ି ଆଉ ଅନ୍ୟ ଗତି ନାହିଁ ।

"A prayer upon his lips and the great Name."

(*Savitri* : p. 210) - Sri Aurobindo

***ପ୍ରଶ୍ନ :*** *ଯେପରି ବିବର୍ତ୍ତନରେ ସ୍ୱାଭାବିକ ରୂପେ ମନ ଆସି ପ୍ରବେଶ କଲା, ଠିକ୍ ସେହିପରି ଭାବେ ସ୍ୱାଭାବିକ ରୂପେ ଆତ୍ମା କ୍ରିୟାଶୀଳ ହେବ । ତେବେ ଅତିମାନସ ଶକ୍ତିର ଆବଶ୍ୟକତା କ'ଣ ଅଛି ? ଯଦି ଆତ୍ମଗୁଣ ପ୍ରକାଶ ଲାଭ କରିବ ମନ, ପ୍ରାଣ, ଶରୀର ଭିତରେ – ଯାହା ବିବର୍ତ୍ତନର ଅପରିହାର୍ଯ୍ୟ ଲକ୍ଷ୍ୟ । ଆପଣଙ୍କ କହିବାନୁସାରେ ଅତିମାନସ ଶକ୍ତି ରୂପାନ୍ତର କଲେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଆତ୍ମଗୁଣ ପ୍ରକାଶ ପାଇବ । ତେବେ ବିବର୍ତ୍ତନରେ ମନ ଯେତେବେଳେ ପ୍ରକାଶ ପାଇଥିଲା, ସେହିପରି କ'ଣ କିଛି ଘଟିଥିଲା କି ?*

**ଉତ୍ତର :** ଯେତେବେଳେ କ୍ରମବିକାଶ ଜଡ଼ରୁ ଆସିଲା, ସେତେବେଳେ ବୁଦ୍ଧି ନଥିଲା । ବୁଦ୍ଧି ନଥିବାରୁ ଜଡ଼, ବୃକ୍ଷଲତା, ପଶୁପକ୍ଷୀ ସେ ଭଲ କରିପାରୁ ନଥିଲେ କି ଖରାପ କରିପାରୁ ନଥିଲେ । ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଆସିଥିଲେ । ପଶୁ ପର୍ଯ୍ୟନ୍ତ ଏହିପରି ଚାଲିଲା । ମନୁଷ୍ୟ ହେବାରୁ ମନୁଷ୍ୟର ବୁଦ୍ଧି ଆସିଲା । ବୁଦ୍ଧି ହେବାରୁ ସେ ଭଲ ବି କରିପାରେ, ଖରାପ ବି କରିପାରେ । କିନ୍ତୁ ଭଲ କରିବାର ସୁଯୋଗ ବହୁତ କମ୍ । କାରଣ ବୁଦ୍ଧି ଅର୍ଦ୍ଧଜ୍ଞାନ । ତାହାର ଯଥାର୍ଥ ଜ୍ଞାନ ନାହିଁ । ସେ ସକାଶେ ବେଶୀ ଖରାପ କରିପାରେ, ଆଉ ଯଦି ତାକୁ କୌଣସି ପ୍ରେରଣା ମିଳିବ ତେବେ କିଛି ଭଲ କାମ କରିପାରିବ, କିନ୍ତୁ ସାଧାରଣତଃ ଖରାପ କାମ କରିବ । ଆଉ ଯେତେବେଳେ ମନୁଷ୍ୟ ମନ, ପ୍ରାଣ, ଶରୀରର ଗୁଣଧର୍ମ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଲୋଭ, ମୋହ ଆଦିକୁ କ୍ରିୟାରେ ପରିଣତ କରିବାକୁ ଚାହେଁ – ସେ ସକାଶେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଆଚରଣ କରେ । ଯେମିତି ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ବଢ଼ିଯାଏ, ତାହା ସହ ଅଧର୍ମ ବଢ଼ିଯାଏ । ଭଗବାନ୍ ଅବତାର ନେଇକରି ଆସନ୍ତି । କିଛି ସମୟ ସକାଶେ ସେ ଅଧର୍ମକୁ ଦବେଇ ଦିଅନ୍ତି । ଆଉ ଧର୍ମର ଉତ୍‌ଥାନ ହୁଏ ।

ଶ୍ରୀକୃଷ୍ଣ ଗୀତାରେ ତେଣୁ କହିଛନ୍ତି :

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥''

ଗୋସ୍ୱାମୀ ତୁଳସୀଦାସ କହିଛନ୍ତି :

''ଜବଜବ ହୋଇ ଧରମ କୈ ହାନୀ ।
ବାଢ଼ହିଁ ଅସୁର ଅଧମ ଅଭିମାନୀ ॥
କରହିଁ ଅନୀତି ଜାଇ ନହିଁ ବରନୀ ।
ସୀଦହିଁ ବିପ୍ର ଧେନୁ ସୁର ଧରନୀ ॥
ତବତବ ପ୍ରଭୁ ଧରି ବିବିଧ ଶରୀରା ।
ହରହିଁ କୃପାନିଧି ସଜ୍ଜନ ପୀରା ॥''

ଅର୍ଥାତ୍ ଭଗବାନ୍ ବରାବର ଅବତାର ନେଇ ଧର୍ମକୁ ରକ୍ଷା କରିବା ସକାଶେ ତଥା ଅଧର୍ମକୁ ଦୂର କରିବା ସକାଶେ ଆସୁଥିଲେ । ମନୁଷ୍ୟର ବୁଦ୍ଧି ହେବାରୁ ଭଗବାନଙ୍କୁ ଏସବୁ କାମ କରିବାକୁ ପଡ଼ିଲା, ପଶୁ-ପକ୍ଷୀଙ୍କର ଏସବୁ ନାହିଁ । ପ୍ରକୃତି ଦ୍ୱାରା ପରିଚାଳିତ ହୁଅନ୍ତି । କିନ୍ତୁ ମନର ବିକାଶ ସମାପ୍ତ ହେବାରୁ ମା'ଶ୍ରୀଅରବିନ୍ଦ ଆସିଲେ, ଅତିମାନସ ଶକ୍ତିକୁ ପୃଥିବୀ ଉପରକୁ ନେଇ ଆସିଲେ, ଯାହା ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତର ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ମୁକ୍ତ ହେବ । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି କରିବ । ସେ ହେବ ଦିବ୍ୟମାନବ । ପୃଥିବୀରେ ନୂତନ ଦିବ୍ୟମାନବ ଜାତି ପ୍ରତିଷ୍ଠା ହେବ । ସେ ସକାଶେ ବ୍ୟକ୍ତିକୁ ସାଧନା କରିବା ଦରକାର ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ତୃତୀୟ ଖଣ୍ଡ, ପୃଷ୍ଠା : ୧୮୨-୧୮୪)

**– ରାମକୃଷ୍ଣ ଦାସ** ❑

ଚେତନାର ଦିଗ୍‌ବଳୟ :

# 'ନୀଳ ତିମି'ର ନିମନ୍ତ୍ରଣ !

ପାଶ୍ଚାତ୍ୟର ଜଣେ ସ୍ୱଚ୍ଛଳ, ସ୍ୱାଭାବିକ ବ୍ୟକ୍ତିଙ୍କ ଜୀବନର ଏକ ତଥ୍ୟଭିତ୍ତିକ ଘଟଣା : ସେ ଭଦ୍ରଲୋକ ଜୁଆଖେଳ ପ୍ରତି ଅତ୍ୟନ୍ତ ଆସକ୍ତ । ପ୍ରତିଥର ଗୋଟାଏ ଅଶରୀରୀ ସତ୍ତା ତାଙ୍କ କାନରେ ସଂଖ୍ୟାଟିଏ କହିଦିଏ । ଭଦ୍ରଲୋକ ସେହି ସଂଖ୍ୟାଟି ଉପରେ ବାଜି ରଖନ୍ତି । ପ୍ରତିଥର ସେ ସଫଳ ହୁଅନ୍ତି ଏବଂ ସେ ବାବଦରେ ବିପୁଳ ଅର୍ଥ ଲାଭ କରନ୍ତି ।

ଅଶରୀରୀର ପରାମର୍ଶ କେବେ ଭୁଲ୍ ହେବ ନାହିଁ ବୋଲି ତାଙ୍କର ବିଶ୍ୱାସ । ଅତଏବ ସେ ଭଦ୍ରଲୋକ ଥରେ ତାଙ୍କର ଅର୍ଜିତ ଯାବତୀୟ ଅର୍ଥ ବାଜିରେ ଲଗାଇ ଦେଲେ – ସେହି ରହସ୍ୟମୟ ସତ୍ତା ତାଙ୍କ କାନରେ କହିଥିବା ସଂଖ୍ୟାଟି ସପକ୍ଷରେ । ହାୟ ! ସେଥର ତାଙ୍କ ପଦକ୍ଷେପ ବିଫଳ ହେଲା । ସେ ସର୍ବସ୍ୱ ହରାଇଲେ ।

ତା'ପରେ ? ତାଙ୍କର ସେହି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ଅଶରୀରୀ ସତ୍ତା ତାଙ୍କ କାନରେ କହିଦେଲା ଏହି ସମାଧାନ : ଚିନ୍ତା କରିବାର କ'ଣ ଅଛି ? ଆତ୍ମହତ୍ୟା କରିଦିଅ !

ଭଦ୍ରଲୋକ ତାହାହିଁ କଲେ !

ଶ୍ରୀମା ସ୍ୱୟଂ ଏ ଘଟଣାଟିର ଉଲ୍ଲେଖ କରିଛନ୍ତି । ଏଠାରେ ଯାହା ପ୍ରାସଙ୍ଗିକ, ତାହା ହେଲା ବାତାବରଣରେ ଏଭଳି ଅନେକ ଅପଶକ୍ତି ଅଛନ୍ତି, ଆମ ଜୀବନକୁ ନେଇ ଖେଳିବା, ଆମକୁ ବିପର୍ଯ୍ୟୟ ଭିତରକୁ ଠେଲିଦେବା ହେଉଛି ଯେଉଁମାନଙ୍କର ଏକମାତ୍ର ଉଲ୍ଲାସ । ଏଭଳି ସତ୍ତାମାନେ ଆମର କୌଣସି ସତ୍, ମହତ୍ ବା ଏପରିକି ସୁସ୍ଥ ସ୍ୱାଭାବିକ କାର୍ଯ୍ୟକଳାପକୁ ଅବଲମ୍ବନ କରି ଆମକୁ ପ୍ରଭାବିତ କରିପାରିବେ ନାହିଁ । ଜୁଆଖେଳ ଭଳି ଅବ୍ୟାପାରରେ ଲିପ୍ତ ହେବା ମଣିଷଟିଏ ସହଜରେ ସେମାନଙ୍କ ଶିକାର ବନିଯାଏ ।

ସଂପ୍ରତି (୨୦୧୭ ଜୁଲାଇ ଶେଷ ସପ୍ତାହରେ) ମୁମ୍ବାଇର ଆନ୍ଧେରି ଅଞ୍ଚଳର ମନପ୍ରୀତ୍ ନାମକ ବାଳକଟିଏ ବହୁତଳ କୋଠା ଉପରୁ ଡେଇଁପଡ଼ି ଆତ୍ମହତ୍ୟା କରିଛି । କାରଣ ହେଲା, ସେ ୱେବସାଇଟ୍‌ରେ 'ନୀଳ ତିମି' (Blue Whale) ନାମକ ଖେଳରେ ନିଶାସକ୍ତ ପ୍ରାୟେ ମଜି ରହିଥିଲା ପଚାଶ ଦିନ ଯାଏ । ସେ ଖେଳର ସର୍ତ୍ତସବୁ ଅଦ୍ଭୁତ, ପୈଶାଚିକ । ଯଥା : ''ହିଂସା-ଉଦ୍ଦୀପକ ଭୟଙ୍କର ଚଳଚ୍ଚିତ୍ରମାନ ଦେଖିଚାଲ; ବିନା ଟିକେଟରେ ଯାନବାହନ ଚଢ଼ିଯାଅ'' । ଏମିତି ଗୁଡ଼ାଏ ନିର୍ଦ୍ଦେଶ ପରେ, ଶେଷ ନିର୍ଦ୍ଦେଶ, ''ଆତ୍ମହତ୍ୟା କର !''

ରହସ୍ୟ ହେଲା, ସେ ଖେଳରେ ମଜି ରହୁଥିବା ବାଳକ ବା ବାଳିକାଟିଏ ନିଜସ୍ୱ ଚିନ୍ତାଶକ୍ତି, ବିବେକ ଓ ବ୍ୟକ୍ତିତ୍ୱରେ ଶେଷ ଆଡ଼କୁ ସଂପୂର୍ଣ୍ଣ ଦୁଆଳିଆ ବନିଯାଇଥାଏ । ଅତଏବ ଯନ୍ତ୍ରଚାଳିତବତ୍ ଖେଳର ନିର୍ଦ୍ଦେଶ ମାନି ସେ ଆତ୍ମହତ୍ୟା କରେ । ଆମେରିକା, ରୁଷିଆ, ଇଂଲଣ୍ଡ ଏବଂ ଇଟାଲିରେ ଜୁଲାଇ ଶେଷ ପର୍ଯ୍ୟନ୍ତ ଶହେତିରିଶ ଜଣ 'ନୀଳ ତିମି' ଦର୍ଶକ-ଖେଳାଳି ଆତ୍ମହତ୍ୟା କରିଥିବା ନିର୍ଭରଯୋଗ୍ୟ ବିବରଣୀରୁ ଜଣାଯାଏ । ସଂଖ୍ୟା ବହୁତ ଅଧିକା ହୋଇଥିବା ସମ୍ଭବ ।

ମନପ୍ରୀତ୍ ନାମକ ସେ ବାଳକଟିର ଦୁର୍ଭାଗ୍ୟଜନକ ଘଟଣାଟି ଉପରେ ପ୍ରଥମେ ମହାରାଷ୍ଟ୍ରର ବୈଧାନିକମାନେ ଏବଂ ପରେ ପରେ ଆମ ସାଂସଦମାନେ ତୀବ୍ର ଉଦ୍‌ବେଗ ପ୍ରକାଶ କରି ଗଣମାଧ୍ୟମରେ ପରିବେଷିତ ଏଭଳି ବିକୃତ କାର୍ଯ୍ୟକ୍ରମମାନ ବେଆଇନ କରିବାର ଦାବି ଉପସ୍ଥାପନ କରିଛନ୍ତି । ସମସ୍ୟା ହେଲା, ବୈଦ୍ୟୁତିକ ଗଣମାଧ୍ୟମର ଗତିପ୍ରକୃତି ଯାହା, ତା'କୁ ଅକ୍ତିଆରରେ ରଖିବା ସହଜ ନୁହେଁ । କିନ୍ତୁ ଆମେ ଆମ ଗତିପ୍ରକୃତିକୁ ନିଶ୍ଚୟ ବିବେକର ଅକ୍ତିଆରରେ ରଖିପାରିବା ।

ଉକ୍ତ 'ନୀଳ ତିମି' ଖେଳ ଭଳି ବିକୃତ ଆମୋଦ-ପ୍ରମୋଦର ଉଦ୍ଭାବକମାନେ ଯେ କୁଶକ୍ତିର ଆୟୁଧ ବନିଯାଇଥା'ନ୍ତି, ଏହା ଏକ ନିରାଟ ସତ୍ୟ । ଆସକ୍ତ କିଶୋରମାନଙ୍କ ଗ୍ରହଣଶୀଳ ଚେତନାରେ ପ୍ରବେଶ କରି ତା' ଇଚ୍ଛାଶକ୍ତିକୁ ଦୁର୍ବଳ କରିଦିଏ ମୃତ୍ୟୁଦୂତ ରୂପକ ଏହି ଶକ୍ତି । କ୍ରମେ କିଶୋରଟିର ଦୁର୍ବଳତା ଅସହାୟତାରେ ପର୍ଯ୍ୟବସିତ ହୁଏ ଏବଂ ଆତ୍ମହତ୍ୟାକୁ ଖେଳର ଏକ ସ୍ୱାଭାବିକ ପରିଣତି ବୋଲି ଧରିନିଏ ସେ ଶିକାର ।

ଶିକ୍ଷକ, ଅଭିଭାବକ ଏବଂ ନିଜେ କିଶୋର-କିଶୋରୀମାନେ ଏ ବାସ୍ତବତା ସମ୍ପର୍କରେ ସଚେତନ ରହିବା ଏକାନ୍ତ ଜରୁରୀ । ସାମାନ୍ୟ କଳ୍ପନାଶକ୍ତି ଏବଂ ଆମ ସାଧାରଣ ଜ୍ଞାନର ଉପଯୋଗ କଲେ ଆମେ ଚିତ୍ତ ବିନୋଦନ ଦିଗରେ ଉପାୟ ବା ମାଧ୍ୟମର ଅଭାବ ଅନୁଭବ କରିବା ନାହିଁ । ଜ୍ଞାନର ଗନ୍ତାଘର ଉନ୍ମୋଚନ କରିବା ନିମନ୍ତେ ସୁନ୍ଦର ସାହିତ୍ୟର ଅଭାବ

ନାହିଁ । ସଂଗୀତ ତଥା କଳାର ନାନାଦି ବିଭବ ଦିଗରେ ମଧ୍ୟ ଆମେ ଯଦି ଆମ ଆଗ୍ରହକୁ ପ୍ରଧାବିତ କରିବା, ସେସବୁ ଆମକୁ ଦେବେ ଆତ୍ମବିକାଶର ଆନନ୍ଦ । ବିଜ୍ଞାନର ଅବଦାନ ଗଣମାଧ୍ୟମକୁ ଚାହୁଁ ଚାହୁଁ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ହେବାକୁ ଛାଡ଼ିଦେବା ଆମର ଏକ ଅକ୍ଷମଣୀୟ ଅବହେଳା ନୁହେଁ କି ?

ଆଶା, ଶିକ୍ଷାୟତନ ସମୂହରେ ଅଧ୍ୟୟନରତ ଛାତ୍ର-ଛାତ୍ରୀଙ୍କର ଅଭିଭାବକମାନଙ୍କର ବୈଠକରେ ଏ ସମସ୍ୟା ଆଲୋଚିତ ହେବ ଏବଂ ସେମାନେ ସମବେତ ଶୁଭଙ୍କର ପଦକ୍ଷେପ ନେବେ ।

ପୁନଶ୍ଚ : ଏ ଲେଖାଟି ମୁଦ୍ରଣ ସକାଶେ ଯିବା ବେଳକୁ ସମ୍ବାଦ ମିଳୁଛି, ଭାରତରେ ପାଞ୍ଚ, ଛଅ ଜଣ ତରୁଣ-ତରୁଣୀ ଏହି 'ନୀଳ ତିମି'କୁ ପରିଚାଳନା କରୁଥିବା ଅଦୃଶ୍ୟ ପିଶାଚ-ସତ୍ତାର ପ୍ରଭାବରେ ଆତ୍ମହତ୍ୟା କରି ଭାରତ ସରକାରଙ୍କ ସକାଶେ ଆହୁରି ଏକ ନୂଆ ମୁଣ୍ଡବ୍ୟଥାର ହେତୁ ଉପୁଜାଇଛନ୍ତି । କେଡ଼େ ବଡ଼ ବିଡ଼ମ୍ବନା !

— ମନୋଜ ଦାସ

❑❑❑


*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (+91 9489063512)

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Daily Facial

**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

There is no end to progress and every day one can learn to do better what one does.

– The Mother

*With best compliments from :*

## HARI ELECTRICAL WORKS

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

**Vol. XLVIII, No. 9** **R.N.I. No. 18163/70.**
Navaprakash, September, 2017 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2015-17

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : (ଟ. ୧୬୦/-) ରଖାଯାଇଛି ।

## ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**